# ଲୋଧା ସଂସ୍କୃତି ଓ ଲୋକ ସାହିତ୍ୟ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର

# ଲୋଧା ସଂସ୍କୃତି
# ଓ
# ଲୋକ ସାହିତ୍ୟ

ଡକ୍ଟର ନଗେନ୍ଦ୍ର ନାଥ ମହାପାତ୍ର

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# ଲୋଧା ସଂସ୍କୃତି ଓ ଲୋକ ସାହିତ୍ୟ

*ସଂକଳକ :*
ଡଃ ନଗେନ୍ଦ୍ର ନାଥ ମହାପାତ୍ର

*ପ୍ରକାଶକ :*
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ
ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ - ୧, ଭୁବନେଶ୍ୱର-୯

*ପ୍ରଥମ ପ୍ରକାଶ :* ୨୬.୧.୨୦୦୨

**ISBN : 81- 88010 - 07- 3**

LODHA SAMSKRUTI O LOKA SAHITYA

*Compiler :*
**Dr. Nagendra Nath Mahapatra**

*Publisher :*
**Academy of Tribal Dialects & Culture**
ST & SC Development Department
Adivasi Exhibition Ground,
Unit-1, Bhubaneswar - 751 009

**First Edition : 2002**

***Price :*** **Rs. 40.00 Only**

*Typeset & Printed at :*
**Mayur Press,**
Unit-3, Bhubaneswar-1

# ଉପୋଦ୍‌ଘାତ

ଅନେକ ଦିନ ତଳେ ବିଶ୍ୱଭାରତୀର ଛାତ୍ର ଥିଲାବେଳେ 'ଆସନ୍ତା କାଲି' ମାସିକ ପତ୍ରିକାରେ ସମ୍ଭବତଃ ୧୯୭୭ ମସିହାରେ କୌଣସି ଏକ ସଂଖ୍ୟାରେ ଶୂଳିଆପଦା ଅଞ୍ଚଳର ଲୋଧା ଜନଗୋଷ୍ଠୀ ସଂପର୍କିତ ଫିଚର ପ୍ରବନ୍ଧଟିଏ ପ୍ରକାଶ ପାଇଥିଲା ।ତତ୍କାଳୀନ ମୟୂରଭଂଜ ଜିଲ୍ଲାର ସ୍ୱନାମଧନ୍ୟ କଲେକ୍ଟର ଶ୍ରୀ ବିବେକାନନ୍ଦ ପଟ୍ଟନାୟକ ଓ ପୋଲିସ୍ ସୁପରିନ୍‌ଟେନ୍‌ଡେଣ୍ଟ ଶ୍ରୀ ୟୁ.ଏନ୍. ମିଶ୍ରଙ୍କ ଆନ୍ତରିକ ଓ ପ୍ରଗାଢ଼ ଉଦ୍ୟମ ଫଳରେ ପଥରନେସା ଓ ଶଁଶାଶୋଲର ଦୁର୍ଦ୍ଧାନ୍ତ ଲୋଧା ଡକାୟତମାନେ ଅସ୍ତ୍ର ସମର୍ପଣ କରି ଶାନ୍ତିରେ ଶୃଙ୍ଖଳିତ ଜୀବନ ଯାପନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ - ଏହା ଥିଲା ପ୍ରକାଶିତ ପ୍ରବନ୍ଧଟିର ବିଷୟବସ୍ତୁ । ପ୍ରବନ୍ଧଟି ପଢ଼ିଲା ପରେ ପିଲାଦିନେ ମୋ ବାପା ଓ ଗାଁର ଚୌକିଦାର ସ୍ୱର୍ଗତଃ ଭୀମ ଚରଣ ଦଲାଇଙ୍କ ନିକଟରୁ ଶୁଣିଥିବା ଦୁର୍ଦ୍ଧର୍ଷ ଲୋଧା ଡକାୟତ ଦଳମାନଙ୍କ କଥା ମନେ ପଡ଼ିଲା । ସେତେବେଳେ ଆମ ଜଳେଶ୍ୱର ଅଞ୍ଚଳ ତଥା ପାର୍ଶ୍ୱବର୍ତ୍ତୀ ଦାନ୍ତନ, ଏଗ୍ରା ଥାନାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଧନୀ ମହାଜନଙ୍କ ଘରୁ ଲୋଧା ଡକାୟତ ଦଳ ଆସି ଡକାୟତି କରୁଥିଲେ । ଡକାୟତମାନେ ରାତିରେ ଆଲୁଅ ଜାଳି ଆସି ଲକ୍ଷ୍ୟ ଗୃହର ସଦର ଦରଜାକୁ ଢେ଼ଙ୍କି ଝୁଲାଇ ବାଡ଼େଇ ଭାଙ୍ଗି ଘରେ ପଶି ଗହଣାଗାଣ୍ଠି, ସୁନାରୁପା, ଟଙ୍କା ପଇସା, ଲୁଗାପଟା, ବାସନ କୁସନ, ଏପରିକି ଧାନ ଚାଉଳ ମଧ୍ୟ ସବୁ ଜିନିଷ ଲୁଟ୍ କରୁଥିବାର ରୋମାଞ୍ଚକର କାହାଣୀ ଶୁଣିଥିଲି । ଏସବୁ ଘଟଣା ଥିଲା ମୋର ଜନ୍ମ ପୂର୍ବରୁ, ଅନେକ ଆଗର ଘଟଣା । ଲୋଧାମାନଙ୍କ ସହିତ ଏହିପରି ଭାବରେ ବାଲ୍ୟକାଳରୁ ମୁଁ ସମ୍ବନ୍ଧାନ୍ୱିତ ହୋଇ ପଡ଼ିଥିଲି । ବର୍ତ୍ତମାନ ଲୋଧା ସଂପର୍କିତ ପୁସ୍ତକଟି ରଚନାବେଳେ ଆସନ୍ତା କାଲିର ସେହି ପ୍ରବନ୍ଧଟି ସହିତ ଚୌକିଦାର ୰ ଭୀମ ଦଳାଇଙ୍କର ଲୋଧା ଡକାୟତଙ୍କୁ ଧରିବାରେ ସଫଳତା/ବିଫଳତାର କଥା ଗୁଡ଼ିକ ମନେ ପଡୁଛି ।

ପରବର୍ତ୍ତୀ କାଳରେ ମୟୂରଭଞ୍ଜର ଏହି ଶୂଳିଆପଦା ଅଞ୍ଚଳରେ କଲେଜ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଆସି ଏଠାରେ ଅବସ୍ଥାନ କାଳରେ ଲୋଧାମାନଙ୍କ କାର୍ଯ୍ୟ କଳାପ ସଂପର୍କରେ ଅତ୍ୟାଧିକ ଶୁଣିଲି । ସେମାନଙ୍କୁ ପାଖରେ ପାଇଲି । ତାଙ୍କ ସଙ୍ଗେ ମିଶିଲି । କଥା ହେଲି । ସେମାନଙ୍କ କାର୍ଯ୍ୟ କୌଶଳ ଜାଣିଲି ଓ ତହିଁର ଶିକାର ମଧ୍ୟ ହେଲି । ଯେଉଁ ଲୁବଧକ ଗୋଷ୍ଠୀର ଦୁର୍ଦ୍ଧର୍ଷ ଦସ୍ୟୁ ରତ୍ନାକର ମହର୍ଷି ବାଲ୍ମୀକି ରୂପରେ ଚିରାୟତ କାବ୍ୟ ରାମାୟଣ ରଚନା କରିଥିଲେ, ଯେଉଁ ଗୋଷ୍ଠୀର ବୀର ଜାରା ମହାପୁରୁଷ ଶ୍ରୀକୃଷ୍ଣଙ୍କୁ ଶରବିଦ୍ଧ କରି ତାଙ୍କର ମୃତ୍ୟୁର କାରଣ ହୋଇଥିଲା, ପୁଣି ଭକ୍ତ ପ୍ରବର ବିଶ୍ୱାବସୁଙ୍କର ଆରାଧନାରେ ସ୍ୱୟଂ ନାରାୟଣ ନୀଳମାଧବ

ରୂପରେ ପ୍ରକଟ ହୋଇ ସନ୍ତୋଷ ଲାଭ କରନ୍ତି; ସେହି ମହାନ୍ ଆଦିମ ଜନଗୋଷ୍ଠୀର ସମାଜ-ଜୀବନ ଚରିତ ଜାଣିବା ଓ ଲେଖିବା ପାଇଁ ଆଗ୍ରହୀ ହେଲି। ହେଲେ ସେହି ଆଗ୍ରହ ମୋର ପାଣି ଫୋଟକା ପରି ଥିଲା କ୍ଷଣସ୍ଥାୟୀ । ପ୍ରାଚୀନ ଭାରତର ବେଦ ବର୍ଣ୍ଣିତ-ପ୍ରଖ୍ୟାତ ସରସ୍ୱତୀ ନଦୀର ବର୍ତ୍ତମାନ ସ୍ଥିତି ପରି ଲୋଧା ସମାଜର ସାରସ୍ୱତ ଓ ସାଂସ୍କୃତିକ ବୈଭବ ଖୋଜିବାରେ ପ୍ରୟାସୀ ହେବା - ଏ ଅଞ୍ଚଳର ଅନେକଙ୍କ ଦୃଷ୍ଟିରେ ଥିଲା ବାଚାଳତା ମାତ୍ର । ମୋର ଶୃଳିଆପଦାର ଲୋଧା ଶୀର୍ଷକ ପୁସ୍ତକ ରଚନାର କଳ୍ପିତ ଛାୟା ବାସ୍ତବ ରୂପ ଲାଭ କଲା ଯେତେବେଳେ ବିଶ୍ୱଭାରତୀର ମୋର ପୂଜ୍ୟ ଗୁରୁଦେବ ପ୍ରଫେସର ଖଗେଶ୍ୱର ମହାପାତ୍ର ଓଡ଼ିଶା ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱରର ନିର୍ଦ୍ଦେଶକ ହେଲେ । ମୋର ପରିକଳ୍ପନା ତାଙ୍କୁ ଜଣାଇବା ପରେ ସେ ମୋତେ ଉତ୍ସାହିତ କଲେ । ତାଙ୍କରି ପ୍ରେରଣା, ପରାମର୍ଶ ଓ ସହାୟତା ବଳରେ ଆଜିର ଏହିଲୋଧା ସଂସ୍କୃତି ଓ ଲୋକ ସାହିତ୍ୟ ନିବନ୍ଧ ବାସ୍ତବ ରୂପଲାଭ କରିଅଛି । ଏଥିରେ ମୋର ଡକ୍ଟରେଟ୍ ନିମନ୍ତେ ଗବେଷଣା ସମୟର ଗାଇଡ୍ ନୃତତ୍ତ୍ୱବିତ୍ ପ୍ରଫେସର ଲକ୍ଷ୍ମଣ କୁମାର ମହାପାତ୍ରଙ୍କ ପ୍ରେରଣା ଓ ପରାମର୍ଶକୁ ପାଥେୟ କରିଛି ।

ଓଡ଼ିଆ ଭାଷାରେ ଲୋଧା ଆଦିମ ଜନଗୋଷ୍ଠୀ ସଂପର୍କିତ ପ୍ରାମାଣିକ ପୁସ୍ତକଟିଏ ନ ଥିବାରୁ ଏହି ଅଭାବପୂରଣ ନିମନ୍ତେ ମୁଁ ଚେଷ୍ଟିତ ହୋଇଛି । ସୁଧୀ ପାଠକଙ୍କ ସନ୍ତୋଷ ହିଁ ମୋର ଶ୍ରମର ପ୍ରାପ୍ୟ ହେବା ସହିତ ଗୋଟିଏ ଆଦିମ ଜନ ଗୋଷ୍ଠୀର ବିପର୍ଯ୍ୟସ୍ତ ସମାଜ ଓ ସାଂସ୍କୃତିକ ଜୀବନର ଅବକ୍ଷୟ ରୋଧ କରାଯାଇ ପାରିବା ସଂଗେ ସଂଗେ ଆଗାମୀକାଳର ଅଗଣିତ ଗବେଷକମାନଙ୍କ ନିମନ୍ତେ ଚଲାବାଟ ଟିଏ ହୋଇପାରିବତ ବିଶ୍ୱାସ । ଓଡ଼ିଶାଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଆନୁକୂଲ୍ୟରେ ପୁସ୍ତକଟି ରଚିତ ହୋଇଥିବା ଦୃଷ୍ଟେ ଏକାଡ଼େମୀର ବର୍ତ୍ତମାନ ନିର୍ଦ୍ଦେଶକ ଡଃ କୃଷ୍ଣଙ୍କୁ କୃତଜ୍ଞତା ଜ୍ଞାପନ କରୁଅଛି । ଏକାଡ଼େମୀର ମୋର ବଂଧୁ ଡଃ ପଟେଲଙ୍କ ନିରବଚ୍ଛିନ୍ନ ପ୍ରବର୍ତ୍ତନା ହିଁ ଗ୍ରନ୍ଥଟିର ପରିସମାପ୍ତିରେ ସହାୟକ ହୋଇଛି ଏହା ସ୍ୱୀକାର କରିବାକୁ ହେବ । ଏତଦ୍ ବ୍ୟତୀତ ସୁବିଖ୍ୟାତ ସୁଲେଖିକା ବିଦୁଷୀ ଶ୍ରୀମତୀ ପ୍ରତିଭା ରାୟ, ବାରିପଦା ଉପଜିଲ୍ଲାପାଳ ଶ୍ରୀ ଅକ୍ଷୟ କୁମାର ନାୟକଙ୍କ ସଦିଚ୍ଛା ନିମନ୍ତେ ବିନମ୍ର ସାଧୁବାଦ ଜଣାଉଛି ।

କ୍ଷେତ୍ର ଅଧ୍ୟୟନ କାଳରେ ସଂପୃକ୍ତ ଗ୍ରାମର ଅଧିବାସୀ ବୟସ ନିର୍ବିଶେଷରେ ପୁରୁଷ, ସ୍ତ୍ରୀ, ପିଲାପିଲି ସମସ୍ତଙ୍କ ସହ ଆଳାପ ଆଲୋଚନା, ସାଧାରଣ ନିରୀକ୍ଷା ଓ ନିର୍ଦ୍ଦିଷ୍ଟ ଘଟଣା (Case Study) ପ୍ରଭୃତି ମାଧ୍ୟମରେ ତଥ୍ୟ ସଂଗୃହୀତ ହୋଇଛି । ସେମାନଙ୍କ ଭାଷାର ଗୀତ ଓ ଗପ ରେକର୍ଡ଼ିଂ କରାଯାଇଛି । ସଂଗୃହୀତ ତଥ୍ୟ ସବୁକୁ ପରୀକ୍ଷା ନିରୀକ୍ଷା ସହ ବିଶ୍ଳେଷଣ ପୂର୍ବକ ନିବନ୍ଧ ରଚନା କ୍ଷେତ୍ରରେ ଯଥା ସ୍ଥାନରେ ଉପଯୋଗ କରିଛି ।

ମୁରୁଡ଼ାଠାରେ ଅବସ୍ଥିତ ଲୋଧା ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଶ୍ରୀ ଦାଶରଥି ସୋରେନ୍, ଅଫିସ୍ ସହକାରୀ ଶ୍ରୀ ପ୍ରବୀର କୁମାର ସାହୁ,ପିଅନ ଶ୍ରୀ ଶଙ୍କର ନାଏକ ଏବଂ ଅନ୍ୟମାନେ ମୋତେ ଏହି କାର୍ଯ୍ୟରେ ଆବଶ୍ୟକ ସହଯୋଗ କରିଛନ୍ତି । ଶୂଳିଆପଦାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆର ମ୍ୟାନେଜର ଶ୍ରୀ ପ୍ରଦୀପ ଚନ୍ଦ୍ର ଦାସ, ତାଙ୍କର ସହକର୍ମୀବୃନ୍ଦ, ବ୍ଲକ୍ ଅଫିସର, କୃଷି ଅଧିକାରୀ ଶ୍ରୀ ଶୁକ୍‌ଲାଲ୍ ସିଂ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ଶ୍ରୀ ଭକ୍ତବନ୍ଧୁ ଅଗସ୍ତି, ଗ୍ରାମ ପଞ୍ଚାୟତ ଅଧିକାରୀ ଶ୍ରୀ ଲକ୍ଷ୍ମୀଧର କିସ୍କୁ, ଶୂଳିଆପଦା ଡାକ୍ତରଖାନାର ଫାର୍ମାସିଷ୍ଟ ଶ୍ରୀ ବିଜୟ କୁମାର ଶତପଥୀ, ଫରେଷ୍ଟ ଅଫିସର୍ ଶ୍ରୀ ନିରଞ୍ଜନ ବେହେରା, ପୋଷ୍ଟମାଷ୍ଟର ଶ୍ରୀ ସନ୍ତୋଷ କୁମାର ନାୟକ ଓ ତାଙ୍କର ସହକର୍ମୀ ବୃନ୍ଦ, ପୋଖରିଆ ପୋଷ୍ଟଅଫିସ ଶ୍ରୀ ଖେଲାରାମ ମାଝୀ, କଣ୍ଡିସାହି କ୍ୟାମ୍ପସ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବ୍ରଜବଂଧୁ ଶତପଥୀ ଓ ସହକର୍ମୀ ବୃନ୍ଦ, ଶୂଳିଆପଦା ଥାନା ଅଫିସର୍ ଶ୍ରୀ ଯଶୋବନ୍ତ ସାମଲ, ଅନ୍ତ୍ୟୋଦୟ ଚେତନା ମଣ୍ଡଳ, ଶୂଳିଆପଦା ଶାଖାର ଶ୍ରୀ ଦୁର୍ଯ୍ୟୋଧନ ରାଉତ ପ୍ରଭୃତି ବଂଧୁଗଣ ମୋର ଏହି ଗବେଷଣା କାର୍ଯ୍ୟରେ ସହାୟତା କରିବା ସହିତ ଉପଯୋଗୀ ତଥ୍ୟ (ଲିଖିତ/ଅଲିଖିତ) ପ୍ରଦାନ କରିଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରୁଛି ।

ଏତଦ୍‌ବ୍ୟତୀତ ପଥରନେସା ଆଶ୍ରମ ସ୍କୁଲର ଶିକ୍ଷକ ଶ୍ରୀ ସାରଙ୍ଗଧର ମହାପାତ୍ର, ଶ୍ରୀ ସତୀଶ ଚନ୍ଦ୍ର ମହାନ୍ତ ସ୍ଥାନୀୟ ଶାଳୁଆ ଡହର ଗ୍ରାମର ବୟୋଜ୍ୟେଷ୍ଠ ସର୍ବୋଦୟ ନେତା ଶ୍ରୀ ଚିନ୍ତାମଣି ପାତ୍ର, କରତନଲା ଗ୍ରାମର ସ୍ୱର୍ଗତଃ ଗଣେଶ୍ୱର ସି, ମହାବିରା ଗ୍ରାମର ସର୍ବଶ୍ରୀ ପରମେଶ୍ୱର ନାଏକ, ପ୍ରଫୁଲ୍ଲ ନାଏକ, ଯୋଗେଶ୍ୱର ନାଏକ, ଶତ୍ରୁଘ୍ନ ନାଏକ, ରତ୍ନାକର ନାଏକ,ବିଶ୍ୱନାଥ ମୁର୍ମୁ, ଭୁଷୁକୁଣ୍ଡା ଗ୍ରାମର ଶ୍ରୀ ପଞ୍ଚାନନ ଦେହୁରୀ, ଗଙ୍ଗାଶୋଳ ଗ୍ରାମର ଶ୍ରୀ ଆନନ୍ଦ ମହାନ୍ତ, ଶ୍ରୀ ମିଳନ ଭୋଇ (ଶୂଳିଆପଦା ବଜାର), ଶ୍ରୀ ଚତୁର୍ଭୁଜ ନାଏକ (ଶୂଳିଆପଦା ହାଇସ୍କୁଲ), ଶ୍ରୀ ଦିବାକର ନାଏକ (କାଂଶିଶି ପ୍ରାଥମିକ ବିଦ୍ୟାଳୟ), ଶ୍ରୀ ସର୍ବେଶ୍ୱର ନାଏକ (ଧରମପୁରା ହାଇସ୍କୁଲ ପ୍ରଧାନ ଶିକ୍ଷକ), ଶ୍ରୀ କୁଳମଣି ସି (ମଠଶୋହଲା), ପଥରକେରା ଅଙ୍ଗନବାଡ଼ି କେନ୍ଦ୍ରର ଶିକ୍ଷୟିତ୍ରୀ ଶ୍ରୀମତୀ ଲେପେ ହେମ୍ବ୍ରମ୍ ଓ ତାଙ୍କର ସ୍ୱାମୀ ଶ୍ରୀ ରମେଶ, କେନ୍ଦ୍ରସହାୟିକା ଶ୍ରୀମତୀ ମେନକା ମଲ୍ଲିକ ପ୍ରଭୃତି ମୋର ଗବେଷଣା ନିମନ୍ତେ ତଥ୍ୟ ସଂଗ୍ରହ ଓ ବିଶ୍ଳେଷଣରେ ସହଯୋଗ କରିଥିବା ଯୋଗୁଁ ଧନ୍ୟବାଦଅର୍ପଣ କରୁଅଛି । ମୋର ଛାତ୍ରୀ ଆୟୁଷ୍ମତୀ ସୁକାନ୍ତି ନାଏକ ପାଣ୍ଡୁଲିପି ପ୍ରସ୍ତୁତ କରିଥିବାରୁ ଶୁଭେଚ୍ଛା ଜଣାଉଅଛି ।

କ୍ଷେତ୍ର ଅଧ୍ୟୟନ କାଳର ପ୍ରମୁଖ ତଥ୍ୟ ପ୍ରଦାନକାରୀ ବ୍ୟକ୍ତିମାନେ ହେଲେ ପଥରନେସା ଗ୍ରାମର ସର୍ବଶ୍ରୀ କାଇଁଚ ଭଣ୍ଡା, ଚନ୍ଦ୍ର ମୋହନ ନାଏକ ଓ ତାଙ୍କର ସ୍ତ୍ରୀ ଓ ମାଆ, କ୍ରିଷ୍ଟ ମଲିକ (ଦେହୁରୀ), ବାଇଧର ନାଏକ, ଗଙ୍ଗା ଭଣ୍ଡା ଓ ଅନ୍ୟମାନେ; ଧବଣି ଗ୍ରାମର ୱାର୍ଡ଼ ମେୟର

ତଥା ଛଉଦଳର ସଂପାଦକ ଶ୍ରୀ ସଚ୍ଚିଦା ନାଏକ, ତାଙ୍କର ସ୍ତ୍ରୀ ସାବିତ୍ରୀ (ଅଙ୍ଗନବାଡ଼ି ସହାୟିକା), ଛଉଦଳର ସଭାପତି ଶ୍ରୀ ସଦାନନ୍ଦ ମଲିକ, ଛଉ ଗୁରୁ ଶ୍ରୀ ଭାସ୍କର ବେହେରା, ଶଁଶାଶୋଲ ଗ୍ରାମର ସର୍ବଶ୍ରୀ କାଲାଚାନ୍ଦ ନାଏକ ଓ ତାଙ୍କର ସ୍ତ୍ରୀ, ଛତିଶ ଓ ରେଣ୍ଡା ନାଏକ, ଟିଆଁସୀ ଲୋଧା କଲୋନୀର ସର୍ବଶ୍ରୀ ହାଡ଼ିବଂଧୁ, ଶତ୍ରୁଘ୍ନ, ବିହାରୀ ମଲିକ, ନରେନ୍ଦ୍ର, ବିପିନ ନାଏକ; ଯୋଡ଼ାବନ୍ଧା ଗ୍ରାମର ଶ୍ରୀମତୀ ସୁଶୀଲା ଭକ୍ତା, ହାଣ୍ଡିଭଂଗା ଗ୍ରାମର ସର୍ବ ଶ୍ରୀ ସୁରୁପା କଟୁଆଲ(ଓଝା), କଟୁ ପାହାଡ଼ୀ (ଗୁଣୀ), କାଞ୍ଚନ ଆଲାଡ଼ି (ପାହାଡ଼ୀ), ସାନ୍‌ଝାଉଁରୀ ଗ୍ରାମର ସର୍ବଶ୍ରୀ ଗୁନାଧର ଓ ଯତୀନ୍ଦ୍ର ମଲ୍ଲିକ, ଅନନ୍ତ କଟାଳଙ୍କ ବ୍ୟତୀତ ସଂପୃକ୍ତ ଗ୍ରାମର ଅଗଣିତ ଅଧିବାସୀଗଣ ମୋତେ ତଥ୍ୟ ସଂଗ୍ରହ କାଳରେ ଅକୁଣ୍ଠ ପ୍ରାଣରେ ସହଯୋଗ କରିଥିବାରୁ ସେ ସମସ୍ତେ ମୋର ଗଭୀର ଶ୍ରଦ୍ଧା ଓ କୃତଜ୍ଞତାର ପାତ୍ର ।

ପରିଶେଷରେ ନିବନ୍ଧ ରଚନାରେ ସମସ୍ତ ପ୍ରକାର ଅପୂର୍ଣ୍ଣତା ନିମନ୍ତେ ମୁଁ କ୍ଷମା ପ୍ରାର୍ଥୀ ।

ତା.୩.୧.୨୦୦୧ରିଖ

ଶ୍ରୀ ନଗେନ୍ଦ୍ର ନାଥ ମହାପାତ୍ର

# ମୁଖବନ୍ଧ

ଜନଜାତିମାନଙ୍କର ସାଂସ୍କୃତିକ ଐତିହ୍ୟ ଏବଂ ପ୍ରଜାତିକ ବୈଚିତ୍ର୍ୟ ଆକଳନ କରିବାରେ ସେମାନଙ୍କର ପରିବେଶରେ ବିକଶିତ ଲୋକ ସାହିତ୍ୟ ଏକ ପ୍ରମୁଖ ଉପାଦାନ । ଜଗତିକରଣ ଓ ବସ୍ତୁ ସଂସ୍କୃତିର ଉଦ୍‌ବର୍ତ୍ତନରେ ଆମ ଲୋକ ପରମ୍ପରା ଲୋପ ପାଇ ଯାଇଥିବାବେଳେ ଜନଜାତିୟ ଲୋକ ମୌଖିକ ପରମ୍ପରା ତଥାପି ଗତିଶୀଳ । ପଡୋଶୀ ସଂସର୍ଗ ଏବଂ ଗଣ ମାଧ୍ୟମର ପ୍ରସାର ଯୋଗୁଁ ତାଙ୍କ ଲୋକ ମୌଖିକ ପରମ୍ପରା ଯଦିଓ ପରିବର୍ତ୍ତିତ ତଥାପି ଅନ୍ତଃସ୍ରୋତ ଆଦ୍ୟାବଧି ପ୍ରବାହିତ । ମାତ୍ର ପୂର୍ବର ଶ୍ରୀ ଆଉ ନାହିଁ । ବିଶେଷତଃ ଯୁବପିଢ଼ି ଏ ପରମ୍ପରା ପ୍ରତି ବିତସ୍ପୃହ । ଟିଭି, ଚଳଚିତ୍ରର ନିଶାରେ ସେମାନେ ଉନ୍ମନା । ପାରମ୍ପରିକ ନାଟଗୁରୁ, ଗୀତକୁଡ଼ିଆ ଓ କୁଡ଼ିଆଣି ସେମାନଙ୍କ ପାଇଁ ଅଲୋଡ଼ା, ଅଖୋଜା ।

ତେଣୁ ଏହି ପରମ୍ପରାଟି ମରିହଜି ଯିବା ପୂର୍ବରୁ ତାର ଶେଷ ମଣିଷଟି ଇହଲୀଳା ସମ୍ୱରଣ କରିବା ପୂର୍ବରୁ ତାର କଥାନକକୁ ସାଉଁଟିବାର ଏହାହିଁ ହେଉଛି ମହାମୁହୂର୍ତ୍ତ ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଏଇ ସନ୍ଧିକ୍ଷଣରେ ଓଡ଼ିଶାର ଆଦିବାସୀ ଗୋଷ୍ଠୀମାନଙ୍କର ଲୋକ ମୌଖିକ ପରମ୍ପରାକୁ ସଂଗ୍ରହ ଓ ପ୍ରକାଶ କରିବାର ଗୁରୁଦାୟୀତ୍ୱ ବହନ କରିଛି । ସୀମିତ ସମ୍ବଳ ଭିତରେ ମଧ ସେହି ମହାନ୍ କାର୍ଯ୍ୟର ଅଂଶ ସ୍ୱରୂପ କିଛିଟା କାର୍ଯ୍ୟ ସଂପାଦନ କରିଛି । ସେଗୁଡ଼ିକ ହେଲା ସାନ୍ତାଳ ଲୋକ କାହାଣୀ ପଶ୍ଚିମ ଓଡ଼ିଶାର ଆଦିବାସୀ ଲୋକ ସାହିତ୍ୟ, ଆଦିବାସୀ ଲୋକ କାହାଣୀ, ଗଣ୍ଡ ସଂସ୍କୃତି ଓ ଲୋକ ସାହିତ୍ୟ, ପିଲାଙ୍କ ପାଇଁ ଆଦିବାସୀ ଲୋକ କଥା, ବାଥୁଡ଼ି ଲୋକ ସାହିତ୍ୟ ଇତ୍ୟାଦି ।

ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଲୋଧା, ବଣ୍ଡା, ଭତରା, କୋୟା, ହୋ, ଭୂମିଜ, ହୁରୁଆ, ଭୁଞ୍ଜିଆ ଜନଜାତିର ସଂସ୍କୃତି ଓ ଲୋକ ସାହିତ୍ୟ ଉପରେ ଅଧ୍ୟୟନ କାର୍ଯ୍ୟ ଏକାଡ଼େମୀ ହାତକୁ ନେଇଛି । ଲୋଧା ସଂସ୍କୃତି ଓ ଲୋକ ସାହିତ୍ୟ ତନ୍ମଧ୍ୟରୁ ଅନ୍ୟତମ ।

ଏହି ପୁସ୍ତିକାକୁ ସଂକଳନ କରିଛନ୍ତି ଡଃ ନଗେନ୍ଦ୍ର ନାଥ ମହାପାତ୍ର, ମହାବିଲା, ଶୁଳିଆପଦା ଓ ଏହାର ଆବଶ୍ୟକ ପରିମାର୍ଜନ କରିଛନ୍ତି ଡଃ ବିରାଜ ଦାସ । ପୁସ୍ତିକା ପ୍ରକାଶନ ଅବସରରେ ଏକାଡେମୀ ଉଭୟଙ୍କ ନିକଟରେ କୃତଜ୍ଞ ।

ମନ୍ମଥ କୁଣ୍ଡୁ
ନିର୍ଦ୍ଦେଶକ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର

# ସୂଚୀପତ୍ର


| | | | ପୃଷ୍ଠା |
|---|---|---|---|
| ଉପୋଦ୍‌ ଘାତ | | | |
| ମୁଖବନ୍ଧ | | | |
| ପ୍ରଥମ ଅଧ୍ୟାୟ : | ପୃଷ୍ଠଭୂମି | .... | ୧ |
| ଦ୍ୱିତୀୟ ଅଧ୍ୟାୟ : | ଲୋଧାଙ୍କର ସାମାଜିକ ଜୀବନ ଓ ସାଂସ୍କୃତିକ ପରମ୍ପରା | .... | ୧୧ |
| ତୃତୀୟ ଅଧ୍ୟାୟ : | ଲୋଧାଙ୍କର କଥିତ ଭାଷା ଓ ସାହିତ୍ୟ | .... | ୪୮ |
| | ପରିଶିଷ୍ଟ : ୧ ) ଶବ୍ଦାବଳୀ | .... | ୫୯ |
| | ୨ ) ଲୋକ ସାହିତ୍ୟ | .... | ୬୪ |


❑

# ପ୍ରଥମ ଅଧ୍ୟାୟ

# ପୃଷ୍ଠଭୂମି

ଲୋଧାମାନେ ଓଡ଼ିଶାରେ ବାସକରୁଥିବା ଆଦିମ ଅଧିବାସୀମାନଙ୍କ ମଧ୍ୟରୁ ଅନ୍ୟତମ ଜନଗୋଷ୍ଠୀ । ଏମାନେ ମୁଖ୍ୟତଃ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ବାରିପଦା ମହକୁମା ଅନ୍ତର୍ଗତ ଅରଣ୍ୟାଞ୍ଚଳର ବିଭିନ୍ନ ସ୍ଥାନରେ ବାସ କରନ୍ତି । ପାର୍ଶ୍ୱବର୍ତ୍ତୀ ମେଦିନୀପୁର (ପଶ୍ଚିମବଙ୍ଗ) ଜିଲ୍ଲାର ସଦର ଓ ଝାଡ଼ଗ୍ରାମ ମହକୁମାର ଅରଣ୍ୟାଞ୍ଚଳରେ ମଧ୍ୟ ଲୋଧାମାନଙ୍କର ବସତି ଥିବାର ଦେଖାଯାଏ । ଏତଦ୍ ବ୍ୟତୀତ ପଶ୍ଚିମବଙ୍ଗର ବର୍ଦ୍ଧମାନ, ବୀରଭୂମ, ବାଙ୍କୁଡ଼ା, ହୁଗୁଲୀ, ହାଓଡ଼ା, ଚବିଶ ପ୍ରଗଣା, କଲିକତା ଓ ନଦିଆ ଜିଲ୍ଲାର କେତେକ ସ୍ଥାନରେ ଲୋଧାମାନେ ବାସ କରୁଥିବାର ଜଣାଯାଏ ।ମୟୂରଭଞ୍ଜ ଜିଲ୍ଲାର ବାରିପଦା ମହକୁମା ଅଧୀନସ୍ଥ ବିଭିନ୍ନ ବ୍ଲକ୍ ଯଥା: ଶୂଳିଆପଦା, ମୋରଡ଼ା, ବାରିପଦା, ବଡ଼ସାହି, ଖୁଣ୍ଟା, ଉଦଳା, ଶାମାଖୁଣ୍ଟା ଓ କପ୍ତିପଦା ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଏମାନେ ବିଚ୍ଛିନ୍ନ ଭାବରେ ବାସ କରନ୍ତି । ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇ.ଟି.ଡ଼ି.ଏ.) ଅଧୀନରେ ଶୂଳିଆପଦା ବ୍ଲକ୍‌ର ପଥରନେସା, ଶଁଶାଶୋଳ, ଧବଣୀ ଓ ନେକଡ଼ାଗୁଣ୍ଡା ଗ୍ରାମ, ମୋରଡ଼ା ବ୍ଲକ୍‌ର ହାଣ୍ଡିଭଙ୍ଗା, ଚିକିଟା ମାଟିଆ, ଟିଆଁସୀ ଓ ପୂର୍ଣ୍ଣଚନ୍ଦ୍ରପୁର, ବାରିପଦା ବ୍ଲକ୍‌ର ଧାନଶୋଳା, ଯତିପୁର, ହାତୀମୋଡ଼ା, ଶାମାଖୁଣ୍ଟା ବ୍ଲକ୍‌ରେ ବେସରପାଣି ଓ ବଡ଼ସାହି ବ୍ଲକ୍‌ରେ ଚମ୍ପାଗଡ଼ ଓ ପାଉଁଶିଆ ଏପରି ମୋଟ ୧୪ଗୋଟି ଗ୍ରାମ ଥିବାବେଳେ କପ୍ତିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନରେ ଉଦଳା, ଖୁଣ୍ଟା ଏବଂ କପ୍ତିପଦା ବ୍ଲକ୍‌ର କେତେକ ଗ୍ରାମ ଅବସ୍ଥିତ ।

ବାରିପଦା ମହକୁମାର ମୋଟ ଲୋକ ସଂଖ୍ୟା ୭,୦୬,୨୭୫ଜଣ (୧୯୮୧ଜନ ଗଣନା ଅନୁସାରେ) ଏ ମଧ୍ୟରୁ ଆଦିବାସୀଙ୍କ ସଂଖ୍ୟା ୩,୫୩,୭୧୫ଜଣ । ଏହି ଆଦିବାସୀଙ୍କ ମଧ୍ୟରେ ସାନ୍ତାଳ, ଭୂମିଜ, ମୁଣ୍ଡା ଓ ଭୂୟାଁମାନେ ସଂଖ୍ୟାଧିକ । ଲୋଧା ଗୋଷ୍ଠୀର ମୋଟ ଲୋକ ସଂଖ୍ୟା ୨,୮୫୭ଜଣ ।

ମୟୂରଭଞ୍ଜରେ ଲୋଧାମାନଙ୍କର ମୁଖ୍ୟ ଜନବସତି ୨୧°୬୫ ଓ ୨୨°୧୫ ଉତ୍ତର ଅକ୍ଷାଂଶ ଏବଂ ୮୬°୮୦ ଓ ୮୭°୧୦ ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ଏସବୁ ଗ୍ରାମ ବାରିପଦା ସଦର ମହକୁମାରେ ଅନ୍ତର୍ଭୁକ୍ତ । ଉତ୍ତର ପୂର୍ବ ଦିଗରେ ପଶ୍ଚିମବଙ୍ଗର ମେଦିନୀପୁର, ଉତ୍ତର ଦିଗରେ ନବ ଗଠିତ ଝାଡ଼ଖଣ୍ଡ ରାଜ୍ୟର ସିଂହଭୂମ ଜିଲ୍ଲା ଓ ଦକ୍ଷିଣ-ପୂର୍ବ ଦିଗରେ ଓଡ଼ିଶାର ବାଲେଶ୍ୱର ଜିଲ୍ଲା ଅବସ୍ଥିତ । ଏ ଅଞ୍ଚଳରେ ଖଇରା, ମହାନ୍ତି, ଜମ୍ପୀରା ଓ ବୁଢ଼ାବଳଙ୍ଗ

ମୁଖ୍ୟନଦୀ । ଏତଦ୍‌ବ୍ୟତୀତ ପାଲ, ଗୁନ୍‌ଫା ପ୍ରଭୃତି ଖାଲ ଓ ନାଳ ପ୍ରବାହିତ । ଅରଣ୍ୟରେ ଶାଳ, ମହୁଲ, କେନ୍ଦୁ ପ୍ରଭୃତି ବଡ଼ ବଡ଼ ବୃକ୍ଷ ସାଙ୍ଗକୁ ବହୁ ଛୋଟ ଛୋଟ ଗଛ ଓ ଔଷଧୀୟ ଗୁଳ୍ମଲତା; ଆରଣ୍ୟକ ଜୀବଜନ୍ତୁ, ବିଭିନ୍ନ ବିଷଧର ସାପ ଓ ସରୀସୃପ ଦେଖାଯାନ୍ତି । ଏ ଅଞ୍ଚଳରେ ବାର୍ଷିକ ହାରାହାରି ବୃଷ୍ଟିପାତର ହାର ୧୫୪୭.୩ ମିଲି ମିଟର । ସାଧାରଣ ଉତ୍ତାପର ହାର ସର୍ବନିମ୍ନ ୧୨°ସି (୫୩.୬°ଏଫ୍.) ଏବଂ ସର୍ବୋଚ୍ଚ ୩୬°ସି (୧୬୦°ଏଫ୍)ମଧ୍ୟରେ ଅନୁଭୂତ ହୁଏ । ସମୟ ସମୟରେ ଉତ୍ତାପ ବଢ଼ି ଯାଉଥିବାର ପରିଲକ୍ଷିତ ହୁଏ । ଏ ସମଗ୍ର ଅଞ୍ଚଳ ଏକଦା ଘନ ଅରଣ୍ୟ ପରିପୂର୍ଣ୍ଣ ଥିଲା ମାତ୍ର ଏବେ ଏହା ପ୍ରାୟତଃ ଅରଣ୍ୟଶୂନ୍ୟ ହୋଇଗଲାଣି । ଏ ଅଞ୍ଚଳର ମୃତ୍ତିକା କଂକରିଳ ତଥାରକ୍ତିମ ବର୍ଣ୍ଣର । କୃଷିଉପଯୋଗୀ ଉର୍ବର ଉପତ୍ୟକାରେ ଧାନ, ଗହମ, ମୁଗ, ତିଳ ଓ ବିଭିନ୍ନ ପନିପରିବା ଚାଷହୁଏ । ଅରଣ୍ୟରେ ଟସର ଓ ସବାଇ (ଆଂଚଳିକଭାଷାରେ ବାବଇ/ବୁବେଇ) ଘାସ ଉତ୍ପନ୍ନ ହୁଏ । ସବାଇ ଘାସ ଏ ଅଞ୍ଚଳର ମୁଖ୍ୟ ଉତ୍ପାଦିତ ଦ୍ରବ୍ୟ । ଏତଦ୍‌ବ୍ୟତୀତ ଶାଳ ଓ କେନ୍ଦୁପତ୍ର, ମହୁଲ, କାଠ, ପ୍ରଭୃତି ଜଙ୍ଗଲଜାତ ଦ୍ରବ୍ୟ ଏ ଅଞ୍ଚଳରୁ ରପ୍ତାନି ହୁଏ ।

ବାରିପଦାକୁ ମୋଟର ଚଳନ ଉପଯୋଗୀ ସବୁଦିନିଆ ପକ୍କା ସଡ଼କ ବିଭିନ୍ନ ସ୍ଥାନରୁ ରହିଅଛି । ଗ୍ରାମଗୁଡ଼ିକୁ ମାଟି, ଗୋଡ଼ି, ଗେଟି ରାସ୍ତାର ସଂଯୋଗ ରହିଅଛି । କଂକରିଳ ଶୁଷ୍କ ମୃତ୍ତିକା ହେତୁ ଗ୍ରାମାଞ୍ଚଳରେ ଗମନା ଗମନର ଅସୁବିଧା ହୁଏ ନାହିଁ । ପାର୍ଶ୍ୱବର୍ତ୍ତୀ ମେଦିନୀପୁର, ସିଂହଭୂମ, ବାଲେଶ୍ୱର ଜିଲ୍ଲା ସହିତ ସ୍ଥାୟୀ ସଡ଼କ ସଂଯୋଗ ରହିଅଛି । ବାରିପଦା ମଧ୍ୟଦେଇ ଦକ୍ଷିଣ-ପୂର୍ବ ରେଳପଥର ଏକ ମିଟର ଗେଜ ରେଳପଥ ରୂପ୍‌ସାଠାରେ ସଂଯୋଜିତ ହୋଇଅଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ନିର୍ମିତ ରାସଗୋବିନ୍ଦପୁର ଥାନାର ରଙ୍ଗା ମାଟିଆଠାରେ ଏକ ଉଡାଜାହାଜ ଅବତରଣ ଘାଟୀ ଅବସ୍ଥିତ । ସ୍ୱାଧୀନତାର ପରବର୍ତ୍ତୀ କାଳରେ, ଆଲୋଚିତ ସମଗ୍ର ଅଞ୍ଚଳରେ ସରକାରୀ ଓ ବେସରକାରୀ ଉଦ୍ୟମରେ ବହୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ଥାପିତ ହୋଇ ପ୍ରାଥମିକ ସ୍ତରଠାରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଆଧୁନିକ ଶିକ୍ଷା ବିସ୍ତାର ଲାଭ କରିଅଛି । ଅନ୍ତ୍ୟୋଦୟ ଚେତନା ମଣ୍ଡଳ,ଶୂଳିଆପଦା ଶାଖା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ସମାଜସେବା ଓ ଶିକ୍ଷା ମୂଳକ କାର୍ଯ୍ୟକ୍ରମମାନ ପରିଚାଳିତ ହେଉଛି ।

ଆଲୋଚ୍ୟ ଅଞ୍ଚଳ ମଧ୍ୟରେ ସୁବର୍ଣ୍ଣରେଖା ଆନ୍ତଃ ପ୍ରାଦେଶିକ ବୃହତ୍ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ହେଉଅଛି । ଜମ୍ବୀରାନଦୀ ସେଚ ପ୍ରକଳ୍ପ, ଗୁନ୍‌ଫା କ୍ଷୁଦ୍ର ସେଚ ପ୍ରକଳ୍ପ ସହିତ କେତେକ ବନ୍ଧ-ଯୋଜନା ଜଳ ସେଚନର ସୁବିଧା ନିମନ୍ତେ କାର୍ଯ୍ୟକାରୀ ହୋଇଛି । ଏତଦ୍‌ବ୍ୟତୀତ ଅନେକଗୁଡ଼ିଏ ଉଠାଜଳ ସେଚନ ସାଂଗକୁ ଗଭୀର ନଳକୂପ ମଧ୍ୟ ସ୍ଥାପିତ ହୋଇଛି ।

ପୂର୍ବରୁ ଲୋଧାମାନେ ଏକ ଅପରାଧ ପ୍ରବଣ ଗୋଷ୍ଠୀ ରୂପେ ପରିଚିତ ଥିଲେ । ସ୍ୱାଧୀନତା ଲାଭପରେ ଭାରତ ସରକାରଙ୍କ ଦ୍ୱାରା ଏହା ବାତିଲ ହୋଇଛି । ଲୋଧାମାନଙ୍କର ସାମଗ୍ରିକ

ବିକାଶ ନିମନ୍ତେ ମୋରଡ଼ାଠାରେ ଲୋଧା ଉନ୍ନୟନ ସଂସ୍ଥା ନାମରେ ସଂସ୍ଥାଟିଏ ସ୍ଥାପିତ ହୋଇଛି । ଶୂଳିଆପଦା ଓ ମୋରଡ଼ା ବ୍ଲକ୍‌ର ଆଠଗୋଟି ଗ୍ରାମ ଯଥା: ପଥରନେସା, ଶଁଶାଶୋଳ, ଧବଣୀ, ନେକ୍‌ଡ଼ାପୁଞ୍ଜାଗ୍ରାମ (ଶୂଳିଆପଦା ବ୍ଲକ୍); ହାଣ୍ଡିଭଙ୍ଗା, ଚିକିଟା ମାଟିଆ, ଟିଆସୀ ଓ ପୂର୍ଣ୍ଣଚନ୍ଦ୍ର ପୁର (ମୋରଡ଼ାବ୍ଲକ୍)କୁ ନେଇ ଲୋଧା ଉନ୍ନୟନ୍ ସଂସ୍ଥା ନାମିତ ଲୋଧା ଅଣୁ ଯୋଜନା ୧୯୮୬ ମସିହାଠାରୁ କାର୍ଯ୍ୟକାରୀ ହେଉଅଛି । ଲୋଧାମାନଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା ଓ ସଂସ୍କୃତି ସଚେତନ କରାଇ ଅପରାଧ ପ୍ରବୃତ୍ତି ନିରୋଧ କରିବା ସହ ସହଜ ସରଳ ସାମାଜିକ ଜୀବନ ଯାପନ ଦିଗରେ ସହାୟକ ହେବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ସରକାରଙ୍କ ଏହି ଅଭିନବ ଉଦ୍ୟମ ଫଳରେ ଲୋଧାମାନେ ପୂର୍ବାପେକ୍ଷା ସଭ୍ୟ, ଶିକ୍ଷିତ ଓ ସଚେତନ ହେଉଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ଉଚ୍ଚଶିକ୍ଷା ଲାଭ କରି ସରକାରୀ ସଂସ୍ଥାମାନଙ୍କରେ ଦାୟିତ୍ୱ ସଂପନ୍ନ କାର୍ଯ୍ୟାଧିକାରୀ ରୂପେ କାର୍ଯ୍ୟ ନିର୍ବାହ କରୁଛନ୍ତି । ଅନେକ ପୁଅ ଝିଅ ପାଠ ପଢୁଥିଲେ ହେଁ ଉଚ୍ଚତର ଶ୍ରେଣୀରେ ଅଧାରୁ ପାଠପଢ଼ା ଛାଡ଼ିଦେଇ ଘରେ ପାରଂପାରିକ ରୀତିରେ ଜୀବନ ଯାପନ କରୁଛନ୍ତି । ୧୯୮୬ ମସିହା ପୂର୍ବରୁ ମୟୂରଭଞ୍ଜର ଲୋଧାମାନେ ଶିକ୍ଷାକ୍ଷେତ୍ରରେ ୫%ରୁ କମ୍ ଥିଲେ ହେଁ ବର୍ତ୍ତମାନ ସମଗ୍ର ଜନସଂଖ୍ୟା ମଧ୍ୟରୁ ୧୮୬୩ଜଣ ଶିକ୍ଷିତ ହେଲେଣି ।

ଅରଣ୍ୟ ସଂପଦ ଉପରେ ଚିର ନିର୍ଭରଶୀଳ ଲୋଧାମାନେ ଶିକାର ସହିତ ଅରଣ୍ୟ ଜାତ ଦ୍ରବ୍ୟ ସଂଗ୍ରହକାରୀ ରୂପେ ଜୀବନ ଯାପନ କରୁଥିଲେ । ସମୟର ପରିବର୍ତ୍ତନ କ୍ରମେ ଶିକ୍ଷାର ପ୍ରସାର ଓ ସଭ୍ୟତାର ବିସ୍ତାର ସଂଗେ ସଂଗେ ଠିକାଦାର ଅସାଧୁ ବ୍ୟବସାୟୀ ଓ କର୍ମଚାରୀମାନଙ୍କର ଚକ୍ରାନ୍ତ ଫଳରେ ଅରଣ୍ୟ ସଂପଦ ଦ୍ରୁତ କ୍ଷୟ ହେବାକୁ ଲାଗିଲା । ଫଳରେ ଲୋଧାମାନଙ୍କର ମୁକ୍ତ ସ୍ୱାଧୀନ ଜୀବନ ଯାପନ ଓ ଜୀବିକାରେ ବାଧା ଉପୁଜିଲା । ସେମାନେ ଜୀବିକାର୍ଜ୍ଜନ ଓ ପରିବାର ପୋଷଣ ପାଇଁ ଅଧିକ ହିଂସ୍ର ହୋଇ ଉଠିଲେ ।

ଇଂରେଜ ଶାସନ କାଳରେ ୧୯୧୬ ମସିହାରେ ପ୍ରବର୍ତ୍ତିତ ଆଇନ ବଳରେ ଲୋଧାମାନେ ଏକ ଅପରାଧ ପ୍ରବଣ ଗୋଷ୍ଠୀ ରୂପେ ଚିହ୍ନିତ ହୋଇଥିଲେ । ସ୍ୱାଧୀନତା ଲାଭ ପରେ ଭାରତ ସରକାରଙ୍କ ଘୋଷିତ କ୍ରିମିନାଲ ଟ୍ରାଇବସ୍ ଆକ୍ଟ ୧୯୫୨ ଅନୁସାରେ ପୂର୍ବର ଘୋଷଣା ରଦ ହୋଇଅଛି । ମଣିଷର ଅପରାଧ ପ୍ରବଣତା ଜନ୍ମଗତ କିଂବା କିମ୍ବା ପୁରୁଷାନୁକ୍ରମିକ ନୁହେଁ କିନ୍ତୁ ଅର୍ଥ ସାମାଜିକ ଦୁଷ୍କ୍ରିୟାଗତ ଉତ୍‌ଥାନ ପତନ ମଧ୍ୟରେ ଅରଣ୍ୟ ସଂପଦ ଉପରେ ଚିର ନିର୍ଭରଶୀଳ ଲୋଧାଗୋଷ୍ଠୀ ଏସବୁର ଦ୍ରୁତ ଅବକ୍ଷୟ କାଳରେ ନିଜର ଆର୍ଥିକ ସ୍ଥିତି ସମ୍ଭାଳିବାକୁ ଯାଇ ସମାଜର ମୁଖ୍ୟ ସ୍ରୋତରୁ ବିଚ୍ଛିନ୍ନହୋଇ ପଡ଼ିଥିଲେ । ପୂର୍ବରୁ ଆଞ୍ଚଳିକ ଜମିଦାର, ସର୍ଦ୍ଦାର ଓ ସରକାରଙ୍କ ପ୍ରବର୍ତ୍ତିତ ନୀତି ଫଳରେ ଅଧିକ ଚାଷଜମି ଓ ନୂଆ ଜନବସତି ସ୍ଥାପନ ଉଦ୍ଦେଶ୍ୟରେ ଅବିଚାରିତ ଭାବରେ ଜଙ୍ଗଲ କ୍ଷୟ ଘଟିଥିଲା । ପରେ ପରେ ଅସାଧୁ ବ୍ୟବସାୟୀ, କର୍ମଚାରୀ, ଠିକାଦାରଙ୍କ କୁଚକ୍ରାନ୍ତ ଫଳରେ ଜଙ୍ଗଲ ସଂପଦ ସଂପୂର୍ଣ୍ଣ ନଷ୍ଟ ହୋଇଗଲା । ଏପରି ଅବସ୍ଥାରେ ଲୋଧାମାନେ ନିଜର ଜୀବନ ଓ ଜୀବିକା ପାଇଁ ଚୋରୀ,

ଡକାୟତି, ରାହାଜାନୀକୁ ଉପାର୍ଜନର ପନ୍ଥାରୂପେ ଗ୍ରହଣ କଲେ । ସେମାନଙ୍କୁ ଧରି ଦମନ କରିବା ଆଳରେ ଯେଉଁ ପଦ୍ଧତି ସବୁର ପ୍ରୟୋଗ କରାଗଲା ତାହା ସେମାନଙ୍କୁ ଅଧିକ ହିଂସା ପ୍ରବଣ କଲା । ଅତ୍ୟାଚାର, ଅପମାନ, ଘୃଣା, ସାମାଜିକ ବାସନ୍ଦ, ଗୃହଦାହ ପ୍ରଭୃତି ଉତ୍ପୀଡ଼ନ ଫଳରେ ସେମାନେ କ୍ରମଶଃ ଅସାମାଜିକ ହୋଇପଡ଼ିଲେ । ସେମାନଙ୍କର ଶାନ୍ତିପ୍ରିୟ ପାରମ୍ପରିକ ସାମାଜିକ ଜୀବନ ଓ ସାଂସ୍କୃତିକ ପରମ୍ପରା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଲା ।

ଏହି ପ୍ରକାର ଏକ ବିଧ୍ୱସ୍ତ ବିପର୍ଯ୍ୟସ୍ତ ଜନ ଗୋଷ୍ଠୀର ସାମାଜିକ ଜୀବନ ଓ ସାଂସ୍କୃତିକ ପରମ୍ପରା ଉପରେ ବର୍ତ୍ତମାନ ଅଧ୍ୟୟନ ପର୍ଯ୍ୟବସିତ । ଏଥିପାଇଁ ଲୋଧା ଅଣୁଯୋଜନା କାର୍ଯ୍ୟକାରୀ ହେଉଥିବା ଆଠଗୋଟି ଗ୍ରାମ ମଧ୍ୟରୁ ମୁଖ୍ୟତଃ ଶୂଳିଆପଦା ବ୍ଲକ୍‌ର ପଥରନେସା, ଶଁଶାଶୋଳ, ଧବଣି ଗ୍ରାମ ଓ ମୋରଡ଼ା ବ୍ଲକ୍‌ର ହାଣ୍ଡିଭଙ୍ଗା ଗ୍ରାମରେ କ୍ଷେତ୍ର ଅଧ୍ୟୟନ କରାଯାଇଅଛି । ଏଠାରେ ଗଡ଼ିଗାଁ, ଟିଆଁସୀ କଲୋନୀ ଓ ଶୂଳୀଆପଦାର ନେକେଡା ଗୁଞ୍ଜା ଗ୍ରାମ ସଂପର୍କରେ ତଥ୍ୟ ସଂଗ୍ରହ କରାଯାଇଅଛି । କିନ୍ତୁ ପଥରନେସା ଓ ଧବଣି ଗ୍ରାମକୁ ଅଧ୍ୟୟନର କେନ୍ଦ୍ରଭୂମି ରୂପେ ଗ୍ରହଣ କରାଯାଇଛି । ଏତଦ୍ ବ୍ୟତୀତ ପାର୍ଶ୍ୱବର୍ତ୍ତୀ ମେଦିନୀପୁର ଜିଲ୍ଲାର ଗୋପୀବଲ୍ଲଭପୁର ଥାନା ଅନ୍ତର୍ଗତ ସାନଝାଉଁରୀ ଗ୍ରାମକୁ ମଧ୍ୟ ଅଧ୍ୟୟନର ପରିସରଭୁକ୍ତ କରି ପର୍ଯ୍ୟାପ୍ତ କ୍ଷେତ୍ର ଅଧ୍ୟୟନ କରାଯାଇଅଛି । ଲୋଧାଙ୍କର କଥିତ ଭାଷା ସାହିତ୍ୟ ଓ ସମାଜ - ସାଂସ୍କୃତିକ ପରମ୍ପରା ଉପରେ ବର୍ତ୍ତମାନ ମୋର ଅଧ୍ୟୟନ ସୁନିର୍ଦ୍ଦିଷ୍ଟ ହୋଇଅଛି ।

**ଲୋଧାଜନଗୋଠୀ ସଂପର୍କିତ ପୌରାଣିକ ବର୍ଣ୍ଣନା ଓ ପ୍ରାରମ୍ଭିକ ଅଧ୍ୟୟନ :**

ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ ଲୋଧାମାନେ ନିଜକୁ ଶବର ଗୋଷ୍ଠୀର ଅନ୍ତର୍ଭୁକ୍ତ କରି ଲୋଧା ଶବର ରୂପେ ପରିଚିତ କରାନ୍ତି ।ସେମାନେ ଓଡ଼ିଶାର ଦାରୁଦେବତା ଜଗନ୍ନାଥଙ୍କ ପ୍ରତିଷ୍ଠା ବିଷୟ ନେଇ ପ୍ରଚଳିତ କାହାଣୀଟି ସହିତ ସଂପର୍କିତ । ମହାପ୍ରଭୁ ଜଗନ୍ନାଥ ନୀଳମାଧବ ରୂପରେ ଗଭୀର ଅରଣ୍ୟ ମଧ୍ୟରେ ଶବର ମୁଖ୍ୟ ବିଶ୍ୱାବସୁଙ୍କ ଦ୍ୱାରା ପୂଜା ପାଉଥିଲେ । ବିଷ୍ଣୁଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନ ସ୍ୱପ୍ନାଦେଶ ପାଇ ତାଙ୍କର ବ୍ରାହ୍ମଣ ମନ୍ତ୍ରୀ ବିଦ୍ୟାପତିଙ୍କୁ ନୀଳମାଧବଙ୍କର ସନ୍ଧାନ ଓ ଦର୍ଶନ ନିମନ୍ତେ ପଠାଇଥିଲେ । ମନ୍ତ୍ରୀ ବିଦ୍ୟାପତି ବିଶ୍ୱାବସୁଙ୍କ ଘରେ ରହି ତାଙ୍କ ଝିଅ ଲଳିତାଙ୍କ ପ୍ରତି ପ୍ରେମାସକ୍ତ ହେଲେ ଓ ଶେଷରେ ବିବାହ କଲେ ଏବଂ କୌଶଳ କ୍ରମେ ଲଳିତାଙ୍କ ସାହାଯ୍ୟରେ ନୀଳମାଧବଙ୍କୁ ଦର୍ଶନ କରିଥିଲେ । ନିଜର ଉଦ୍ଦେଶ୍ୟ ପୂରଣ ପରେ ବିଦ୍ୟାପତି ଫେରିଯାଇ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନୀଳମାଧବଙ୍କ ସନ୍ଧାନ ଦେବାପରେ ରାଜା ସୈନ୍ୟବଳ ସହ ଆସି ନୀଳମାଧବଙ୍କୁ ଘେନି ଯିବାକୁ ବସିଲେ । ଏଥିରେ ମହାପ୍ରଭୁ ନୀଳମାଧବ ରୁଷ୍ଟ ହୋଇ ଶୂନ୍ୟରେ ଉଭେଇ ଗଲେ ଏବଂ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଆକାଶବାଣୀ ଦ୍ୱାରା ପୁରୀରେ ଶ୍ରୀ ଜଗନ୍ନାଥଙ୍କର ଦାରୁ ବିଗ୍ରହ ନିର୍ମାଣ କରି ପ୍ରତିଷ୍ଠା ପୂର୍ବକ ଆରାଧନା କରିବାକୁ ନିର୍ଦ୍ଦେଶ ଦେଲେ । ଏହିପରି ଏକ ଅପଘଟଣାରେ ଶବର ରାଜ ବିଶ୍ୱାବସୁ ଅତ୍ୟନ୍ତ ଅପମାନିତ, ଦୁଃଖିତ ଓ ମର୍ମାହତ

ହେଲେ । ତେଣୁ ବିଶ୍ୱାବସୁଙ୍କ ଗୋଷ୍ଠୀର ଲୋଧା ଶବରମାନେ ଜଣେ ବ୍ରାହ୍ମଣଙ୍କର ଏପରି ଚକ୍ରାନ୍ତ ପୂର୍ଣ୍ଣ କାର୍ଯ୍ୟକୁ ଘୃଣା କରିଥାନ୍ତି । ଲୋଧାମାନେ ସେମାନଙ୍କର ବିବାହ ପ୍ରଭୃତି ସାମାଜିକ ଅନୁଷ୍ଠାନରେ ବ୍ରାହ୍ମଣମାନଙ୍କୁ ନିଯୁକ୍ତ କରନ୍ତି ନାହିଁ କିମ୍ବା ସେମାନଙ୍କ ଘର ଖାଆନ୍ତି ନାହିଁ । ଅନ୍ୟ ଏକ ପୌରାଣିକ ଆଖ୍ୟାନ ଅନୁସାରେ ଦ୍ୱାରକାଧିପତି ଶ୍ରୀକୃଷ୍ଣ ଶେଷ ଜୀବନରେ ଅରଣ୍ୟ ମଧ୍ୟରେ ଶିଆଳି ଲଟାରେ ଶୋଇଥିବା ସମୟରେ ଶିକାରୀ ଜାରା ଶବର ଶ୍ରୀକୃଷ୍ଣଙ୍କ ସୁନ୍ଦର ପାଦଯୋଡ଼ିକୁ ହରିଣର କାନ ମନେକରି ତୀର ନିକ୍ଷେପ କରିଥିଲା । ତୀର ବିଦ୍ଧ ଶ୍ରୀକୃଷ୍ଣ ଆର୍ତ୍ତଚିତ୍କାର କଲା ଉତ୍ତାରୁ ମଣିଷ କଣ୍ଠସ୍ୱର ଶୁଣି ଜାରା ଶବର ନିଜର ଭ୍ରମ ବୁଝିପାରି ଭୟରେ ଧାଇଁ ପଳାଇଥିଲା । ଶ୍ରୀକୃଷ୍ଣ ଧାବମାନ ଜାରାକୁ ବାରଣ କରି ତାକୁ ନ ଧାଇଁବା ପାଇଁ ଅନୁରୋଧ କଲେ । ସେହି ନଧାଆଁ ଧାଆଁନାହିଁ ଶବ୍ଦରୁ ନଧା/ନୋଧା/ଲୋଧା ଗୋଷ୍ଠୀର ଉତ୍ପତ୍ତି ହୋଇଥିବା ବିଷୟ ଲୋଧାମାନେ କହନ୍ତି ।

ପ୍ରଚଳିତ ଲୋକଗଳ୍ପ ଅନୁସାରେ ଦସ୍ୟୁ ରତ୍ନାକର ଲୋଧାମାନଙ୍କର ପୂର୍ବ ପୁରୁଷ । ସେ ଜଙ୍ଗଲ ରାସ୍ତାରେ ଲୁଚିରହି ପଥିକ ମାନଙ୍କୁ ହଇରାଣ ହରକତ କରି ସେମାନଙ୍କ ସମସ୍ତ ଜିନିଷ ଲୁଟ୍ କରିବା ସହ ହତ୍ୟା କରୁଥିଲା । ଦିନେ ଭଗବାନ ସାଧୁ ବେଶରେ ସେହି ବାଟରେ ଯାଉଥିବା ବେଳେ ରତ୍ନାକର ତାଙ୍କୁ ବାନ୍ଧି ପକାଇଲା ଓ ତାଙ୍କ ପରାମର୍ଶ ଅନୁସାରେ ଏହି ସବୁ ଅସତ୍ କାର୍ଯ୍ୟର ଫଳ ପାପରଭାଗୀ ହେବା ବିଷୟରେ ନିଜର ପରିବାର ସଦସ୍ୟମାନଙ୍କୁ ପଚାରିବାକୁ ଗଲା । ଫେରି ଆସି ନିଜର ଭୁଲ ବୁଝିପାରି ପରିବର୍ତ୍ତିତ ମନର ଦୃଢ଼ ସଂକଳ୍ପ କ୍ରମେ ରାମନାମ ଉଚ୍ଚାରଣରେ ଅସମର୍ଥ ରତ୍ନାକର ମରାମରା ଜପ କରି ସିଦ୍ଧ ହୋଇ ବାଲ୍ମୀକି ମହର୍ଷି ରୂପରେ ପୁର୍ନଜନ୍ମ ଲାଭ କରିଥିଲେ । ପୂର୍ବର ସେହି ଦସ୍ୟୁ ରତ୍ନାକର ଲୁବ୍‌ଧକ ରୂପେ ଲୁଣ୍ଠନକାରୀ କାର୍ଯ୍ୟ କରୁଥିବା ହେତୁ ଆଜିର ଲୋଧାମାନେ ସେପରି କାର୍ଯ୍ୟ କରିଥାନ୍ତି ଓ ତାଙ୍କରି ବଂଶଧର ବୋଲି ଦାବୀ କରନ୍ତି ।

ଭାରତର ଜନଗଣନା ରିପୋର୍ଟ (୧୯୦୧) ଅନୁସାରେ ଲୋଧାମାନେ ପ୍ରକୃତ ପକ୍ଷେ ମଧ୍ୟପ୍ରଦେଶରୁ ସ୍ଥାନାନ୍ତରିତ ହୋଇଛନ୍ତି । ସେଠାରେ ଲୋଧ/ନୋଧ/ଲୁଧ୍ ନାମରେ କୃଷି ନିର୍ଭରଶୀଳ ବିଶାଳ ଜନଗୋଷ୍ଠୀ ଅଦ୍ୟାବଧି ବାସ କରୁଥିବାର ଦେଖାଯାଏ । ମେଦିନୀପୁର ଜିଲ୍ଲା ମାଜିଷ୍ଟ୍ରେଟ୍ ରିସ୍‌ଲିଙ୍କ ମତରେ ଲୋଧାମାନେ ଶବରଙ୍କ ସହ ସଂପର୍କିତ । ଅପର ପକ୍ଷରେ ମୟୂରଭଞ୍ଜ ଜିଲ୍ଲାରେ ବାସ କରୁଥିବା ଶବରମାନେ ଲୋଧାମାନଙ୍କ ଅପେକ୍ଷା ଉନ୍ନତତର । ହିନ୍ଦୁ ବ୍ରାହ୍ମଣମାନେ ସେମାନଙ୍କର ପୁରୋହିତ ରୂପେ କାର୍ଯ୍ୟ କରନ୍ତି । ଉଚ୍ଚ ବର୍ଣ୍ଣର ହିନ୍ଦୁଙ୍କର ଖଟଣୀ ବାରିକ ଧୋବା ସେମାନଙ୍କୁ ବାରିକ ଓ ଧୋବା ଭାବରେ ନିଯୁକ୍ତ ହୋଇଥାନ୍ତି । ସେମାନେ ଉଚ୍ଚଜାତିର ହିନ୍ଦୁମାନଙ୍କୁ ଜଳ ଦେଇ ପାରନ୍ତି ଏବଂ ସେମାନଙ୍କର ବାସନ ସଫା କରିପାରନ୍ତି ଯାହା ନୋଧା ମାନଙ୍କର କ୍ଷେତ୍ରରେ ନିଷିଦ୍ଧ କାର୍ଯ୍ୟ । ମେଦିନୀପୁର ସହରରେ ବାସ କରୁଥିବା

ଚିରମାର ମାନେ ଏମାନଙ୍କର ବଂଶଧର ରୂପେ ପରିଗଣିତ ହୁଅନ୍ତି । ସେମାନେ ସାଧାରଣତଃ ଜାଲଦ୍ୱାରା ଚଢ଼େଇ ଶିକାର କରନ୍ତି । ସେମାନେ ଟସର, ଗୋଟି ପୋକ, ଲାଖ, ଝୁଣା, ମହୁ, ମହମ ଆଦି ସଂଗ୍ରହ କରି ଜୀବିକାନିର୍ବାହ କରନ୍ତି । ମେଦିନୀପୁରରେ ସେମାନେ ବହୁ ବିବାହ ପ୍ରଥା ଅନୁସରଣ କରନ୍ତି । ସେମାନଙ୍କ ଗୋଷ୍ଠୀର କୋଟାଲମାନେ ସେହି ଗୋଷ୍ଠୀର ବିବାହ କାର୍ଯ୍ୟ ସଂପାଦନ କରନ୍ତି । ବର କନ୍ୟାର ହାତରେ ଲୁହାବଲା ପିନ୍ଧାଇବା ସହ ମଥାରେ ସିନ୍ଦୁର ପିନ୍ଧାଏ । ଶୀତଳା ସେମାନଙ୍କର ମୁଖ୍ୟ ଆରାଧ୍ୟା ଦେବୀ । ସେମାନେ ଶବଦାହ କରନ୍ତି ଓ ୧୧ଦିନ ପର୍ଯ୍ୟନ୍ତ ମୃତାଶୌଚ ପାଳନ କରନ୍ତି । ଏଗାର ଦିନରେ ସେମାନେ ବାଳ ଦାଢ଼ି କାଟି ଲୁଗାପଟା ସଫାକରି ଶୌଚକ୍ରିୟା ସଂପନ୍ନ କରନ୍ତି ଏବଂ ଜଣେ ଆଚାର୍ଯ୍ୟ ବ୍ରାହ୍ମଣ କିମ୍ବା ବୈଷ୍ଣବ ଗୋସାଇଁଙ୍କୁ କିଛି ପରିମାଣର ଚାଉଳ ଓ ଅଳ୍ପ ଅର୍ଥଦାନ ଦିଅନ୍ତି ।

ମେଦିନୀପୁର ଜିଲ୍ଲା ଗେଜେଟିଅର (୧୯୩୧)ରେ ଲୋଧାମାନଙ୍କର ଅପରାଧ ପ୍ରବଣତା ସଂପର୍କରେ ଏପରି ଉଲ୍ଲେଖ ରହିଅଛି ଯେ ମେଦିନୀପୁର ଓ ତାର ସୀମାନ୍ତ ଇଲାକାରେ ଡକାୟତି ଫଳରେ ଗଣ୍ଡଗୋଳ ଘଟୁଅଛି । ଏ ସବୁ ମୁଖ୍ୟତଃ ଲୋଧାଙ୍କର କାମ । ଲୋଧାମାନେ ନାରାୟଣ ଗଡ଼ ଓ ପାର୍ଶ୍ୱବର୍ତ୍ତୀ ଥାନାଞ୍ଚଳରେ ଦେଖାଯାଆନ୍ତି । କଥା ସମ୍ରାଟ ଫକୀର ମୋହନ ସେନାପତି ଆତ୍ମଜୀବନ ଚରିତରେ ମଧ ଲେଖିଛନ୍ତି:

" ହଳଦୀ ମଖାମଖି
ନାରାୟଣଗଡ଼ ପାରିହେଲେ କୁଟୁମ୍ବ ଦେଖାଦେଖି । "

ଏକଦା ଏ ଅଞ୍ଚଳ ଠଗ/ଦସ୍ୟୁ ଅଧ୍ୟୁଷିତ ଥିଲା । ଠଗମାନେ ପୁରୀ ଜଗନ୍ନାଥ ଦର୍ଶନାର୍ଥୀ ଯାତ୍ରୀମାନଙ୍କର ଅର୍ଥ ଓ ବ୍ୟବହାର୍ଯ୍ୟ ଜିନିଷ ଲୁଣ୍ଠନ କରିବା ସହ ସେମାନଙ୍କୁ ହତ୍ୟା ମଧ କରୁଥିଲେ । ୧୯୫୧ ମସିହାର ଜନଗଣନା ରିପୋର୍ଟରେ ନିମ୍ନ ଲିଖିତ କେତେକ ବିଷୟ ଉଲ୍ଲେଖଥିବାର ଜଣାଯାଏ । ମେଦିନୀପୁରର ପଶ୍ଚିମ ଇଲାକାରେ ଶବର ଗୋଷ୍ଠୀର ଲୋକେ ବାସ କରନ୍ତି ଯେଉଁମାନେ ଐତେରୀୟ ବ୍ରାହ୍ମଣ-ବର୍ଣ୍ଣିତ ଗୋଷ୍ଠୀ ସହିତ ସଂପର୍କିତ । ଯେଉଁ ଯାଯାବର ଜାତିର ଲୋକେ ଏକଦା ଗଂଗାଠାରୁ ଗୋଦାବରୀ ନଦୀ ମଧବର୍ତ୍ତୀ ବିସ୍ତୀର୍ଣ୍ଣ ଅଞ୍ଚଳରେ ବାସକରୁଥିଲେ ସଂପ୍ରତି ସେମାନେ ଲୋଧା ନାମରେ ଶିକାରୀ ଜାତି ରୂପେ ପରିଚିତ ହୋଇଛନ୍ତି ।

**ଅଧ୍ୟୟନର କେନ୍ଦ୍ରଭୂମି :**

**(୧) ପଥରନେସା ଗ୍ରାମ :** ମୟୂରଭଞ୍ଜ ଜିଲ୍ଲାର ବାରିପଦା ସବ୍‌ଡ଼ିଭିଜନ୍ ଅନ୍ତର୍ଗତ ଶୂଳିଆପଦା ଥାନା ଅଧୀନସ୍ଥ କଣ୍ଡିସାହି ଗ୍ରାମ ପଞ୍ଚାୟତ ଅନ୍ତର୍ଭୁକ୍ତ ପଥରନେସା ଏକ ଆଦିବାସୀ ବହୁଳ ଗ୍ରାମ । ଏ ଗ୍ରାମରେ ଲୋଧା ଓ ସାନ୍ତାଳ ଏପରି ଦୁଇଗୋଟି ଜନଗୋଷ୍ଠୀର ଲୋକ ବାସ କରନ୍ତି । ଗ୍ରାମରେ ଲୋଧା ଘର/ପରିବାର ସଂଖ୍ୟା ମୋଟ ୧୦୨। ଲୋକସଂଖ୍ୟା ୩୯୨ । ତନ୍ମଧ୍ୟରୁ

ପୁରୁଷ ୨୧୪ ଜଣ ଓ ସ୍ତ୍ରୀ ୧୭୮ ଜଣ (୧୯୯୭-୯୮)। ସାନ୍ତାଳ ପରିବାର ମୋଟ ୫୩।

ଶୂଳିଆପଦା ବଜାରଛକରୁ କଣ୍ଡିସାହି ଭୋଳା ରାସ୍ତାରେ ୫କି.ମି. ଦୂରରେ ପଥରନେସା ଗ୍ରାମ ଅବସ୍ଥିତ। ଏଠାକାର ଲୋଧା ବସତି ଦୁଇଟି ସାହିରେ ବିଭକ୍ତ। ପଥରନେସା ଓ ଭୁତ୍ରୁଡ଼ିହି। ସାନ୍ତାଳ ବସତି ଗ୍ରାମର ସମ୍ମୁଖ ଭାଗରେ ଅବସ୍ଥିତ ଯାହା ଜୁଲିଆପଲା ମାଝୀ ସାହି ନାମରେ ନାମିତ। ପୁନଶ୍ଚ କେତେକେ ପଥରନେସାଗ୍ରାମକୁ ଉପରସାହି, ମଝିସାହି ଓ ତଳ ସାହି ଏପରି ଭାବରେ କହୁଥିବାର ଜଣାଯାଏ। ଉପରସାହିରେ ମାଝି, ମଝି ସାହି ଓ ତଳ ସାହିରେ ଲୋଧା ଗୋଷ୍ଠୀର ଲୋକେ ବାସ କରନ୍ତି।

ଏହି ଗ୍ରାମର ଲୋଧା ଅଧିବାସୀଙ୍କର ମଧ୍ୟରେ ଭକ୍ତା/ଭଗ୍‌ତା, କଟୁଆଳ, ନାଏକ, ମଲିକ/ମଲ୍ଲିକ, ପରିମାଣିକ ସଂଜ୍ଞାର ଲୋକେ ବାସ କରନ୍ତି। ଗ୍ରାମରେ ମୁଖିଆ, ଦେହୁରୀ, ଡାକୁଆ, ଗୁଣୀ ପ୍ରଭୃତି ପାରମ୍ପରିକ କାର୍ଯ୍ୟାଧିକାରୀ ଅଛନ୍ତି। ଏତଦ୍ ବ୍ୟତୀତ ଗ୍ରାମରେ ଜଣେ ଲୋଧା ସଂପ୍ରଦାୟର ନିର୍ବାଚିତ ମହିଳା ପ୍ରତିନିଧି (ୱାର୍ଡ଼ ମେୟର) ଅଛନ୍ତି।

ଗ୍ରାମର ଅଧିକାଂଶ ଘର ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଛି। ଅଳ୍ପ କେତୋଟି ଭୁଗୁଡ଼ା/ନଡ଼ା ଛପର ଘର ରହିଅଛି। ଘର ଗୁଡ଼ିକ ଛାଡ଼ି ଛାଡ଼ି ଗୋଟା ଗୋଟା।

ଗ୍ରାମରେ ଗୋଟିଏ ଆବାସିକ ସରକାରୀ ଆଶ୍ରମ ବିଦ୍ୟାଳୟ (୭ମ ଶ୍ରେଣୀ ପର୍ଯ୍ୟନ୍ତ), ଗୋଟିଏ ଅଙ୍ଗନ ବାଡ଼ି କେନ୍ଦ୍ର, ଗୋଟିଏ ଲୋଧାମାନଙ୍କର କ୍ଲବ୍, ନନ୍‌ଫର୍ମାଲ୍ ଚାଟଶାଳୀ କେନ୍ଦ୍ର ଗୋଟିଏ, ସାପ୍ତାହିକ ହାଟ, ଦୁଇଗୋଟି ଥାନ-ବଡାମ ଓ ଶୀତଳା ମା ଥାନ ରହିଅଛି। ଗ୍ରାମରେ ପୋଖରୀ, ବନ୍ଧ, ଚୂଆ, ନଳକୂଅ ଓ ପାଖରେ ଖାଲଟିଏ ରହିଅଛି। ଖାଲଟି ପାଲଖାଲ ନାମରେ ନାମିତ ଓ ଏହା ମହାନ୍ତି ନଈ ସହ ମିଶିଛି। ପୂର୍ବେ ଏ ସ୍ଥାନ ଘଞ୍ଚ ଅରଣ୍ୟରେ ପରିପୂର୍ଣ୍ଣ ଥିଲା। ଏବେ ଜଙ୍ଗଲ ବିନଷ୍ଟ ହୋଇଯାଇଛି। ତେବେ ଅବଶିଷ୍ଟ ଜଙ୍ଗଲରେ ଏବେ ମଧ୍ୟ ଶାଳ, କେନ୍ଦୁ, ମହୁଲ, ଅସନ ହରିଡ଼ା, ଚାର, ପ୍ରଭୃତି ଛୋଟ ବଡ଼ ବହୁ ଗଛ ଓ ଔଷଧୀୟ ଗୁଳ୍ମଲତା ରହିଛି।

**କୃଷିଜାତ ଦ୍ରବ୍ୟ :** ଏହି ଗ୍ରାମରେ ବର୍ତ୍ତମାନ ମୁଖ୍ୟତଃ ବୋବେଇ (ସବାଇ), ଧାନ, ଟସର ଏବଂ ସୋରିଷ, ତିଳ ପ୍ରଭୃତି ତୈଳବୀଜ ଚାଷ କରାଯାଇଥାଏ।

**ଅରଣ୍ୟଜାତ ଦ୍ରବ୍ୟ :** ଅରଣ୍ୟରୁ ମୁଖ୍ୟତଃ ଜାଳେଣୀ ଓ ଘର ଉପକରଣ ଉପଯୋଗୀ କାଠ, ମହୁଲ, ଶାଳ ଓ ଚାର ମଂଜି ସଂଗୃହିତ ହୁଏ। ଶାଳପତ୍ର, କେନ୍ଦୁପତ୍ର, ମହୁ, ଝୁଣା, ସହିତ ଲୋଧାମାନେ ଔଷଧୀୟ ଚେର ମୂଳୀ, ବହୁ ପ୍ରକାର ଖାଦ୍ୟୋପଯୋଗୀ ଆଳୁ, କନ୍ଦମୂଳ ଓ ଫଳ ସଂଗ୍ରହ କରିଥାନ୍ତି।

**ଗମନାଗମନ :** ଗମନାଗମନର ସୁବିଧା ନିମେନ୍ତ ଗାଁର ମଝିରେ ମୋରମର କଚା ରାସ୍ତା ନିର୍ମିତ ହୋଇଛି।

ପ୍ରାୟ ଆଠ/ଦଶ ବର୍ଷ କିମ୍ବା କିଛି ଅଧିକ ବର୍ଷ ପୂର୍ବେ ପଥରନେସା ଗ୍ରାମରେ ଲୋଧା ଓ ମାଝୀମାନେ ମିଳିମିଶି ବାସ କରୁଥିବାର ଜଣାଯାଏ । ବିଭିନ୍ନ କାରଣରୁ ଗଣ୍ଡଗୋଳ ହେବା ଫଳରେ ଲୋଧାମାନଙ୍କୁ ସରକାର ଡ଼ିହ ଜମି ଯୋଗାଇଦେଇ ସେମାନଙ୍କୁ ଗୋଟିଏ ସାହିରେ ବସବାସ କରିବାର ବନ୍ଦୋବସ୍ତ କରିଦେଇଛନ୍ତି । ଲୋଧା ସାହି ପୁଣି ମଝିସାହି ଓ ତଳ ସାହି ନାମରେ ବିଭକ୍ତ ।

(୨) ଧବଣି ଗ୍ରାମ: ଧବଣିଗ୍ରାମ ଶୂଳିଆପଦା ଥାନା ଅନ୍ତର୍ଗତ ବାଘଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଭୁକ୍ତ । ଏହା ଶୂଳିଆପଦା ବ୍ଲକଠାରୁ ୧୪ କି.ମି. ଦୂର ଓ ବାଘଡାଠାରୁ ୫ କି.ମି. ଦୂର । ଧବଣି ଲୋଧା କଲୋନୀ (ଶଁଶାଶୋଳ)ରେ ମୋଟ ପରିବାର/ଘର ସଂଖ୍ୟା ୪୬। ଲୋକସଂଖ୍ୟା ୧୭୩, ପୁରୁଷ ୯୫, ସ୍ତ୍ରୀ ୭୮ ଜଣ । ଏଠାରେ ନାଏକ ଓ ମଲ୍ଲିକ ସଂଜ୍ଞାଧାରୀ ଲୋଧା ବଂଶର ଲୋକେ ବାସ କରନ୍ତି । ତଳସାହିରେ ପୁରାଣ ଓ ବାରିକ ମିଶି ୪୩ ଘର । ଧବଣି ଗ୍ରାମରେ ଉଚ୍ଚ ପ୍ରାଥମିକ (୫ମ ଶ୍ରେଣୀ ପର୍ଯ୍ୟନ୍ତ) ବିଦ୍ୟାଳୟ, ଗୋଟିଏ ବାଲବାଡ଼ି - ନିଖିଳ ଭାରତ ବନବାସୀ ପଞ୍ଚାୟତ ସମିତି ଶିଶୁ ବିକାଶ କେନ୍ଦ୍ର ଓ ଲୋଧାଉନ୍ନୟନ ସଂସ୍ଥା ମୋରଡ଼ା ତରଫରୁ ନିର୍ମିତ ଗୋଟିଏ ପକ୍କା କ୍ଲବ୍ ଘର ରହିଅଛି । କ୍ଲବ୍ ଘରକୁ ବିଦ୍ୟୁତ୍ ସଂଯୋଗ ହୋଇଛି । କ୍ଲବ୍‌ଘରେ ଗୋଟିଏ ଟି.ଭି. ସେଟ୍ ରହିଅଛି ।

ଏହି ଗ୍ରାମରେ ଜଣେ ଲୋଧା ଲୋକ ପ୍ରତିନିଧି ୱାର୍ଡ଼ ମେମ୍ବର ଅଛନ୍ତି । ସେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି । ତାଙ୍କ ସ୍ତ୍ରୀ ଅଙ୍ଗନବାଡ଼ି ଉପକେନ୍ଦ୍ରରେ ସହାୟିକା ଭାବେ କାର୍ଯ୍ୟକରୁଛନ୍ତି । ସେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି ।

ଗ୍ରାମରେ ଗୋଟିଏ ବନ୍ଧ, ଗୋଟିଏ ନଳକୂଅ,ଦୁଇଗୋଟି କୂଅ, ଦୁଇଗୋଟି ଗଭୀର ନଳକୂଅ ରହିଅଛି । ଗ୍ରାମରେ ଗୋଟିଏ ଥାନ ରହିଅଛି ।

ଗାଁରେ ଲୋଧାଘର ଗୁଡ଼ିକ ଲୋଧା ଉନ୍ନୟନ ସଂସ୍ଥା ତରଫରୁ ଯୋଗାଇ ଦିଆଯାଇଛି । ଘର ଗୁଡ଼ିକ ମାଟି କାନ୍ଥ, ଟାଇଲ୍ କିମ୍ବା ଆଜବେଷ୍ଟସ୍ ଛପର । ଏକ କୋଠରି ବିଶିଷ୍ଟ ଘରେ ଗୋଟିଏ ଦ୍ୱାର ଓ ଗୋଟିଏ ଝରକା । ଗାଁରେ ଗୋଟିଏ ଦୁଇଟି ମାଟିଘର, ଚାଳ ଛପର । ଘର ଗୁଡ଼ିକ ଛାଡ଼ିଛାଡ଼ି ହୋଇ ଅବସ୍ଥିତ ।

ଗ୍ରାମରେ ନଡ଼ିଆ, ଆମ୍ବ, ପଣସ, ପିଜୁଳି, ଲେମ୍ବୁ ପ୍ରଭୃତି ଫଳଗଛ ଅଛି । ପାଖରେ ବଣ । ବଣରେ ଶାଳ, ମହୁଲ, କେନ୍ଦୁ, ଅସନ, ଚାର ପ୍ରଭୃତି ଗଛ ଓ ଅନ୍ୟାନ୍ୟ ଲତା, ଗୁଳ୍ମ ରହିଅଛି ।

**ଗୃହପାଳିତ ପଶୁପକ୍ଷୀ :** ଛେଳି, ଗୋରୁ, କୁକୁଡ଼ା, କୁକୁର, ଗୁଣ୍ଡୁରୀ ଓ ଚିଡ଼ୁରୀ (ଶିକାରପାଇଁ) ପ୍ରଭୃତି ଗୃହପାଳିତ ପଶୁପକ୍ଷୀ ଥିବାର ଦେଖାଯାଏ ।

**କୃଷିଜାତ ଦ୍ରବ୍ୟ :** ଏଠାରେ ୩୦ଟି ଲୋଧା ପରିବାରକୁ ସରକାରଙ୍କ ତରଫରୁ ୨ ଏକର ଲେଖାଁଏ ଚାଷ ଜମି ଯୋଗାଇ ଦିଆଯାଇଛି । ଚାଷର ସୁବିଧା ପାଇଁ ଜଳସେଚନ ନିମନ୍ତେ ଗଭୀର ନଳକୂଅ ବସାଯାଇଛି ଓ ତାହା ବିଦ୍ୟୁତ୍ ଚାଳିତ ଅଟେ । ଫଳରେ ସେମାନେ ଧାନ, ଗହମ ଓ ତୈଳବୀଜ ଚାଷ କରିବା ସହିତ ବହୁ ପରିମାଣରେ ବୋବେଇ ଉତ୍ପନ୍ନ କରୁଛନ୍ତି ।

**ଅରଣ୍ୟଜାତ ଦ୍ରବ୍ୟ :** ସେମାନେ ଅରଣ୍ୟରୁ କାଠ, ମହୁଲ, ଶାଳ ଓ ଚାର ମଂଜି, ମହୁ, ଝୁଣା ପ୍ରଭୃତି ସଂଗ୍ରହ କରନ୍ତି । ଖଲିପତ୍ର ଓ ଦନା ତିଆରି କରିବା ନିମନ୍ତେ ଶାଳପତ୍ର, ବିଡ଼ି ତିଆରି ପାଇଁ କେନ୍ଦୁପତ୍ର ପ୍ରଭୃତି ଅରଣ୍ୟଜାତ ଦ୍ରବ୍ୟ ମଧ୍ୟ ଏମାନେ ସଂଗ୍ରହ କରନ୍ତି ।

ଛଉଦଳ ଗଠନ କରିଛନ୍ତି । ଛଉରେ ଧମସା, ନାଗରା, ମହୁରୀ, ଝୁମ୍‌କା ପ୍ରଭୃତି ବାଦ୍ୟଯନ୍ତ୍ର ରହିଅଛି । ପଣା ସଂକ୍ରାନ୍ତିକୁ (ଛତୁଆ)କୁ ଛଉ ନାଚ ହୁଏ । ଏଠାକାର ଛଉ ଦଳର ନୃତ୍ୟ ଓଡ଼ିଶା ତଥା ଭାରତର ବହୁ ସ୍ଥାନରେ ପ୍ରଦର୍ଶିତ ଓ ପ୍ରଶଂସିତ ହୋଇଛି । ଗ୍ରାମରେ ଛତୁଆ (ପଣାସଂକ୍ରାନ୍ତି), ରଜ, ଚିତଉ ଅମାବାସ୍ୟା, ଗହ୍ମା ପୂର୍ଣ୍ଣିମା, ବାନ୍ଦଣା, ମକର ପ୍ରଭୃତି ପର୍ବ ପାଳନ କରାଯାଏ ।

**ଗମନାଗମନ :** ଗ୍ରାମକୁ ଯିବାପାଇଁ ମୋରମ ରାସ୍ତାଟିଏ ରହିଅଛି । ରାସ୍ତାଟି ସିଂଗଡ଼ା-ବାଘଡ଼ା ମୁଖ୍ୟ ରାସ୍ତା ସହିତ ସଂଯୁକ୍ତ ।

ପୂର୍ବରୁ ଏହି ଗ୍ରାମରେ ପୁରାଣ, ବାରିକ ଓ ଲୋଧାମାନେ ମିଶିକରି ରହୁଥିଲେ । ବର୍ତ୍ତମାନ ଲୋଧାମାନେ ଗୋଟିଏ ସ୍ୱତନ୍ତ୍ର ସାହିରେ ବାସ କରୁଛନ୍ତି ।

**(୩) ସାନ ଝାଉଁରୀ ଗ୍ରାମ :** ଗ୍ରାମ: ଝାଉଁରୀ, ପୋଷ୍ଟ: ଝାଟିଆଡ଼ା, ଦୁଧିଆ ଗ୍ରାମପଞ୍ଚାୟତ, ଥାନା- ଗୋପୀବଲ୍ଲଭ ପୁର, ଜିଲ୍ଲା ମେଦିନୀପୁର । ଏହି ଗ୍ରାମଟି ବଡ଼ଝାଉଁରୀ ଓ ସାନଝାଉଁରୀ ଏହିପରି ଦୁଇ ଭାଗରେ ବିଭକ୍ତ । ଲୋଧାମାନେ ସାନଝାଉଁରୀ ଗ୍ରାମରେ ବାସ କରନ୍ତି । ବଡ଼ଝାଉଁରୀ ଗ୍ରାମରେ ଭଂଜ ପୁରାଣ ୧୨ ଘର, ସାନ୍ତାଳ ୧୦ ଘର ଓ ରାଜୁ-୨ ଘର ବାସିନ୍ଦା । ଏଠାରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲଟିଏ ଅଛି। ସାନଝାଉଁରୀ ଗ୍ରାମ ପାଖଦେଇ ପଡ଼ିଥିବା ମାଟି ରାସ୍ତା ନୟାଗ୍ରାମ ଥାନାର ନିଘୋଇଠାରେ ପିଚୁ ସଡ଼କ ସହିତ ମିଶି ଗୋପୀବଲ୍ଲଭ ପୁରକୁ ଲାଗିଅଛି । ସାନ ଝାଉଁରୀ ଗ୍ରାମରେ ଲୋଧାପରିବାର ସଂଖ୍ୟା - ୪୭, ଲୋକସଂଖ୍ୟା-୨୧୪ । ପୁରୁଷ ୧୧୧ ଓ ସ୍ତ୍ରୀ ୧୦୩ । ଏଠାରେ ବାସକରୁଥିବା ଲୋଧାମାନଙ୍କର ଭକ୍ତା, ମଲିକ, କଟାଇ, ନାଏକ ଆଦି ସଂଜ୍ଞା ରହିଅଛି । ଏହି ସାନଝାଉଁରୀ ଗ୍ରାମରେ କେନ୍ଦୁପତ୍ରର ସରକାରୀ ଗୋଦାମଟିଏ ରହିଅଛି ।

ଏହି ଗ୍ରାମରେ ୨ଟି ଥାନ - ବଡ଼ାମ/ଗରାମ ଥାନ ଓ ଶୀତଳା ଥାନ । ଦୁଇଗୋଟି ବନ୍ଧ, ସାତଗୋଟି କୂଅ (ପକ୍‌କା ଚୁଆ) ରହିଅଛି । ଗ୍ରାମରେ ଗୋଟଏ ଭୁଷି ଦୋକାନ ରହିଅଛି ।

ଏହି ଗ୍ରାମଟି ମୟୂରଭଞ୍ଜ, ଓଡ଼ିଶା ସୀମାଠାରୁ ଅନ୍ତତଃ ୧୪ କି.ମି. ଦୂରରେ ଅବସ୍ଥିତ । ଓଡ଼ିଶାର ସୀମାନ୍ତ ଶେଷ ଗ୍ରାମର ନାମ ହେଉଛି ପାଲ । ମୁଖ୍ୟ ରାସ୍ତା ପାର୍ଶ୍ୱରେ ବସତି । ବସତି ଭିତରକୁ ସଂଯୋଗକାରୀ ରାସ୍ତାଟିଏ ରହିଛି । ରାସ୍ତାର ଦୁଇ ପାଖରେ ଘର ସବୁ ନିର୍ମିତ ।

ସାନଝାଉଁରୀ ଗ୍ରାମ ଚାରିପାଖରେ ଥିବା ଅରଣ୍ୟରେ ଶାଳ, ମହୁଲ, କେନ୍ଦୁ, ଚାର, ଅସନ ପ୍ରଭୃତି ବହୁ ଜାତିର ସାନ ବଡ଼ ଗଛ ଓ ଔଷଧୀୟ ଲତା ଗୁଳ୍ମ ରହିଅଛି ।

ଏହି ଗ୍ରାମରେ ଲୋଧାମାନେ ପୁରୁଷାନୁକ୍ରମରେ ସ୍ଥାୟୀ କୃଷକ ଭାବରେ ବାସ କରୁଛନ୍ତି । ସେମାନଙ୍କର ଚାଷ ଜମି, ହଳ ଓ ବଳଦ ଅଛି । ଗ୍ରାମର କେତୋଟି ଘର ମାଟିର ଦୋତାଲା ତଥା ଟାଇଲ୍ ଛପର । କେତେକ ନଡ଼ା ଛପର । ଗ୍ରାମର ସ୍ୱଚ୍ଛଳ ବ୍ୟକ୍ତିଙ୍କ ମଧ୍ୟରେ ଭୁବନ ଭକ୍ତା ଦୁଇଶହ ମାଣ ଜମିଥିବା ବଡ଼ଚାଷୀ । ଅନେକ ଜମି ବିକ୍ରି କରି ଦେବାପରେ ତାଙ୍କର ବର୍ତ୍ତମାନ ଆଉ ୨୦/୨୫ ମାଣ ଚାଷ ଜମି ରହିଅଛି ।

ଗୃହପାଳିତ ପଶୁ :ଏହି ଗ୍ରାମର ଲୋଧାଲୋକେ ବଳଦ, ଗାଈ, ଛେଳି, କୁକୁଡ଼ା, କୁକୁର ପ୍ରଭୃତି ପଶୁ ପକ୍ଷୀ ପାଳନ କରିଛନ୍ତି ।

କୃଷି ଉତ୍ପାଦିତ ଦ୍ରବ୍ୟ : ଗ୍ରାମର ଲୋକେ କୃଷି ଉପରେ ଅତ୍ୟାଧିକ ନିର୍ଭର କରନ୍ତି । ଧାନ, ଗହମ, ସବାଇ, ସୋରିଷ, ଡିଳ,ପ୍ରଭୃତି ଚାଷହୁଏ ।

ଅରଣ୍ୟଜାତ ଦ୍ରବ୍ୟ : ସାନଝାଉଁରୀ ଚାରିପାଖରେ ଶାଳର ଜଙ୍ଗଲ । ଶାଳ ବ୍ୟତୀତ ଜଙ୍ଗଲରେ ମହୁଲ, ଚାର, କେନ୍ଦୁ, ପ୍ରଭୃତି ଗଛ ଓ ଲତାଗୁଳ୍ମ ରହିଅଛି । ଅରଣ୍ୟରୁ ମହୁ, ଝୁଣା, ଶାଳ ଓ କେନ୍ଦୁପତ୍ର, ଚାର, ଶାଳ ଓ ମହୁଲ ମଂଜି, ମହୁଲ ଫୁଲ, ଜାଳେଣୀ କାଠ ପ୍ରଭୃତି ସଂଗୃହୀତ ହୁଏ ।

ଅରଣ୍ୟ ମଧ୍ୟରେ ଲୋଧାମାନେ ବୋବେଇ ଲଗାଇଥିବାର ଦେଖାଯାଏ । ଏହାହିଁ ହେଉଛି ଲୋଧା ଗୋଷ୍ଠୀଜୀବନ ସଂପର୍କିତ ଅଧ୍ୟୟନର ପୃଷ୍ଠଭୂମି ।

❑

# ଦ୍ୱିତୀୟ ଅଧ୍ୟାୟ

# ଲୋଧାଙ୍କର ସାମାଜିକ ଜୀବନ ଓ ସାଂସ୍କୃତିକ ପରମ୍ପରା

## ଲୋଧା ସମାଜ-ଗୋଷ୍ଠୀତତ୍ତ୍ୱ :

ଏହା ନୋଧ, ଲୋଧ କିମ୍ବା ଲୋଧା ନାମରେ ପରିଚିତ ଏକ ଆଦିମ ଜନଗୋଷ୍ଠୀ । କେତେକଙ୍କ ମତରେ ସଂସ୍କୃତ ଲୁବ୍ଧକ ଶବ୍ଦର ଅପଭ୍ରଂଶ ରୂପ ଲୋଧା ହୋଇଅଛି । ଏହି ସିଦ୍ଧାନ୍ତ ସମୀଚୀନ ବୋଲି ମନେହୁଏ । ଆଲୋଚ୍ୟ ଆଦିମ ଜନଗୋଷ୍ଠୀର ଲୋକେ ମଧ୍ୟପ୍ରଦେଶ, ଓଡ଼ିଶାର ମୟୂରଭଞ୍ଜ, ପୂର୍ବତନ ବିହାର ପ୍ରଦେଶର ସିଂହଭୂମ ଓ ପଶ୍ଚିମ ବଙ୍ଗଳାର ମେଦିନୀପୁର ଜିଲ୍ଲାରେ ମୁଖ୍ୟତଃ ବାସ କରୁଥିବାର ଦେଖାଯାଏ । ମଧ୍ୟ ପ୍ରଦେଶରେ ଏମାନେ ମୂଳତଃ ବାସ କରୁଥିଲେ ଓ ସେଠାରେ ପ୍ରଭୂତ ଭୂସଂପତ୍ତିର ଅଧିକାରୀ ରୂପେ ସମ୍ମାନ ଜନକ ଠାକୁର ଉପାଧିରେ ଭୂଷିତ ହୋଇଥିବାର ଜଣାଯାଏ । ଲୋଧାମାନେ କେତେବେଳେ ନିଜକୁ ଲୋଧା-ଖଡ଼ିଆ କେତେବେଳେ ଲୋଧାଶବର ରୂପେ ଅଭିହିତ କରି ପୌରାଣିକ ଜାରା ଶବର କିମ୍ବା କିମ୍ବଦନ୍ତୀର ସୁବିଖ୍ୟାତ ବିଶ୍ୱାବସୁ ଶବରଙ୍କ ବଂଶଧର ଭାବରେ ପରିଚିତ କରାଇଥାନ୍ତି ।

ଲୋଧା ଗୋଷ୍ଠୀର ଲୋକେ ପିତୃ ଶାସିତ, ପିତୃକୈନ୍ଦ୍ରିକ ପରିବାରର ଅନ୍ତର୍ଭୁକ୍ତ । ସେମାନେ କେବଳ ନିଜ ଗୋଷ୍ଠୀ ମଧ୍ୟରେ ବିବାହ କରନ୍ତି । ସ୍ୱ ଗୋତ୍ରରେ ବିବାହ ନିଷିଦ୍ଧ । ବିବାହ ପର କନ୍ୟାବର ଘରକୁ ଯାଇ ରହେ । ବିବାହ ପରେ କନ୍ୟା ପିତୃ ବଂଶର ଗୋତ୍ର ଓ ସଂଜ୍ଞା ପରିତ୍ୟାଗ କରି ସ୍ୱାମୀଙ୍କର ଗୋତ୍ର ଓ ସଂଜ୍ଞା ଗ୍ରହଣ କରେ । ଅବିବାହିତ ଅବସ୍ଥାରେ କନ୍ୟା ବାପାଙ୍କ ଘରେ ମୃତ ଶୌଚବିଧି ପୂର୍ଣ୍ଣଭାବରେ ପାଳନ କରୁଥିବା ବେଳେ ବିବାହ ପରେ ପିତା ମାତାଙ୍କ ମୃତ୍ୟୁ କ୍ଷେତ୍ରରେ ତିନିଦିନ ଅଶୌଚ ପାଳନ କରିଥାଏ ।

ଲୋଧା ମାନଙ୍କର ସାକ୍ଷରତା ହାର ଖୁବ୍ କମ୍ । ଆର୍ଥିକ ଅବସ୍ଥା ଅତି ନ୍ୟୂନ ତଥା ସାମାଜିକ ସ୍ତରରେ ଅନ୍ୟମାନଙ୍କ ଦୃଷ୍ଟିରେ ସେମାନେ ଘୃଣିତ । ଲୋଧା ପୁରୁଷମାନେ ସାଧାରଣତଃ ଅଳସୁଆ ଓ କର୍ମକୁଣ୍ଠ । ସ୍ତ୍ରୀ ଲୋକେ କର୍ମ ଚଞ୍ଚଳ ଓ କଷ୍ଟ ସହିଷ୍ଣୁ । ଶାରିରୀକ ସଂରଚନାରେ ଏମାନଙ୍କର ରଂଗ ପାଉଁଶିଆ କଳା, ଉଚ୍ଚତା ମଧ୍ୟମ, ଚକ୍ଷୁ ତୀକ୍ଷ୍ଣ, ଶରୀର ଦୃଢ଼ ଓ ପରିପୁଷ୍ଟ, ସ୍ୱାସ୍ଥ୍ୟବାନ, ଅନୁଚ୍ଚ ଲମ୍ୱ ନାସିକା । ସେମାନେ ବଳବାନ ପୌରୁଷର ଅଧିକାରୀ ।

ଲୋଧାଙ୍କର ନଅ ଗୋଟି ବଂଶ ଅଛି । ପ୍ରତ୍ୟେକ ବଂଶର ସ୍ୱତନ୍ତ୍ର ସଂଜ୍ଞା ଓ ଗୋତ୍ର ରହିଅଛି । ନିମ୍ନରେ ଏହାର ଏକ ତାଲିକା ପ୍ରଦତ୍ତ ହେଲା ।

## (ବଂଶ ଗୋତ୍ର ତାଲିକା)

| କ୍ର. ନଂ. | ବଂଶର ନାମ | ଗୋତ୍ର |
|---|---|---|
| ୧. | ଭକ୍ତା/ଭୁକ୍ତା, ଭଗ୍‌ତା | ଚୁରକୀ/ବୟାଁଆଳୁ |
| ୨. | ମଳିକ/ମଲିକ | ମକର/ମଗର, ଶାଳମାଛ |
| ୩. | କଟୁଆଳ/କଟାଳ/କୋଟାଲ | ଚନ୍ଦ୍ର ଏବଂ ଫିଡ଼ିଙ୍ଗ ( ଝିଣ୍ଡିକା) |
| ୪. | ନାଏକ/ଲାଏକ/ଲାଇକ | ଶାଳମାଛ |
| ୫. | ଦିଗର | କଚିମ (କଇଁଛ) |
| ୬. | ପରମାଣିକ/ପ୍ରାମାନିକ | ମାଣିକ ପକ୍ଷୀ |
| ୭. | ଦଣ୍ଡପାଟ/ବାଘ | ବାଘ |
| ୮. | ଆହାଡ଼ି/ଆଡ଼ି/ପାହାଡ଼ି | ଚନ୍ଦାମାଛ |
| ୯. | ଭୂୟାଁ/ଭୂଇୟାଁ | ଶାଳମାଛ |

**ଭକ୍ତା/ଭୁକ୍ତା/ଭଗ୍‌ତା :** ଏ ବଂଶର ଲୋକମାନେ ଜଙ୍ଗଲରେ ହେଉଥିବା ଚୁରକୀ ଆଳୁକୁ ସେମାନଙ୍କର ଗୋତ୍ର ରୂପେ ଗ୍ରହଣ କରିଛନ୍ତି । ଏଥିପାଇଁ ଏମାନେ ଚୁରକୀ ଆଳୁ ଜଙ୍ଗଲରୁ ଖୋଳନ୍ତି ନାହିଁ କିମ୍ବା ଖାଆନ୍ତି ନାହିଁ । ଜଙ୍ଗଲରେ ଅନ୍ୟାନ୍ୟ ଚେରମୂଳି ସଂଗ୍ରହ ବେଳେ ଯଦି ଭୁଲ ବଶତଃ ଚୁରକୀ ଆଳୁ କଟିଯାଏ, ତେବେ ତହିଁରୁ ରକ୍ତ ବାହାରୁଥିବାର କେହି କେହି ଦେଖିଥିବାର କହନ୍ତି ।

ଭକ୍ତା ବଂଶ ଛୋଟ ଓ ବଡ଼ ଏହିପରି ଦୁଇ ଭାଗରେ ବିଭକ୍ତ । ବଡ଼ ବଂଶର ଲୋକେ ବଡ଼ ଜାତୀୟ ଚୁରକା ଆଳୁ ଓ ଛୋଟ ବଂଶୀୟ ଭକ୍ତାମାନେ ଛୋଟ ଚୁରକୀ ଆଳୁକୁ ନିଜର ଗୋତ୍ରଭାବେ ଗ୍ରହଣ କରିଥାନ୍ତି । ଏମାନଙ୍କ ଭିତରେ ବିବାହ ନିଷିଦ୍ଧ । ବିବାହ ହେଲେ ବର କିମ୍ବା କନ୍ୟା କୌଣସି ରୋଗରେ ପୀଡିତ ହେବାର କିମ୍ବା ମୃତ୍ୟୁ ବରଣ କରିବାର ବିଶ୍ୱାସ ପ୍ରଚଳିତ ଅଛି । କେତେକଙ୍କ ମତରେ ବଡ଼ ବଂଶର ଲୋକେ ଛୋଟ ବଂଶରୁ କନ୍ୟା ଗ୍ରହଣ କରି ପାରୁଥିବାବେଳେ ଛୋଟ ବଂଶର ପୁରୁଷ ବଡ଼ ବଂଶର କନ୍ୟା ଗ୍ରହଣ କରିବା ନିଷିଦ୍ଧ ।

**ମଳିକ/ମଲିକ :** ଏମାନଙ୍କ ଗୋତ୍ର ମକର ବା ମଗର । ସେମାନଙ୍କ ମଧ୍ୟରେ କେତେକଙ୍କର ଶାଳମାଛ ଗୋତ୍ର ମଧ୍ୟ ରହିଛି । ଏମାନେ ନିଜର ଗୋତ୍ର ମକରକୁ ଛୁଅନ୍ତି ନାହିଁ । ଶାଳମାଛକୁ ଧରନ୍ତି ନାହିଁ । କିମ୍ବା ଖାଆନ୍ତି ନାହିଁ । ଶାଳମାଛ ଦେଖିଲେ ମାଛଟି ରକ୍ତ ପରି ଲାଲରଂଗର ହୋଇଯିବାର କହନ୍ତି ।

କଟୁଆଳ/କଟାଳ/କୋଟାଳ : ଏମାନଙ୍କର ଗୋତ୍ର ଚନ୍ଦ୍ର ଓ ଝିଣ୍ଟିକା । ଏମାନଙ୍କ ମଧ୍ୟରେ କେତେଗୁଡ଼ିଏ ସଂସ୍କାର ପ୍ରଚଳିତ । ପ୍ରତି ଅମାବାସ୍ୟା ତିଥିରେ ପୁରୁଣା ଭାତ ହାଣ୍ଡି ବଦଳ କରନ୍ତି ନୂଆ ହାଣ୍ଡିରେ ରାନ୍ଧନ୍ତି । ସେମାନେ କେବେ ଫିଡ଼ିଙ୍ଗି ବା ଝିଣ୍ଟିକାକୁ ମାରନ୍ତି ନାହିଁ ଏପରିକି ଆଘାତ ମଧ୍ୟ କରନ୍ତି ନାହିଁ । ଝିଣ୍ଟିକାଗୁଡ଼ିକ ଚନ୍ଦ୍ରଙ୍କର ସନ୍ତାନ ହୋଇଥିବାରୁ ସେମାନଙ୍କୁ ନିଜର ଜ୍ଞାତି ଦୃଷ୍ଟିରେ ଦେଖନ୍ତି । କଟୁଆଳ/କଟାଳ ମାନେ ଲୋଧାମାନଙ୍କ ସମାଜରେ ଶ୍ରେଷ୍ଠ ଆସନର ଅଧିକାରୀ । ସେମାନେ ଲୋଧାମାନଙ୍କୁ ବିବାହ କରନ୍ତି ।

କଟୁଆଳମାନେ ସାଧାରଣତଃ ଗାଁରେ ଡାକୁଆ ଭାବରେ କାର୍ଯ୍ୟ କରିଥାନ୍ତି । ବିବାହବେଳେ ଏମାନେ ପୁରୋହିତର କାର୍ଯ୍ୟ ତୁଲାଇଥାନ୍ତି ।

ନାଏକ/ଲାଏକ/ଲାୟିକ : ଲାଏକ/ଲାୟିକ ସାଧାରଣତଃ ଦେଶୀୟ ପାଇକଙ୍କୁ ବୁଝାଏ । କିନ୍ତୁ ନାଏକ ଏମାନଙ୍କର ସର୍ଦ୍ଦାର ରୂପ ପରିଗଣିତ ହୁଅନ୍ତି । ଏମାନଙ୍କର ଗୋତ୍ର ଶାଳମାଛ । ନାଏକମାନେ ସାଧାରଣତଃ ଛୋଟ ଓ ବଡ଼ ଏପରି ଦୁଇ ଭାଗରେ ବିଭକ୍ତ ।

ଦିଗର : ଏମାନଙ୍କର କଇଁଚ (କଇଁଛ) ଗୋତ୍ର । ଏମାନେ କଇଁଚ (କଇଁଛ) ଧରନ୍ତି ନାହିଁ କି ଖାଆନ୍ତି ନାହିଁ । କଇଁଚ (କଇଁଛ) ଦେଖିଲା ପରେ ଗାଧୋଇବାକୁ ହୁଏ ବୋଲି କେହି କେହି କହନ୍ତି ।

ପରମାଣିକ : ଏମାନଙ୍କର ଗୋତ୍ର ମାଣିକ ପକ୍ଷୀ । ଏହା ଏକ ପ୍ରକାର ବଡ଼ ଧରଣର ପକ୍ଷୀ । ଏମାନେ ଏହି ପକ୍ଷୀକୁ ଧରନ୍ତି ନାହିଁ କିମ୍ବା ସେମାନଙ୍କର ମାଂସ ଖାଆନ୍ତି ନାହିଁ ।

ଦଣ୍ଡପାଟ କିମ୍ବା ବାଘ : ଏ ବଂଶର ଗୋତ୍ର ବାଘ । ବଣରେ ବାଘର ରଡ଼ି ଶୁଣିଲେ ଏମାନେ ହାତ ଯୋଡ଼ି ପ୍ରଣାମ କରନ୍ତି । ଏମାନେ କେବେ ବାଘକୁ ମାରନ୍ତି ନାହିଁ । ପ୍ରାଚୀନ ଓଡ଼ିଶାରେ ଦଣ୍ଡପାଟମାନେ ସମ୍ମାନ ଜନକ ଆସନରେ ଅଧିକାରୀ ଥିବାର ପ୍ରମାଣ ମିଳେ ।

ଆଡ଼ି, ଆହାଡ଼ି/ପାହାଡ଼ି : ଏମାନେ ଚନ୍ଦାମାଛକୁ ନିଜର ଗୋତ୍ର ରୂପ ଗ୍ରହଣ କରନ୍ତି । ଏମାନେ କେବେ ଚନ୍ଦାମାଛ ଧରନ୍ତି ନାହିଁ କିମ୍ବା ଖାଆନ୍ତି ନାହିଁ । ଏ ଗୋତ୍ରର ସ୍ତ୍ରୀଲୋକେ ଶଂଖା ବ୍ୟବହାର କରନ୍ତି ନାହିଁ । କ୍ଷେତ୍ର ଅଧ୍ୟୟନ ସମୟରେ ହାଣ୍ଡିଭଙ୍ଗା ଗ୍ରାମରେ ଏପରି ସଂଜ୍ଞା ଥିବା ଗୋଟିଏ ଆହାଡ଼ି/ପାହାଡ଼ି ବଂଶ ବାସ କରୁଥିବାର ପରିଲକ୍ଷିତ ।

ଭୂୟାଁ/ଭୂଇୟାଁ : ଏମାନଙ୍କର ଗୋତ୍ର ଶାଳମାଛ । ଏମାନେ ଏମାଛ ଖାଆନ୍ତି ନାହିଁ ।

ପରିବାର : ଲୋଧାମାନେ ସାଧାରଣତଃ ଛୋଟ, ଏକାନ୍ନବର୍ତ୍ତୀ ଓ ବଡ଼ ପରିବାର ମଧ୍ୟରେ ବାସ କରନ୍ତି । ତେବେ ଆର୍ଥିକ ସ୍ୱଚ୍ଛଳତା ଉପରେ ପରିବାରର ଆକାର ପ୍ରକାର ନିର୍ଭର କରିଥାଏ । ଅଧିକାଂଶ କ୍ଷେତ୍ରରେ ପୁଅ ବିବାହ କଲାପରେ ସ୍ୱତନ୍ତ୍ର ଭାବରେ ରହେ । ବର୍ତ୍ତମାନ ଏପ୍ରଥା ତୁରନ୍ତ ପାଳିତ ହେଉଥିବାର ପରିଲକ୍ଷିତ ହୁଏ । ଅବିବାହିତ ପୁଅ ଝିଅ ବାପା ମାଙ୍କ ପାଖରେ ରହନ୍ତି । ସଦସ୍ୟମାନଙ୍କ ଚାରିତ୍ରିକ ବୈଶିଷ୍ଟ୍ୟକୁ ବିଚାର କରି ପରିବାରର ପ୍ରକୃତି ନିମ୍ନମତେ

ସ୍ଥିର କରାଯାଉଛି । ସେଗୁଡ଼ିକ ହେଲା: (୧) ବୁଢ଼ାବାପା ମାଆ କିମ୍ବା ବିବାହିତା ବିଧବା ଅଥବା ପିଲା ନଥିବା ସ୍ୱାମୀ ପରିତ୍ୟକ୍ତା ଝିଅ ରହୁଥିବା ପରିବାର । (୨) ବାପାମାଆଙ୍କ ସହିତ ପ୍ରଥମ ସ୍ତ୍ରୀର ସନ୍ତାନ ସନ୍ତତି ରହୁଥିବାର ପରିବାର । (୩) ଏକାଧିକ ସ୍ତ୍ରୀ, ସେମାନଙ୍କ ସନ୍ତାନ ସହିତ ରହୁଥିବା ପରିବାର । (୪) ଏକାନ୍ନବର୍ତ୍ତୀ ପରିବାର ।

ଲୋଧାମାନେ ପିତୃଶାସିତ, ପିତୃକେନ୍ଦ୍ରିକ ପରିବାରର ଅନ୍ତର୍ଭୁକ୍ତ । ପିତା ହିଁ ପରିବାରର ମୁଖ୍ୟଭାବରେ ପରିଗଣିତ ହୋଇଥାନ୍ତି । ସେ ପରିବାରର ସମସ୍ତ ବିଷୟ ବୁଝନ୍ତି । ପିତାଙ୍କ ମୃତ୍ୟୁ ପରେ ମାଆ କିମ୍ବା ବଡ଼ ଭାଇ ପରିବାରର ମୁଖ୍ୟଭାବେ ପରିଗଣିତ ହୁଅନ୍ତି । ପରିବାର ମଧ୍ୟରେ ବାପାଙ୍କର ମାମୁଁଙ୍କ ସ୍ଥାନ ଘନିଷ୍ଠ ଓ ସମ୍ମାନ ଜନକ ହୋଇଥାଏ । ପରିବାର ମଧ୍ୟରେ ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ଘଟଣାରେ ସାଧାରଣତଃ ଏହାଙ୍କର ମତାମତ ଲୋଡ଼ା ହୁଏ ।

ପରିବାରର ଆକାର ଆୟତନ ସମସ୍ତ ଆର୍ଥିକ ଅବସ୍ଥା ଉପରେ ନିର୍ଭର କରୁଥିବାରୁ ବର୍ତ୍ତମାନ ପ୍ରାୟ ପ୍ରତ୍ୟେକ ଲୋଧା ଗ୍ରାମରେ ବିବାହିତ ପୁଅ ବୋହୂ ସ୍ୱତନ୍ତ୍ର ଭାବରେ ରହୁଥିବାର ଦେଖାଯାଏ । ଝିଅ ବିବାହପରେ ସ୍ୱାମୀଘରେ ରହେ । ପିତୃ ପରିବାରରେ ତାର ପୂର୍ବର ଅଧିକାର ରହେନାହିଁ । ପରିବାରର ଆକାର (୧) ଛୋଟ ପରିବାର - ସ୍ୱାମୀ, ସ୍ତ୍ରୀ ଓ ସନ୍ତାନ ୩ଜଣ କିମ୍ବା କମ୍ । (୨) ମଧ୍ୟାକାର ୪ରୁ ୬ ସଦସ୍ୟ ବିଶିଷ୍ଟ । (୩) ବଡ଼ ପରିବାର ୭ ରୁ ୯ ସଦସ୍ୟ ବିଶିଷ୍ଟ । (୪) ଖୁବ୍ ବଡ଼ ପରିବାର ୧୦ କିମ୍ବା ଅଧିକ ସଦସ୍ୟ ବିଶିଷ୍ଟ ।

ପରିବାର ମଧ୍ୟରେ ସମସ୍ତେ ସମାନ ଭାବରେ ଉପାର୍ଜନକ୍ଷମ ନଥିଲେ ମଧ୍ୟ ଭାଗ ହେଲାବେଳେ ପୁଅମାନଙ୍କ ଭିତରେ ସମ୍ପତ୍ତି ସମାନ ଭାବରେ ଭାଗହୁଏ । ବଡ଼ଭାଇ ବଡ଼ଭାଗ ପାଇବାରବିଧି ମଧ୍ୟ କେଉଁଠି କେଉଁଠି ପ୍ରଚଳିତ ଅଛି ।

ପରିବାର ଭିତରେ କୌଣସି ଗଣ୍ଡଗୋଳ ହେଲେ ବଡ଼ଭାଇ କିମ୍ବା ମାଆ ସେ ସବୁର ସମାଧାନ କରିଥାନ୍ତି । ସମାଧାନ ହୋଇ ନ ପାରିଲେ ବାପା ସେ କଥା ବୁଝି ଦିଅନ୍ତି । ଏଥିରେ ସମସ୍ୟା ନ ଛିଡ଼ିଲେ ମାମୁଁ, ପିଉସା ପ୍ରଭୃତି ବନ୍ଧୁ ବାନ୍ଧବଙ୍କ ମଧ୍ୟରେ ଆଲୋଚନା କରାଯାଇ ସମସ୍ୟାର ସମାଧାନ ହୁଏ । ବର୍ତ୍ତମାନ ଅନେକ ସ୍ଥଳରେ ଲୋଧାମାନେ ଥାନା ପଞ୍ଚାୟତରେ ପଡ଼ ଓ ସମାଧାନ ହୁଏ । ବର୍ତ୍ତମାନ ଅନେକ ସ୍ଥଳରେ ଲୋଧାମାନେ ଥାନା କିମ୍ବା କୋର୍ଟର ଦ୍ୱାରସ୍ଥ ହେଉଥିବାର ଲକ୍ଷ୍ୟ କରାଯାଏ ।

ପରିବାର ମଧ୍ୟରେ ବିବାହ କିମ୍ବା ମୃତ୍ୟୁ ହେଲେ ନିଜର ଏବଂ ଦୂର ସଂପର୍କବନ୍ଧୁ, ଧର୍ମବନ୍ଧୁ ଲୋଡ଼ା ହୁଅନ୍ତି । ଜ୍ଞାତି, କୁଟୁମ୍ବ ଗ୍ରାମବାସୀମାନେ ମଧ୍ୟ କ୍ରିୟା କର୍ମପାଳନ କରିଥାନ୍ତି ।

ଲୋଧାମାନେ ସାଧାରଣତଃ ଝିଅମାନଙ୍କ ଅପେକ୍ଷା ପୁଅ ଜନ୍ମରେ ଅଧିକ ଖୁସି ହୋଇ ଥାନ୍ତି । କାରଣ ବୁଢ଼ା ବୟସ, ରାଗ ଭୋଗ କିମ୍ବା କୌଣସି କାରଣରୁ ବାପା ଅକ୍ଷମ ହେଲେ ଘରଚଳେଇବାରେ ଦାୟିତ୍ୱ ପୁଅ ବହନ କରିଥାଏ । ଝିଅ ଜନ୍ମ ମଧ୍ୟ ସାଧାରଣତଃ ଆକାଂକ୍ଷିତ ।

ଲୋଧା ସ୍ତ୍ରୀମାନେ ପୁରୁଷମାନଙ୍କ ଅପେକ୍ଷା ଅଧିକ କର୍ମଚଞ୍ଚଳ ହୋଇଥିବାରୁ ପରିବାର ମଧ୍ୟରେ ସେମାନଙ୍କର ସ୍ଥାନ ଗୁରୁତ୍ୱପୂର୍ଣ୍ଣ । ସ୍ତ୍ରୀଲୋକମାନେ ଅରଣ୍ୟରୁ ସଂଗୃହିତ କାଠ ବୋଝମାନ ମୁଣ୍ଡାଇ ନିକଟସ୍ଥ ବସ୍ତି/ବଜାରମାନଙ୍କୁ ବିକ୍ରୟ କରିବାକୁ ନେଇଥାନ୍ତି ।

କୌଣସି ଲୋଧା ପୁରୁଷ ଚୋରି/ଡକାୟତି/ରାହାଜାନି ଘଟଣାରେ ଅଭିଯୁକ୍ତ ହୋଇ ହାଜତରେ ରହିଲେ ପରିବାରର ସ୍ତ୍ରୀଲୋକମାନେ ହିଁ ସଂସାର ସମ୍ଭାଳନ୍ତି । ସାଧାରଣତଃ ଲୋଧା ସ୍ତ୍ରୀ ସ୍ୱାମୀର ଏପରି କାର୍ଯ୍ୟର ବିରୋଧ କରନ୍ତି ନାହିଁ କିମ୍ବା ଏଥିରେ କୌଣସି ଅନ୍ୟାୟ ଅନୀତି ଥିବାର ବୁଝନ୍ତିନାହିଁ । ଗିରଫ ହେବାବେଳେ/ହେଲେ ସ୍ତ୍ରୀମାନେ ଦୃଢ଼ଭାବରେ ପୁରୁଷପକ୍ଷ ସମର୍ଥନ କରନ୍ତି ।

ବୟସ ଓ ଲିଙ୍ଗ ଭେଦରେ ପରିବାର ମଧ୍ୟରେ ପୁରୁଷ ସ୍ତ୍ରୀଙ୍କର ସମ୍ମାନ ନିର୍ଦ୍ଦିଷ୍ଟ ହୋଇଥାଏ । ବଡ଼ିଲା ପୁଅ ଝିଅମାନେ ବାପା ମାଆଙ୍କୁ ଘରୋଇ କାମରେ ସାହାଯ୍ୟ କରନ୍ତି । ବିବାହ ଯୋଗ୍ୟା ଝିଅ ଉପରେ ମାଆର ସର୍ବଦା କଡ଼ା ନଜର ରହିଥାଏ । ସେମାନେ ଏକୁଟିଆ ବାହାରକୁ ଯିବାର କଟକଣା ଥାଏ । ପରିବାର ମଧ୍ୟରେ ଶାଶୂ, ବୋହୂ, ନଣନ୍ଦ, ଦିଅରମାନଙ୍କ ମଧ୍ୟରେ ସୁସଂପର୍କ ରହିଥାଏ ।

ସମାଜରେ ବିଭିନ୍ନ ବଂଶର ପରିବାର ଗୁଡ଼ିକ ମଧ୍ୟରେ ସାହାଯ୍ୟ ସହଯୋଗ ଓ ଭ୍ରାତୃଭାବ ପ୍ରତିଷ୍ଠିତ ହୋଇଥାଏ । ଲୋଧାମାନେ ସେମାନଙ୍କର ଆନନ୍ଦ, ଉତ୍ସବ, ଦୁଃଖ, ଦୁର୍ବିପାକ ସବୁ ନିଜ ଗୋଷ୍ଠୀ ମଧ୍ୟରେ ସମୂହ ଭାବେ ଭୋଗ କରିଥାନ୍ତି । ସମାଜରେ ବିଭିନ୍ନ ଗୋଷ୍ଠୀ ଓ ଜାତିର ଲୋକଙ୍କ ସହିତ ସୂର୍ଯ୍ୟ ମୈତ୍ର , ଧର୍ମର (ପୁଅଝିଅ, ଭାଇ ଭଉଣୀ, ସୟା, ସଙ୍ଗାତ, ଶ୍ୱଶୁର, ବାପା, ମାଆ ପ୍ରଭୃତି) ସଂପର୍କ ପ୍ରତିଷ୍ଠିତ ହୋଇଥାଏ । ଏହିପ୍ରକାର ବଂଧୁତ୍ୱ ସାଧାରଣତଃ ଅର୍ଥନୈତିକ ଓ ଧାର୍ମିକ ପ୍ରୟୋଜନହେତୁ ଗଢ଼ି ଉଠେ ।

ବାସଗୃହ : ଆଗରୁ ଲୋଧାମାନେ ସାଧାରଣତଃ ଜଙ୍ଗଲ ଭିତରେ ଝାଟିମାଟିର ଢୁଗୁଡ଼ା (କୁଡ଼ିଆ) ଘରେ ରହୁଥିଲେ । ଜଙ୍ଗଲରୁ ଡ଼ାଳ, ଝାଟି, ବାଉଁଶ ପ୍ରଭୃତି ଆଣି ଲମ୍ବ ଭାବରେ ଠିଆ କରାଇ ବାନ୍ଧି ତାହାକୁ ମାଟି ଗୋବରରେ ଲିପି କାନ୍ଥ କରୁଥିଲେ । କେତେକଙ୍କର ଘର ଚାରିକୋଣିଆ ମାଟିକାନ୍ଥ । ପ୍ରଥମେ ମାଟିରେ କାନ୍ଥ ଉଠାଇ ଦିଆଯାଏ । ପରେ ଘରର ଥାଟ ତିଆରି ହୁଏ । ମଜଭୁତ କାଠ ଲମ୍ବଭାବରେ ପକାଇ ଠେଲାପେଲା ସାହାଯ୍ୟରେ ମୁର୍ଦ୍ଦନୀ ରଖାଯାଏ । ମୁର୍ଦ୍ଦନୀରୁ ବାଉଁଶ କିମ୍ବା ଶାଳ ପ୍ରଭୃତି ବିଭିନ୍ନ କାଠ ଗଜା ତାକୁ ଲମ୍ବ ଭାବରେ ପକାଇ ବୋବେଇ ଦଉଡ଼ିରେ ବାନ୍ଧିଦିଅନ୍ତି । ପରେ ଝାଟିମାଟି, ବାଉଁଶ କଣି, ବତା ପ୍ରଭୃତି ଦେଇ ଥାଟ ସଂପୂର୍ଣ୍ଣ ହେଲେ ବଣୁଆ ଲମ୍ବ ଘାସ କିମ୍ବା କୁଟାରେ ଛପର କରନ୍ତି । ଏପରି ଘର ଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ ଆକାର ପ୍ରକାର ନଥାଏ । ପ୍ରୟୋଜନ ଅନୁସାରେ ଓସାର ଓ ଲମ୍ବ ସ୍ଥିର ହୁଏ । ଏପରି ଘରେ ଗୋଟିଏ ଦ୍ୱାର ଥାଏ । ଝରକା ନଥାଏ । ଦ୍ୱାରରେ କବାଟ ନଥାଏ । ଆବଶ୍ୟକ ହେଲେ ପାଲରେ

ନିର୍ମିତ ପଟିଆ କିମ୍ବା ତାଟି ଦ୍ୱାରା ଘୋଡ଼ାଇ ଦିଆଯାଏ । ଆଗକୁ ଅଣଓସାରିଆ ପିଣ୍ଡା ଥାଏ । ମାଟିରେ ଗୋବର ମିଶାଇ ଲିପା ହୁଏ । ଘରେ ଗୋଟିଏମାତ୍ର କୋଠରି ଥାଏ । ଏହି ପ୍ରକାର ଝୁଗୁଡ଼ା ଘରେ ଲୋଧାମାନେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନ ବିତାଇ ଦିଅନ୍ତି । ପରିବାରର ସମସ୍ତ ଆନୁଷ୍ଠାନିକ କାର୍ଯ୍ୟ ଏଇ ଘରେ ସଂପନ୍ନ ହୋଇଥାଏ ।

ଘର ଭିତରେ ଚୁଲି । ଚୁଲି ପାଖରେ ମାଟିର ଗୋଟିଏ ଉଚ୍ଚସ୍ଥାନ । ଏହା ଇଶାଣ ଥାନ । ଏଠାରେ ଭାତହାଣ୍ଡି ରଖାଯାଏ । ଏହା ଅତ୍ୟନ୍ତ ପବିତ୍ର ସ୍ଥାନ । ଏଠାରେ ପୂର୍ବ ପୁରୁଷଙ୍କ ଆତ୍ମା ନିରନ୍ତର ଅବସ୍ଥାନ କରେ ବୋଲି ସେମାନଙ୍କର ବିଶ୍ୱାସ ।

ଅରଣ୍ୟ ମଧ୍ୟରେ ବାସ କରୁଥିବା ଲୋଧାଙ୍କର ଏପରି ଝୁଗୁଡ଼ା କିମ୍ବା ଅଳ୍ପ କେତୋଟି ମାଟିଘର ଦେଖାଯାଏ । କିନ୍ତୁ ସାନ ଝାଉଁରୀ ପରି ଲୋଧାଚାଷୀ ପରିବାରଗୁଡ଼ିକର ମାଟିଘ ଗୋଟିକିଆ କିମ୍ବା ଦୋତାଲା ଘର, କବାଟ, ୨/୩ଟି କୋଠରି ବିଶିଷ୍ଟ ହୋଇଥାଏ । ଏଠାରେ ଘର ଗୁଡ଼ିକ ଲଗାଲଗି ହୋଇ ବସ୍ତି ବି ଧାଡ଼ିଆ ରାସ୍ତାର ଦୁଇ ପାଖରେ ଅବସ୍ଥିତ । ଘର ଆଗରେ ତୁଳସୀ ଚଉରା । ପାଖକୁ ବଗିଚା ମଧ୍ୟ ଥିବାର ଦେଖାଯାଇଛି ।

ପଥର ନେସା ଓ ଧବଣି ଗ୍ରାମରେ ସରକାରଙ୍କ ତରଫରୁ ଲୋଧା ଉନ୍ନୟନ ସଂସ୍ଥା ମାଧ୍ୟମରେ ଲୋଧା ପୁନର୍ବସତି ଯୋଜନାରେ ମିଳିଥିବା ଘର ଗୁଡ଼ିକ ନିର୍ଦ୍ଦିଷ୍ଟ ଆକାର ପ୍ରକାରର ହୋଇଥାଏ । ପୂର୍ବରୁ ମିଳିଥିବା ଆଇ.ଏଚ୍.ଏସ୍.ର ମାଟି ଘର, ଚାଳ ଛପର ଘରଗୁଡ଼ିକ ପ୍ରାୟ ନାହିଁ । ବର୍ତ୍ତମାନ ଇନ୍ଦିରା ଆବାସ ପ୍ରାୟ ସବୁ ଲୋଧା ପରିବାରକୁ ମିଳିଛି । ଘର ଗୁଡ଼ିକ ମାଟିକାନ୍ଥ । ଆଜବେଷ୍ଟସ୍ କିମ୍ବା ମାଟି/ସିମେଣ୍ଟ ଟାଇଲ ଛପର । ଗୋଟିଏ କୋଠରି । କୋଠରିରେ ଗୋଟିଏ ଦ୍ୱାର ଓ ଗୋଟିଏ ଝରକା । ଏହି ଗ୍ରାମ ଦୁଇଟିରେ ପାରମ୍ପରିକ ରୀତିରେ ତିଆରି କେତେକ ଘର ମଧ୍ୟ ରହିଛି । ଏବେ ଘରଗୁଡ଼ିକ ଛାଡ଼ି ଛାଡ଼ି ରହିଛି ।

କେତେକ ସ୍ଥଳରେ ଲୋଧାମାନେ ଆର୍ଥିକ ତଥା ସାମାଜିକ କାରଣରୁ ନିଜର ପିତୃପୁରୁଷର ଭିଟାମାଟି ଛାଡ଼ି ସମୟ ସମୟରେ ଅନ୍ୟ ଗାଁରେ ବାସ କରୁଥିବାର ଦେଖାଯାଏ । ଲୋଧାମାନଙ୍କର ଘରର ଉପକରଣ ସେମିତି ବିଶେଷ ନଥାଏ । ଜମିବାଡ଼ି ମଧ୍ୟ ସମସ୍ତଙ୍କର ନାହିଁ । ତେଣୁ ଅର୍ଥାଭାବ ସାଙ୍ଗକୁ ଉନ୍ନତ ସଚେତନ ପଡ଼ୋଶୀମାନଙ୍କର ଉନ୍ନାସିକତା, ସାମାଜିକ ବାସନ୍ଦ, ଅସହଯୋଗ, ପୋଲିସ୍ ଓ ପଡ଼ୋଶୀ ମାନଙ୍କର ଜୁଲୁମ୍, ଘରଜୋଇଁଆ ରହିବା, କାମଧନ୍ଦା ସୁଯୋଗ ସୁବିଧା ନେଇ ବିଭିନ୍ନ କାରଣରୁ ଲୋଧାମାନେ ଏପରି ସ୍ଥାନ ପରିବର୍ତ୍ତନ କରିଥାନ୍ତି । ସେହି କାରଣରୁ ଲୋଧାଗ୍ରାମରେ ବେଳେବେଳେ ପରିବାର/ଲୋକସଂଖ୍ୟାର ସ୍ଥିରତା ନଥାଏ । ପଥରନେସା ଗ୍ରାମର ପରିବାର/ଘରସଂଖ୍ୟା/ ଲୋକସଂଖ୍ୟା ଏହି କାରଣରୁ ବଢ଼ିଥିଲା । ବର୍ତ୍ତମାନ କମିଯାଇଛି ।

ବୈବାହିକ ସ୍ଥିତି : ସାଧାରଣତ ଲୋଧା ଜୀବନରେ ଚାରି ପ୍ରକାର ବୈବାହିକ ସ୍ଥିତି ଦେଖାଯାଏ । ସେଗୁଡ଼ିକ (୧) ଅବିବାହିତ (୨) ବିବାହିତ (୩) ବିଧବା ଏବଂ (୪) ପରିତ୍ୟକ୍ତା (ଛାଡ଼ରୀ) ଲୋଧା ସମାଜରେ ବାଲ୍ୟ ବିବାହ, ବିଧବା ବିବାହ ଓ ବହୁ ବିବାହ ପ୍ରଥା ପ୍ରଚଳିତ ।

ଆର୍ଥିକସ୍ଥିତି :

ଜୀବିକା : ଲୋଧାମାନେ ପୁରୁଷାନୁକ୍ରମେ ମୁଖ୍ୟତଃ ବନ ଜାତ ଦ୍ରବ୍ୟ ସଂଗ୍ରହ ଓ ଚାଷ ଉପରେ ନିର୍ଭରଶୀଳ ଥିଲେ । କାଳକ୍ରମେ ଅରଣ୍ୟ ସଂପଦ ବିନଷ୍ଟହେବା ସହିତ ସେମାନଙ୍କ ଜମିବାଡ଼ି ପଡ଼ୋଶୀ ତଥା ଅନ୍ୟ ଜାତି/ଗୋଷ୍ଠୀର ଲୋକେ ଦଖଲ କରିନେବା ଫଳରେ ସେମାନେ ସେମାନଙ୍କର ଜୀବିକା ହରାଇଲେ । ଏ ଅଂଚଳର କେତେକ ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ ଅସାଧୁ ଲୋକମାନଙ୍କ ପ୍ରୋତ୍ସାହନ ବଳରେ ଲୋଧାମାନେ ଚୋରି ଡକାୟତି କରି ସେସବୁ ଚୋରି ଜିନିଷ ସେମାନଙ୍କ ଘରେ ରଖୁଥିଲେ କିମ୍ବା ଅଳ୍ପ ମୂଲ୍ୟରେ ବିକ୍ରୟ କରୁଥିଲେ । ସେମାନଙ୍କ ଅଭାବ ଓ ଅସୁବିଧା ସମୟରେ ଖାଦ୍ୟ ପଦାର୍ଥ,ଅର୍ଥ ଯୋଗାଇ ଦେଇ ଶୋଷଣ କରିବା, ସେମାନଙ୍କୁ ହତାଦର କରିବା ପ୍ରଭୃତି ଘଟଣା ଯୋଗୁଁ ଲୋଧାମାନେ ପ୍ରତିଶୋଧ ପରାୟଣ ହୋଇ ଚୋରି, ଡକାୟତି, ରାହାଜାନିକୁ ନିଜର ପରିବାର ପ୍ରତିପୋଷଣ ମାଧମ ରୂପେ ଗ୍ରହଣ କରିବାକୁ ବାଧହେଲେ । ସଂପୃକ୍ତ ଅଞ୍ଚଳରେ କୌଣସି ଚୋରି, ଡକାୟତି ହେଲେ ଲୋଧାମାନେ ପ୍ରଥମେ ସନ୍ଦେହ ଭିତରକୁ ଆସି ଧରପଗଡ଼, ଖାନତଲାସର ଶିକାର ହୁଅନ୍ତି । ପୋଲିସର ଅତ୍ୟାଚାର, ସାମାଜିକ ଆକ୍ରମଣ, ବାସନ୍ଦ, ଲଜ୍ଜା, ଭୟ, ଘୃଣା ପ୍ରଭୃତି ମଧରେ ଲୋଧାମାନେ ଅଧିକ ହିଂସ୍ର ହୋଇ ଉଠିବା ସ୍ୱାଭାବିକ । ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଅଣିବା ଚେଷ୍ଟାରେ ଲୋଧାମାନଙ୍କୁ ସରକାରଙ୍କ ପକ୍ଷରୁ ପୁନର୍ବାସ ଯୋଜନା ମାଧମରେ ଥଇଥାନ କରାଇ ନିକଟବର୍ତ୍ତୀ ବ୍ୟାଙ୍କ ଗୁଡ଼ିକରୁ ଋଣଆକାରରେ ଲଙ୍ଗଳ,ବଳଦ, ବଳଦଗାଡ଼ି, ଖଲି ପତ୍ର, ଦନା ତିଆରି ମେସିନ୍, ସବାଇ ଦଉଡ଼ି ତିଆରି ମେସିନ୍ ସହିତ ଘରଡ଼ିହ ଓ ଚାଷଜମି ଯୋଗାଇଦିଆଯାଇଥିଲା । ଏସବୁ ସତ୍ୱେ ଲୋଧାମାନେ ଋଣରେପ୍ରଦତ୍ତ ସାମଗ୍ରୀ ଗୁଡ଼ିକୁ ଅଳ୍ପ ମୂଲ୍ୟରେ ଅନ୍ୟମାନଙ୍କୁ ବିକ୍ରି କରିଦେଇ ଋଣ ନ ସୁଝି, ପାଉଥିବାରଅର୍ଥରେ ହାଣ୍ଡିଆ, ମଦ ଖାଇବା ସହ ପ୍ରୟୋଜନୀୟ କାର୍ଯ୍ୟରେ ଖର୍ଚ୍ଚ କରି ଦେଉଥିବାର ଜଣାଯାଏ । କେତେକକ୍ଷେତ୍ରରେ ବଳଦ ଅପାରଗ ହେଲେ କିମ୍ବା ମରିଗଲେ, କୃଷି ଉପକରଣ କିମ୍ବା ଅନ୍ୟାନ୍ୟ ଯନ୍ତ୍ରପାତି ଅଚଳ ହେଲେ/ଭାଙ୍ଗିଗଲେ ଲୋଧାମାନେ ସେସବୁର ପୁନର୍ବନ୍ଦୋବସ୍ତ/ମରାମତି କରିବା ଦିଗରେ ସାଧାରଣତଃ ଉଦ୍‌ଯୋଗୀ ହୁଅନ୍ତି ନାହିଁ । ଏପରି ପରିସ୍ଥିତି ପାଇଁ ପଡ଼ୋଶୀ ଜାତିର ଲୋକ କିମ୍ବା କେତେକ ଅସାଧୁ କର୍ମଚାରୀମାନଙ୍କର କିଛି ଭୂମିକା ରହିଥାଏ ବୋଲି କୁହାଯାଇଥାଏ ।

ଲୋଧାମାନେ ଅରଣ୍ୟରୁ କାଠ, ମହୁଲ, ଝୁଣା,ମହୁ, ପାଚିଲା/କଞ୍ଚାଫଳ ଯଥା ଆମ୍ବ, ମହୁଇ, ଶାଳ, ଚାର ପ୍ରଭୃତି ଫଳ ଓ ମଂଜି, ଛତୁ, ବିଭିନ୍ନ ଗୁଳ୍ମ ଲତାର ଚେର ମୂଳ, ଖାଇବା

ପାଇଁ ଜଙ୍ଗଲୀ ଆଳୁ, ପଶୁପକ୍ଷୀ, ସରୀସୃପଙ୍କର ଚମଡ଼ା, ଦାନ୍ତ, ଶିଂଗ, ନଖ ପ୍ରଭୃତି ସଂଗ୍ରହ କରି ସେସବୁ ସାମଗ୍ରୀ ପାଖରେ ଥିବା ଜନବସତି/ହାଟ, ବଜାରମାନଙ୍କରେ ବିକ୍ରି କରି କିଛି ରୋଜଗାର କରନ୍ତି । ସେମାନେ ସଂଗୃହୀତ ପଦାର୍ଥ ସବୁକୁ ଖୁବ୍ ଅଳ୍ପମୂଲ୍ୟରେ ବିକ୍ରିକରୁଥିବାର ଜଣାଯାଏ । ବିଭିନ୍ନ ସଂଗୃହୀତ ସାମଗ୍ରୀ ସବୁକୁ ହାତ ମାପରେ ଖଲି-ପତ୍ର ଦନାରେ ଭାଗ ଭାଗ କରି ସଜାଇ ରଖି ହାଟ ବଜାରମାନଙ୍କରେ ବିକ୍ରି କରନ୍ତି । ଲୋଧା ସ୍ତ୍ରୀ ଲୋକେ ଜଙ୍ଗଲରୁ କାଠ ସଂଗ୍ରହକରି ବୋଝ ବାନ୍ଧି ମୁଣ୍ଡରେ ମୁଣ୍ଡାଇ ଆଣି ବିକ୍ରିକରିଥାନ୍ତି । ଲୋଧାମାନେ ଜଙ୍ଗଲ କାଟି ବୋବେଇ ଲଗାଇବା ଓ ଟସର ଚାଷ କରିବାର ଦେଖାଯାଏ । ଟସର ଚାଷରେ ଲୋଧାମାନେ ପାରଦର୍ଶିତା ଲାଭ କରିଛନ୍ତି । ଆଦିମ କାଳରୁ ସେମାନେ ଏଥିସହିତ ସଂପୃକ୍ତ ରହିଥିବାର ଜଣାଯାଏ । ବର୍ତ୍ତମାନ ଜଙ୍ଗଲରେ ଅସନ ଓ ଶାଳଗଛର ଅଭାବ ହେତୁ ଟସର ଚାଷ ବାଧାପ୍ରାପ୍ତ ହୋଇଛି । ତେଣୁ ଜଙ୍ଗଲରେ ଲୋଧାମାନେ ବୋବେଇ ଚାଷକରୁଛନ୍ତି ଓ ସେସବୁକୁ ନିକଟବର୍ତ୍ତୀ ଗ୍ରାମର ଲୋକମାନଙ୍କୁ କିମ୍ବା ହାଟରେ ନଗଦ ମୂଲ୍ୟରେ ବିକ୍ରି କରୁଛନ୍ତି । ପୁରୁଷମାନେ ଘରେ ପିଲାମାନଙ୍କୁ ପାଳିବା, ସମୟ ସମୟରେ ଭାତ ରାନ୍ଧିବା, ଗୋରୁ ଛେଳିଙ୍କୁ ଚରାଇବା, ବଣରୁ ଜାଳେଣି କାଠ ସଂଗ୍ରହ କରିବା, ଗ୍ରାମ ନିକଟସ୍ଥ କୌଣସି ଠିକାଦାର କିମ୍ବା କୌଣସି ବ୍ୟବସାୟୀଙ୍କୁ ଜଙ୍ଗଲରୁ କାଠ ଯୋଗାଇବା, ଟସର ଗୋଟି ସଂଗ୍ରହ କରିବା, ଜମିରେ ହଳ ପ୍ରଭୃତି ଚାଷ କାର୍ଯ୍ୟକରିବା, ଦୈନିକ ମଜୁରୀ ଯିବା କିମ୍ବା ରାସ୍ତା ଓ ଗୃହ ନିର୍ମାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାନ୍ତି । ଫସଲ ଅମଳ ସମୟରେ ଦୂର ଦୂରାନ୍ତର ସ୍ଥାନକୁ ଯାଇ ଧାନକାଟି ଅର୍ଥ ଉପାର୍ଜନ କରୁଥିବାର ବର୍ତ୍ତମାନ ଦେଖାଯାଏ । ସେମାନଙ୍କ ମଧ୍ୟରୁ ଅନେକ ବଢ଼େଇ କାମ କରୁଥିବାର ଦେଖାଯାଏ । ଲୋଧାସ୍ତ୍ରୀ ଲୋକେ ଜମିରେ ହଳ କରିବା ବ୍ୟତୀତ ଅନ୍ୟ ସବୁ କାର୍ଯ୍ୟ କରିଥାନ୍ତି । ସେମାନେ ଚୋରି ଜିନିଷ ସବୁକୁ ସ୍ଥାନୀୟ ବ୍ୟବସାୟୀ ଅଥବା ଚୋରା ଚାଲାଣକାରୀମାନଙ୍କୁ ବିକ୍ରି କରିବାରେ ଧୁରନ୍ଧର । ତେବେ ଏସବୁ ମୂଳରେ ବ୍ୟବସାୟୀ ତଥା ଚୋରା ଚାଲାଣକାରୀଙ୍କ ଭୂମିକାକୁ ଅସ୍ୱୀକାର କରାଯାଇ ନ ପାରେ ।

ଲୋଧାମାନଙ୍କ ମଧରେ ଥିବ ଗୁଣିଆ ଓ ଦେହୁରୀ ପ୍ରଭୃତି ବ୍ୟକ୍ତିମାନେ ପ୍ରୟୋଜନ ବେଳେ ଫୁଙ୍କାଝଡ଼ା, ତେଲପାଠଜା, ଚେରମୂଳୀ ଔଷଧ ଦେଇ ଏବଂ ପୂଜା ପର୍ବ ସମୟରେ କିଛି ଉପାର୍ଜନ କରିଥାନ୍ତି ।

ଲୋଧାମାନେ ଧନୁତୀର, ଟେଙ୍କା ଫାଶୀ, ବାଟୁଳୀ, ଗୋଜି ବାଉଁଶ, ଦାଆ, କଟୁରୀ ଧରି ଅରଣ୍ୟରେ ଶିକାର କରନ୍ତି । ବର୍ଷାଦିନେ ବାଉଁଶକାଠି ପଟା ଓ ଜାଲରେ ମାଛ ମାରନ୍ତି । କଇଁଛ ଶିକାର କରିବାରେ ଲୋଧାମାନେ ଧୁରନ୍ଧର । ଏସବୁ ଶିକାର ଧରି ଖାଇବା ସହ ପଡୋଶୀମାନଙ୍କୁ ବିକ୍ରିକରି ଅର୍ଥ ରୋଜଗାର କରିଥାନ୍ତି ।

ଗ୍ରାମର ଲୋକେ ମିଶି ନାଚଦଳ ଗଠନ କରି ବିଭିନ୍ନ ପର୍ବ ପର୍ବାଣୀରେ ଅନ୍ୟସ୍ଥାନମାନଙ୍କରେ ନାଚ ପ୍ରଦର୍ଶନ କରି ରୋଜଗାର କରନ୍ତି । ଧବଣି ଗ୍ରାମର ଛଉନାଚଦଳ

ଓ ସାନଝାଉଁରୀ ଗ୍ରାମର ଚାଙ୍ଗୁ ଓ ଛଉଦଳ ଏପରି ଭାବରେ ଅର୍ଥ ଉପାର୍ଜନ କରୁଥିବାର ଜଣାଯାଏ । ଧବଣି ଗ୍ରାମର ଲୋଧା ଛଉ ନାଚଦଳ ଓଡ଼ିଶା ବାହାରେ ମଧ ପ୍ରସିଦ୍ଧିଲାଭ କରିଛି ।

ସାଂପ୍ରତିକ କାଳରେ ଲୋଧାଗୋଷ୍ଠୀର ଶିକ୍ଷିତ ଲୋକଙ୍କ ମଧ୍ୟରୁ କେହି କେହି ଶିକ୍ଷକ, ଗ୍ରାମସେବକ, ଅଙ୍ଗନବାଡ଼ି କର୍ମଚାରୀ, ହୋମ୍‌ଗାର୍ଡ୍‌, ଅଫିସ୍ ପିଅନ ପ୍ରଭୃତି କାର୍ଯ୍ୟରେ ନିଯୁକ୍ତହୋଇଛନ୍ତି । ଏହି କର୍ମଚାରୀମାନେ ସ୍ୱଚ୍ଛନ୍ଦରେ ଜୀବନ ଯାପନ କରୁଛନ୍ତି ।

ଲୋଧାମାନେ ବିଭିନ୍ନ ଉପାୟରେ ଉପାର୍ଜିତ ଅର୍ଥକୁ ଖର୍ଚ୍ଚ କରନ୍ତି । ଖାଇବା,ପିଇବା, ଲୁଗାପଟା ଓ ଅତ୍ୟାବଶ୍ୟକୀୟ ବ୍ୟବହାର୍ଯ୍ୟ ଜିନିଷ କିଣିବା, ପୂଜା ଚାନ୍ଦା ଦେବା, ନାଚଗୀତ ପାଇଁ ଚାନ୍ଦା ଦେବା, ଜନ୍ମ ଓ ମୃତ୍ୟୁ କ୍ରିୟାରେ ଭୋଜିଭାତ ଖାଇବା ପ୍ରଭୃତିରେ ଆବଶ୍ୟକ ଅର୍ଥ ଖର୍ଚ୍ଚ କରିଥାନ୍ତି । ଅନେକ ସମୟରେ ନିଜ ନିଜ ଭିତରେ କଳି ଗୋଳ, ମାଡ଼ପିଟ, ତୀରବିନ୍ଧାବିନ୍ଧି, ହଣାହଣି ହୋଇ ଥାନା ଯିବା, ଅସୁସ୍ଥହେଲେ ଔଷଧ କିଣିବାରେ ଅର୍ଥ ଖର୍ଚ୍ଚ କରିଥାନ୍ତି । ରହିବା ପାଇଁ ଘର ତିଆରି, ମରାମତି,ସାଇକେଲ କିଣିବା କିମ୍ବା ମରାମତି କରିବାରେ ଆବଶ୍ୟକୀୟ ଅର୍ଥ ଖର୍ଚ୍ଚ ହୁଏ । କେତେକ ବୁଦ୍ଧିମାନ ଲୋଧା ଜମିବାଡ଼ି କିଣିବା, ଦୋକାନ କରିବାରେ ଅର୍ଥ ବ୍ୟୟ କରିଥାନ୍ତି । ଚାକିରିଆ ଲୋଧାମାନେ ବ୍ୟାଙ୍କ, ପୋଷ୍ଟ ଅଫିସ୍ ପ୍ରଭୃତିରେ ଅର୍ଥ ଜମା କରି ରଖୁଥିବାର ଜଣାଯାଏ ।

**ଗୃହପାଳିତ ପଶୁପକ୍ଷୀ :** ଲୋଧାମାନେ ଗୋରୁ, ଛେଳି, କୁକୁଡ଼ା, ଘୁଷୁରୀ ପ୍ରଭୃତି ପାଳନ କରିଥାନ୍ତି । ସେମାନେ ଏସବୁର ମାଂସ, କ୍ଷୀର, ଅଣ୍ଡା ପ୍ରଭୃତି ଖାଇବା ସହ ପୂଜାର୍ଚ୍ଚନା, ବନ୍ଧୁବାନ୍ଧବଙ୍କ ଚର୍ଚ୍ଚାରେ ସଦ୍ ବ୍ୟବହାର କରିଥାନ୍ତି । କୌଣସି ବିପଦ ଆପଦ ସମୟରେ ଏମାନେ ରଖିଥିବା ପଶୁପକ୍ଷୀଙ୍କୁ ବିକ୍ରିକରି ଜରୁରୀ ଆବଶ୍ୟକ ଖର୍ଚ୍ଚ ତୁଲାଇଥାନ୍ତି ।

**ଖାଦ୍ୟପେୟ :** ଲୋଧାମାନେ ସାଧାରଣତଃ ଦିନରାତି ମିଶି ଦୁଇଥର ଖାଆନ୍ତି । ଛୋଟପିଲାଙ୍କର ଚାରିଥର ଖାଇବା ଦରକାର ହୁଏ । ବଡ଼ମାନେ ଦିନରେ ଦୁଇଥର ଭାତ ଖାଆନ୍ତି । ରାତିରେ ଖାଆନ୍ତି ନାହିଁ । ସକାଳ ୮/୯ଟା ବେଳକୁ ପଖାଳ ଭାତ କିମ୍ବା ତୋରାଣି ଭାତ ସହିତ ଲଙ୍କାଲୁଣ ବାସି କିମ୍ବା ସଜ ତରକାରୀ ପ୍ରଭୃତି ଖାଆନ୍ତି । ଉପରଓଳି ପ୍ରାୟ ପାଞ୍ଚଟାବେଳକୁ ଗରମଭାତ ସହିତ ମାଛ, ମାଂସ, ଶାଗ ପନିପରିବା ତରକାରୀ ଖାଆନ୍ତି । ଛୋଟ ପିଲାମାନଙ୍କୁ ବଣରୁ ସଂଗୃହୀତ ଆଳୁ ପ୍ରଭୃତି ସିଝେଇ ପୋଡ଼ି ଖାଇବାକୁ ଦିଆଯାଏ । ଲୋଧା ପୁରୁଷ ଭାତ ଖାଇସାରି କିଛି ମଦ ପିଅନ୍ତି । ମାଂସ ପ୍ରିୟ ଲୋଧା ମାଂସ ସଂଗ୍ରହ କରନ୍ତି । ପାଖବନ୍ଧ, ଜମି, ଖାଳ, ନାଳରୁ ମାଛ ଧରନ୍ତି । ଅନେକ ସମୟରେ ବାଡ଼ି ବଗିଚାରେ କଦଳୀ, ଅମୃତଭଣ୍ଡା, ବାଇଗଣ ପ୍ରଭୃତି ପନିପରିବା ଲଗାଇଥାନ୍ତି ।

ବିଭିନ୍ନ ଋତୁରେ ମିଳୁଥିବା ପାଚିଲା ଫଳ ଯଥା:ମହୁଲ, ଚାର,ଆମ୍ବ ପ୍ରଭୃତି ଖାଇ କ୍ଷୁଧା ମେଣ୍ଟାଉଥିବାର ଦେଖାଯାଏ । ବର୍ଷା ଋତୁରେ ମିଳୁଥିବା ବିଭିନ୍ନ ପ୍ରକାର ଛତୁ ପୋଡ଼ି, ଭାଜି ଓ ତରକାରୀ କରି ଖାଉଥିବାର ଦେଖାଯାଏ ।

ପୂର୍ବରୁ ଲୋଧା ସ୍ତ୍ରୀଲୋକେ ମୁଢ଼ି ଭଜା ଜାଣି ନ ଥିଲେ କିମ୍ବା ଘରେ ପ୍ରାୟ ମୁଢ଼ି ଖାଉ ନଥିଲେ । ବର୍ତ୍ତମାନ କେହି କେହି ପିଲାମାନଙ୍କ ପାଇଁ ମୁଢ଼ି କିଣିଆଣି ରଖୁଥିବାର ଦେଖାଯାଏ । ଏବେ ଚାଷୀ ଲୋଧା ପରିବାରରେ ମୁଢ଼ି ମଧ୍ୟ ଭଜା ହେଉଛି । ଲୋଧାମାନେ ହାଣ୍ଡିଆ, ମହୁଲି ସହ ଗଂଜା, ଅଫିମ, ହୁକ୍କା, ଚୁନ, ଖଇନି, ଶାଳପତ୍ର ବିଡ଼ି ପ୍ରଭୃତି ତିଆରି କରି ପାନ କରନ୍ତି । ସମୟ ସମୟରେ ସିଗାରେଟ୍ ଟାଣିବା ଓ ପାନ ଖାଇବାର ଦେଖାଯାଏ ।

**ପୋଷାକ :** ଲୋଧା ପୁରୁଷମାନେ ସାଧାରଣତଃ ଅଳ୍ପ ଲୁଗା ବ୍ୟବହାର କରୁଥିବାର ଜଣାଯାଏ । ଘରେ ରହିଲେ ଲୁଙ୍ଗି, ଗେଞ୍ଜିରେ ଚଳେ । ଶୀତ ଦିନରେ ଗୋଟିଏ ମୋଟା ଚାଦର ଘୋଡ଼େଇ ହୁଅନ୍ତି । ଗରମ ଦିନରେ ଗାମୁଛା ଦରକାର ହୁଏ । ବାହାରକୁ ଆସିଲେ ଲୁଙ୍ଗି, ଗଞ୍ଜି ପିନ୍ଧନ୍ତି । କେହି କେହି ଧୋତି, ଗଞ୍ଜି ପିନ୍ଧିଥିବାର ଦେଖାଯାଏ ।ଏବେ ସ୍କୁଲ ଯାଉଥିବା ପୁଅଝିଅ ଜାମା, ପ୍ୟାଣ୍ଟ, ଫ୍ରକ୍ ପିନ୍ଧୁଛନ୍ତି । ଚାକିରୀଆ ଲୋକେ ସାର୍ଟ ପ୍ୟାଣ୍ଟ, ଧୋତି ସାର୍ଟ ପିନ୍ଧନ୍ତି । ଲୋଧା ସ୍ତ୍ରୀ ଲୋକେ ଶାଢ଼ୀ, ସାୟା, ବ୍ଲାଉଜ୍ ପିନ୍ଧନ୍ତି । ବଢ଼ିଲା ଝିଅମାନେ ଫ୍ରକ୍, ଶାଢ଼ୀ ପ୍ରଭୃତି ପିନ୍ଧୁଥିବାର ଦେଖାଯାଏ ।

ଆଗରୁ ଲୋଧା ବୟସ୍କ ପୁରୁଷମାନେ ଦୁଇଖଣ୍ଡ କୌପୁନୀ ବ୍ୟବହାର କରୁଥିଲେ । ସାତ/ଆଠ ବର୍ଷର ପୁଅଝିଅମାନେ ଲଙ୍ଗଳା ରହୁଥିଲେ । ଅନେକ ସମୟରେ ଅପେକ୍ଷାକୃତ ବଡ଼ଝିଅମାନେ କୌପୀନ ମାରି ଅଣ୍ଟାଠାରୁ ଛାତି ଉପର ଦେଇ କାନ୍ଧପର୍ଯ୍ୟନ୍ତ ମୋଟା ଲୁଗା ପକାଉଥିଲେ ।

ବର୍ତ୍ତମାନ ପୂର୍ବର ଅବସ୍ଥା ନାହିଁ । ଆର୍ଥିକ ପରିସ୍ଥିତି ପରିବର୍ତ୍ତନ ହେବା ସଂଗେ ସଂଗେ ସେମାନଙ୍କର ଚଳଣିରେ ମଧ୍ୟ ପରିବର୍ତ୍ତନ ହେଲାଣି । ପ୍ରାୟ ପ୍ରତ୍ୟେକ ପୁଅଝିଅ ପ୍ୟାଣ୍ଟ ଫ୍ରକ୍ ପିନ୍ଧୁଛନ୍ତି । ଅତି ଛୋଟ ପିଲାମାନେ ସାଧାରଣତଃ ଲଙ୍ଗଳା ରହିବାର ଦେଖାଯାଏ ।

ଶୀତଦିନେ ଗରମ ଲୁଗା କେହି କେହି ବ୍ୟବହାର କରୁଥିଲେ ହେଁ ସମସ୍ତଙ୍କ କ୍ଷେତ୍ରରେ ସମ୍ଭବ ହୋଇନଥାଏ । ଚାକିରିଆ ଲୋକେ ଶୀତଦିନେ ଗରମ ଲୁଗା, କନ୍ଥା, କମ୍ବଳ ପ୍ରଭୃତି ବ୍ୟବହାର କରନ୍ତି । ଗ୍ରାମରେ ଲୋଧାମାନେ ଶୀତରୁ ରକ୍ଷା ପାଇବା ପାଇଁ କାଠରେ ନିଆଁ ଜାଳି ରଖନ୍ତି । ସକାଳେ କାଠି, ପତ୍ର ଜାଳି ସେକାସେକି ହୋଇ ନିଆଁ ପୁଆନ୍ତି ।

**ଅଳଙ୍କାର :** ଲୋଧା ସ୍ତ୍ରୀଲୋକେ ଅଳଙ୍କାର ପ୍ରିୟ । ସେମାନେ ହାତରେ କାଚର ଚୁଡ଼ି, ପ୍ଲାଷ୍ଟିକ୍ ବଳା, ଲୁହା ଓ ପିତଳ କଡୁରୀ, ପ୍ଲାଷ୍ଟିକ୍ ଶଂଖା ପିନ୍ଧୁଥିବାର ଦେଖାଯାଏ । ବାହୁରେ ତମ୍ବା କିମ୍ବା ଷ୍ଟିଲ୍ ନିର୍ମିତ ତେଉଁରିଆଁ, ନାକ କାନରେ ଫୁଲ, ରିଙ୍ଗ ପ୍ରଭୃତି ଗଳାରେ ରୂପା, ଷ୍ଟିଲ୍, କଣ୍ଠି କାଚ, କିମ୍ବା କଣ୍ଠି/ପୋହଳାର ମାଳ/ହାର ପିନ୍ଧନ୍ତି । ଗୋଡ଼ରେ ପାଉଁଜି, ଝୁଣ୍ଟିଆ, ହାତରେ ମୁଦି ପ୍ରଭୃତି ଅଳଙ୍କାର ଚାକିରିଆ/ବଡ଼ଚାଷୀ ଘରର ସ୍ତ୍ରୀ ଲୋକେ ପିନ୍ଧିଥିବାର ଦେଖାଯାଏ । ଲୋଧା ସ୍ତ୍ରୀଲୋକେ ସାଧାରଣତଃ ମଥା କୁଣ୍ଡାଇ ବେଣୀ/ଗଭା କରନ୍ତି । ମଥାରେ ମଥାକଣ୍ଟା ଓ

ଫିତାର ବ୍ୟବହାର ଦେଖାଯାଏ । ଲୋଧା ଝିଅମାନେ ପାଖ ପଡ଼ୋଶୀ ଅନ୍ୟ ଜାତିର ଝିଅମାନଙ୍କ ପରି ମଥା କୁଣ୍ଡାଇ ବାନ୍ଧନ୍ତି । ଏମାନେ ଶରୀରର ବିଭିନ୍ନ ସ୍ଥାନରେ ଚିତା କୁଟାଇଥାନ୍ତି ।

ଲୋଧାଙ୍କ ମଧ୍ୟରେ ନାଏକ, ପାହାଡ଼ି/ଆରି ସଂଜ୍ଞାଧାରୀ ବଂଶର ସ୍ତ୍ରୀଲୋକମାନେ ଶଂଖା ପିନ୍ଧନ୍ତି ନାହିଁ । ନିଷେଧ ନ ମାନି ପିନ୍ଧିଲେ ବଣରେ ସାପ କାମୁଡ଼ିବା କିମ୍ବା ବାଘ ହାବୁଡ଼ରେ ପଡ଼ି ମୃତ୍ୟୁ ବରଣ କରିବାର ବିଶ୍ୱାସ ପ୍ରଚଳିତ । ବର୍ତ୍ତମାନ ଏସବୁର କିଛିଟା ବ୍ୟତିକ୍ରମ ଦେଖାଯାଉଛି ।

**ଆସବାବପତ୍ର :** ଘରେ ବିଛେଇବା ପାଇଁପାଲର ପଟିଆ, ଦଉଡ଼ିଆ ଖଟ ଖଣ୍ଡେ ଦୁଇଖଣ୍ଡ ରହିଥାଏ । କାହାରି କାହାରି ଘରେ ଏବେ ସପ ମସିଣା ଥିବାର ଦେଖାଯାଏ । ଚାକିରିଆ ଲୋଧାଙ୍କ ଘରେ କାଁଭାଁ ଟେବୁଲ୍ ଚଉକି ଥିବାର ଦେଖାଯାଏ । ରାନ୍ଧିବା ପାଇଁ ମାଟି ହାଣ୍ଡି, ଆ ଲୁମିନିୟମ୍ ଡେକ୍‌ଚି, ଲୁହା କରେଇ, ଚଟୁ, କଂସା ଓ ପିତଳ ଓ ଷ୍ଟିଲ ନିର୍ମିତ ବାସନ କୁସନ, ଟିଣ ବାଲଟି, ପିତଳଗରା, ଷ୍ଟିଲ୍ ଗିଲାସ, ପ୍ଲାଷ୍ଟିକ୍ ମଗ, କାଠ ଓ ପ୍ଲାଷ୍ଟିକ୍ ପାନିଆ, ଶିଳ ଶିଳପୁଆ ପ୍ରଭୃତି ବ୍ୟବହାର କରୁଥିବାର ଦେଖାଯାଏ ।

ଧାନ ରଖିବା, ଉଠେଇବା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବାଉଁଶ ଝଙ୍କା, ପାଛିଆ ବ୍ୟବ ହୃତ ହୁଏ । କାଠ ହାଣିବା, ମାଟି ଖୋଳିବା ପାଇଁ କୁରାଢ଼ି, କୋଦାଳ, ଖଣତିର ବ୍ୟବହାର ଦେଖାଯାଏ ।

ଚାଷୀ ଲୋଧାମାନେ ହଳ, ଦଉଡ଼ି, ମଇ, ଉଖୁଣି, ଦାଆ ପ୍ରଭୃତି ପ୍ରୟୋଜନୀୟ ସାମଗ୍ରୀ ବ୍ୟବହାର କରିଥାନ୍ତି । ଧାନ କୁଟିବା ପାଇ ଢେଙ୍କି, ଘର ସଫା କରିବାପାଇଁ ଝାଡୁ, ପାଲର ଛାଞ୍ଚୁଣୀ, କାଇଁଚ ପହଁରା ପ୍ରଭୃତି ବ୍ୟବହୃତ ହୋଇଥାଏ । ଚାକିରୀଆ ଲୋଧାମାନେ ଆଧୁନିକ ଜୀବନଯାପନରେ ସହାୟକ ଅନେକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣିଥିବାର ଜଣାଯାଏ ।

**ଅତିଥିଚର୍ଚ୍ଚା :** ବନ୍ଧୁବାନ୍ଧବ ଅତିଥି ଅଭ୍ୟାଗତ ପହଞ୍ଚିଲେ ଲୋଧା ଗୃହସ୍ଥ ବସିବାକୁ ଦଉଡ଼ିଆ ଖଟ, ଷ୍ଟୁଲ କିମ୍ବା ପାଲର ପଟିଆ ପାରି ଦେଇ ବସିବାକୁ କହନ୍ତି । ଲୋଧାମାନେ ତାପରେ କିଛି ପାନୀୟର ବନ୍ଦୋବସ୍ତ କରନ୍ତି । ପତରନେସା ଗ୍ରାମରେ ପିଇବା ପାଇଁ ମଦ ଯାଚି ଏବଂ ସାନଝାଉଁରୀ ଗାଁର ମୁରବୀ ଗାଧୋଇ ସଫା ଲୁଗା ପିନ୍ଧି କୂଅରୁ ପାଣି ଆଣି ଅତିଥି ସତ୍କାର କରିବାର ଉଦ୍ୟମ କରିଥିଲେ ।

**ଧର୍ମ ଓ ବିଶ୍ୱାସ :** ଲୋଧାମାନେ ନିଜକୁ ଆଦିବାସୀ ହିନ୍ଦୁ ବୋଲି କହନ୍ତି । ପୂର୍ବର ଆଲୋଚକମାନେ ମଧ୍ୟ ଏମାନଙ୍କୁ ହିନ୍ଦୁ ଧର୍ମର ଅନ୍ତର୍ଭୁକ୍ତ କରିଛନ୍ତି । ହିନ୍ଦୁ ଧର୍ମର ଅନେକ ମୁଖ୍ୟ ଦେବାଦେବୀଙ୍କୁ ଏମାନେ ପୂଜା କରନ୍ତି । ହିନ୍ଦୁ ଧର୍ମ ଧାରଣାରେ ମଧ୍ୟଦେଇ ଏମାନଙ୍କ ସମାଜରେ ସାଂସ୍କୃତିକ ଧାରା ପ୍ରବାହିତ ହୋଇଥାଏ । ଏମାନଙ୍କ ମଧ୍ୟରେ ବୈଷ୍ଣବ ଧର୍ମର ପ୍ରଭାବ ଅଧିକ ପରିଲକ୍ଷିତ ହୁଏ । ବୈଷ୍ଣବ ଗୋସାଇଁମାନେ ମକର ପର୍ବରେ ଗୁରୁକର୍ଣ୍ଣ କରିବାସହ, ଗଳ୍ପ

ପୂର୍ଣ୍ଣମୀରେ ପଇତା ଓ ରାକ୍ଷୀ ଦିଅନ୍ତି । ଅନେକଙ୍କ ଘରେ ତୁଳସୀ ଚଉରା ରହିଥାଏ । ଶବ ସତ୍କାର ବେଳେ ହରିବୋଲ ଧ୍ୱନି ଦେଇଥାନ୍ତି ।

**ଦେବାଦେବୀଙ୍କର ସ୍ଥାନ:** ଲୋଧାମାନେ ପୂର୍ବପୁରୁଷଙ୍କ ଆତ୍ମାରେ ବିଶ୍ୱାସ ସ୍ଥାପନ କରନ୍ତି । ଏହି ଆତ୍ମାମାନେ ଶୂନ୍ୟରେ ଆକାର/ରୂପହୀନ ଭାବରେ ଇଷାଣ ଥାନରେ ଅବସ୍ଥାନ କରନ୍ତି ଓ ଇଚ୍ଛାନୁଯାୟୀ ରୂପ ପରିଗ୍ରହ କରିପାରନ୍ତି ।

ଗ୍ରାମର ବାହାର ବଡ଼ାମ/ଗରାମ ଦେବତାଙ୍କ ଥାନ ରହିଥାଏ । ଶୀତଳା ଠାକୁରାଣୀଙ୍କ ଥାନ ମଧ୍ୟ ଗ୍ରାମର ବାହାରେ ଥାଏ । ଦେବାଦେବୀଙ୍କର କୌଣସି ମନ୍ଦିର ନଥାଏ । ଥାନ ଗୁଡ଼ିକରେ ଶାଳ, ଅସନ ପ୍ରଭୃତି ଗଛ ରହିଥାଏ । ସେହିଠାରେ ପଥର, ମାଟିର ଘୋଡ଼ା ପ୍ରଭୃତି ରଖାଯାଇ ଥାଏ । ଥାନରୁ ଗଛ କଟା ଯାଏନାହିଁ । ନୂଆ ବସତି ନିର୍ମାଣବେଳେ ପ୍ରଥମେ ଥାନ ପାଇଁ ଜମି ନିର୍ଦ୍ଦିଷ୍ଟ କରାଯାଏ ।

ବଣ ମଝିରେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ଭୂତ ପ୍ରେତଙ୍କର ଥାନ ରହିଥାଏ । ଏହିଠାରେ ବସ୍ତିର ଲୋକେ ବାର୍ଷିକ ଯୁଗୁନୀ ଛଡ଼ାଣ କରି ଭଙ୍ଗାକୁଲା, ପାଛିଆ, ଝଙ୍କା ପ୍ରଭୃତି ନେଇ ଟାଙ୍ଗି ଦିଅନ୍ତି କିମ୍ବା ଫିଙ୍ଗି ଦିଅନ୍ତି । ସାଧାରଣତଃ ବଡ଼ାମ/ଗରାମ ଥାନରେ ଏସବୁ ରଖାଯାଇଥାଏ ।

**ପୂଜା :** ବର୍ଷର ବିଭିନ୍ନ ସମୟରେ ଦେବାଦେବୀଙ୍କର ପୂଜା ଅନୁଷ୍ଠିତ ହୁଏ । ସେସବୁ ପୂଜାର ନିର୍ଦ୍ଦିଷ୍ଟ ସମୟ ଓ ନିର୍ଦ୍ଧାରିତ ପୂଜା ବିଧି ରହିଅଛି । ଶୀତଳା ମାଆ ସାରାବର୍ଷରେ ଥରେ, ଦୁଇଥର କିମ୍ବା ଅତି ବେଶିରେ ତିନିଥର ଚୈତ୍ର, ବୈଶାଖ ଓ ମାଘମାସରେ ପୂଜିତା ହୁଅନ୍ତି । ପୂଜାରେ ବଳିପଡ଼େ । ବଡ଼ାମ/ଗରାମ ସାରା ବର୍ଷରେ ଥରେ ପୂଜିତ ହୁଅନ୍ତି । ପୂଜାବେଳେ ବଳି ପଡ଼ିବା ବିଧି ।

ପ୍ରତ୍ୟେକ ଘରେ ରହିଥିବା ଇଷାଣ ଥାନରେ ପରିବାରର ପ୍ରତି ଉତ୍ସବ ଅନୁଷ୍ଠାନ, ସୁଖ, ଦୁଃଖରେ ପୂଜା କରାଯାଏ ।

**ବାରବ୍ରତ ଓଷା :** ଲୋଧା ସ୍ତ୍ରୀଲୋକେ ପରିବାରର, ପୁଅ ଝିଅ, ସ୍ୱାମୀ ଓ ନିଜର ମଙ୍ଗଳ ନିମନ୍ତେ ଅନେକ ବାରବ୍ରତ ଓଷା କରିଥିବାର ଜଣାଯାଏ । ପ୍ରଥମାଷ୍ଟମୀରେ ପଢୁଆଁ ପୁଅଝିଅଙ୍କୁ ନୂଆଲୁଗା ପିନ୍ଧାଇ ବନ୍ଦାପନା କରନ୍ତି । ସପ୍ତାହର ସାତ ବାରରୁ କେତେକ ନିର୍ଦ୍ଦିଷ୍ଟ ବାରର ଗୁରୁତ୍ୱ ଅଧିକ । ମଙ୍ଗଳବାରରେ ବିବାହ ଅନୁଷ୍ଠିତ ହୁଏ । ମାର୍ଗଶୀର ଗୁରୁବାର ଦିନ ମାଆ ଲକ୍ଷ୍ମୀଙ୍କର ପୂଜା ଆରାଧନା ହୁଏ । ଅନ୍ୟାନ୍ୟ ବାରମାନଙ୍କ ମଧ୍ୟରେ ଶନିବାର ଓ ମାସର ଶେଷବାରର ଗୁରୁତ୍ୱ ଅଧିକ । ଶୀତଳା ଦେବୀଙ୍କର ପୂଜା ମଙ୍ଗଳବାର ଓ ଶନିବାରରେ ଅନୁଷ୍ଠିତ ହୁଏ । ଏହି ସବୁ ବାରମାନଙ୍କରେ ଲୋଧା ସ୍ତ୍ରୀ ଉପବାସ କରି ପୂଜା ଆରାଧନା କରନ୍ତି । କେତେକ ଗ୍ରାମରେ ଏମାନେ କରମ/ଡାଲଓଷା ପାଳନ କରୁଥିବାର ଜଣାଯାଏ ।

ପିଠା : ଲୋଧାମାନେ ପର୍ବପର୍ବାଣୀମାନଙ୍କରେ ବହୁପ୍ରକାର ପିଠା, ଖିରି ପ୍ରଭୃତି ତିଆରି କରି ଖାଆନ୍ତି । ପିଠା ଗୁଡ଼ିକ ଚାଉଳର ଚୂନା/ଅଟାରେ ତିଆରି ହୁଏ । ସେଗୁଡ଼ିକ ଗୁଡ଼ପିଠା, ପୋଡ଼ପିଠା, ଭଜାପିଠା, ଛଙ୍କା ପିଠା, ମଣ୍ଡୁ (ମଣ୍ଡା) ପିଠା, ଥାପଡ଼ା ପିଠା, ଖାପରା ପିଠା, କୁଣ୍ଡା ପିଠା, ମାଂସପିଠା ପତର ପିଠା ପ୍ରଭୃତି ତିଆରି କରନ୍ତି । ଚାଉଳରେ ତିଆରି ଖିରି ମଧ୍ୟ ଖିଆଯାଏ ।

ଭୋଗରାଗ: ପୂଜା ଆରାଧନା ସମୟରେ ପୂର୍ବ ପୁରୁଷଙ୍କର ଆତ୍ମା, ଦେବାଦବୀ ଓ ସେମାନଙ୍କର ବାହନ, ଚର, ଅନୁଚର ପ୍ରଭୃତିଙ୍କର ସନ୍ତୁଷ୍ଟି ନିମନ୍ତେ ବିଭିନ୍ନ ପ୍ରକାର ଭୋଗରାଗ, ପଣା ପ୍ରଭୃତି ଅର୍ପଣ କରନ୍ତି । ସାଧାରଣତଃ ଅରୁଆ ଚାଉଳ, କଦଳୀ, ଦୁଧ, ଉଖୁଡ଼ା, ମିଠେଇ, ହାଣ୍ଡିଆ, ମଦ ଓ ବଳିର ଅଙ୍ଗକୁ ରକ୍ତ ସଂଗ୍ରହ କରି ଅର୍ପଣ କରାଯାଏ । ଛତୁଆ( ବିଷୁବ) ସଂକ୍ରାନ୍ତିରେ ପୂର୍ବପୁରୁଷମାନଙ୍କର ଆତ୍ମାର ସନ୍ତୁଷ୍ଟି ନିମନ୍ତେ ପଣା, ମଦ, ହାଣ୍ଡିଆ ସହ ଗଞ୍ଜା ଓ ଦୁକ୍ତାର ବିଡ଼ି ମୋଡ଼ି ନିଆଁ ଧରାଇ ଦେଇ ଈଷାଣ-ଥାନରେ ରଖି ଦିଅନ୍ତି । ଅରୁଆ ଚାଉଳ, ଗୁଡ଼, କଦଳୀ ଓ ଦୁଧ ମିଶାଇ ଭୋଗ ଦିଆଯାଏ । କେହି କେହି ପିଠା ତିଆରି କରି ମଧ୍ୟ ଦିଅନ୍ତି ।

ପର୍ବପର୍ବାଣି: ସାରା ବର୍ଷରେ ଲୋଧାମାନେ ଅନେକ ପର୍ବପର୍ବାଣି ପାଳନ କରନ୍ତି । ସେଗୁଡ଼ିକ ମଧ୍ୟରୁ ଛତୁଆ (ବିଷୁବ) ରଜ, ବାନ୍ଧଣା ଓ ମକର ପର୍ବ ପ୍ରଧାନ । ଛତୁଆରେ ବନାମ/ଗରାମଙ୍କୁ ରଜରେ ବାସୁକୀ ବସୁମାତାଙ୍କୁ, ବାନ୍ଧଣାରେ କାଳୀଙ୍କୁ ଓ ମକରରେ ଧର୍ମ ଦେବତାଙ୍କ ସହିତ ଟୁସୁ ହେଉଥିବାର ଜଣାଯାଏ । ସାଧାରଣତଃ ଆଶ୍ୱିନ, କାର୍ତ୍ତିକ, ମାର୍ଗଶୀର ମାସରେ ପର୍ବପର୍ବାଣି ଗୁଡ଼ିକ ବହୁ ଆଡ଼ମ୍ବର ସହକାରେ ପାଳିତ ହେଉଥିବାର ଜଣାଯାଏ । ଟସର ଅମଳ ପରେ ଲୋଧାଙ୍କ ହାତକୁ ବେଶ୍ କିଛି ପଇସା ଆସେ ଏବଂ ସେମାନେ ଏହି ସବୁ ପର୍ବରେ ଖର୍ଚ୍ଚ କରନ୍ତି ।

ନାଚଗୀତ: ପ୍ରତ୍ୟେକ ପର୍ବରେ ଲୋଧାମାନେ ନାଚଗୀତରେ ମାତି ଯାଆନ୍ତି । ସେମାନେ ମୁଖ୍ୟତଃ ଚାଙ୍ଗୁ, ଟୁସୁ, କାଠି, କରମ ଓ ଛଉ ନାଚ ନାଚନ୍ତି । କେଉଁଠି ସଖୀ ନାଚର ପ୍ରଚଳନ ମଧ୍ୟ ରହିଛି । ଚାଙ୍ଗୁ ନାଚରେ କୁମାରୀ ଝିଅ (ଟୁକୁଲୀ)ମାନେ ଅନ୍ୟୂନ ୫ଜଣ ନାଚୁ ଥିବାର କୁହାଯାଏ । ପୁରୁଷମାନେ ଚାଙ୍ଗ ।ଇ/ବାଇକୁଣ୍ଡଳ ବଜାନ୍ତି । ମା ଶୀତଳାଙ୍କର ବାର୍ଷିକ ପର୍ବରେ ଚାଙ୍ଗୁ ନାଚଅନୁଷ୍ଠିତ ହୁଏ । ଏ ନାଚ ପାଇ ନିଜ ଗାଁର ଝିଅ ନାଚ ଜାଣି ନଥିଲେ ବାହାରୁ ଝିଅ ଆଣି ନାଚ କରିବାକୁ ହୁଏ । ବାନ୍ଧଣା ପର୍ବରେ ଚାଷୀ ଲୋଧାମାନେ ଗୋରୁ ନଚାନ୍ତି । ଟୁସୁ ପର୍ବରେ ଟୁସୁ ମୂର୍ତ୍ତିକୁ ଧରି ଲୋଧା ଯୁବତୀ ଝିଅବୋହୂମାନେ ନିଜ ଗାଁରେ, ପାର୍ଶ୍ୱବର୍ତ୍ତୀ ଗାଁମାନଙ୍କରେ ନାଚଗୀତ କରି ମାଗଣ କରନ୍ତି । ଛତୁଆ ପର୍ବରେ ଧବଣୀ ଓ ସାନଝାଉଁରୀ ଗ୍ରାମର ଲୋଧା ପୁଅଝିଅମାନେ ଛଉ ନାଚନ୍ତି । ଧବଣୀ ଗ୍ରାମର ଛଉଦଳ ଓଡ଼ିଶାରେ କେବଳ ନୁହେଁ ଭାରତର ବିଭିନ୍ନ ସ୍ଥାନରେ ଛଉ ନୃତ୍ୟ ପ୍ରଦର୍ଶନ କରି ପ୍ରଶଂସିତ ହୋଇଛନ୍ତି ।

ଗୋଷ୍ଠୀର ସାମୂହିକ ପୂଜା ପର୍ବରେ ନାଚ ଅନୁଷ୍ଠିତ ହୁଏ । ବାର୍ଷିକ ବଡ଼ାମ କିମ୍ବା ଶୀତଳା ପୂଜା ପ୍ରଭୃତି ସାମାଜିକ ଧର୍ମୀୟ ଅନୁଷ୍ଠାନ ସମୟରେ ନାଚ ଅନୁଷ୍ଠିତ ହୁଏ । ଅତି କମ୍‌ରେ ୩/

୪ ଜଣଙ୍କୁ ନେଇ ନାଚଦଳଟିଏ ଗଠିତ ହୋଇପାରେ । ଛଉନାଚରେ ଅଧିକ ଲୋକଙ୍କର ଆବଶ୍ୟକତା ପଡ଼ିଥାଏ ।

ଲୋଧା ଯୁବକମାନେ ଗୋଟିଏ ଲମ୍ବାଧାଡ଼ିରେ ବିଭିନ୍ନ ଅଙ୍ଗଭଙ୍ଗୀ କରି କେତେବେଳେ ବୃତ୍ତ ସୃଷ୍ଟି କରି ନାଚନ୍ତି । ନାଚରେ ଯୁବକଙ୍କ ସହିତ ବୟସ୍କ ଲୋକେ ମଧ୍ୟ ଅଂଶ ଗ୍ରହଣ କରିଥାନ୍ତି । ନାଚ ଆରମ୍ଭରେ ଡାହାଣ ପାଦ ପ୍ରଥମେ ଓ ପରେ ପରେ ବାମପାଦ ଉଠେ । ନାଚର ତାଳେତାଳେ ବାଇକୁଣ୍ଡଳ ବାଜେ । ନାଚ ଓ ଗୀତର ଶେଷାଂଶରେ ବାଇକୁଣ୍ଡଳ କ୍ଷିପ୍ର ଗତିରେ ବାଜେ । ଲୋଧାଙ୍କର କେତେକ ନାଚରେ ସ୍ୱତନ୍ତ୍ର ପୋଷାକ ବ୍ୟବହୃତ ହୁଏ ନାହିଁ । କିନ୍ତୁ ଛଉ ନାଚରେ ବିଷୟ ଓ ଚରିତ୍ର ଉପଯୋଗୀ ପୋଷାକ ବ୍ୟବହୃତ ହୁଏ । ଏହି ଛଉ ଦଳରେ ଲୋଧା ଗୋଷ୍ଠୀର ପୁଅଝିଅମାନେ ନାଚୁଥିଲାବେଳେ ଓସ୍ତାଦ୍ ଅନ୍ୟ ଜାତିର ବ୍ୟକ୍ତି ଅଟନ୍ତି ।

ଛତୁଆ (ବିଷୁବ ସଂକ୍ରାନ୍ତି)ରେ ଛଉ ବ୍ୟତୀତ ଲୋଧାମାନେ କାଠି ନାଚ ନାଚୁଥିବାର ଜଣାଯାଏ । କେଉଁଠି କେଉଁଠି ସଖୀନାଚ ମଧ୍ୟ ନାଚନ୍ତି ।

**ବାଦ୍ୟଯନ୍ତ୍ର:** ଲୋଧାଙ୍କର ନାଚରେ ମୁଖ୍ୟତଃ ଚାଙ୍ଗଲ ଅଥବ ବାଇକୁଣ୍ଡଳ ନାମରେ ବାଦ୍ୟଯନ୍ତ୍ରଟିଏ ବ୍ୟବହୃତ ହୁଏ । ଏତଦ୍ ବ୍ୟତୀତ ମାଦଳ ବାଦ୍ୟର ବ୍ୟବହାର ରହିଅଛି । ତାଙ୍କୁ ନାଚରେ ବାଇକୁଣ୍ଡଳ, ଚଡ଼ଚଡ଼ି, ମହୁରୀ, ଝୁମୁକା, ଘଣ୍ଟ ପ୍ରଭୃତି ବାଦ୍ୟ ଯନ୍ତ୍ର ବ୍ୟବହୃତ ହୁଏ ।

**ବାଇକୁଣ୍ଡଳର ନିର୍ମାଣ :** ଲୋଧାଙ୍କର ନିଜ ଗୋଷ୍ଠୀର ନିର୍ମିତ ବାଦ୍ୟଯନ୍ତ୍ର ହେଉଛି ଚାଙ୍ଗଲ ଅଥବା ବାଇକୁଣ୍ଡଳ । ଏହା ତାଙ୍କୁ ନାଚରେ ବାଜେ । ମୁଠା ପାଉଥିବା " କରାହାଟ " ଗଛର କାଠ ଗଡ଼ଟିଏ ଆଣି ଛେଲି ଦେଇ ତାକୁ କରତରେ ଦୁଇଫାଳ କରି ଦୁଇ/ତିନିଦିନ ପାଣିରେ ପକାଇ ରଖିବାକୁ ହୁଏ । ପାଣିରୁ ଉଠାଇଆଣି କାଠ ଫାଳରେ ଗୋବର ମଣ୍ଡ ମୋଟା ଆକାରରେ ଲିପି ନିଆଁ ଜାଳି ଗରମ କରିବାକୁ ହୁଏ । ମାଟିରେ ଗୋଟିଏ ଗୋଲାକାର ଗାତ କରି ତା ମଧ୍ୟରେ ସେହି କାଠର ଫାଳକୁ ପୋତି ରଖିବାକୁ ହୁଏ । ତିନି ଚାରିଦିନ ପରେ କାଠର ପାତଟି ଶୁଖିଗଲେ ତାହା କାଢ଼ିଆଣି କମାର ଘରକୁ ନେଇ ବାଘିଆ ମାରିବାକୁ ହୁଏ । ଲୁହା କଣ୍ଟାକୁ ଗରମ କରି କାଠର ପାତରେ ପୋଡ଼ି କଣାକରି ବାଉଁଶର ଖିଲ ମାରିବାକୁ ହୁଏ । ବୃତ୍ତାକାର କାଠଟିର ମଝିରେ ୧ ଇଞ୍ଚ ବ୍ୟବଧାନରେ ବାଉଁଶର ଖିଲ ମାରିବାକୁ ହୁଏ । ଶୁଖିଲା ଛେଳି ଚମଡ଼ା ଆଣି ସେହି ବୃତ୍ତାକାର କାଠଟିର ଫ୍ରେମ୍ ଉପରେ ବିଛାଇ ଚାରିପାଖରେ ବାଉଁଶର ଖିଲ ମାରି ଆଣ୍ଟି ରଖାହୁଏ । ଯନ୍ତ୍ରଟିର ମଝିରେ ମଝିରେ ୪/୫ଝାଲ ଘୁଙ୍ଗୁର ଓ ଝୁମୁକା ବନ୍ଧା ହୁଏ । ଶୁଖିଲା ଛେଳି ଚମଡ଼ାର ଲୋମ ଚାଞ୍ଛି ସଫା କରାଯାଏ । ଏହାପରେ ଯନ୍ତ୍ରଟିର ନିର୍ମାଣ ଶେଷ ହୁଏ । ଏବଂ ଏହା ବଜାଇବା ପାଇଁ ଉପଯୋଗୀ ହୋଇଥାଏ । ମାଦଳ, ଧମସା, ନାଗରା, ମହୁରୀ ପ୍ରଭୃତି ଅନ୍ୟ ବାଦ୍ୟଯନ୍ତ୍ର ଗୁଡ଼ିକ କିଣାଯାଏ କିମ୍ବା ଭଡ଼ାରେ ଅଣାଯାଇଥାଏ ।

**ଖେଳକୁଦ, ଆମୋଦ :** ଲୋଧା ଯୁବକମାନ ବର୍ତ୍ତମାନ ଫୁଟ୍‌ବଲ ଖେଳୁଥିବାର ଦେଖାଯାଏ । କେଉଁଠି କେଉଁଠି କେତେବେଳେ ହାଡୁଡୁ ଖେଳୁ ଥିବାର ଜଣାଯାଏ । ଧନୁଶର, ବାଟୁଲୀ ଧରି ପକ୍ଷୀଶିକାର କରିବାରେ ବଡ଼ଆନନ୍ଦ ପାଆନ୍ତି । ବେଳେବେଳେ ଧନ୍ଦା କହି ଆମୋଦ ଲାଭ କରନ୍ତି । ପିଲାମାନେ ନୁକ୍‌ନୁକାଣି (ଅନ୍ଧପୁଟୁଳୀ) ପ୍ରଭୃତି ଖେଳ ଖେଳନ୍ତି ।

**ଝୋଟିଚିତା :** ପୂଜା ପର୍ବ, ବିବାହ ପ୍ରଭୃତି ଉତ୍ସବାନୁଷ୍ଠାନରେ ଘର, ଥାନ ସବୁ ଲିପା ପୋଛା କରି ଲୋଧାମାନେ ଝୋଟି, ଚିତା, ଲେଖନ୍ତି । ପିଠଉ ପାଣି, ହଳଦୀ ଓ ସିନ୍ଦୁର ଲାଲ ଓ କଳା ରଙ୍ଗରେ ଏସବୁ ଲେଖାହୁଏ । ମାର୍ଗଶୀର ଗୁରୁବାର ପୂଜା ଉପଲକ୍ଷେ ଘରେ ଝୋଟି ଦେଇଥାନ୍ତି । ଛତୁଆ (ବିଷୁବ ସଂକ୍ରାନ୍ତି) ପର୍ବ, ମକର, ବାନ୍ଦଣା ପ୍ରଭୃତିରେ ଝୋଟି ଲେଖାହୁଏ । କୌଣସି କୌଣସି ଆଧୁନିକା ଲୋଧା ସ୍ତ୍ରୀ ନିଜ ଘର ମାଟିକାନ୍ଥ ବିଭିନ୍ନ ରଙ୍ଗମାଟିରେ ଲିପି ଚିତା, ଝୋଟି ଆଦି ଲେଖିବାରେ ଦେଖାଯାଏ ।

**ଚିକିତ୍ସା:** ପରିବାରମଧ୍ୟରେ କାହାରି ଜ୍ୱର କିମ୍ବା ଝାଡ଼ା ଅଥବା ରୋଗ ହେଲେ ପ୍ରଥମେ ଓଝା/ ଗୁଣୀ ଡକାଇ ତେଲ ପାଙ୍ଗିବା ଦରକାର ପଡ଼େ । କଞ୍ଚା ଶାଳପତ୍ରରେ ତେଲ ରଖି, କିଛି ମନ୍ତ୍ର ପଢ଼ି ଖୋଲି ଦେଖିଲାପରେ କୌଣସି କୁଦୃଷ୍ଟି କିମ୍ବା ଭୂତ, ପ୍ରେତ ପ୍ରଭୃତି ନାଗାନାଗି(ଲାଗିଥିବାର) ସୂଚନା ମିଳିଲେ ଗୁଣୀ ଫୁଙ୍କ ଝାଡ଼ କରନ୍ତି । ଧୂପଦିଅନ୍ତି । ଏଥିପାଇଁ କୁକୁଡ଼ା/ଛେଳି ବଳିର ଦରକାର ହୁଏ । ଫୁଙ୍କା ଫୁଙ୍କି ଶେଷରେ ଗୁଣୀ କିଛି ଚେରମୂଳି ଔଷଧ ବ୍ୟବହାର କରିବାକୁ ଦେଇଥାନ୍ତି । ଗ୍ରାମ୍ୟ ସମାଜରେ ଏହିପରି ପାରମ୍ପରିକ ରୀତିରେ ଚିକିତ୍ସା ଚାଲୁଅଛି । ଏତଦ୍ ବ୍ୟତୀତ ଏବେ ଗ୍ରାମରେ ନୂଆକରି ପ୍ରତିଷ୍ଠିତ ହୋଇଥିବା ଅଙ୍ଗନବାଡ଼ି କାର୍ଯ୍ୟକ୍ରମରେ ମ୍ୟାଲେରିଆ,ଅଣ୍ଟାଜ୍ୱର, ଝାଡ଼ା ପ୍ରଭୃତି ରୋଗର ଔଷଧ ଦେଇ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରାଯାଇଛି । ଯକ୍ଷ୍ମା, ହାଡ଼ଫୁଟି ପ୍ରଭୃତି ଦୁରାରୋଗ୍ୟ ବ୍ୟାଧି ନିମନ୍ତେ ପ୍ରଯୋଜନୀୟ ଔଷଧ ସରକାରଙ୍କ ତରଫରୁ ମିଳିବାର ବନ୍ଦୋବସ୍ତ ହୋଇଅଛି । ଲୋଧା ଉନ୍ନୟନ ସଂସ୍ଥା ଏସବୁର ତଦାରଖ କରୁଥିବାର ଜଣାଯାଏ । ଲୋଧାମାନଙ୍କ ମଧ୍ୟରେ ଯୌନ ବ୍ୟାଧି ଥିବାର ଜଣାଯାଇ ନାହିଁ ।

ପିଲା ଜନ୍ମପରେ ପ୍ରସୂତି ପାରମ୍ପରିକ ରୀତିରେ ଚିକିତ୍ସିତ ହୁଏ । ପ୍ରସବ ମଧ୍ୟ ପୂର୍ବ ପ୍ରଚଳିତ ପ୍ରାଚୀନ ପଦ୍ଧତିରେ ହୋଇଥାଏ । ସାଂପ୍ରତିକ କାଳରେ ପ୍ରସବ ସମୟରେ ଅସୁବିଧା ହେଲେ ଅଙ୍ଗନବାଡ଼ି କେନ୍ଦ୍ର ଓ ନିକଟବର୍ତ୍ତୀ ଡାକ୍ତରଖାନାର ସହାୟତା ନିଆଯାଉଛି ।

**ଗୁଣି ଗାରେଡ଼ି ମନ୍ତ୍ରତନ୍ତ୍ର :** ଲୋଧାମାନେ ଗୁଣି ଗାରେଡ଼ି ମନ୍ତ୍ର ତନ୍ତ୍ରରେ ଗଭୀର ବିଶ୍ୱାସୀ । ଘରର ଛୋଟପିଲା କାନ୍ଦିଲେ, କାହାରି ଦେହ ଖରାପ ହେଲେ, ଖାଇବାରେ ଅରୁଚି କିମ୍ବା ଅଜୀର୍ଣ୍ଣହେଲେ ପେଟ ଖରାପ ହେଲେ ଏପରି ଅବସ୍ଥାରେ କାହାରି କୁଦୃଷ୍ଟି ଥିବାର ବିଶ୍ୱାସ କରାଯାଏ । ଏହାର ନିରାକରଣ ଦିଗରେ ଚେଷ୍ଟିତ ହୋଇ ଲୋଧାମାନେ ଗୁଣି ଗାରେଡ଼ି ପ୍ରୟୋଗ

କରନ୍ତି । ତେଲ ପାଞ୍ଜିବାପରେ ଫୁଙ୍କାଝାଡ଼ ହୁଏ, ପରେ ଔଷଧ ସେବନ କରାଯାଏ । ବିଛା ଓ ସାପ କାମୁଡ଼ିଲେ, ଡାହାଣୀ ଲାଗିଲେ, କାହାରି ଖରାପ ଦୃଷ୍ଟି ପଡ଼ିଥିଲେମନ୍ତ୍ର ଉଚ୍ଚାରଣ କରି ଫୁଙ୍କିଲେ ସାପର ବିଷ କିମ୍ବା ଖରାପ ଲୋକର ଦୃଷ୍ଟି ଝଡ଼ି ଉଡ଼ିଯାଏ । ଏହି ସବୁ ମନ୍ତ୍ରରେ ହିନ୍ଦୁ ଦେବାଦେବୀ; ଯଥା-ରାମ, ଲକ୍ଷ୍ମଣ,ବୀର ହନୁମାନ, ମହାଦେବ, ପାର୍ବତୀ, ମନସା ପ୍ରଭୃତି ଦେବାଦେବୀଙ୍କର ସ୍ତୁତି ଓ ପ୍ରଭାବ ପ୍ରକଟିତ ହୋଇଥାଏ । ଏତଦ୍ ବ୍ୟତୀତ ବହୁ ବୀରଙ୍କ ସହ ଦେଶଜ ଓ କାଳ୍ପନିକ ଶକ୍ତିଧରମାନେ ମଧ୍ୟ ଉଚ୍ଚାରିତ ହୋଇଥାନ୍ତି ।

ଶିକ୍ଷା : ପିଲା ବଡ଼ ହେଲେ ପାରମ୍ପରିକ ରୀତିରେ ଗୋଷ୍ଠୀଗତ ଶିକ୍ଷାଲାଭ କରେ । ଗୀତ ଗାଇ ଧୂଳି ଖେଳିବା ପରଠାରୁ ନିଜର ଜୀବିକାର୍ଜନ ନିମନ୍ତେ ଗୋଷ୍ଠୀଗତ ଶିକ୍ଷା, ଯଥା: ବଣରୁ ଫଳମୂଳ, କାଠ, ମହୁ, ଝୁଣା, ଟସର ପୋକ ଗୋଟି ସଂଗ୍ରହ, ତୀର ବିନ୍ଧିବା ବାଟୁଲୀ, ଟେଙ୍ଗା ଫାଶୀ ବ୍ୟବହାର କୌଶଳ ସମସ୍ତ ପାରମ୍ପରିକ ରୀତିରେ ବଡ଼ମାନଙ୍କଠାରୁ ଦେଖି ଶୁଣି ଶିକ୍ଷା କରନ୍ତି । ଗଛ ଚଢ଼ିବା, କୁସ୍ତି କସରତ କରିବା, ମାଛ, କଇଁଛ ଧରିବା, ମଦ ହାଣ୍ଡିଆ ପିଇବା, ଧାନ ବୁଣିବା, ଟସର ଚାଷକରିବା, ବୋବେଇ କାଟିବା, ଦଉଡ଼ି ବଟିବା, ନାଚଗୀତ ଶିଖିବା ସମସ୍ତ ପାରମ୍ପରିକ ରୀତିରେ ଶିକ୍ଷା କରିଥାନ୍ତି ।

ଝିଅମାନେ କାମକୁ ପାରିଗଲେ ମାଆ, ମାଉସୀ, ଜେଜୀମାଆ ଓ ଗ୍ରାମର ଅନ୍ୟ ସ୍ତ୍ରୀଲୋକଙ୍କ ସହିତ ବଣକୁ ଯାଇ ପତ୍ର, ଫଳ, ଫୁଲ, ମହୁ, ଝୁଣା, ଛତୁ, ଆଳୁ ପ୍ରଭୃତି ସଂଗ୍ରହ କରନ୍ତି ଓ ସଂଗ୍ରହ କୌଶଳ ଶିଖନ୍ତି । ସେମାନେ ଘରେ ରନ୍ଧାବଢ଼ା, ଲିପା ପୋଛା, ପିଲା ରଖିବା ସହିତ ଗୀତ ଗାଇବା, ନାଚିବା, ଝୋଟି ଚିତା ଦେବା, କୂଅରୁ ପାଣି କାଢ଼ିବା, ମଥା କୁଣ୍ଡାଇ ବାନ୍ଧିବା ପ୍ରଭୃତି ସମସ୍ତ ବିଷୟ ପାରମ୍ପରିକ ରୀତିରେ ଶିକ୍ଷା କରନ୍ତି ।

ସଂଧ୍ୟାରେ ଗୋଟିଏ ସ୍ଥାନରେ ଏକତ୍ର ବସି ଗୀତ ଗାନ ଶିକ୍ଷା କରାଯାଏ । ପୁରୁଖା ସ୍ତ୍ରୀ ଲୋକେ, ଜେଜୀମାଆ, ବଡ଼ଝିଅମାନେ ଗୀତଗାଇବା ଆରମ୍ଭ କରନ୍ତି । ଅପେକ୍ଷାକୃତ ଅଳ୍ପ ବୟସର ଝିଅମାନେ ଏସବୁ ଶୁଣି ମନେ ରଖି ଗାଆନ୍ତି ।

ଲୋଧା ପିଲାଙ୍କର ସ୍ମୃତି ଓ ଦୃଷ୍ଟିଶକ୍ତି ପ୍ରଖର । ସେମାନେ ପିଲାକାଳରୁ ବଣଭିତରେ ଶିକାର କରିବା, ବନଜାତ ସାମଗ୍ରୀ ସଂଗ୍ରହ କରି ଜୀବିକାର୍ଜନ କରିବା କୌଶଳସବୁ ଦେଖି ଶୁଣି ଶିକ୍ଷା କରିଥାନ୍ତି ।

ବର୍ତ୍ତମାନ ଲୋଧା ପୁଅଝିଅମାନେ ଆଧୁନିକ ଶିକ୍ଷାଲାଭ କରୁଛନ୍ତି । ଅବଶ୍ୟ ଉଚ୍ଚତର ଶ୍ରେଣୀରେ ଅଧିକାଂଶ ପାଠପଢ଼ା ଛାଡ଼ି ଦେଉଥିବାର ପରିଲକ୍ଷିତ ହୁଏ । ଏସବୁର ଭିନ୍ନଭିନ୍ନ ସାମାଜିକ କାରଣ ରହିଛି ।

ବିବାହ : ଲୋଧା ଗୋଷ୍ଠୀର ପୁଅଝିଅମାନେବିବାହ ଯୋଗ୍ୟ ବୟସ (ସାଧାରଣତଃ ପୁଅର ବୟସ ୨୦/୨୫ ବର୍ଷ ଓ କନ୍ୟାର ବୟସ ୧୫/୨୦ ବର୍ଷ) ହେଲେ ବିବାହ କରନ୍ତି । ବିବାହ

ପରେ କନ୍ୟା ବର ଘରକୁ ଆସେ ଓ ସେଠାରେ ଅବଶିଷ୍ଟ ସମସ୍ତ ଜୀବନ କଟାଇଥାଏ । ପୂର୍ବରୁ ବାଲ୍ୟ ବିବାହ ପ୍ରଥା ପ୍ରଚଳିତ ଥିଲା । ବର୍ତ୍ତମାନ ମଧ୍ୟ ଅନେକ ସ୍ଥାନରେ ତାହା ଅଛି । ଏମାନଙ୍କ ସମାଜରେ ବିଧବା ବିବାହ ପ୍ରଚଳିତ । ଅନ୍ୟଜାତି ବିବାହ ମଧ୍ୟ ପ୍ରଚଳିତ । ତେବେ ଏପରି ବିବାହରେ ଲୋଧା ପୁଅ ଅନ୍ୟ ଗୋଷ୍ଠୀ/ଜାତିର କନ୍ୟା ବିବାହ କରିବା ଘଟଣା ଦେଖାଯାଇ ନାହିଁ । ଲୋଧା ଝିଅମାନେ ଅନ୍ୟ ଜାତିରେ ବିବାହ କରିଥିବା ପରିଲକ୍ଷିତ ହୁଏ ।

ଲୋଧା ସମାଜରେ ପ୍ରକାର ଭେଦରେ ଚାରି ପ୍ରକାର ବିବାହ ଅନୁଷ୍ଠିତ ହୁଏ । ସେଗୁଡ଼ିକ ହେଲା: (୧) ବେହା, (୨) ସାଂଘା, (୩) ନେଇ ପଳାଇ ବିବାହ କରିବା ଓ (୪) ଅନ୍ୟଜାତି ବିବାହ ।

(୧) ବେହା : ସାଧାରଣତଃ ଲୋଧା ଗୋଷ୍ଠୀର ପୁଅ ଝିଅମାନଙ୍କ ବିବାହ କ୍ଷେତ୍ରରେ ପ୍ରସ୍ତାବ, ଦେଖାଚାହାଁ, ପସନ୍ଦ, ପଣ ଦେବାପରେ ବିବାହ ଅନୁଷ୍ଠିତ ହୁଏ । ଏହାକୁ "ବେହା" ପ୍ରକୃତି ବିବାହ କୁହାଯାଏ । ଏଥିରେ ବାଲ୍ୟ ବିବାହ ଅନ୍ତର୍ଭୁକ୍ତ । ଏପରି ବିବାହରେ ବର କନ୍ୟା ଘରକୁ ବିବାହ କରିବାକୁ ଯାଏ । ବିବାହ ଶେଷରେ ଆଡ଼ମ୍ବର ସହକାରେ କନ୍ୟା ସହ ନିଜ ଘରକୁ ଫେରିଆସେ । ଏଥିରେ ନିର୍ଦ୍ଦିଷ୍ଟ ସାମାଜିକ ରୀତିନୀତି ପାଳିତ ହୁଏ ।

(୨) ସାଂଘା: କୌଣସି ପୁରୁଷର ସ୍ତ୍ରୀର ମୃତ୍ୟୁ ହେଲେ କିମ୍ବା ପଳେଇଗଲେ ସେହି ପୁରୁଷ ସେହିପରି କୌଣସି ସ୍ତ୍ରୀକୁ (ଯାହାର ସ୍ୱାମୀ ମରି ଯାଇଥିବ କିମ୍ବା ଛାଡ଼ି ଦେଇଥିବ) ବିବାହ କରିବାକୁ "ସାଂଘା" କହନ୍ତି ।

ଏପରି ବିବାହ କ୍ଷେତ୍ରରେ ସଂପୃକ୍ତ ପୁରୁଷ ଓ ସ୍ତ୍ରୀ ଆଗରୁ ଦେଖାଚାହାଁ କରି କଥା ବାର୍ତ୍ତା ସାରିଥିବେ । କୌଣସି ଗୋଟିଏ ଦିନରେ ବର ପକ୍ଷରୁ ପାଞ୍ଚଜଣ ଭଦ୍ରଲୋକ ଯାଇ ସ୍ତ୍ରୀ ଲୋକଟିକୁ ଆଣି ପୁରୁଷ ଘରେ ଛାଡ଼ିଦେଇ ଯିବେ । କେତେକ କ୍ଷେତ୍ରରେ ସାଇଭାଇଙ୍କୁ ଭୋଜି ଦିଆଯାଏ । ଏଥିରେ ବାହାଘର ପରି ନିର୍ଦ୍ଦିଷ୍ଟ ଆନୁଷ୍ଠାନିକ ଉପଚାର ବିଧି ପାଳିତ ହୁଏ ନାହିଁ ।

(୩) ନେଇ ପଳାଇବା: ବିବାହ ଯୋଗ୍ୟ ପୁଅ ଝିଅ ପରସ୍ପରକୁ ଭଲ ପାଇ ବିବାହ ପାଇଁ ସ୍ଥିର କଲେ ଝିଅଟିକୁ ପୁଅ ଘେନି ପଳାଇଯାଏ । ବାପା ମାଆ ରାଜିହେବା ଓ ପରିସ୍ଥିତି ଶାନ୍ତ ହେବା ପରେ ସେ ନିଜ ଘରକୁ ଝିଅଟି ସହ ଫେରିଥାଏ । ଘେନି ପଳାଇବା କ୍ଷେତ୍ରରେ ପୁଅଟି ଝିଅକୁ ନିଜ ଘରକୁ ଆଣି ଆସିପାରେ କିମ୍ବା ବାପା ମାଆ ଅରାଜି ଥିଲେ କୌଣସି ବଂଧୁ ବାନ୍ଧବଙ୍କ ଘରେ କିଛିଦିନ ଆଶ୍ରୟ ନେଇଥାଏ । ପୁଅଟି ଝିଅ ସହିତ ନିଜ ଘରକୁ ଫେରିବା ପରେ କନ୍ୟାର ବାପାଙ୍କୁ ପଣ ବାବଦ ଟଙ୍କା ଓ ଲୁଗାପଟା ଦେବାକୁ ହୁଏ । ସାଇ ଭାଇଙ୍କୁ ମଧ୍ୟ ଭୋଜିଭାତ ଦେବାକୁ ହୋଇଥାଏ । ଏପରି କ୍ଷେତ୍ରର ପଣର ଅର୍ଥ ବେହା ସହିତ ସମ ପରିମାଣର ହୋଇଥାଏ ।

(୪) ଅନ୍ୟଜାତି ବିବାହ : କେତେକ ଲୋଧା ଗୋଷ୍ଠୀର ଝିଅ ଏ ଅଂଚଳର ଅନ୍ୟ ଜାତିର ପୁରୁଷଙ୍କ ଘରେ ସଂସାର କରି ରହିଥିବାର ଦେଖାଯାଏ । ସେହିପରି ସ୍ଥଳେ ଲୋଧା ସ୍ତ୍ରୀଟି

ପୁରୁଷର ଜାତି ଗୋତ୍ର ଗ୍ରହଣ କରେ । ସେମାନଙ୍କ ସନ୍ତାନମାନେ ପିତୃ ପରିଚୟରେ ପରିଚିତ ହୁଅନ୍ତି । ଅନ୍ୟ ଜାତିର କେତେକ ପୁରୁଷ ଲୋଧା ସ୍ତ୍ରୀଟିକୁ ଲୋଧା ବସ୍ତୀ/ଚାକିରୀ ସ୍ଥାନ/ଅନ୍ୟତ୍ର ରଖିଥିବା ବେଳେ ଘରେ ସେମାନଙ୍କର ସ୍ୱଜାତୀୟା ବିବାହିତା ସ୍ତ୍ରୀ ରହିଥାଏ । କେତେକ କ୍ଷେତ୍ରରେ ଅନ୍ୟ ଜାତିର ପୁରୁଷଟି ଲୋଧା ସ୍ତ୍ରୀଟିକୁ ଅନୁଷ୍ଠାନିକ ଭାବରେ ବିବାହ ନ କରି ମଧ୍ୟ ସ୍ୱାମୀ ଓ ସ୍ତ୍ରୀ ରୂପରେ ଘରେ ରହିଥାନ୍ତି ।

ଘର ଜୋଇଁଆ : ଏପରି କ୍ଷେତ୍ରରେ ବର ଜଣକ କନ୍ୟାଘରେ ରହେ । କୌଣସି ପିତାମାତାଙ୍କର ଏକମାତ୍ର କନ୍ୟା ବ୍ୟତୀତ କୌଣସି ସନ୍ତାନ ସନ୍ତତି ନଥିଲେ, ଜମିବାଡ଼ି, ସଂପତ୍ତିର ରକ୍ଷଣାବେକ୍ଷଣ ନିମନ୍ତେ ମନ ପସନ୍ଦର ପୁଅଟିକୁ ନିଜ ଝିଅସହ ବିବାହ କରାଇ ଘରେ ରଖିଥାଏ । ଏପରି କ୍ଷେତ୍ରରେ ମଧ୍ୟ କନ୍ୟା ବରର ଗୋତ୍ର ଓ ସାଂଗିଆ ଗ୍ରହଣ କରିଥାଏ ।

ବହୁ ବିବାହ : ଲୋଧା ସମାଜରେ ଏକ ବିବାହ ଅଧିକ ହେଉଥିଲେ ହେଁ ବହୁବିବାହ ପ୍ରଥା ପ୍ରଚଳନ ଥିବାର ଦେଖାଯାଏ । କୌଣସି ବିବାହିତା ସ୍ତ୍ରୀର ସନ୍ତାନ ସନ୍ତତି ନ ହେଲେ ପୁତ୍ର ସନ୍ତାନ ନ ହେଲେ ରୋଗାକ୍ରାନ୍ତ ହୋଇ କାର୍ଯ୍ୟରେ ଅକ୍ଷମା ହେଲେ କିମ୍ବା ପୁରୁଷଟିର ଅନ୍ୟ ସ୍ତ୍ରୀ ସହିତ ପ୍ରେମ ସ୍ଥାପିତ ହେଲେ ଏପରି ବହୁବିବାହ ଅନୁଷ୍ଠିତ ହୁଏ ।

ନିଷିଦ୍ଧ ବିବାହ: ଲୋଧାମାନେ ନିଜ ଗୋତ୍ରରେ ବିବାହ କରନ୍ତି ନାହିଁ । ବଂଶ ମଧ୍ୟରେ ସାନ ବଡ଼ଥିଲେ ବଡ଼ ବଂଶର ପୁଅ ସାନ ବଂଶର ଝିଅକୁ ବିବାହ କରିପାରେ । କକା-ଝିଆରୀ, ମାମୁଁ-ଭାଣେଜି ବିବାହ ନିଷିଦ୍ଧ । ଭାଇବୋହୂ ବିଧବା ହେଲ ବଡ଼ଭାଇ (ଦେଢ଼ଶୁରଙ୍କ) ସହିତ ସ୍ୱାମୀ ସ୍ତ୍ରୀର ସଂପର୍କ ରକ୍ଷାକରିପାରେ ନାହିଁ । କିନ୍ତୁ ବିଧବା ଭାଉଜ ଦିଅର ସହିତ ସ୍ୱାମୀ ସ୍ତ୍ରୀ ରୂପ ସଂସାର କରିବାକୁ ସମାଜର ଅନୁମତି ମିଳେ ।

ପଣପ୍ରଥା: ଲୋଧା ସମାଜରେ ଅଦ୍ୟାବଧି ପଣପ୍ରଥା ପ୍ରଚଳିତ ରହିଅଛି । କନ୍ୟା ବିବାହ ଯୋଗ୍ୟା/ଯୌବନ ପ୍ରାପ୍ତ ହୋଇ ନ ଥିଲେ ପଣର ପରିମାଣ ଅଧିକ ହୁଏ । ବିବାହ ଯୋଗ୍ୟା ଝିଅ ଅପେକ୍ଷା ଏପରି ସ୍ଥଳେ ଦୁଇଶହ ପର୍ଯ୍ୟନ୍ତ ଟଙ୍କା ଅଧିକ ହୋଇଥାଏ । ସ୍ଥାନ ବିଶେଷରେ ଅର୍ଥର ପରିମାଣ ଅଳ୍ପାଧିକ ହୋଇପାରେ କିନ୍ତୁ ବିବାହ ବସ୍ତ୍ରର ପରିମାଣ ସବୁଠି ସମାନ ହୋଇଥାଏ । ବିବାହରେ ବରଘରୁ କନ୍ୟାଘରକୁ ତିନିଖଣ୍ଡ ଲୁଗା ଦେବାକୁ ହୋଇଥାଏ ।

ପଣପ୍ରଥା ପ୍ରଚଳନର ଅର୍ଥ ହେଉଛି କନ୍ୟାକୁ ଏକ ପ୍ରକାର କିଣି ନେବା । ପିତାମାତା କନ୍ୟାକୁ ବିକ୍ରି କରନ୍ତି । ପଣ ବାବଦ ଅର୍ଥ କନ୍ୟାର ମାଆ ନିଅନ୍ତି । ଅର୍ଥର ପରିମାଣ ସମୟ/ପରିସ୍ଥିତି ଅନୁସାରେ ସ୍ଥିର ହୋଇଥାଏ ।

ଘଟକାଳି : ପୁଅଝିଅଙ୍କର ବିବାହରେ ଘଟକାଳି ମାଧ୍ୟମରେ ବିବାହ ପ୍ରସ୍ତାବ ପଡ଼ିଥାଏ । ସାଧାରଣତଃ ଲୋଧା ସମାଜରେ ପୁଅ ପକ୍ଷରୁ ଝିଅ ଘରକୁ ପ୍ରଥମେ ଘଟକାଳି ମାଧ୍ୟମରେ

ପ୍ରସ୍ତାବ ପଠାଯାଏ । ଝିଅଟି ଗାଁର କିମ୍ବା ପାଖ ଗାଁର ହୋଇଥିଲେ ତା ବିଷୟ ପୂର୍ବରୁ ଜଣାଯାଏ । ଦୂରଗାଁର ହୋଇଥିଲେ ଘଟକାଳି ସବୁ ଖବର ଆଣିଦିଏ । ଘଟକାଳି ପୁରୁଷ ଅଥବା ସ୍ତ୍ରୀ ଉଭୟ ହୋଇ ପାରନ୍ତି ।

**ମନୋନୟନ:** ପ୍ରସ୍ତାବ ପଡ଼ିଲା ପରେ ମନୋନୟନ ହୁଏ । ସାଧାରଣତଃ ପୁଅଝିଅଙ୍କର ବୟସ, ରୂପ, ଗୁଣ, ସ୍ୱାସ୍ଥ୍ୟ, ସଂପଦ, ଶିକ୍ଷା, ବୁଦ୍ଧିମତ୍ତା ପ୍ରଭୃତି ବିଷୟ ମନୋନୟନ ଦିଗରେ ସହାୟକ ହୋଇଥାଏ । ପୁଅଟି ରୋଜଗାର କ୍ଷମ, ହୃଷ୍ଟପୁଷ୍ଟ ସ୍ୱାସ୍ଥ୍ୟବାନ, ଚତୁର, କୌଶଳୀ ଓ ପରିବାର ପୋଷଣର କ୍ଷମତା ଥିବାର ଲକ୍ଷ୍ୟ କରାଯାଏ । ଝିଅଟି ସୁନ୍ଦରୀ, ଗୁଣବତୀ, ଗୃହକର୍ମ ନିପୁଣା, ଚରିତ୍ରବତୀ, ବୁଦ୍ଧିମତୀ ଓ ଲଜ୍ଜାବତୀ ହୋଇଥିବା ଦିଗରେ ଅଧିକ ଦୃଷ୍ଟି ଦିଆଯାଏ । ବିବାହ ପାଇଁ ମନୋନୟନ ସମୟରେ ମାମୁଁ ବଂଶ ଉପରେ ଗୁରୁତ୍ୱ ଆରୋପ କରାଯାଏ । ଅନେକ ସମୟରେ ବରର ଆର୍ଥିକ କ୍ଷମତା ଓ ଭୂସଂପତ୍ତି ଉପରେ ମନୋନୟନ ନିର୍ଭର କରେ ।

**ବର ଓ କନ୍ୟା ଦେଖା:** ଘଟକାଳି ମାଧ୍ୟମରେ ପ୍ରସ୍ତାବ ପଡ଼ିବା ଓ ମନୋନୟନ ପରେ କନ୍ୟା ପକ୍ଷରୁ ପ୍ରଥମେ ବର ଘରକୁ ଆସନ୍ତି । ଏହାକୁ ବର ଦେଖା କୁହନ୍ତି । କନ୍ୟା ଘରୁ ଅତିକମ୍‌ରେ ନଅ(୯)ଜଣ ଲୋକ (ଏଥିରେ କନ୍ୟାର ବାପା, ବାପାଙ୍କର ମାମୁଁ, କକା, ମାମୁଁ, ଅଜା ଓ ଗାଁର ଭଦ୍ରଲୋକ ଅନ୍ତର୍ଭୁକ୍ତ) ଘଟକାଳି ସହିତ ଆସନ୍ତି । ଏହା କୌଣସି ଶୁଭ ଦିନରେ ହୋଇଥାଏ । ବର ଘରେ ପହଞ୍ଚି ଗୋଡ଼ ହାତ ଧୋଇ ପିଣ୍ଡାରେ ବସିବା ପରେ ପାନ, ବିଡ଼ି, ଦୁକ୍ତା ଚୂନ ଦିଆଯାଏ । ତାପରେ ଚୁଡ଼ା, ଗୁଡ଼, ମୁଢ଼ି ପ୍ରଭୃତି ଜଳଖିଆ ଖାଇବାପର୍ବ । ଜଳଖିଆ ଖାଇ ସାରିଲେ ବରଦେଖା । ବରଦେଖି କଥା ବାର୍ତ୍ତା କରି ମନୋନୀତ ହେଲେ କନ୍ୟାଘରକୁ ଯିବା ପାଇଁ ନିମନ୍ତ୍ରଣ କରାଯାଏ । କନ୍ୟା ଘରୁ ଆସିଥିବା ଲୋକେ ବର ଘରେ ଅତିକମ୍‌ରେ ତିନିଥର ଖାଆନ୍ତି । କେତେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ମଧ୍ୟ ଘଟିଥାଏ ।

ବରଦେଖା ପରେ କନ୍ୟା ଦେଖିବା ପାଇଁ ଆନୁଷ୍ଠାନିକ ଭାବେ ବରଘରୁ ଅତିକମ୍‌ରେ ପାଞ୍ଚଜଣ ଯାଇଥାନ୍ତି । କନ୍ୟା ଦେଖିବା ପାଇଁ ଯାଉଥିବା ଦଳରେ ଝିଅ/ସ୍ତ୍ରୀ ଲୋକ ୨ଜଣଙ୍କ ସହିତ ମୋଟ ପାଞ୍ଚଜଣ କିମ୍ବା ଅଧିକ ଲୋକ ରହିଥାନ୍ତି । ଝିଅ ଦେଖି ମନୋନୀତ ହେଲେ ପଣ କଥା ପଡ଼େ ଓ ଦିଆଯାଏ ।

**ସ୍ୱୀକୃତି :** ଝିଅ ମନୋନୀତ ହୋଇ ପଣ ବିଷୟରେ ନିଷ୍ପତ୍ତି ହେବା ପରେ ବିବାହ ପାଇଁ ସ୍ୱୀକୃତି ହୁଏ । ସେହିଦିନ କନ୍ୟାପିତା ମଧ୍ୟ ନିଜ ଗ୍ରାମର ଭଦ୍ରଲୋକଙ୍କ ସହିତ ଘରର ବଂଧୁବାଂଧବଙ୍କୁ ନିମନ୍ତ୍ରଣ କରିଥାନ୍ତି । ବରର ବାପା ପଣ ଟଙ୍କା ଦେବାପରେ ସମସ୍ତଙ୍କ ଉପସ୍ଥିତିରେ ଗଣାହୁଏ । ବର୍ତ୍ତମାନ କାଗଜର ନୋଟ୍ ପ୍ରଚଳନ ରହିଥିଲେ ହେଁ କାଗଜ ନୋଟ୍ ସହିତ ଅନ୍ତତଃ ଗୋଟିଏ ରୂପାର ଟଙ୍କା ରହିଥାଏ । ଗୋବର ଲିପା ହୋଇ ପରିଷ୍କାର ଭୂମି ଉପରେ କଂସାଥାଳିଟିଏ

ରଖାଯାଇଥାଏ । ଟଙ୍କା ଗଣିଲା ବେଳେ ଶଂଖ ବଜାନ୍ତି । ଏହି ସମୟରେ କନ୍ୟାର ସାଙ୍ଗମାନେ "ଥାଲି ଥାଲି ଟଙ୍କା-ନିଲି, ଦିଲି ମାଆ ପରେର ଘରେ" ଗୀତଟି ଗାଇଥାନ୍ତି ।

ଏହିଅନୁଷ୍ଠାନ ପରେ ସେହିଦିନ ବିବାହ ନିମନ୍ତେ ଦିନ ଧାର୍ଯ୍ୟ ହୋଇଥାଏ ।

**ବିବାହ ନିମନ୍ତ୍ରଣ :** ବିବାହର ଦିବସ ଧାର୍ଯ୍ୟ ହେବାପରେ ବିବାହ ନିମନ୍ତେ ପୁଅ/ଝିଅ ଘରେ ନିମନ୍ତ୍ରଣ ଓ ପ୍ରସ୍ତୁତି ପର୍ବ ଆରମ୍ଭ ହୁଏ । ବନ୍ଧୁବାନ୍ଧବଙ୍କ ସହ ଗାଁର ମୁଖିଆ, କଟୁଆଳ, ଡାକୁଆ, ଦେହୁରୀ, ବାରିକ, ଧୋବା ପ୍ରଭୃତିଙ୍କୁ ଗୁଆ ଚଳାଇ ନିମନ୍ତ୍ରଣ କରାଯାଏ । ଗୋଟିଏ ହଳଦୀ ମଖା ଗୋଟା ଗୁଆ ନେଇ ବନ୍ଧୁଙ୍କ ଘରକୁ କେହିଜଣେ ଲୋକ ଯାଇଥାନ୍ତି । ବନ୍ଧୁଙ୍କ ଘରେ ପହଞ୍ଚିଲେ ସଂପୃକ୍ତ ଘରର ଲୋକେ ଗୋଡ଼ ଧୋଇବା ପାଇଁ ଲୋଟାରେ ଜଳ ଦେଲା ଉତ୍ତାରୁ ସେହି ବ୍ୟକ୍ତି ନେଇଥିବା ଗୁଆଟିକୁ ଜଳପୂର୍ଣ୍ଣ ଲୋଟାରେ ରଖନ୍ତି । ସେହି ଗୁଆଟିକୁ ସଂପୃକ୍ତ ଘରର ଜଳ ଦେଇଥିବା ସ୍ତ୍ରୀ ଲୋକ ଜଣକ ଉଠାଇ ନେଇ ବାହାଘରର ବିଷୟ ଜାଣିବାପରେ ଗୁଆଟିକୁ ପୁଣି ଫେରାଇ ଦିଅନ୍ତି । ଏହିପରି ଭାବରେ ସବୁ ବନ୍ଧୁଙ୍କ ଘରେ ଗୁଆ ନିମନ୍ତ୍ରଣ କରିବା ବିଧି ପ୍ରଚଳିତ । ଯେଉଁ ବନ୍ଧୁଙ୍କୁ ଶେଷରେ ନିମନ୍ତ୍ରଣ ହୁଏ, ସେଠାରୁ ଗୁଆ ଫେରେ ନାହିଁ । ଅନେକ ଲୋଧା ଗ୍ରାମରେ ମଧ୍ୟ ଅନ୍ୟ ପ୍ରକାରରୀତି ପ୍ରଚଳିତ । କେଉଁଠି କେଉଁଠି ପ୍ରତ୍ୟେକ ବନ୍ଧୁବାନ୍ଧବଙ୍କୁ ୧୦ ଗୋଟି ଗୁଆ ଦେଇ ନିମନ୍ତ୍ରଣ କରିବା ବିଧି ପ୍ରଚଳିତ । ସେଠାରେ ଗୁଆ ଫେରି ନଥାଏ ।

ବିବାହ ପାଇଁ ବରଘର, ମଉଡ଼, ସିନ୍ଦୁର, ନୂଆଲୁଗା, କତୁରୀ, ବାଣ, ବାଜା, ଶଗଡ଼ ପ୍ରଭୃତିର ବ୍ୟବସ୍ଥା କରନ୍ତି । ବର୍ତ୍ତମାନ ଅନେକ ସ୍ଥାନରେ ଟ୍ରଲି ରିକ୍ସା/ଟ୍ରେକର ସହିତ ମାଇକ୍‌ର ବ୍ୟବସ୍ଥା ହେଉ ଥିବାର ପରିଲକ୍ଷିତ ହୁଏ ।

**ନଗ/ଲଗ୍ନ ହାଣ୍ଡି:** ବିବାହ ଦିନ ଧୋବା ବାରିକ ଆସନ୍ତି । ଧୋବା ଲୁଗା ପଟା ସଫା କରନ୍ତି । ବାରିକ ସମସ୍ତଙ୍କର ଚୁଟି କାଟି, ଦାଢ଼ି ସଫା କରନ୍ତି । ସଧବା ସ୍ତ୍ରୀ ଲୋକେ ଗାଁର ଅନ୍ୟଘରୁ କୋଇଲିପାଣି ସଂଗ୍ରହ କରି ଆଣନ୍ତି । ଏହାପରେ ବର ଘରର ଲୋକେ ବରକୁ ଗାଧୋଇବା ପାଇଁ ନେଇଯାଆନ୍ତି । ଗାଧୋଇ ସାରି ବର ନାଲି ଧଡ଼ିଥିବା ଧଳା ଧୋତି ପିନ୍ଧେ । ଗାଧୋଇ ସାରି ଫେରିବା ପରେ ଘରେ ନୂଆ ହାଣ୍ଡି ବସେ । ଏହା ନଗ/ଲଗ୍ନ ହାଣ୍ଡି । ଏହି ହାଣ୍ଡି ପାଖରେ ବସୁମାତା, ଧରମ ଦେବତା ପ୍ରଭୃତିଙ୍କ ଉଦ୍ଦେଶ୍ୟରେ " ସିନ୍ଦୂର ଗଡ଼ା " ହୁଏ । ଏହାପରେ ବଡ଼ାମ/ଗରାମ ଥାନକୁ ବରକୁ ନିଆଯାଏ । ସାଥିରେ ନୂଆଲୁଗା, ପଥର ଗୁଣ୍ଡ, କତୁରୀ, ସିନ୍ଦୁର ମୋଡ଼ (ମଉଡ଼) ପ୍ରଭୃତି ନେଇଥାନ୍ତି । ସେଠାରେ ପୂଜା ଶେଷକରି ବର ଫେରିଲେ ନୂଆ ହାଣ୍ଡିଟିକୁ ନୂଆ ଚୁଲା ଉପରେ ରଖନ୍ତି । ହାଣ୍ଡି ଉଠିଲା ପରେ ହଳଦୀ ବଟାପାଣି ଓ ବରକୁ ହଳଦୀ ଲଗାଇ ଗାଧୋଇ ଦିଅନ୍ତି । ହଳଦୀ ଲଗାଇଲାବେଳେ ଗୀତଟିଏ ବୋଲାଯାଏ ।

" ବାର ବାର ମଙ୍ଗଳ ବାର ଗୋ
କାର ଘରେ ବସେ ନୂଆ ହାଣ୍ଡି ଗୋ
ନୂଆ ହାଣ୍ଡିର ବାସେ ଲିଲଇ ଉମରାୟଲୋ ଗୋ । "

ଇତି ମଧ୍ୟରେ କଟୁଆଳ ଗୋଟିଏ ଗୋଟା ଗୁଆ କଣାକରି ଆମ୍ବପତ୍ର ଦେଇ ବରର ଡାହାଣ ହାତରେ ସୂତାରେ ମଙ୍ଗଳସୂତ୍ର ବାନ୍ଧି ଦିଅନ୍ତି ।

ଗୀତ ଗାଇସାରିବା ପରେ ପୂର୍ବ ପଶ୍ଚିମ ଦିଗରେ ସିନ୍ଦୂର ଦିଆଯାଏ । ପରେ ଘରର ଲୋକେ ଗୀତ ଗାଇ ବରକୁ ଗାଳି ଦେଇଥାନ୍ତି । ବାରିକ ଅଳତା ପିନ୍ଧାଏ । ଗୀତରେ ବାରିକକୁ ଅଳତା ପିନ୍ଧାଇବା, ନଖ କାଟିବାରେ ସାବଧାନ ହେବାକୁ ନିର୍ଦ୍ଦେଶ ଥାଏ । ଏହାପରେ କନ୍ୟା ଘରକୁ ଯିବାପାଇଁ ବର ଘରୁ ବାହାରେ ଓ ବଳଦ ଗାଡ଼ିରେ ବସେ । ବର ସହିତ ଆଇବୁଢୀ, ଭିଣୋଇ, କଟୁଆଳ ପ୍ରଭୃତି ବସନ୍ତି । ବର କନ୍ୟା ଘର ଉଦ୍ଦେଶ୍ୟରେଯିବା ଆରମ୍ଭ ହୁଏ । ଘରେ କିମ୍ବା ରାସ୍ତାରେ ଆମ୍ବଗଛ ସହ ବରର ବିବାହ ହୁଏ ।

ବରର ବାପା ସାଧାରଣତଃ ଚାଲି ଚାଲି ନଗହାଣ୍ଡି ହାତରେ ଧରି ଯାଆନ୍ତି । ଘରୁ ବର ବାପା ସମସ୍ତଙ୍କ ସହିତ ଏକା ସାଥିରେ ବାହାରି ଥାନ୍ତି କିନ୍ତୁ କନ୍ୟାଘରେ ବର ପହଞ୍ଚିବା ଆଗରୁ ପହଞ୍ଚିଥାନ୍ତି ।

ନଗ/ଲଗ୍ନହାଣ୍ଡିରେ କନ୍ୟା ନିମନ୍ତେ ମଥାବନ୍ଧା ଫିତା, ପିତଳ କତୁରୀ, ଗୋଟିଏ କାଠର ପାନିଆ, କାଠର ମାଳ ୧ଟି, ଦନାରେ ହଳଦୀ ୭ଖଣ୍ଡ, ଦନେ ମିଠେଇ, ଚୁଡ଼ା ଅଧାକିଲୋ, ନାଲି/କଳା ଅଣ୍ଟା ଦଉଡ଼ି ୧ଟି, ମାଆଶାଢ଼ୀ, ମାମୁଁ ଧୋତି, ଶଳାପିନ୍ଧା, ଆଇବୁଡୀ ଥିଲେ ଶାଢ଼ୀ/ରଖାଯାଇଥାଏ । ହାଣ୍ଡି ମୁହଁ ଶୁଖିଲା ଶାଳପତ୍ରରେ ବୋବେଇ ଦଉଡ଼ିରେ ବନ୍ଧାଥାଏ ।

ବରର ବାପା ନୂଆ ହାଣ୍ଡି/ନଗ ହାଣ୍ଡି ଧରି କନ୍ୟାଘରେ ପହଞ୍ଚିଲା ପରେ କନ୍ୟା ଘରେ ଶୁଭ ଶଂଖ ବାଜେ । କନ୍ୟା ପିତା ଆଗେଇ ଆସି ବର ପିତାଙ୍କ ହାତରୁ ନଗହାଣ୍ଡି ନିଅନ୍ତି । ବାହାରେ ଛାମୁଣ୍ଡିଆ ବନ୍ଧା ହୋଇଥାଏ । ତା ତଳେ ହାଣ୍ଡି ରଖାଯାଏ । ବରର ବାପା ଏହାପରେ ହାତ ଗୋଡ଼ ଧୋଇ ବସନ୍ତି । ଗାଁର ଲୋକେ ପହଞ୍ଚିଲେ ହାଣ୍ଡି ଖୋଲି ସାମଗ୍ରୀସବୁ ଦେଖାଯିବା ବିଧି ।

ବରଯାତ୍ରୀଦଳ ସହିତ କଳି (ଗୀତ ଯୁଦ୍ଧ): ବରଯାତ୍ରୀ ଦଳରେ ଘର/ବଂଶ/ଗୋଷ୍ଠୀର ଝିଅ, ବନ୍ଧୁ ବାନ୍ଧବ, ସାଙ୍ଗସାଥି ମିଶି ୫୦/୬୦ ଜଣ ଯାଇଥାନ୍ତି । (ଆଗରୁ ସମସ୍ତେ ୨/୩ଟି ଶଗଡ଼ରେ ବସି ଯାଉଥିଲେ । ବର୍ତ୍ତମାନ ଟ୍ରଲି କିମ୍ବା ଟ୍ରେକରରେ ବସି ଯାଉଛନ୍ତି ।) ବରଯାତ୍ରୀ ଦଳ କନ୍ୟା ଗାଁରେ ପହଞ୍ଚିଲାବେଳକୁ ଗାଁ ମୁଣ୍ଡରେ କନ୍ୟା ଗାଁର ଝିଅ ବୋହୂ, ଆଇବୁଢ଼ୀ ସମସ୍ତେ ମିଶି ଗୀତ ଗାଇ ବରଯାତ୍ରୀ ଦଳକୁ ଗାଳି କରନ୍ତି । ବରଯାତ୍ରୀ ଦଳରେ ଥିବା ଝିଅ/ସ୍ତ୍ରୀ ଲୋକେ

ଗୀତରେ ଏହାର ଉତର ଦିଅନ୍ତି । ଗୀତଯୁଦ୍ଧ ଶେଷରେ ସାଧାରଣତଃ ବର ପକ୍ଷର ବିଜୟ ହୁଏ । ବରଯାତ୍ରୀ ଦଳ ବିଜୟ ଉଲ୍ଲାସରେ ଗୀତଟିଏ ଗାଇଥାନ୍ତି :-

"ଆଗୋ କନିଆର ମାଆ, ସୁଧା ଘର ନିଏ
ତର ବେଟୀକେ ନିଏଯାବ ଚଡ଼ଚଡ଼ି ବାଜିଏଁ ।"

କନ୍ୟାପକ୍ଷ ହାର ସ୍ୱୀକାର କରି ଗୀତରେ ଗାଉବେ :-

"ଥାଲି ଥାଲି ଟାକା ନିଲି ଦିଲି ପରେର ଘରେ ।"

ଏହା ପରେ ବର ଶଗଡ଼କୁ ଓହ୍ଲାଇ ନିର୍ଦ୍ଦିଷ୍ଟ ସ୍ଥାନରେ ବିଛା ହୋଇଥିବା ନୂଆ ପାଲପଟିଆରେ ବସେ । ବର ସହିତ ବରର ଭିଣୋଇ ଓ କଟୁଆଳ/କଟାଳ ବସନ୍ତି । ଏଭିତରେ କନ୍ୟାକୁ ମହୁଲ ଗଛ ସହିତ ବିବାହ ଦେବାର ଆୟୋଜନ କରନ୍ତି । ବର ଘରର ସ୍ତ୍ରୀ ଲୋକେ କନ୍ୟାକୁ ହଳଦୀ ଲଗାଇ ଦିଅନ୍ତି । ହଳଦୀ ମାଖି ଲୁଗା ପିନ୍ଧିଲା ପରେ କନ୍ୟାର ମାଆ ବରକୁ ବାହାରେ ନିର୍ମିତ ଛାମୁଣ୍ଡିଆ ଦଳକୁ ନେଇ ଆସି ବସାନ୍ତି । ବର ସହିତ ଭିଣୋଇ ଓ କଟୁଆଳ/କଟାଳ ମଧ ବସନ୍ତି । ଏଭିତରେ କନ୍ୟାକୁ ହଳଦୀ ଲଗାଇ ନୂଆଲୁଗା ପିନ୍ଧାଇ ମହୁଲ ଗଛ ସହିତ ବିବାହ ପାଇଁ ନିଆଯାଏ । ବରର ଯେପରି ଆମ୍ବଗଛ ସହିତ ବାହାଘର ହୋଇଥାଏ, କନ୍ୟାର ସେହିପରି ମହୁଲ ଗଛ ସହିତ ବିବାହ ହୁଏ । ବରର ଡାହାଣ ହାତ ପାପୁଲି ଗଛର ଗଣ୍ଡି ସହିତ ବନ୍ଧାଯାଇଥିବା ବେଳେ କନ୍ୟାର ବାମହାତ ପାପୁଲି ବନ୍ଧାଯାଏ । ହଳଦୀ ମଖା ସୂତାରେ ପାପୁଲିକୁ ଗଛର ଗଣ୍ଡି ସହିତ ବନ୍ଧାଯାଏ । ଗଣ୍ଡି ଉପରେ ତିନି ଟୋପା ସିନ୍ଦୂର ଲଗା ଯାଏ । ସେମାନେ ଦୁହେଁ ଏହି ବିବାହ କରିଥିବା ଗଛର ଫଳ ଖାଇବା, ଗଛକୁ ଚଢ଼ିବା କିମ୍ବା ଡାଳପତ୍ର ଭାଙ୍ଗିବା ନିଷେଧ । କେହି କେହି ଏହା ସ୍ୱାମୀ ସ୍ତ୍ରୀ ଦୁହିଁକ ବୈବାହିକ ଜୀବନର ସୁରକ୍ଷାକାରୀ "ଜୀବନନାଟି" ରୂପେ ପରିଗଣିତ ହେଉଥିବାର କହନ୍ତି ।

ମହୁଲ ଗଛ ସହିତ ବିବାହ ସାରି ଫେରିଲେ ଛାମୁଣ୍ଡିଆ ତଳେ କନ୍ୟାର "ଗୋତ୍ର କାଟ" ପାଇଁ ପାରମ୍ପରିକ ଅନୁଷ୍ଠାନ ହୁଏ । ଏହା କନ୍ୟା ପକ୍ଷର କଟୁଆଳ କରିଥାନ୍ତି ।

**ବିବାହ:** ଏହାପରେ କନ୍ୟା ବେଦୀ ପାଖରେ ପୂର୍ବରୁ ଠିଆ ହୋଇଥିବା ବର ସାମନାରେ ଆସି ଛିଡ଼ା ହୁଏ । ବରକୁ କନ୍ୟାର ଭାଇ କିମ୍ବା ବରର ଭିଣୋଇ କାନ୍ଧେଇ କରି ନେଇ ବେଦୀରେ ଠିଆ କରନ୍ତି । ବର କନ୍ୟା ପରସ୍ପରକୁ ଦେଖି ନ ପାରିବା ପାଇଁ ନୂଆ ଲୁଗାଦେଇ କିମ୍ବା ଛତାଦ୍ୱାରା ଉଭୟଙ୍କୁ ଘୋଡ଼ାଇ ଦିଅନ୍ତି । ଏପରି ଅବସ୍ଥାରେ ବର ଓ କନ୍ୟା ଉଭୟେ ବେଦୀ ଚାରିପଟରେ ପରସ୍ପରର ବିପରୀତ- ମୁଖୀ ହୋଇ ସାତଥର ଘୂରନ୍ତି । ଏହାପରେ କଟୁଆଳ/କଟାଳ ଧର୍ମଦେବତାଙ୍କୁ ସେମାନଙ୍କର ସୁଖକର ବୈବାହିକ ଜୀବନ ନିମନ୍ତେ ପ୍ରାର୍ଥନା କରନ୍ତି । ପ୍ରାର୍ଥନା ଶେଷରେ ଧାନ, ଅରୁଆ ଚାଉଳ ଫିଙ୍ଗନ୍ତି । ତାପରେ ବର କନ୍ୟା ଦୁହେଁ ବେଦୀର ଦୁଇପାଖରେ ବସନ୍ତି । କଟୁଆଳ ବର ହାତରେ କନ୍ୟାର ହାତକୁ ଘଟ ଉପରେ ରଖି ନୂଆ

ହଳଦୀ ବୋଳା ସୂତାରେ ବାନ୍ଧି ଦିଅନ୍ତି । ବରର ପଗଡ଼ି ସହିତ କନ୍ୟାର ପିନ୍ଧା ଶାଢ଼ୀକୁ ଗଣ୍ଠେଇ ଦିଅନ୍ତି । ଦୁହିଁଙ୍କ ଚାରିପଟେ ପୂର୍ବରୁ ଘେରା ହୋଇଥିବା ପରଦା/ଛତା ଅପସାରଣ କରାଯାଏ । କଟୁଆଳ କନ୍ୟାକୁ ବରର ବାମ ଦିଗରେ ଧରି ବସାଇ ଦିଅନ୍ତି । ଥାଳିରେ ଦୁବ, ଧଳାଧାନ, ସିନ୍ଦୂର ପ୍ରଭୃତି ଥାଏ । ବରକନ୍ୟାକୁ ବନ୍ଦାପନା କରାଯାଏ । କଟୁଆଳ/ କଟାଳ ବରକୁ କନ୍ୟାର ମଥାରେ ସିନ୍ଦୂର ଲଗାଇବାକୁ କହନ୍ତି । ବର ନିଜ ହାତର ଧରିଥିବା ଗୁଆକାତି ସାହାଯ୍ୟରେ କନ୍ୟାର କପାଳ ଓ ସୁନ୍ଥାରେ ତିନିଥର ସିନ୍ଦୂର ଲଗାଇଦିଏ । ବିବାହ ଦିନରୁ ବିବାହ ଶେଷ ପର୍ଯ୍ୟନ୍ତ ବର ହାତରେ ଗୁଆକାତି ଓ କନ୍ୟା ହାତରେ କଜଳପାତି ଧରିବା ବିଧି । ସିନ୍ଦୂର ପିନ୍ଧାଇ ଦେବା ପରେ ଦୁଇଟି ମଉଡ଼ ଦୁହିଁଙ୍କ ମଥାରେ ପିନ୍ଧାଇ ଦିଆଯାଏ । ବିବାହ ପରେ ଗାଁର ବଡ଼ାମ ଓ ଶୀତଳା ଥାନକୁ ବରକନ୍ୟାକୁ ନେଇଯାଆନ୍ତି । ଏହାପରେ ସେ ଦୁହିଁଙ୍କୁ ଘର ଭିତରକୁ ନେଇ ଯାଇ କନ୍ୟାର ମାଆ ଚୁଡ଼ା ଗୁଡ଼ ଖାଇବାକୁ ଦିଅନ୍ତି । ଖାଇବା ପୂର୍ବରୁ ବର କନ୍ୟା ପକ୍ଷରୁ ଦିଆଯାଉଥିବା ଉପହାର/ଯୌତୁକ ସାମଗ୍ରୀ ଦେଖନ୍ତି । ବରଖାଇ ସାରିଲେ ସେହି ଥାଳିରେ ଥିବା ଅବଶିଷ୍ଟ ଖାଦ୍ୟ କନ୍ୟା ଖାଇଥାଏ । ସେଠାରେ ସମସ୍ତେ ଭୋଜି ଭାତଖାଇ ରାତିଟି କଟାଇ ପରଦିନ ସକାଳେ ବର କନ୍ୟା ସହ ବରଯାତ୍ରୀ ଦଳ ନିଜ ଘରକୁ ଫେରନ୍ତି ।

ଶଳାବିଧା : ବିବାହ ବେଳେ କନ୍ୟାର ଭାଇ ବରର ପିଠିରେ ବିଧା ମାରିବା ବିଧି । ହାତରେ ନମାରି ଲଡୁ/ମିଠେଇ/ଆଳୁ/ବାଇଗଣ ପ୍ରଭୃତି ଫିଙ୍ଗେ,ମାରେ । କେହି କେହି ଛୋଟ ଛୋଟ ପଥର ଖଣ୍ଡ ମଧ୍ୟ ମାରନ୍ତି । ନୂଆ ଭିଣୋଇ ମିଠେଇ ମାରିବା ପାଇଁ କିଛି ଟଙ୍କା କିମ୍ବା କିଛି ମିଠେଇ ଦେଇ ଦେଲେ ଏପରି ମାଡ଼ ବନ୍ଦ ହୁଏ ।

ବାସିବିଭା : ବିବାହ ଶେଷରେ ବରକନ୍ୟା ବିଦାୟ ନିଅନ୍ତି । ବରକନ୍ୟାକୁ ଧରି ବରଯାତ୍ରୀ ସହ ନିଜ ଘରକୁ ଫେରେ । ଘରେ ବାହାରେ ଛାମୁଡ଼ିଆ ତଳେ ନିର୍ମିତ ବେଦୀ ଉପରେ ବରକନ୍ୟା ବସନ୍ତି । ବରର ମାଆ କଂସା ଥାଳିରେ ଅରୁଆ ଧାନ, ଅରୁଆ ଚାଉଳ, ଧୂପ, ଦୀପ, ଦୁବ, ସିନ୍ଦୂର, ହଳଦୀ ପ୍ରଭୃତି ନେଇ ପୁଅ ବୋହୂଙ୍କୁ ବନ୍ଦାପନା କରନ୍ତି । (ଚୁମେଇବେ) ସେଇଠି ପୁଅ, ବୋହୂ ହାତରେ ଲୁହା କଟୁରୀ ଓ ମଥାରେ ୩ଥର ସିନ୍ଦୂର ପିନ୍ଧେଇ ଦିଅନ୍ତି । ଏହାପରେ ବରର ମାଆ ପୁଅ ବୋହୂଙ୍କୁ ଘର ଭିତରକୁ ନିଅନ୍ତି ।

ନଣନ୍ଦପେଡ଼ି : ଘରକୁ ପଶିବା ବେଳେ ବରର ଭଉଣୀ ଓ ତାର ସାଙ୍ଗସାଥିମାନେ ଦୁଆର ମୁହଁରେ ବସି ରାସ୍ତା ବନ୍ଦକରିଦିଅନ୍ତି । କନ୍ୟା ବାପଘରୁ ଆଣିଥିବା ନଣନ୍ଦ ପେଡ଼ି କିମ୍ବା କିଛି ଟଙ୍କା ନେବା ପରେ ଯାଇ ବାଟ ଛାଡ଼ନ୍ତି । ଏହାପରେ ଗାଧୁଆ ପାଇଁ ଉଦ୍ଦିଷ୍ଟ ସ୍ଥାନକୁ ନେଇଯାଇ ଶିଳ ଉପରେ ଠିଆ କରେଇ ପୁଅ ବୋହୂକୁ ଗାଧୋଇ ଦିଅନ୍ତି । ଗାଧୋଇବାକୁ ଯିବାବେଳେ ବରକନ୍ୟା ଦାନ୍ତ ଘଷନ୍ତି । ଆଗରେ ବୋହୂ ପଛରେ ପୁଅ । ଦାନ୍ତ ଘଷି ବିବାହ ପାଇଁ ଅନୁକୂଳ କରି ବାହାରି ଯିବା ସମୟରେ ଯେଉଁ ନୂଆଘଟ (ଶୁଭଘଟ)ରେ ପାଣିଭର୍ତ୍ତିକରି ବସା ଯାଇଥାଏ, ସେହି

ଘଟର ଜଳ ଆଣି ପୁଅ ବୋହୂ ଦୁହିଁଙ୍କ ମଥାରେ ଢ଼ାଳି ଗାଧୁଆ ଆରମ୍ଭ କରାଯାଏ । ଶୁଭଘଟ ଉପରେ ଧନୁଶର ରଖାଯାଇଥାଏ । ପୁଅ ଧରିଥିବା ଗୁଆକାତି ଓ ବୋହୂର କଜଳ ପାତି ଦୁଇଟି ଗାଧୋଉଥିବା ଶିଳତଳେ ଗାତ ଖୋଳି ପୋତି ସାତଥର ଖୋଜା ଖୋଜି କରି ପାଆନ୍ତି । ଏହା 'ଲୁକ ଲୁକାଣି ଖେଳ' ନାମରେ କଥିତ । ବର କଜଳପାତି ପାଇ ବୋହୂ ମଥାରେ ସାତ ଥର ଚିତା ଦିଏ । ବୋହୂ ମଧ୍ୟ ପୁଅ କପାଳରେ ସାତଥର ତିଳକ ଦେଇଥାଏ । ଏହାପରେ ପୁଅ ବୋହୂ ତେଲ ହଳଦୀ ଲଗାନ୍ତି । ତା ପରେ ଉଭୟଙ୍କ ହାତରେ ବନ୍ଧାଥିବା ବିଧି(ମଙ୍ଗଳସୂତ୍ର) ଖୋଲି ଦିଆଯାଏ । ଶେଷରେ ସମସ୍ତେ ଗାଁ ପାଖରେ ନଦୀ ଅଥବା ବନ୍ଧକୁ ପୁଅ ବୋହୂଙ୍କୁ ନେଇ ଯାଆନ୍ତି । ଗାଧୁଆ ସାରି ଫେରିବା ବେଳେ କନିଆଁ ଲୋଟା ଓ ବର ଧନୁଶର ବାଉଁଶ ନେଇ ଯାଆନ୍ତି । ଗାଧୁଆ ସାରି ଫେରିବା ବେଳେ କନିଆଁ ଲୋଟାରେ ପାଣି ଆଣେ । ନେଇଥିବା ଖଲି ପତ୍ରରେ ବର ଧନୁଶର ବିନ୍ଧେ । ଖଲିରେ ଧନୁ ବିନ୍ଧିବା ଅବସ୍ଥାରେ କନିଆଁ ଧନୁଶର ଖଲି ବୋହି ଆଣେ । କନ୍ୟା ବର ଉଭୟେ ପାଣିଦିଅନ୍ତି । ଘରକୁ ଆସି ଧନୁଶର ଖଲି ଛାମୁଡ଼ିଆ ଉପରେ ରଖନ୍ତି । ବେଦୀରେ (ବିଧିଶାଳେ) ଓଦା ଲୁଗାପିନ୍ଧି ବସନ୍ତି । ଏହାପରେ ମାଆ ଓ ଭଉଣୀ ଆସି ବନ୍ଦାପନା କରନ୍ତି । ବନ୍ଦାପନା ସାରି ପୁଅ ବୋହୂ ଘରକୁ ଯାଆନ୍ତି । ସେଠାରେ ଗାଁ ସାଇ ପଡ଼ିଶା, ବନ୍ଧୁ ବାନ୍ଧବମାନେ ଆସି ବୋହୂ ମୁହଁ ଚାହାଁ ଦେଇ ମୁହଁ ଦେଖନ୍ତି ।

**ବାହାଫେରା :** ବାହାଘର ନଅ ଦିନରେ ବୋହୂର ବାପା ଭାଇ, କକା କିମ୍ବା ମାଆ ଯେ କେହି ଆସି ଝିଅ ଜୋଇଁଙ୍କୁ ଫେରେଇ ନେଇ ଯାଆନ୍ତି । ଶ୍ୱଶୁର ଘରେ ଅଢ଼େଇ ଦିନ ରହିଲା ପରେ ଘରକୁ ଫେରିବା ବିଧି । ଦୂରବାଟ ହୋଇଥିଲେ ଅଢ଼େଇ ଦିନ ପରେ ଝିଅ ଜୋଇଁଙ୍କୁ କିଛି ଦୂର ବାଟେଇ ଦେଇ ପୁଣି ଫେରାଇ ନେଇ ଯାଆନ୍ତି । ଜୋଇଁ ଶ୍ୱଶୁର ଘରୁ ଫେରିବା ବେଳେ ସେମାନଙ୍କୁ ଛାଡ଼ିବାକୁ ଆସିଥିବା ଯେ କେହି ସମ୍ପର୍କୀୟ ସେହିପରି ଝିଅ ଘରେ ଅଢ଼େଇ ଦିନ ରହିବା ବିଧି । ଏଥିରେ ବ୍ୟତିକ୍ରମ ମଧ୍ୟ ହୁଏ । କେହି କେହି ଗୋଟିଏ ଦିନ ରହି ଚାଲି ଯାଆନ୍ତି ।

**ଛାଡ଼ପତ୍ର :** କୌଣସି ସ୍ତ୍ରୀ ସ୍ୱାମୀଙ୍କ ପ୍ରତି ଅବିଶ୍ୱାସୀ ହୋଇ ପରପୁରୁଷାସକ୍ତ ହୁଏ ଅଥବା ଅଳସୁଆ, ଅକ୍ଷମା, ରୋଗାକ୍ରାନ୍ତ କିମ୍ବା ବନ୍ଧ୍ୟା ହୁଏ ତବେ ଲୋଧାପୁରୁଷ ଏପରି ସ୍ତ୍ରୀଲୋକଙ୍କୁ ସାଧାରଣତଃ ଅବାଧରେ ଛାଡ଼ି ଦେଇ ଅନ୍ୟ ସ୍ତ୍ରୀ ଗ୍ରହଣ କରିଥାଏ । ସ୍ୱାମୀ ପରିତ୍ୟକ୍ତା ସ୍ତ୍ରୀର ମଧ୍ୟ ଅନ୍ୟତ୍ର ବିବାହ କରିବାରେ ପୂର୍ଣ୍ଣ ସ୍ୱାଧୀନତା ରହେ ।

**ଜନ୍ମସଂସ୍କାର :** ପିଲାଟିଏ ଜନ୍ମହେଲେ ଛୁଟକା ହୁଏ ଓ ପାରଂପରିକ ରୀତିରେ ଜାତବିଧି ପାଳିତ ହୁଏ । ଜଣେ ଭିନ୍ନବର୍ଗର ଅଭିଜ୍ଞା ସ୍ତ୍ରୀ ଧାଈ କାମ କରେ । ବାରିକ ଓ ଧୋବା ଆଣି ସଫା ହୁଅନ୍ତି । ବାରିକ ପୁଆତିର ନଖକାଟେ । ଧୋବା ଲୁଗା କାଚେ । ପୁଅ ପିଲାହେଲେ ମୁଣ୍ଡପାଖରେ ଧନୁଶର 'ଗାତା' ହେଉଥିବାବେଳେ ଝିଅପିଲା ମୁଣ୍ଡ ପାଖରେ ଟାଙ୍ଗି ପୋତି ଦିଅନ୍ତି ।

**ନରତା :** ନଅ ଦିନରେ ନରତା ହୁଏ । ଏହି ଦିନ ବାରିକ ଗୋଷ୍ଠୀ/ଗାଁ ଲୋକଙ୍କର ନଖ ଓ ବାଳ

କାଟେ, ଦାଢ଼ି ସଫା କରେ । ଧୋବା ସମସ୍ତଙ୍କର ଲୁଗା ସଫା କରେ । ଏଥିପାଇଁ ସେମାନେ ପାରିଶ୍ରମିକ ବାବଦ ଅର୍ଥ ନେବାସହ ଭାତ ଖାଆନ୍ତି,ମଦ/ହାଣ୍ଡିଆ ପିଅନ୍ତି । ପାରିଶ୍ରମିକ ବାବଦରେ ଦୁଇ ସେର ଚାଉଳ ଓ ପଚାଶ ଟଙ୍କା ନିଅନ୍ତି । ପୂର୍ବରୁ ଅର୍ଥର ପରିମାଣ କମ୍‌ଥିଲା । ଚାଉଳର ପରିମାଣ ଅପରିବର୍ତ୍ତିତ ରହିଛି । ଏହି ଦିନ ନବଜାତକ ଶିଶୁଟି ଲଣ୍ଡା ହୁଏ କିମ୍ବା ଥଣ୍ଡାଜ୍ୱର ପ୍ରଭୃତିରେ ପୀଡ଼ିତ ଥିଲେ ପରିସ୍ଥିତି ଦେଖି କାନ ପାଖରୁ ମେଞ୍ଚେ ବାଳକାଟି ବିଧି ରକ୍ଷା କରାଯାଏ । ପୁଅାଟି ଗୋଡ଼ ହାତରୁ ନଖକାଟେ । ଏସବୁ ପାଉଣା ପିଲାର ବାପା ଦିଅନ୍ତି । କ୍ଷମତାନୁସାରେ ଜ୍ଞାତି/ଗୋଷ୍ଠୀର ଲୋକଙ୍କୁ ଭୋଜିଭାତ ଦେବାକୁ ହୁଏ । ଏଥିରେ ବାଧ୍ୟ ବାଧକତା ନାହିଁ । ଏହିଦିନ ଝିଅର ବାପଘରୁ ପ୍ରସୂତି ଗାଧୋଇବା ପରେ ବାପଘରୁ ଆସିଥିବା ନୂଆ ଲୁଗା ପିନ୍ଧେ । ବ୍ୟତିକ୍ରମରେ ନିଜ ଘରର ନୂଆ ଲୁଗା ପିନ୍ଧିଥାଏ । ଅଳତା, ସିନ୍ଦୂର ଲଗାଇଥାଏ । ଏହିଦିନ ନବଜାତକର ନାମକରଣ ହୋଇଥାଏ । ଇଶାଣ ଥାନକୁ ନବ ଜାତକକୁ ନେଇ ପୂର୍ବ ପୁରୁଷଙ୍କ ସହିତ ନବଜାତକକୁ ଚିହ୍ନା ପରିଚୟ କରାଇ ଦିଆଯାଏ । ନୂଆ ଲୋକଟିଏ ଘରକୁ ଆସିଲା, ସେମାନ ଯେପର ତା ସହିତ ନଲାଗି ତାଉପରେ ଶୁଭ ଦୃଷ୍ଟି ରଖନ୍ତି ଏହା ହିଁ ଉଦ୍ଦେଶ୍ୟ ।

ପରିଷ୍କାର ପରିଛନ୍ନ ହେଲାପରେ ଖାଇପିଇ ମାଦଳ ବଜାଇ ନାଚଗୀତ ହୁଏ । ଏଥିରେ ଗାଁର ସବୁ ବୋହୂ, ଝିଅ, ବୁଢ଼ା ବୁଢ଼ୀ ଟୋକା ସମସ୍ତେ ମିଶି ନାଚନ୍ତି ଓ ଗୀତ ଗାଆନ୍ତି । ଏହିପରି ଭାବରେ ପାରମ୍ପରିକ ରୀତିରେ ଜାତବିଧି ପାଳିତ ହୁଏ ।

**ଭାତଛୁଆଣି :** ବାଳୁତ ପିଲାମାନେ ଘରେ ଅତ୍ୟନ୍ତ ଆଦର ଯତ୍ନରେ ଲାଳିତ ପାଳିତ ହୁଅନ୍ତି । ପିଲାଟିକୁ ଛଅମାସ ହେଲେ ମାସର ଶେଷ ମଙ୍ଗଳବାରରେ ଗ୍ରାମର ଶୀତଳାଙ୍କ ପାଖରେ କ୍ଷୀର ଭୋଗ କରି ଖୁଆଇ ଦିଆଯାଏ । ସେ ପର୍ଯ୍ୟନ୍ତ ପିଲାକୁ ଭାତ, ଭୁଜା ଖାଇବାକୁ ଦିଅନ୍ତି ନାହିଁ । ଏହିଦନ ପିଲାଟିକୁ ନୂଆ ଜାମା, ପ୍ୟାଣ୍ଟ ଓ ଅଣ୍ଟାଦଉଡ଼ି ଆଣି ପିନ୍ଧାଇ ଦିଅନ୍ତି ।

**ଅନ୍ତ୍ୟେଷ୍ଟି ଓ ଶୁଦ୍ଧି କ୍ରିୟା :** ଜନ୍ମ ହେଲେ ମୃତ୍ୟୁ ନିଶ୍ଚିତ ହୁଏ । ଏହା ଅବଧାରିତ । ତେବେ ମୃତ୍ୟୁ ପରେ ମଣିଷଜାତି ଓ ଗୋଷ୍ଠୀଗତ ସାମାଜିକ ଜୀବନରେ କେତେକ ନିର୍ଦ୍ଦିଷ୍ଟ ବିଧି ପାଳିତ ହୁଏ । ଅନ୍ୟମାନଙ୍କ ପରି ଲୋଧା ଗୋଷ୍ଠୀରେ ମଧ୍ୟ ମୃତ ବ୍ୟକ୍ତି ପାଇଁ ନିର୍ଦ୍ଦିଷ୍ଟ କ୍ରିୟା କର୍ମ କରାଯାଏ । ଶବକୁ ପୋତିବା କିମ୍ବା ପୋଡ଼ିବା ପାଇଁ ଆବଶ୍ୟକ ସଂଖ୍ୟକ କାନ୍ଧ କାଠିଆମାନେ ନିଜ ଜ୍ଞାତି, ବଂଶ କିମ୍ବା ଗୋଷ୍ଠୀର ହୋଇଥାଆନ୍ତି ।

ସ୍ୱାଭାବିକ ମୃତ୍ୟୁ ଅର୍ଥାତ୍ ପରିପୂର୍ଣ୍ଣ ବୟସରେ ଲୋଧା ପୁରୁଷ/ସ୍ତ୍ରୀ ମରିଗଲେ ପୋଡ଼ି ଦିଆଯାଏ । କୌଣସି ସଂକ୍ରାମକ ବ୍ୟାଧିଗ୍ରସ୍ତ ହୋଇ ମୃତ୍ୟୁ ହେଲେ ପୋଡ଼ାହୁଏ କିମ୍ବା ପକେଇ ଦେଇଥାଆନ୍ତି । ଅରଣ୍ୟରେ ବାଘ, ଭାଲୁ, ହିଂସ୍ର ଜନ୍ତୁ ପ୍ରଭୃତି କବଳରେ ପଡ଼ି ପ୍ରାଣ ହରାଇଲେ ମୃତ ବ୍ୟକ୍ତିର ଶବକୁ ଆଗରୁ ବଣ ଭିତରେ ଫିଙ୍ଗି ଦେଉଥିଲେ । ହଠାତ୍ ମୃତ୍ୟୁ ହେଲେ, ଗଛରୁପଡ଼ି, ଜଳରେ ବୁଡ଼ି କିମ୍ବା ସର୍ପାଘାତରେ ମୃତ ବ୍ୟକ୍ତିଙ୍କୁ ପୋତି ଦିଆଯାଏ । ଜେଲରେ

ଥିବା ବେଳେ ମୃତ୍ୟୁ ହେଲେ କୌଣସି ମୃତ କର୍ମ ପ୍ରାୟ ହୁଏ ନାହିଁ । ମୃତ ବ୍ୟକ୍ତିର ବଡ଼ପୁଅ, ଜ୍ୱାଇଁ, ଭଣଜା ଏମାନେ ଘାଟକୁ ଉଠନ୍ତି ।

ପ୍ରସବପରେ ଯଦି ପିଲାର ମୃତ୍ୟୁ ହୁଏ ତେବେ ଛୁଆର ଶବକୁ ପୋତି ଦିଆଯାଏ । ବାହୁର ମୂଳ ପର୍ଯ୍ୟନ୍ତ ଗାତ ଖୋଳି ଉପରେ କାଠ ଦେଇ ଉପରକୁ ମୁହଁ କରି ମୃତ ଶିଶୁକୁ ଶୁଆଇ ଦିଆଯାଏ । ପୋତିବା ବେଳେ ପିଲାଟି ପାଖରେ ବାଟିରେ ଦୁଧ ରଖାଯାଏ । ଭାତଖାଇ ପାରୁଥିବା ମୃତ ପିଲା କ୍ଷେତ୍ରରେ ବାଟିରେ ଭାତରଖି ପୋତି ଦିଆଯାଏ । ଛୁଆ ରଖି ଯଦି କୌଣସି ପ୍ରସୂତି ମରିଥାଏ, ତେବେ ଶ୍ୱଶୁର, ଦେଢ଼ଶୁରଙ୍କ ବ୍ୟତୀତ ଦିଅର, ଗାଁର ବନ୍ଧୁ, ସାହିର ଲୋକେ କାନ୍ଧେଇ ମଶାଣିକୁ ନେଇଯାଆନ୍ତି । ମଶାଣିକୁ ଯିବା ପୂର୍ବରୁ ଶାଶୁ, ମାଆ, ଭଉଣୀମାନେ ସମସ୍ତେ ମୃତାସ୍ତ୍ରୀଟିର କପାଳରେ ସିନ୍ଦୂର ଟୀକା ଦେଇ ହଳଦୀ ତେଲ ମଖେଇ ନୂଆ ଲୁଗା ପିନ୍ଧେଇ ଦିଅନ୍ତି । ଏପରି ସ୍ଥଳେ ମୃତାସ୍ତ୍ରୀକୁ ପକାନ୍ତି ନାହିଁ । ପୋଡ଼ି କିମ୍ବା ପୋତି ଦିଅନ୍ତି । ଶ୍ମଶାନକୁ ନେବାବେଳେ କଦଳୀ ଭଣ୍ଡା କିମ୍ବା ପାଣି କଖାରୁ ସାଥିରେ ଦିଅନ୍ତି । ଶ୍ମଶାନରେ ସ୍ୱାମୀ ଆଖିରେ କନା ପଟି ବାନ୍ଧି ମୃତା ସ୍ତ୍ରୀ ହାତରୁ କଡୁରୀ ଖୋଲେ । ତାପରେ ସେ ଯୂଇର ଚାରିପଟେ ସାତଥର ଘୂରି ପଛପଟକୁ ମୁହଁକରି ଶବ ମୁହଁରେ ବେଣୀ ବଂଧା(ନିଆଁ ବଡ଼)ରେ ନିଆଁ ଦିଏ । ଗର୍ଭବତୀ ସ୍ତ୍ରୀକୁ ପୋଡ଼ିବା ପୂର୍ବରୁ ସ୍ୱାମୀ ଛୁରୀଟିଏ ନେଇ ଶ୍ମଶାନରେ ଗର୍ଭାଶୟ ଚିରି ଫୁଲ କାଢ଼ିଦେବା ପରେ ପ୍ରସୂତିଟିକୁ ପୋତିଥିବା ଗାତର ବାଆଁ ପାଖରେ ଅନ୍ୟ ଗୋଟିଏ ଗାତ କରି ପୋତି ଦିଏ । ମୃତା ସ୍ତ୍ରୀଟିର ଦେହରୁ ଗହଣା କାଢ଼ନ୍ତି ନାହିଁ ଏପରି ମୃତ୍ୟୁରେ ଦଶ ଦିନରେ ଶୁଦ୍‌ଘର ହୁଏ । ଅନେକ କ୍ଷେତ୍ରରେ ସାଙ୍ ନରତା କରାଯାଏ । ପ୍ରସବ ପରେ ପିଲାଟିର ମୃତ୍ୟୁରେ ସାଙ୍‌ନବ୍‌ତା ଅର୍ଥାତ୍ ସେହିଦିନ ଶୌଚକ୍ରିୟା ସମ୍ପନ୍ନ କରାଯାଏ ।

ଲୋଧାମାନଙ୍କର ସ୍ୱତନ୍ତ୍ର ମଶାଣି ନ ଥାଏ । ଅରଣ୍ୟ ମଧ୍ୟରେ ଉପଯୁକ୍ତ ସ୍ଥାନ ଦେଖି ଶବକୁ ପୋଡ଼ିବା କିମ୍ବା ପୋତିବା କାର୍ଯ୍ୟ ସମ୍ପନ୍ନ ହୁଏ । ଶବ ନେଲାବେଳେ କାନ୍ଧକାଠିଆମାନେ ତିନିଥର ହରିବୋଲ ଧ୍ୱନି ଦେଇଥାଆନ୍ତି । ଶବ ସତ୍କାର କରି ଘରକୁ ଫେରିବା ବେଳେ ଶବ ସହିତ ଯାଇଥିବା ସବୁ ଲୋକେ ନଈ କିମ୍ବା ବନ୍ଧରେ ମୁଣ୍ଡ ବୁଡ଼ାଇ ଗାଧୋଇ ଆସନ୍ତି ।ସେତେବେଳେ ପୁଣି ତିନିଥର ହରିବୋଲ ଧ୍ୱନି ଦିଅନ୍ତି । ସାଥିରେ ନେଇଥିବା କୋଦାଳର ବେଣ୍ଟ ଫିଙ୍ଗି ଦିଆଯାଏ । ଘରକୁ ଫେରିବା ରାସ୍ତାରେ ଶବଯାତ୍ରୀ ସମସ୍ତେ ଅଶ୍ୱତ୍‌ଥ ଗଛମୂଳକୁ ଆସି ତିନିଥର କୁଣ୍ଢାଇ ଥାଆନ୍ତି । ଅଶ୍ୱତ୍‌ଥ ବୃକ୍ଷକୁ କୁଣ୍ଢାଇବା ପ୍ରଥାରୁ ତାଙ୍କ ଉପରେ ବୌଦ୍ଧଧର୍ମର ପ୍ରଭାବ ସମ୍ପର୍କରେ ସୂଚନା ମିଳେ । ଘରକୁ ଆସି ଶବ ପଡ଼ିଥିବା ସ୍ଥାନରେ ଦାଆ ଓ ବେଣ୍ଟହୀନ କୋଦାଳ ରଖି ଦିଆଯାଏ । ଶବ ଦାହ କରିବାକୁ ଯାଇଥିବା ସବୁ ଲୋକେ ଘରେ ଏକତ୍ର ବସନ୍ତି । ପଡ଼ିଶା କାହାରି ଘରେ ମୁଢ଼ିଭଜାଯାଇଥାଏ । ଶବ ବାହକମାନେ ମୁଠେ ମୁଠେ ମୁଢ଼ି ନେଇ ଘରେ ଶବ ପଡ଼ିଥିବା ସ୍ଥାନରେ ତହିଁରୁ କିଛି ପକାଇଥାଆନ୍ତି । ଅବଶିଷ୍ଟ ମୁଢ଼ି ଖାଇଥାଆନ୍ତି ।

ସେହିଦିନ ଘରେ ଚୁଲି ଜଳେ ନାହିଁ । ଘରର ଭାତ ହାଣ୍ଡି ପ୍ରଭୃତି ବାହାରକୁ ପକାଇ ଦିଆଯାଏ । ସେଦିନ ରାତିରେ ଘରେ ସମସ୍ତେ ଭିଜା ଚୁଡ଼ା ଖାଇଥାଆନ୍ତି । ସେହି ଦିନରୁ ଶୁଦ୍ଧଘର ଦିନ ପର୍ଯ୍ୟନ୍ ଘରେ ଆମିଷ ରାନ୍ଧିବା/ଖାଇବା, ତେଲ ଲଗାଇବା, ଖାଇବା ବନ୍ଦ ହୁଏ ।

ଦ୍ୱିତୀୟ ଦିନ ସକାଳେ ନୂଆ ଶାଳପତ୍ରରେ ତେଲ ପାଣ୍ଡନ୍ତି । ନଅ ଦିନ ପର୍ଯ୍ୟନ୍ତ ମୃତ ଆତ୍ମାକୁ ନୂଆ ଖଲିପତ୍ର ଦନାରେ ଇଷାଣ ଥାନରେ ଖାଦ୍ୟ ଅର୍ପଣ କରାଯାଏ । ଦଶମ ଦିନରେ ଘାଟରେ ଖାଦ୍ୟ ଅର୍ପିତ ହୁଏ ।

ଦଶମ ଦିନରେ କାନ୍ଧକାଠିଆ, ଜ୍ଞାତି, କୁଟୁମ୍ବ, ଗାଁର ଲୋକେ ଯେଉଁମାନେ ଶବ ସତ୍କାର କାର୍ଯ୍ୟରେ ଅଂଶ ଗହଣ କରିଥାଆନ୍ତି ସେ ସମସ୍ତେ ମୃତ ବ୍ୟକ୍ତିର ଘରେ କ୍ଷୌର ହୁଅନ୍ତି । ପୁଅ, ନାତି, ଜ୍ୱାଇଁ, ଭଣଜା ଏମାନେ ମୁଣ୍ଡନ ହୁଅନ୍ତି । ପରିବାରର ସ୍ତ୍ରୀ ଲୋକେ ଶେଷରେ ନଖ କାଟନ୍ତି ।

ଏହି ପରି ଭାବରେ ଲୋଧାମାନେ ଦଶଦିନ ପର୍ଯ୍ୟନ୍ତ ଅଶୌଚ ପାଳନ କରନ୍ତି । ଏଥିରେ ସବର୍ଣ୍ଣ ହିନ୍ଦୁ ଜାତିର ଅନେକ ବିଧିବିଧାନ ପାଳିତ ହୁଏ । ଏଗାର ଦିନରେ ବୈଷ୍ଣବ ଗୋସାଇଁ ଘିଅ ପୋଡ଼ି ଶ୍ରଦ୍ଧ/ଶ୍ରାଦ୍ଧ କ୍ରିୟା ସମ୍ପନ୍ନ କରନ୍ତି । ଏଥିପାଇଁ ସେ ପାରିଶ୍ରମିକ ସ୍ୱରୂପ ଚାଉଳ, ଲୁଗାପଟା ଓ ଟଙ୍କା ନେଇଥାଆନ୍ତି । ଏହିଦିନ ଜ୍ଞାତି, କୁଟୁମ୍ବ, ଗାଁର ଲୋକ ବନ୍ଧୁ ବାନ୍ଧବ ସମସ୍ତଙ୍କୁ ଭୋଜିଭାତ ଦିଆଯାଏ । ଏହିଦିନଠାରୁ ଆମିଷ ଖାଇବା ଚଳେ । ଏହିପରି ଭାବରେ ଲୋଧାଙ୍କର ମୃତକର୍ମ ସମ୍ପନ୍ନ ହୁଏ ।

ଲୋଧାମାନେ ପୁରୀରେ ପିଣ୍ଡଦାନ କରନ୍ତି । ପୂର୍ବ ପୁରୁଷଙ୍କ ଆତ୍ମାର ସନ୍ତୁଷ୍ଟି ନିମନ୍ତେ ପ୍ରତି ଚୈତ୍ର ସଂକ୍ରାନ୍ତି (ମହା ବିଷୁବ ସଂକ୍ରାନ୍ତି)ରେ ଇଷାଣ ଥାନରେ ପୂଜା ଅର୍ଚ୍ଚନା ସହ ଭୋଗରାଗ ହୁଏ । ପରଦିନ ସେସବୁ ପାଣିରେ ଭସେଇଦିଅନ୍ତି ।

**ଗ୍ରାମ ସଂଗଠନ :** ସମାଜ ଜୀବନରେ ଗ୍ରାମ ହିଁ କେନ୍ଦ୍ର ଭୂମି ରୂପେ ପରିଣିତ । କେତେଗୋଟି ପରିବାରକୁ ନେଇ ଗ୍ରାମ ଗଠିତ ଏବଂ ଏହି ଗ୍ରାମ ହିଁ ସେମାନଙ୍କର ଦେଶ ଭାବରେ ବିବେଚିତ ହୁଏ । ଗ୍ରାମର ପରିଚାଳନା ପାଇଁ ଦୃଢ଼ ସଂଗଠନର ପ୍ରୟୋଜନ ହୁଏ ଏବଂ ତହିଁରେ ବିଭିନ୍ନ କାର୍ଯ୍ୟଧିକାରୀ ରହିଥାଆନ୍ତି । ଏହି କାର୍ଯ୍ୟାଧିକାରୀମାନେ ପାରଂପରିକ ରୀତିରେ ପୁରୁଷାନୁକ୍ରମିକ ହୋଇଥାଆନ୍ତି । ସାଂପ୍ରତିକ କାଳରେ ଅନେକ ସ୍ଥାନରେ କାର୍ଯ୍ୟ ଦକ୍ଷତା ଓ ଯୋଗ୍ୟତା ଭିତ୍ତିରେ ଏମାନେ ନିଯୁକ୍ତି ହେଉଥିବାର ଦେଖାଯାଏ ।

ଗ୍ରାମ୍ୟ ପରିଚାଳନା ମୁଖ୍ୟତଃ ସମାଜ ଧର୍ମୀୟ ଓ ରାଜନୈତିକ ଉଦ୍ଦେଶ୍ୟ ପୂରଣ କରିବା ଦିଗରେ ପରିଚାଳିତ ହୁଏ । ଏହି ସମସ୍ତ ଉଦ୍ଦେଶ୍ୟ ପୂରଣ ନିମନ୍ତେ ଗ୍ରାମବାସୀମାନେ କାର୍ଯ୍ୟାଧିକାରୀମାନଙ୍କୁ ମନୋନୀତ କିମ୍ବା ନିର୍ବାଚିତ କରନ୍ତି । ଅନ୍ୟ ସମାଜ ପରି ଲୋଧା

ଗୋଷ୍ଠୀରେ ମଧ୍ୟ ଏପରି ପ୍ରଥା ପ୍ରଚଳିତ । ଯେଉଁ ଗ୍ରାମରେ ଲୋଧା ସହ ଅନ୍ୟ ଗୋଷ୍ଠୀ/ ଜାତିର ଲୋକେ ବାସକରନ୍ତି, ସେଠାରେ ସବୁ ଜାତି ମଧ୍ୟରୁ ଏପରି କାର୍ଯ୍ୟାଧିକାରୀ ମନୋନୀତ/ନିର୍ବାଚିତ ହୁଅନ୍ତି । ନୂତନ ବସତିମାନଙ୍କରେ ଏପରି କାର୍ଯ୍ୟାଧିକାରୀମାନେ ଅନ୍ୟ ଲୋଧାଗ୍ରାମ ଅନୁସରଣରେ ଅବସ୍ଥାପିତ ହୁଅନ୍ତି । ବିବାହ, ମୃତ୍ୟୁ ପ୍ରଭୃତି ସାମାଜିକ ଅନୁଷ୍ଠାନରେ ସେମାନଙ୍କର ଭୂମିକା ରହିଥିବାରୁ କେତେକ କାର୍ଯ୍ୟାଧିକାରୀ ନିଜ ଗୋଷ୍ଠୀର ଲୋକେ ହେବା ବିଧେୟ । ଗ୍ରାମ୍ୟ ସମାଜରେ ନ୍ୟାୟ ନିଶାପ, ପରିବାର ଓ ବ୍ୟକ୍ତି ମଧ୍ୟର ଘଟୁଥିବା ଗଣ୍ଡଗୋଳର ଉଚିତ ସମାଧାନ କରିବା, ପୂଜା ଅନୁଷ୍ଠାନ କରିବା, ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପ୍ରଭୃତି ଗ୍ରାମ୍ୟସଂଗଠନର ମୁଖ୍ୟ କାର୍ଯ୍ୟ । ଅନ୍ୟ ଗ୍ରାମମାନଙ୍କ ପରି ଲୋଧା ଗ୍ରାମରେ ମଧ୍ୟ ଏପରି ବ୍ୟବସ୍ଥା ଥିବା ପରିଲକ୍ଷିତ ହୁଏ । ଏହା ପଞ୍ଚାୟତ ନାମରେ କଥିତ ହୁଏ । ଲୋଧା ଗୋଷ୍ଠୀ ପଞ୍ଚାୟତରେ ସାଧାରଣତଃ ନିଜ ଗୋଷ୍ଠୀ ମଧ୍ୟରେ ଘଟୁଥିବା ଅନ୍ୟାୟ, ଅନୀତି, ଅବୈଧ ପ୍ରେମ, ଡାହାଣୀ ଲାଗିବା, କ୍ଷତିକାରୀ ଗୁଣ ସାଧନା ଓ ପ୍ରୟୋଗ, ପାରଂପରିକ ରୀତିନୀତି ଭଂଗ କରିବା, ଗୋଷ୍ଠୀ ପଞ୍ଚାୟତର ସିଦ୍ଧାନ୍ତ ଅମାନ୍ୟ କରିବା ପ୍ରଭୃତିର ବିଚାର କରାଯାଏ । ବେଳେବେଳେ ରକ୍ଷିତା ରଖିବା, ବହୁବିବାହ କରିବା ସ୍ତ୍ରୀଙ୍କୁ ଛାଡ଼ିବା କିମ୍ବା ଅବୈଧପ୍ରେମ ଓ ସନ୍ତାନ ଗ୍ରହଣ କ୍ଷେତ୍ରରେ ମଧ୍ୟ ଗୋଷ୍ଠୀ ପଞ୍ଚାୟତରେ ଆଲୋଚନା ହୋଇ ସିଦ୍ଧାନ୍ତ ଗୃହୀତ ହୁଏ । ଏତଦ୍ ବ୍ୟତୀତ ଧର୍ମୀୟ ଅନୁଷ୍ଠାନ ନାଚ, ଉତ୍ସବ ପାଇଁ ଚାନ୍ଦାଦେବା, ବିବାହ ଓ ଭୋଜି ପ୍ରଭୃତି ବିଷୟ ଆଲୋଚିତ ହୋଇ ସ୍ଥିର ହୁଏ । ବିଚାର କରି ଦଣ୍ଡ ବିଧାନ, ଜୋରିମାନା କିମ୍ବା ମୁକ୍ତ କରିଦେବାର କ୍ଷମତା ପଞ୍ଚାୟତର ରହିଥାଏ ।

ଲୋଧା ଗୋଷ୍ଠୀର ଲୋକେ ସର୍ବଶକ୍ତିମାନ୍ ଭଗବାନଙ୍କ ଉପରେ ବିଶ୍ୱାସ କରନ୍ତି । ବ୍ୟକ୍ତିର ଅନୈତିକ କାର୍ଯ୍ୟର ଫଳ ଆପେ ଆପେ ଭୋଗ ହେବା ବିଷୟରେ ସେମାନେ ନିଃସନ୍ଦେହ । ଗୋଷ୍ଠୀର ପ୍ରତ୍ୟେକ ବୟସ୍କ ଲୋକ ଗୋଷ୍ଠୀ ପଞ୍ଚାୟତର ସଦସ୍ୟ ହୋଇଥାଆନ୍ତି । ସ୍ତ୍ରୀ ଓ ପିଲାମାନେ ପଞ୍ଚାୟତରେ ଉପସ୍ଥିତ ହୁଅନ୍ତି ନାହିଁ । ଗୋଷ୍ଠୀ ପଞ୍ଚାୟତରେ ସାଧାରଣତଃ ପ୍ରଧାନ/ ମୁଖିଆଙ୍କ ଉପସ୍ଥିତିରେ ବିଚାର ଆଲୋଚନା ହୁଏ । ଲୋଧା ଗୋଷ୍ଠୀରେ ନିମ୍ନଲିଖିତ କାର୍ଯ୍ୟାଧିକାରୀମାନେ ରହିଥାଆନ୍ତି । ସେମାନେ ହେଲେ ୧- ମୁଖିଆ, ୨-ଡାକୁଆ (ଆଠଘରିଆ), ୩- ପରମାଣିକ ।

ପ୍ରଧାନ/ମୁଖିଆ/ସର୍ଦ୍ଦାର: ଲୋଧାଗୋଷ୍ଠୀ ପଞ୍ଚାୟତରେ ପ୍ରଧାନ/ମୁଖିଆ/ସର୍ଦ୍ଦାରଙ୍କ ସ୍ଥାନ ଗୁରୁତ୍ୱପୂର୍ଣ୍ଣ । ସେ ସାଧାରଣତଃ ଅନ୍ୟ ଲୋଧାଙ୍କ ଅପେକ୍ଷା ଅଧିକ ଚାଲାଖ, ଚତୁର, ଆଚାର ବ୍ୟବହାର କୁଶଳୀ । କଥାବାର୍ତ୍ତା ଚାଲିଚଳନ, ଚଳଣି ସାଧାରଣ ଜ୍ଞାନ, ଲେଖାପଢ଼ାରେ ଅଧିକ ମାର୍ଜିତ ହୋଇଥାଆନ୍ତି । ସେ ଆର୍ଥିକ ଦିଗରୁ ଅନ୍ତତଃ ପକ୍ଷେ ଚଳନୀୟ ହୋଇଥାଆନ୍ତି ।

ପଧାନ/ମୁଖିଆମାନେ ପୁରୁଷାନୁକ୍ରମିକ କିମ୍ବା ମନୋନୀତ/ନିର୍ବାଚିତ ହୋଇଥାଆନ୍ତି ।ସତୁରୀ ଦଶକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୂଳିଆପଦା ଓ ମୁରୁଡ଼ା ବ୍ଲକର ଲୋଧା ଗାଁର ସର୍ଦ୍ଦାରମାନଙ୍କୁ ମନୋନୀତ କରାଯାଇ 'ପଗଡ଼ି ବନ୍ଧା' ଘଟଣା ଘଟିଥିବାର ଜଣାଯାଏ । ଅନେକ ସ୍ଥାନରେ ପ୍ରଧାନ/ମୁଖିଆ/ସର୍ଦ୍ଦାର ଅଲଗା ବ୍ୟକ୍ତି ହୋଇଥାଆନ୍ତି ।

ପଧାନ/ମୁଖିଆମାନେ ଗାଁରେ ଅନ୍ୟମାନଙ୍କ ମଧ୍ୟରେ ଅଧିକ କ୍ଷମତା ସଂପନ୍ନ ହେବା ସଙ୍ଗେ ସଙ୍ଗେ ସମ୍ମାନିତ ହୋଇଥାଆନ୍ତି । ଲୋଧା ଗାଁକୁ କେହି ବାହାର ଲୋକେ କିମ୍ବା ପୋଲିସ ଅଧିକାରୀ ଗଲେ ପ୍ରଧାନ/ମୁଖିଆ/ସର୍ଦ୍ଦାରଙ୍କ ସହିତ ପ୍ରଥମେ ଯୋଗାଯୋଗ କରିବାର ଦେଖାଯାଏ ।

**ଛାଟିଆ :** ପ୍ରଧାନ/ମୁଖିଆଙ୍କର ସହକାରୀ ଛାଟିଆ ଛଡ଼ିଦାର ରୂପେ କଥିତ । ଲୋଧା ଗୋଷ୍ଠୀରେ ଏ ମଧ୍ୟ ଜଣେ ସମ୍ମାନିତ ଓ କ୍ଷମତାଧାରୀ ବ୍ୟକ୍ତି । ଏହି ବ୍ୟକ୍ତି ମଧ୍ୟ ଦେହୁରୀଙ୍କର ସହକାରୀ ରୂପେ ନିର୍ଦ୍ଦିଷ୍ଟ ଦାୟିତ୍ୱ ସଂପାଦନ କରନ୍ତି ।

**ଡାକୁଆ :** ଏ ଆଠଘରିଆ ନାମରେ ମଧ୍ୟ ପରିଚିତ ହୁଅନ୍ତି । ପଞ୍ଚାୟତ ଅଧିବେଶନ ପୂର୍ବରୁ ଏହି ଡାକୁଆ ସମସ୍ତଙ୍କୁ ଡାକିଥାଆନ୍ତି । ଡାକୁଆ ସାଧାରଣତଃ କଟୁଆଳ/କଟାଳ ସାଙ୍ଗିଆର ହୋଇଥାଆନ୍ତି । ସେ ମଧ୍ୟ ନିଜ ଗୋଷ୍ଠୀ/ଗ୍ରାମ, ମଧ୍ୟରେ ସମ୍ମାନିତ ବ୍ୟକ୍ତି ହୋଇଥାଆନ୍ତି । ସେ ଲୋଧା ବିବାହରେ ବିଧି ବାନ୍ଧନ୍ତି ଓ ହାତ ଗଣ୍ଠି ପକାନ୍ତି । ମୁଖିଆ ଓ ଡାକୁଆ ବିବାହରେ ଗୁଆ ନିମନ୍ତ୍ରଣ ପାଇଥାଆନ୍ତି ।

**ପରମାଣିକ :** ଏମାନେ ସାଧାରଣତଃ ବିବାହ ଆନନ୍ଦ ଉତ୍ସବ ପ୍ରଭୃତି ଅନୁଷ୍ଠାନ ସମୟରେ ସମସ୍ତଙ୍କ ପାଇଁ ରନ୍ଧନ କାର୍ଯ୍ୟ କରନ୍ତି । ଏମାନେ ବଂଶାନୁକ୍ରମିକ ହୋଇଥାଆନ୍ତି କିମ୍ବା କୌଣସି ପରିସ୍ଥିତିରେ ପଞ୍ଚାୟତରେ ପଞ୍ଚାୟତର ନିଷ୍ପତ୍ତି କ୍ରମେ ନୂତନ ଭାବେ ନିଯୁକ୍ତ ହୋଇଥାଆନ୍ତି ।

ବିବାହ ଉତ୍ସବରେ ରାନ୍ଧିବା ପାଇଁ ଏ ମଧ୍ୟ ଗୁଆ ନିମନ୍ତ୍ରଣ ପାଆନ୍ତି । ଲୋଧାମାନେ ଧର୍ମ ବିଶ୍ୱାସୀ । ଗ୍ରାମରେ ଧର୍ମୀୟ କାର୍ଯ୍ୟର ସୁଷ୍ଠୁ ସଂପନ୍ନ ନିମନ୍ତେ କେତେଜଣ କାର୍ଯ୍ୟାଧିକାରୀ ନିଯୁକ୍ତ ହୋଇଥାଆନ୍ତି । ସେମାନେ ହେଲେ ଦେହୁରୀ, ଚଳିଆ ଅଥବା ଛଡ଼ିଦାର, ହନ୍ତକାର, ଗୁଣୀ ଓ ବ୍ୟାକ୍ରା ।

**ଦେହୁରୀ/ଦେହେରୀ :** ସାଧାରଣତଃ ପ୍ରତ୍ୟେକ ଲୋଧା ବସତିରେ ଦେହୁରୀମାନେ ପୁରୁଷାନୁକ୍ରମିକ ହୋଇଥାଆନ୍ତି । ଏହା କୌଣସି ନିର୍ଦ୍ଦିଷ୍ଟ ବଂଶ ମଧ୍ୟରେ ସୀମିତ ରହି ନଥାଏ । ଦେହୁରୀଙ୍କ ଅନେକ ସନ୍ତାନଙ୍କ ମଧ୍ୟରୁ ଉପଯୁକ୍ତ ବ୍ୟକ୍ତି ହିଁ ପରବର୍ତ୍ତୀ ଦେହୁରୀ ରୂପେ କାର୍ଯ୍ୟ କରନ୍ତି ।

ଦେହୁରୀ ଗ୍ରାମର ଦେବଦେବୀଙ୍କୁ ପୂଜା କରନ୍ତି । ସେ ଗ୍ରାମରେ ଜଣେ ସମ୍ମାନିତ ବ୍ୟକ୍ତି ରୂପେ ପ୍ରତିଷ୍ଠିତ ହୋଇଥାଆନ୍ତି । ସେ ଗ୍ରାମର ସାମୂହିକ ପୂଜା ବେଳେ ଚାନ୍ଦା ଭେଦା ଆଦାୟ କରନ୍ତି । ପୂଜାର ସାମଗ୍ରୀ ସଂଗ୍ରହ କରି ରଖନ୍ତି । ସେ ଗ୍ରାମର ପୁରୋହିତ ରୂପେ ପରିଗଣିତ ହୁଅନ୍ତି ।

**ତଳିଆ :** ତଳିଆ/ଛାଟିଆ-ଛଡ଼ିଦାର ଦେହୁରୀଙ୍କର ସହକାରୀ ରୂପେ ଗ୍ରାମର ଧାର୍ମିକ କାର୍ଯ୍ୟ ସଂପାଦନ କରନ୍ତି । କୌଣସି ପୂଜା ଉତ୍ସବ ଅନୁଷ୍ଠାନ ସମୟରେ ସେ ସମସ୍ତ ପ୍ରୟୋଜନୀୟ ଜିନିଷ ପତ୍ର ସଜାଡ଼ି ରଖନ୍ତି, ଦୀପଜାଳନ୍ତି, ଦୀପରେ ତେଲ ଦିଅନ୍ତି । ବଳିର ସ୍ଥାନ ସଜାଡ଼ି ପରିଷ୍କାର କରିବା, ଅର୍ଗଳି ପରଖ କରିବା, ବଳିର ବେକକୁ ଅର୍ଗଳିରେ ଭର୍ତ୍ତି କରିବା ପ୍ରଭୃତି କାର୍ଯ୍ୟ ତଳିଆ ଛଡ଼ିଦାର କରିଥାଆନ୍ତି । ତଳିଆ ଗୋଟିଏ ମାତ୍ର ମାଂସ ଭାଗ ପାଇଥାଆନ୍ତି ।

**ହନ୍ତକାର :** ଗ୍ରାମର ସାମୂହିକ ପୂଜା ପଟଳ ହେଲେ ପଶୁବଳି ପଡ଼ିଲାବେଳେ ହନ୍ତକାର ତାଙ୍କର ପାରମ୍ପରିକ କର୍ତ୍ତବ୍ୟ ସଂପାଦନ କରିଥାଆନ୍ତି । ସେ ମଧ୍ୟ ପୁରୁଷାନୁକ୍ରମିକ ଭାବରେ ନିଯୁକ୍ତ କିମ୍ବା କେତେକ କ୍ଷେତ୍ରରେ ଅନ୍ୟ ବଂଶର ଉପଯୁକ୍ତ ବ୍ୟକ୍ତି ହନ୍ତକାର ରୂପେ ନିଯୁକ୍ତ ହୋଇଥାନ୍ତି । କେତେକ ପରିସ୍ଥିତିରେ ଅନ୍ୟ ଲୋଧା ଗ୍ରାମର ଉପଯୁକ୍ତ ବ୍ୟକ୍ତି ଏହି ଦାୟିତ୍ୱ ପାଳନ କରିଥାନ୍ତି । ବଳି ପରେ ସାଧାରଣତଃ ହନ୍ତକାର ଗୋଟିଏ ଭାଗ ମାଂସ ଅଧିକ ପାଆନ୍ତି ।

**ଗୁଣୀ :** ସାଧାରଣତଃ ଲୋଧାଗ୍ରାମରେ ଏକାଧିକ ଗୁଣୀ ରହିଥିବାର ଦେଖାଯାଏ । ସେ ମନ୍ତ୍ର ତନ୍ତ୍ର ଓ ଯନ୍ତ୍ର ଶିକ୍ଷା କରି ଏ ସବୁର ପ୍ରୟୋଗରେ ସିଦ୍ଧ ହୋଇଥାନ୍ତି । ଗ୍ରାମରେ କୌଣସି ରୋଗ, ବୈରାଗ, ବିପଦ ଆପଦ, ଭୂତ ପ୍ରେତଙ୍କ ଉପଦ୍ରବ/ପ୍ରଭାବକୁ ଗୁଣୀ ପ୍ରତିହତ କରନ୍ତି । ସେ ମଧ୍ୟ ଜଡ଼ିବୁଟି ଔଷଧ ଦେଇଥାଆନ୍ତି । ସେ ସାପ କାମୁଡ଼ାରେ ସାପର ବିଷ, ଭୂତ ପ୍ରେତ ଡାହାଣୀଙ୍କୁ ଦୃଷ୍ଟି/ଗୁଣର ପ୍ରଭାବକୁ ଫୁଙ୍କି ଝାଡ଼ି ଉଡ଼ାଇ ଦେଇ ପାରନ୍ତି ।

ଗୁଣୀ ସାଧାରଣତଃ ପୁରୁଷାନୁକ୍ରମିକ ହୋଇଥାଆନ୍ତି । ଅନେକ କ୍ଷେତ୍ରରେ ନୂଆ ଗୁଣୀ ମଧ୍ୟ ପ୍ରତିଷ୍ଠା ପାଇଥାଆନ୍ତି । ଏମାନେ ତାଙ୍କର କାର୍ଯ୍ୟ ପାଇଁ ପାରିଶ୍ରମିକ ଆକାରରେ ସାମାନ୍ୟ ଅର୍ଥ ସହ ପଶୁ ପକ୍ଷୀ ବଳି ପାଇଁ ନେଇଥାଆନ୍ତି । ଗୁଣୀଙ୍କର କେତେକ ଚେଲା (ଶିଷ୍ୟ) ଥିବାର ମଧ୍ୟ ଦେଖାଯାଏ ।

**ବ୍ୟାଲ୍ତା :** ଏମାନେ ସାଧାରଣତଃ ଦାସୀ ଭାବରେ କଥିତ ଓ ପରିଚିତ ହୋଇଥାଆନ୍ତି । କୌଣସି ପୂଜାପଟଳ ହେଲେ, ବାଇକୁଣ୍ଡଳ ବାଜିଲେ ଏମାନଙ୍କ ମାଧ୍ୟମରେ ଠାକୁର/ଠାକୁରାଣୀଙ୍କ ଆବିର୍ଭାବ ଘଟିଥାଏ । ବାଦ୍ୟର ତାଳେ ତାଳେ ଏମାନେ ମୁଣ୍ଡ ଝିଙ୍କି ଝାଙ୍କି ବିପର୍ଯ୍ୟସ୍ତ ଭାବରେ ଭଲା ହୁଅନ୍ତି । ଏମାନେ ଗ୍ରାମର, ବ୍ୟକ୍ତିର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ସୂଚାଇ ସାବଧାନ କରିଦିଅନ୍ତି ।

ଉପରୋକ୍ତ ସମସ୍ତ କାର୍ଯ୍ୟାଧିକାରୀମାନେ ସାଧାରଣ ଲୋଧା ଜନତାଙ୍କ ଠାରୁ ସମ୍ମାନ ଲାଭ କରିଥାଆନ୍ତି ।

ଉପର ଲିଖିତ ଦାୟିତ୍ୱ ସମ୍ପନ୍ନ କାର୍ଯ୍ୟାଧିକାରୀମାନଙ୍କୁ ନେଇ ଲୋଧାଗ୍ରାମ ସଂଗଠନ ଗ୍ରାମ ପରିଚାଳନା କରିଥାଆନ୍ତି । ବର୍ତ୍ତମାନ କାଳରେ ଏହି ପାରମ୍ପରିକ ପ୍ରଥା ଦ୍ରୁତ ଭାବରେ ଅବକ୍ଷୟ ଅବସ୍ଥାର ସମ୍ମୁଖୀନ ।

**ରାଜନୈତିକ ସଚେତନତା :** ଅତୀତ କାଳରୁ ଲୋଧାମାନଙ୍କ ମଧ୍ୟରେ ରାଜନୈତିକ ସଚେତନତାର ଅଭାବ ପରିଲକ୍ଷିତ ହୁଏ । ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ କଂକରିଳ ଲାଲ ମୃତ୍ତିକା ବିଶିଷ୍ଟ ଆରଣ୍ୟକ ଉପତ୍ୟକା ମଧ୍ୟରେ ସ୍ଥାନେ ସ୍ଥାନେ ଏହି ଆଦିମ ଅଧିବାସୀ ମାନଙ୍କର ବାସ ସ୍ଥାନ । ଅତୀତର ରାଜନୈତିକ ଓ ପ୍ରଶାସନିକ ସ୍ତରରେ ଏହି ଅଞ୍ଚଳ ବହୁ ପରିବର୍ତ୍ତନ ମଧ୍ୟରେ ଗତି କରିଥିଲେ ହେଁ ଏମାନେ ସେସବୁ ଘଟଣାରେ ପ୍ରଭାବିତ ହୋଇଥିବା ପରି ମନେ ହୁଏ ନାହିଁ । ବ୍ରିଟିଶ ଅଧିକାରକୁ ପରାହତ କରିବା ପାଇଁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘଟିଥିବା 'ଚୁଆଡ଼୍' ବିଦ୍ରୋହରେ ମଧ୍ୟ ଲୋଧାଙ୍କର ସକ୍ରିୟ ଭୂମିକା ସମ୍ପର୍କରେ କୌଣସି ତଥ୍ୟ ମିଳେନାହିଁ ।

ଲୋଧାଙ୍କ ମଧ୍ୟରେ ନାଏକ, ଲାଏକ, ଦଣ୍ଡପାଟ, ଭୂୟାଁ, କଟୁଆଳ କଟାଳ ପ୍ରଭୃତି ସଂଜ୍ଞା ପ୍ରଚଳିତ ଅଛି । ଏ ସବୁର ଅର୍ଥ ଏହିପରି -ଲାଏକ ଶବ୍ଦର ଆଭିଧାନିକ ଅର୍ଥ ଦେଶୀୟ ପଦାତିକ ସୈନ୍ୟ ଓ ନାଏକ ଶବ୍ଦର ଅର୍ଥ ଦଳପତି, ସେନାପତି । ମଲିକ, କଟୁଆଳ/କଟାଳ ପ୍ରଭୃତି ପ୍ରାଚୀନ ଭୂମ୍ୟାଧିପତିମାନଙ୍କର ସଂଜ୍ଞା ଅନୁରୂପ । ଏଇଥିରୁ ଲୋଧାଙ୍କର ଦେଶ ଶାସନ ଓ ସୁରକ୍ଷା ବିଭାଗରେ ନିଯୁକ୍ତି ସମ୍ପର୍କରେ କିଞ୍ଚିତ ଆଭାସ ମିଳେ । ଲୋଧାମାନେ ଏକ ଦୁର୍ଦ୍ଧର୍ଷ ଓ ଦୁଃସାହସୀ ଆଦିମ ଜନଗୋଷ୍ଠୀ ହୋଇଥିଲେ ହେଁ ଭାରତର ସ୍ୱାଧୀନତା ସଂଗ୍ରାମ ଓ ଭୂଦାନ ଆନ୍ଦୋଳନରେ ସେମାନଙ୍କର କୌଣସି ଭୂମିକା ରହିଥିବାର ଜଣାଯାଏ ନାହିଁ ।

ସ୍ୱାଧୀନତାତ୍ତୋର କାଳରେ ଲୋଧାମାନେ ରାଜନୈତିକ ଅଧିକାର ସାବ୍ୟସ୍ତ କରୁଥିଲେ ହେଁ ରାଜନୀତି ସଚେତନ ନ ଥିଲେ । ତେବେ ଅଧୁନା ସେମାନଙ୍କ ମଧ୍ୟରେ ଏହି ସଚେତନ ଭାବ ଉଦ୍ରେକ ଘଟିଥିବାର ପ୍ରମାଣ ମିଳୁଛି । ବର୍ତ୍ତମାନ ଶୂଳିଆପଦାର ପଥର ନେସା ଗ୍ରାମ ଓ ଧବଣି ଗ୍ରାମରେ ଦୁଇଜଣ ଲୋଧା ନିର୍ବାଚିତ ଲୋକ ପ୍ରତିନିଧି ୱାର୍ଡ଼ମେମ୍ବର ରୂପେ ରହିଛନ୍ତି । ସେମାନଙ୍କ ମଧ୍ୟରୁ ପଥର ନେସାର ଲୋକ ପ୍ରତିନିଧି ଜଣକ ନାରୀ ହୋଇଥିବାବେଳେ ଧବଣିର ପ୍ରତିନିଧି ଜଣକ ପୁରୁଷ । ଶଁଶାଶୋଳ ଗ୍ରାମର ନାରୀ ପ୍ରତିନିଧି ଜଣକ ନିର୍ବାଚନରେ ଅଳ୍ପ ଭୋଟର ବ୍ୟବଧାନରେ ପରାଜିତ ହୋଇଛନ୍ତି । ଏଇଥିରୁ ସଂପ୍ରତି ବିଭିନ୍ନ ଗ୍ରାମର ଲୋଧାମାନେ ପୂର୍ବାପେକ୍ଷା ଅଧିକ ରାଜନୀତି ସଚେତନ ହେଉଥିବାର ପ୍ରମାଣ ମିଳୁ ଅଛି ।

**ସମାଜରେ ନାରୀ :** ଲୋଧା ସମାଜରେ ସ୍ତ୍ରୀ ଲୋକମାନେ ସ୍ୱାଧୀନ ଓ ସମ୍ମାନ ଜନକ ଭାବରେ ବାସ କରନ୍ତି । ପିତା ପରିବାରର ମୁଖ୍ୟ ଭାବେ ସ୍ୱୀକୃତ ହୋଇଥିଲେ ହେଁ ପରିବାରରେ ନାରୀ

ହିଁ ଗୃହର ସର୍ବମୟ କର୍ତ୍ତୀ ରୂପେ ଅଧିଷ୍ଠିତା । ଲୋଧା ପୁରୁଷ ଏକ ପତ୍ନୀ ବିବାହ କରନ୍ତି । ବାଲ୍ୟ ବିବାହ, ବିଧବା ବିବାହ ଓ ବହୁ ବିବାହ ପ୍ରଥା ମଧ୍ୟ ଏହି ସମାଜରେ ପ୍ରଚଳିତ ଅଛି । ଓଢ଼ଣା ପ୍ରଥାର ପ୍ରଚଳନ ନଥିଲା । ଏବେ ବି ନାହିଁ । ଲୋଧା ଗୋଷ୍ଠୀର ଝିଅମାନେ ପିଲାକାଳରୁ ଗୃହକର୍ମ ନିପୁଣା, କର୍ମଚଞ୍ଚଳା ଓ ଲଜ୍ଜାବତୀ । ଲୋଧା ସ୍ତ୍ରୀ ଲୋକେ ସୁଗଠିତ ଶରୀର ଯୁକ୍ତା ଓ ସ୍ୱାସ୍ଥ୍ୟବତୀ ହୋଇଥାଆନ୍ତି । ସେମାନେ ଗୃହକର୍ମ ନିପୁଣା, ବ୍ୟବହାର ଜ୍ଞାନ କୁଶଳା, ସାହସୀ ଓ ବୁଦ୍ଧିମତୀ । ସେମାନେ ଅରଣ୍ୟରୁ କାଠ, ଫଳମୂଳ ପ୍ରଭୃତି ସଂଗ୍ରହ କରି ନିକଟବର୍ତ୍ତୀ ହାଟ, ବଜାର, ବସ୍ତିମାନଙ୍କରେ ବିକ୍ରି କରନ୍ତି ।

ଏମାନେ ବିଭିନ୍ନ ମନ୍ତ୍ର,ତନ୍ତ୍ର, ସମ୍ମୋହନ ବିଦ୍ୟା ଶିକ୍ଷା କରିଥାଆନ୍ତି । ଗୀତଗାଇ ନାଚିବାରେ ମଧ୍ୟ ସେମାନଙ୍କର ଦକ୍ଷତା ରହିଥାଏ । କେତେକଙ୍କ ମତରେ ଲୋଧା ସ୍ତ୍ରୀ ଲୋକେ ଚରିତ୍ର ଦୋଷ-ଦୁଷ୍ଟ ହେଲେ ହିଁ ପୁରୁଷମାନେ ଏ ଦିଗରେ ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ ।

ଲୋଧା ସ୍ତ୍ରୀ ସାଧାରଣତଃ ନିଜ ଗୋଷ୍ଠୀରେ ବିବାହ କରୁଥିଲେ ହେଁ କେତେକ ଅନ୍ୟ ଜାତିର ପୁରୁଷଙ୍କୁ ବିବାହ କରି ସୁଖରେ ରହିଥିବାର ଦେଖାଯାଏ ।

ନାରୀମାନେ ଲୋଧା ସମାଜରେ ପୂଜନୀୟା । ସମ୍ମାନନୀୟା, ଆଦରଣୀୟା ଓ ଶ୍ରଦ୍ଧେୟା । ଏଥିରୁ ନାରୀଙ୍କର ଭୂମିକା ସ୍ପଷ୍ଟ ଉପଲବ୍ଧ ହେବ । ଅନେକ କ୍ଷେତ୍ରରେ ସ୍ୱେଚ୍ଛାଚାରୀ ପୁରୁଷ ପରି ସୈରାଚାରିଣୀ ନାରୀ ମଧ୍ୟ ଉକ୍ତ ସମାଜରେ ଘୃଣିତ, ଅପମାନିତ ଓ ଲାଞ୍ଛିତ ହୋଇଥାଏ । ଅନକ ସ୍ତ୍ରୀ ଡାହାଣୀ ବିଶ୍ୱାସରେ ନିନ୍ଦିତ ଓ ଘୃଣିତ ହୋଇଥାଆନ୍ତି ।

ଲୋଧା ଗୋଷ୍ଠୀର ସ୍ତ୍ରୀ ଲୋକେ ସଂପ୍ରତି ନିର୍ବାଚିତ ପ୍ରତିନିଧି (ୱାର୍ଡ଼ମେମ୍ବର), ଅଙ୍ଗନବାଡ଼ି ସହାୟିକା ପରି ଦାୟିତ୍ୱ ପୂର୍ଣ୍ଣ ପଦରେ ଅଧିଷ୍ଠିତା ।

**ଅପରାଧ ଓ ଅପରାଧୀ :** ଆଲୋଚ୍ୟ ଅଞ୍ଚଳର କେତେକ ନିରପେକ୍ଷ ଶିକ୍ଷିତ ସଚେତନ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ମତରେ ପ୍ରଥମରୁ ଲୋଧାମାନେ ଅରଣ୍ୟରୁ ଖାଦ୍ୟ ସଂଗ୍ରହକାରୀ-ଶିକାରୀ ଗୋଷ୍ଠୀ ରୂପେ ଶାନ୍ତିପ୍ରିୟ ଜୀବନ ଯାପନ କରୁଥିଲେ । ପ୍ରକାଶିତ ବିବରଣୀମାନଙ୍କରୁ ମଧ୍ୟ ଏପରି ତଥ୍ୟ ଉପଲବ୍ଧ ହୁଏ । ପରବର୍ତ୍ତୀ କାଳରେ ପରିବର୍ତ୍ତିତ ପରିସ୍ଥିତିରେ ପେଟର ଦାଉରେ ପରିବାର ପୋଷଣ ପାଇଁ ସେମାନେ ନିକଟବର୍ତ୍ତୀ ଗାଁ ମାନଙ୍କରୁ ଛେଳି, କୁକୁଡ଼ା, ମେଣ୍ଢା ପ୍ରଭୃତି ଚୋରି କରି ସେସବୁ ଖାଇବା ସହ ସେସବୁ ବଦଳରେ ସାମଗ୍ରୀ ସଂଗ୍ରହ କରୁଥିଲେ । ଧାନଅମଳ ବେଳ ପଡ଼ୋଶୀ କ୍ଷେତରୁ ଧାନ ଚୋରି କରି ନେଇ ଯାଉଥିଲେ । ଏହିପରି ଛୋଟ ଛୋଟ ଚୋରି ଘଟଣାରେ ପ୍ରଥମେ ସଂପୃକ୍ତ ହୋଇପରେ ସଂଘବଦ୍ଧ ଭାବରେ ଡକାୟତ ଦଳ ଗଠନ କରି ଲୋଧାମାନେ ଚୋରି/ଡକାୟତି ରାହାଜାନିର ଲିପ୍ତ ହୋଇଥିବାର ଜଣାଯାଏ ।

ବ୍ରିଟିଶ ରାଜତ୍ୱ କାଳରେ ଉନବିଂଶ ଶତକର ଶେଷ ଭାଗରେ ମେଦିନୀପୁର ଓ ଆଖପାଖ ଅଞ୍ଚଳରେ କେତେକ ଲୋଧା ସଂଘବଦ୍ଧ ଭାବରେ ଚୋରି, ଡକାୟତି, ରାହାଜାନି ଓ ହତ୍ୟା

ଘଟଣାରେ ସଂପୃକ୍ତ ହୋଇ ପଡ଼ିବାର ଜଣାପଡ଼େ । ସେମାନେ ସେହି ସବୁ ଘଟଣାରେ ଧରାପଡ଼ିଲେ ଓ ସେମାନଙ୍କର ବିଚାର ହୋଇ ଜେଲ ଦଣ୍ଡ ଦିଆଯାଇଥିଲା । ଏହାପରେ ୧୯୧୬ ମସିହାରେ ଲୋଧାମାନେ ଏକ 'ଅପରାଧ ପ୍ରବଣ ଗୋଷ୍ଠୀ' ରୂପେ ଚିହ୍ନିତ ହୁଅନ୍ତି ।

ସଂପୃକ୍ତ ଅଞ୍ଚଳରେ ଲୋଧାଙ୍କର କେତେଗୋଟି ସଂଗଠିତ ଡକାୟତ ଦଳ ରହିଥିଲା । କେତେକ ଅଭ୍ୟସ୍ତ ଅପରାଧୀମାନେ ମିଳିତ ଭାବରେ ଦଳଟିଏ ଗଠନ କରୁଥିଲେ ତହିଁରେ ଅଧିକ ଦକ୍ଷ ଲୋକ ହିଁ ସର୍ଦ୍ଦାର ହେଉଥିଲେ । ଏହି ଦଳ ଗୁଡ଼ିକ ମେଦିନୀପୁର ଓ ଓଡ଼ିଶା ସୀମାନ୍ତ ଝାଡ଼ଗ୍ରାମ, ଗୋପୀବଲ୍ଲଭ ପୁର, ନୟାଗ୍ରାମ, ନାରାୟଣ ଗଡ଼, ଏଗ୍ରା, ଦାନ୍ତନ, ଜଲେଶ୍ୱର, ଶୂଳିଆପଦା, ମୁରୁଡ଼ା ଅଞ୍ଚଳରେ ଡକାୟତି କରିଥିବାର ପ୍ରମାଣ ମିଳେ ।

ଡକାୟତ ଦଳରେ ଅନେକ ନୂତନ ସଦସ୍ୟ ରହୁଥିଲେ । ଡକାୟତି ବେଳେ କାହାରି ମୃତ୍ୟୁହେଲେ, କେହି ଅକର୍ମଣ୍ୟ ହୋଇଗଲେ, ଜେଲ ହାଜତରେ ମୃତ୍ୟୁ ହେଲେ ଦଳରେ ଥିବା ଏହି ନୂତନ ସଦସ୍ୟମାନଙ୍କ ମଧ୍ୟରୁ ଅଧିକ ଦକ୍ଷଲୋକଙ୍କୁ ଡକାୟତିରେ ସଂପୃକ୍ତ ହେବାକୁ ପଡୁଥିଲା । ନୂତନ ସଦସ୍ୟମାନେ ସାଧାରଣତଃ ଶିବ ଚତୁର୍ଦ୍ଦଶୀ ରାତିରେ ପ୍ରଥମେ ଚୋରି କରିବା ଆରମ୍ଭ କରୁଥିବାର କେହି କେହି କହନ୍ତି ।

ନୂତନ ସଦସ୍ୟମାନେ ଡକାୟତ ଦଳର ଅନ୍ତର୍ଭୁକ୍ତ ହେଉଥିଲେ ହେଁ ସେମାନେ ଆହୃତ ସଂପଦର ଭାଗୀଦାର ହେଉ ନ ଥିଲେ । ଡକାୟତି ବେଳେ ସଂପୃକ୍ତ ବ୍ୟକ୍ତି ହିଁ ଏଇ ସମସ୍ତ ଅର୍ଥ ଓ ସାମଗ୍ରୀର ଭାଗୀଦାର ହୋଇଥାନ୍ତି । ଆଗରୁ ଅନେକ ସମୟରେ ସମାଜର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ମଧ୍ୟରୁ କେହିକେହି ଏମାନଙ୍କର ପୃଷ୍ଠ ପୋଷକତାର କାର୍ଯ୍ୟ କରୁଥିବାର ଜଣାଯାଏ । ପୋଲିସ କର୍ମଚାରୀମାନ ମଧ୍ୟ ଏଥିରେ ସଂପୃକ୍ତ ଥିବାର କେହି କେହି କହନ୍ତି । କେତେକଙ୍କ ମତରେ ଲୋଧାମାନେ ଚୋରି କରିବା ପୂର୍ବରୁ ସେମାନଙ୍କ ଚାର ଲକ୍ଷ୍ୟ ଗୃହ/ବ୍ୟକ୍ତି ସମ୍ପର୍କରେ ସଠିକ୍ ଧାରଣା ଦେଇଥାଏ । ଏହି ଚାର୍‌ ମାନେ ସାଧାରଣତଃ ଅନ୍ୟ ଜାତିର ହୋଇଥାନ୍ତି ।

ଲୋଧାମାନେ ବିଭିନ୍ନ ମାରଣାସ୍ତ୍ରରେ ସଜ୍ଜିତ ହୋଇ ଡକାୟତି କରୁଥିଲେ । ସେମାନେ ସାଧାରଣତଃ ଛୋଟ ଛୋଟ ପଥର ଖଣ୍ଡ, ଲାଠି, କୁରାଢ଼ି, ଟାଙ୍ଗି, ଖଣ୍ଡା, ଛୁରା ପ୍ରଭୃତି ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିଲେ । ସେମାନଙ୍କ ମଧ୍ୟରୁ ଦଳେ ଘରେ ପଶି ଗହଣାଗାଣ୍ଠି, ବାସନ କୁସନ, ଟଙ୍କା, ସୁନା, ଲୁଗାପଟା, ଖାଦ୍ୟ ସାମଗ୍ରୀ ସଂଗ୍ରହ କଲାବେଳେ ଅନ୍ୟ ଦଳ ବାହାରେ ସେମାନଙ୍କ ସୁରକ୍ଷା ନିମନ୍ତେ ଜଗି ରହୁଥିଲେ । ବାହାରୁ ଆକ୍ରମଣ ସମୟରେ ସେମାନେ ଛୋଟ ଛୋଟ ପଥର ଖଣ୍ଡ ବ୍ୟବହାର କରୁଥିଲେ କିମ୍ବା ପ୍ରୟୋଜନ ବେଳେ ଅନ୍ୟ ଅସ୍ତ୍ର ଚାଳନା କରୁଥିଲେ । ସେମାନେ ନିର୍ଦ୍ଦିଷ୍ଟ ଗୃହ ମଧ୍ୟରେ ପ୍ରବେଶ ନିମନ୍ତେ ଉଦ୍ଦିଷ୍ଟ ଗୃହର ଢ଼େଙ୍କି୍ ସଦର ଦରଜାରେ ବାଡ଼େଇ ଦରଜା ଭାଙ୍ଗି ଦେଉଥିଲେ । ଚୋରି କରିବାକୁ ଯିବା ପୂର୍ବରୁ ନିଜ ଦେହରେ ପ୍ରଚୁର

ପରିମାଣରେ ଜଡ଼ାତେଲ ମାଲିସ କରୁଥିବା ବିଷୟ କେହି କେହି କହନ୍ତି । ଲୋଧାମାନେ ଏହିପରି ନିର୍ଦ୍ଦିଷ୍ଟ ରୀତିରେ ଚୋରି ଡକାୟତି କରୁଥିଲେ ।

ଲୋଧାଙ୍କର ଏପରି ଅପରାଧ କାର୍ଯ୍ୟ ସାଧନ ପ୍ରଣାଳୀ ଅତ୍ୟନ୍ତ ସରଳ ଓ ପ୍ରାଚୀନ ଧରଣର । ଏସବୁ ଘଟଣା ପୂର୍ବ-ପ୍ରସ୍ତୁତି ବିନା ଘଟିଥାଏ । କେତେକ କ୍ଷେତ୍ରରେ ସଂଘବଦ୍ଧ ଭାବରେ ସୁପରିକଳ୍ପିତ ଯୋଜନାରେ ମଧ୍ୟ ଡ଼କାୟତି ସଂଘଟିତ ହୋଇଥାଏ । ଏପରି ଘଟଣାରେ ଅନ୍ୟ ଡକାୟତ ଦଳର ପ୍ରଭାବ ରହିଥାଏ । ଲୋଧାମାନେ ଘର ଭିତରୁ ବାକ୍ସ, ପେଟରା ଯାହା ପାଆନ୍ତି ସମସ୍ତ ବୋହି ନେଇ ବାହାରକୁ ପଳାଇ ଯାଆନ୍ତି । ପ୍ରୟୋଜନ ବସ୍ତୁ/ସାମଗ୍ରୀ ନେଇ ସେସବୁ ପକାଇ ଦେଇ ପଳାଇ ଯାଆନ୍ତି ।

ଲୋଧାମାନେ ଚୋରି/ଡକାୟତି କରି ଆଣୁଥିବା ଅର୍ଥ ଖର୍ଚ୍ଚ କରିଦିଅନ୍ତି । ଖାଦ୍ୟ ପଦାର୍ଥ ଖାଇ ଦିଅନ୍ତି ଓ ଅନ୍ୟାନ୍ୟ ସାମଗ୍ରୀ ସମସ୍ତ ଖୁବ୍ କମ୍ ମୂଲ୍ୟରେ ବାହାରର ଲୋକଙ୍କୁ ବିକ୍ରି କରିଦିଅନ୍ତି । ଚୋରି କରିବା ପରଦିନ ଅତ୍ୟଧିକ ମଦ ପିଇ ମାତାଲ ହୋଇଥିବାର ଦେଖାଯାଏ ।

ଆଗେ ଝାଡ଼ଗ୍ରାମ ଅଞ୍ଚଳରେ ଦୁଇଗୋଟି କୁଖ୍ୟାତ ଲୋଧା ଡକାୟତଦଳ ରହିଥିବାର ଜଣାଯାଏ । ସେଗୁଡ଼ିକ ହେଲା ଡମ ଲୋଧା ଦଳ ଓ ଭାଇକି ଶୋଳ ଲୋଧାଦଳ । ବିଂଶ ଶତକର ଷାଠିଏ ଦଶକରେ ଶୂଳିଆପଦା ଅଞ୍ଚଳରେ ଶଁଶାଶୋଳର କାଲାଚାନ୍ଦ ନାୟକ ନେତୃତ୍ୱରେ ଗୋଟିଏ କୁଖ୍ୟାତ ଡକାୟତ ଦଳ ରହିଥିଲା । ସତୁରୀ ଦଶକର ଶେଷାର୍ଦ୍ଧରେ ଜିଲ୍ଲା ପ୍ରଶାସନ ଅଭିନବ ଉପାୟରେ ଉକ୍ତ ଡକାୟତ ଦଳଠାରୁ ଅସ୍ତ୍ରସମର୍ପଣ କରାଇ ସେମାନଙ୍କର ଥଇଥାନ ବ୍ୟବସ୍ଥା କରିଥିଲେ । ସେହି ଯୋଜନାର ଫଳ ସ୍ୱରୂପ ମୁରୁଡ଼ାଠାରେ ଲୋଧା ଉନ୍ନୟନ ସଂସ୍ଥା ଗଠିତ ହୋଇଛି ।

ସାଂପ୍ରତିକ କାଳରେ ଲୋଧାଙ୍କର କୌଣସି ଡକାୟତ ଦଳ ଥିବାର ଜଣାଯାଏ ନାହିଁ ତଥାପି ସେମାନେ ଅନେକ ଛୋଟ/ବଡ଼ ଚୋରି ଘଟଣାରେ ସଂପୃକ୍ତ ଥିବାର ଜଣାଯାଏଁ । କେତେକ କ୍ଷେତ୍ରରେ ଲୋଧାଙ୍କ ନାମରେ ଅନ୍ୟମାନେ ଚୋରି/ଡ଼କାୟତି/ରାହାଜାନି କରୁଥିବାର ଜଣାଯାଏ । ଲୋଧା ଗୋଷ୍ଠୀର ଲୋକେ ଚୋରି ଡକାୟତିକୁ ପେଷାରୂପେ ଗ୍ରହଣ କରିଥିଲେ ହେଁ ଏହା ସେମାନଙ୍କର ପାରମ୍ପରିକ କୌଳିକ ବୃତ୍ତି ହୋଇ ନଥିବାରୁ ନିଜର ସମାଜ ଜୀବନରେ ତାକୁ ଏଥିରେ ସ୍ୱୀକୃତି ମିଳେ ନାହିଁ । ଚୋରି ଡକାୟତି ବେଳେ କୌଣସି ଲୋଧାର ମୃତ୍ୟୁ ହେଲେ ସଂପୃକ୍ତ ଲୋଧାର ପରିବାର/ଗୋଷ୍ଠୀର ଲୋକେ କୌଣସି ଶୁଦ୍ଧିକ୍ରିୟା ପାଳନ କରନ୍ତି ନାହିଁ । ଏପରିକି ସଂପୃକ୍ତ ଲୋଧାଟିର ସ୍ତ୍ରୀ ମଧ୍ୟ ସ୍ୱାମୀର ମୃତ୍ୟୁରେ କାନ୍ଦେ ନାହିଁ କିମ୍ବା ସ୍ୱାମୀର ସ୍ମୃତିକୁ ସମ୍ଭଳ କରି ବଂଚେ ନାହିଁ । ସେ ଅନ୍ୟତ୍ର ବିବାହ କରି ଜୀବଂନ ଅତିବାହିତ କରେ ।

**ପୁନର୍ବାସ ଯୋଜନା :** ୧୯୭୫ ମସିହାରେ ଶୂଳିଆପଦା ଥାନାର ପଥର ନେସା ଗାଁରେ ଲୋଧାମାନଙ୍କ ସହିତ ପୋଲିସର ଗୁଳିକାଣ୍ଡଘଟଣା ଘଟିବା ପରେ ଲୋଧାଙ୍କ ସମସ୍ୟା ବିଷୟରେ

ନୂତନ ଆଭିମୁଖ୍ୟ ନେଇ ଜିଲ୍ଲା ପ୍ରଶାସନ ଚିନ୍ତା କରିଥିଲେ । ଅପରାଧୀ ଭାବରେ କେହି ଜନ୍ମ ହୋଇ ନଥାନ୍ତି ଓ ଅପରାଧୀଙ୍କର ଆର୍ଥିକ-ସାମାଜିକ ସମସ୍ୟା ଦୂରୀଭୂତହୋଇ ପାରିଲେ ସେମାନଙ୍କର ପରିବର୍ତ୍ତନ ଅବଶ୍ୟମ୍ଭାବୀ । ଏହି ଆଭିମୁଖ୍ୟ ନେଇ ଜିଲ୍ଲା ପ୍ରଶାସନ ରାଜ୍ୟ ପୋଲିସ୍ କର୍ତ୍ତୃପକ୍ଷଙ୍କ ସହଯୋଗରେ ଏକ ଅଭିନବ ପୁନର୍ବାସ ଯୋଜନା ହାତକୁ ନେଇଥିଲେ । ଲୋଧାମାନଙ୍କ ଚୋରି ପ୍ରବୃତ୍ତି ନିରୋଧ କରି ଥଇଥାନ କରାଇବା ପାଇଁ ସରକାରଙ୍କ ତରଫରୁ ଆଇ.ଏଚ୍.ଏସ୍. (Integrated Housing Scheme) ଜରିଆରେ ଘର ସହିତ ଚାଷ ଜମି ଓ ଚାଷ ଉପକରଣ ମଧ ଯୋଗାଇ ଦିଆଗଲା । ଓଡ଼ିଶାର ତତ୍କାଳୀନ ପୋଲିସ୍ ଆଇ.ଜି. ଧବଣୀ ଓ ପଥର ନେସା ଗ୍ରାମରେ ତା.୮.୪.୧୯୭୬ରିଖରେ ଏହି ଯୋଜନାର ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ଲୋଧା ଅପରାଧୀମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ଲୋଧା କଲୋନୀ ସବୁ ତିଆରି ହେଲା, ପ୍ରତ୍ୟେକ ଲୋଧା ପରିବାରଙ୍କୁ ମାଗଣାରେ ଘର ଯୋଗାଇ ଦିଆଗଲା । ବସତିରେ ଶିକ୍ଷାର ସୁବିଧା ନିମନ୍ତେ ଗୋଟିଏ ବିଦ୍ୟାଳୟ, ପିଇବା ପାଣି ନିମନ୍ତେ କୂଅ ପ୍ରଭୃତି ସ୍ଥାପନ କରାଗଲା । ଲୋଧାମାନଙ୍କୁ ପାରଂପରିକ ଅପରାଧୀ ଭାବରେ ନ ଦେଖିବାକୁ ସ୍ଥାନୀୟ ପୋଲିସ୍ ଅଧିକାରୀମାନଙ୍କୁ ପରାମର୍ଶ ଦିଆଗଲା । ମୁରୁଡ଼ା ବ୍ଲକ୍‌ର ଟିଆଁସୀ ଗ୍ରାମରେ ତା. ୮.୮.୭୬ ରିଖରେ ଓଡ଼ିଶାପୋଲିସ୍ ଆଇ.ଜି.ଙ୍କ ଉପସ୍ଥିତିରେ ଏକ ସାଧାରଣ ସଭାରେ ଚାରିଟି ଲୋଧାଗ୍ରାମର ସର୍ଦ୍ଦାରମାନେ ସେମାନଙ୍କ ଅସ୍ତ୍ରଶସ୍ତ୍ର ସମର୍ପଣ କରିଥିଲେ । ଜିଲ୍ଲା କର୍ତ୍ତୃପକ୍ଷ ମଧ ସେମାନଙ୍କୁ ପଗଡ଼ି ବାନ୍ଧି ଉପହାର ଦେଇ ସାଧାରଣ ଜୀବନ ଯାପନ କରିବା ପାଇଁ ପ୍ରତିଜ୍ଞାବଦ୍ଧ କରାଇଥିଲେ । ପାଠପଢ଼ା ଦିଗରେ ଉତ୍ସାହିତ କରିବା ପାଇଁ ଛତିଶ ଜଣ ଲୋଧା ପିଲାଙ୍କୁ ସ୍କୁଲ ପୋଷାକ ଓ ସିଲଟ, ପେନ୍‌ସିଲ୍ ବଣ୍ଟନ କରାଯାଇଥିଲା । ପଚିଶଟି ଲୋଧା ପରିବାରଙ୍କୁ ଘରଡ଼ିହ ପଟ୍ଟା ଦିଆଯାଇଥିଲା ।

ମୋରଡ଼ା ବ୍ଲକ୍‌ର ଟିକିଟା ମାଟିଆ, ଟିଆଁସୀ, ହାଣ୍ଡିଭଙ୍ଗା ଏବଂ ଭଦ୍ରାଶୋଳ ଏପରି ଚାରିଗୋଟି ଗ୍ରାମରେ ଇଣ୍ଟିଗ୍ରେଟେଡ୍ ହାଉସିଙ୍ଗ୍ ସ୍କିମ୍‌ରେ ଏକଶହ ଲୋଧାପରିବାରଙ୍କୁ ଘର, ବଳଦ, ଚାଷୋପକରଣ ଯୋଗାଇ ଦେଇଥିଲେ ହେଁ ଯତ୍ନ ଅଭାବ ରେ ମାଟିଘର ସବୁ ଭାଙ୍ଗିଗଲା । ନଡ଼ାଛପର ଉଡ଼ି/ପଚିଗଲା । ବଳଦ ମରିଗଲେ କିମ୍ବା ବିକ୍ରି କରିଦେଲେ । ଚାଷୋପକରଣ ମରାମତିଅଭାବରୁ ନଷ୍ଟହୋଇଗଲା । ଲୋଧାମାନେ କଲୋନୀ ପରିତ୍ୟାଗ କଲେ । ଜିଲ୍ଲା ପ୍ରଶାସନ ଆଇ.ଟି.ଡ଼ି.ଏ. ମାଧ୍ୟମରେ ପୁନର୍ବାର ଶୁଳିଆପଦା ବ୍ଲକ୍‌ର ଧବଣୀ ଗ୍ରାମରେ ପୁନର୍ବାସ ଯୋଜନା କାର୍ଯ୍ୟକାରୀ କଲେ । ଏହି ଯୋଜନାରେ ସେଠାରେ ତିରିଶଟି ପରିବାରଙ୍କୁ ଘର ଯୋଗାଇ ଦେଲେ । ଚାଷଜମି, ବଳଦ ଓ ଚାଷୋପକରଣ ଯୋଗାଇଦେଇ କେତେକଙ୍କୁ ଛେଳି, କୁକୁଡ଼ା ଦିଆଗଲା । ଜିଲ୍ଲା ପ୍ରଶାସନର ଏସବୁ କାର୍ଯ୍ୟକ୍ରମ ପାର୍ଶ୍ୱବର୍ତ୍ତୀ ଲୋଧାମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଲା । ଜିଲ୍ଲା ପ୍ରଶାସନ ଏଥିରେ ଉତ୍ସାହିତ ହୋଇ ସର୍ବବୃହତ୍ ଲୋଧାବସ୍ତି ପଥରନେସା ଗ୍ରାମକୁ ଏହି ପୁନର୍ବାସ ଯୋଜନାରେ ଅନ୍ତର୍ଭୁକ୍ତ କଲେ ।

ପରେ ଶଁଶାଶୋଳ ଓ ନେକଡ଼ା ଗୁଞ୍ଜାର ଲୋଧାମାନେ ଏହି ଯୋଜନାର ଅନ୍ତର୍ଭୁକ୍ତ ହେଲେ । ଏହିସବୁ ଲୋଧା କଲୋନୀ ଦୁଇଜଣ (ଏକ୍ସଟେନ୍‌ସନ୍ ଅଫିସରଙ୍କ) ସଂପ୍ରସାରଣ ଅଧିକାରୀଙ୍କ ଦାୟିତ୍ୱରେ ରହିଲା । ପରବର୍ତ୍ତୀ କାଳରେ ସରକାରଙ୍କ ଆଇ.ଆର୍.ପି., ଆଇ.ଟି.ଡ଼ି.ପି.ଯୋଜନାରେ ଲୋଧାମାନଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଇଥିଲା ।

ଏଠାରେ ଶୂଳିଆପଦା ଅଞ୍ଚଳରେ ବହୁ ପ୍ରଚଳିତ ବୋଲିଟିଏ ଉଦ୍ଧାର କରାଯାଉଛି । ବୋଲିଟିହେଲା - ''ବାଗି କୁସୁମୀ ଶୂଳିଆ ପଦା, ଅଧେ ମଣିଷ ଅଧେ ନଧା ।'' ବୋଲିଟିର ଲୋକ ପ୍ରଚଳିତ ଅର୍ଥ ସଂପର୍କରେ ବହୁ ଲୋକଙ୍କୁ ପଚାରି ବୁଝିଛି । ଲୋଧାମାନଙ୍କୁ ମଧ ଏ ସଂପର୍କରେ ପଚାରିଛି । ସରକାରୀ ନଥିପତ୍ର ଦେଖିଛି । ସମସ୍ତ ମତର ସାର ନିର୍ଯ୍ୟାସ ହେଉଛି - ଏଠାର ଲୋଧା ଗୋଷ୍ଠୀର ଲୋକେ ଚୋରି ଡକାୟତି କରନ୍ତି । ସେମାନେ ଦୁର୍ଦମନୀୟ ଦସ୍ୟୁ । ଏ ଅଞ୍ଚଳର ଅନ୍ୟ ଜନଗୋଷ୍ଠୀ/ଜାତି ସମସ୍ତ ଅର୍ଦ୍ଧ ଲୋଧା ପ୍ରକୃତି ବିଶିଷ୍ଟ ହୋଇ ଥିବାରୁ ଏପରି ବୋଲିଟିଏ ଏଠାର ବିଶାଳ ଜନସମାଜର ପ୍ରକୃତିର ପରିଚାୟକ । ଏହି ପୃଷ୍ଠଭୂମିରେ ହିଁ ଉପରୋକ୍ତ ବୋଲିଟିର ସୃଷ୍ଟି । ତେବେ ନିର୍ଦ୍ଦିଷ୍ଟ ଗ୍ରାମର ଉଲ୍ଲେଖ ସମ୍ପର୍କୀୟ ସଂଖ୍ୟାଧିକ ମତ ହେଉଛି ଯେ ଅନେକେ ମଦ ପିଅନ୍ତି କିନ୍ତୁ ସେ ସମସ୍ତେ ମଦୁଆ ବୋଲି ସାଧାରଣରେ ପରିଚିତ ହୋଇ ନ ଥାଆନ୍ତି ।

ମୋର ଲୋଧା ସଂପର୍କିତ ଅଧ୍ୟୟନକାଳ ମଧ୍ୟରେ ଏ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ସମାଜସେବୀ, ସ୍ୱାଧୀନତା ସଂଗ୍ରାମୀ, ଭୂଦାନ କର୍ମୀ, ରାଜନୈତିକ ନେତୃମଣ୍ଡଳୀ, ସରକାରୀ କର୍ମଚାରୀ, ଶିକ୍ଷକ, ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ସହିତ ମିଶିଛି । ଆଲୋଚନା କରିଛି । କେତେକ ସରକାରୀ ନଥିପତ୍ରରେ ଏଠାର ଲୋଧା ଓ ଜନସାଧାରଣଙ୍କ ଉପରେ ମତ ଓ ମନ୍ତବ୍ୟ ପ୍ରଦତ୍ତ ହୋଇଛି ।କେତେକ ବିଚକ୍ଷଣ ଅନୁଭବୀ କାର୍ଯ୍ୟାଧିକାରୀ ଏପରି କେତେକ କଥା ଲେଖିଯାଇଛନ୍ତି ଯାହା ଉପର ଲିଖିତ ପ୍ରଚଳିତ ବୋଲିଟି ସହିତ ସାମଞ୍ଜସ୍ୟ ରକ୍ଷା କରିଥାଏ ।

ଏଠାର ଅନେକ ସଚେତନ ନାଗରିକମାନଙ୍କ ମତରେ ଏ ଅଞ୍ଚଳରେ ଲୋଧାମାନେ ପ୍ରଥମରୁ ଏପରି ଅପରାଧ ପ୍ରବଣ କର୍ମରେ ଅଭ୍ୟସ୍ତ ନ ଥିଲେ । ସେମାନେ ଅରଣ୍ୟ ସଂପଦ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ଥିଲେ । ପରବର୍ତ୍ତୀ କାଳରେ ଅବିଚାରିତ ଭାବରେ ଜଙ୍ଗଲ କ୍ଷୟ ସହିତ ଅର୍ଥ-ସାମାଜିକ ପ୍ରକ୍ରିୟାଗତ ଉତ୍‌ଥାନ ପତନ ମଧ୍ୟରେ ଜୀବିକାର୍ଜନ ନିମନ୍ତେ ଚୋରି/ ଡକାୟତି କଲାବେଳେ ଆକସ୍ମିକତା/ଅତି ପ୍ରୟୋଜନ ପରିସ୍ଥିତିରେ ବେଳେବେଳେ ନରହତ୍ୟା ଅପରାଧରେ ଜଡ଼ିତ ହୋଇ ପଡ଼ିଲେ ।

ସାଧାରଣତଃ ଲୋଧାମାନେ ଚୋରି କଲେ ସଂପୃକ୍ତ ଘରଟିର ସମସ୍ତ ସାମଗ୍ରୀ ନେଇ ଯାଆନ୍ତି । ଚୋରି ଡକାୟତି କଲାପରେ ସେ ସମସ୍ତ ଜିନିଷ ରଖନ୍ତି କେଉଁଠି ? ବିକନ୍ତି କେଉଁଠି କିମ୍ବା କାହାକୁ ଦିଅନ୍ତି ? ଏଇ ସମସ୍ତ ସହଜ ପ୍ରଶ୍ନର ଉତ୍ତର କେତେକ ସରକାରୀ ନଥିରେ ଲିପିବଦ୍ଧ ହୋଇଥିବାର ଦେଖାଯାଏ । ଲୋଧାମାନେ ଚୋରି କରିବା, ଚୋରି ଜିନିଷ ଗୋପନରେ

ରଖିବା, ବିକ୍ରି କରିବା, ଧରପଗଡ଼ ବେଳେ ଆଶ୍ରିତର ଛାୟାରେ ସୁରକ୍ଷିତ ଭାବେ ରହିବା, ଜେଲ ହାଜତବେଳେ ପରିବାର ପୋଷଣ କରିବା ପ୍ରଭୃତି ପ୍ରଶ୍ନସବୁ ଏ ଅଞ୍ଚଳରେ ଅବସ୍ଥାପିତ ସୁରକ୍ଷା ଦାୟିତ୍ୱପ୍ରାପ୍ତ ଅଧିକାରୀଙ୍କ ପକ୍ଷେ ଏକ ଉତ୍କଟ ସମସ୍ୟା ଓ ମୁଣ୍ଡ ବ୍ୟଥାର କାରଣ । ତେଣୁ ଉପରୋକ୍ତ ସମସ୍ୟାର ସମାଧାନ ନିମନ୍ତେ ପ୍ରଶାସନ କଳର ସମସ୍ତ ବିଭାଗ ଏକମୁଖୀ ଓ ଆନ୍ତରିକ ଭାବରେ କାର୍ଯ୍ୟ କରିବା ଫଳରେ ବିଗତ ଶତାବ୍ଦୀର ସତୁରୀ ଦଶକର ଶେଷାର୍ଦ୍ଧରେ ଲୋଧା ଡକାୟତମାନେ ଅସ୍ତ୍ରଶସ୍ତ୍ର ସମର୍ପଣ କରିଥିଲେ । ସରକାରଙ୍କ ଦ୍ୱାରା ମଧ୍ୟ ପୁନର୍ବାସ ଯୋଜନାରେ ସେମାନଙ୍କୁ ଥଇଥାନ କରାଯାଇ ପାରିଛି । ଗଭୀର ଆଶା ଓ ଆଶ୍ୱାସନାର ବିଷୟ ଏହି ଯେ, ସରକାରଙ୍କ ଆନ୍ତରିକ ଉଦ୍ୟମ ଫଳରେ ଏପରି ଏକ ଦୁର୍ଦ୍ଦାନ୍ତ ଜନଗୋଷ୍ଠୀର ଜୀବନ ରୀତି ବଦଳି ଯାଇଛି ।

ଲୋଧାମାନେ ଆଦିବାସୀ ହେଲେ ହେଁ ହିନ୍ଦୁ ଧର୍ମର ରୀତିନୀତିରେ ଜୀବନ ନିର୍ବାହ କରନ୍ତି । ଏହି ଆଦିମ ଜନଗୋଷ୍ଠୀର ଗୌରବ ଦୀପ୍ତ କାହାଣୀ ଓ କିଂବଦନ୍ତୀ, ପାରମ୍ପରିକ ସାଂସ୍କୃତିକ ସଂପଦ, ଶୃଙ୍ଖଳିତ ସାମାଜିକ ଜୀବନ ଚର୍ଯ୍ୟା, ଦୁର୍ଦ୍ଦମନୀୟ ଦସ୍ୟୁ ପ୍ରକୃତି ସମସ୍ତ ଏହି ସୁପ୍ରାଚୀନ ଜନଗୋଷ୍ଠୀର ସୁସ୍ଥ ସବଳ ଜୀବନୀ ଶକ୍ତିର ପରିଚାୟକ । ଲୋକପ୍ରିୟ ସରକାରଙ୍କ ଅଭିନବ ଉଦ୍ୟମ, ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ଜନସାଧାରଣଙ୍କ ନିଃସ୍ୱାର୍ଥପର ସେବା ପରାୟଣତା, ସହଯୋଗ, ସମ୍ବେଦନଶୀଳ ମନୋବୃତ୍ତି ଆଦି ପରିବର୍ତ୍ତିତ ସମୟର ଆବଶ୍ୟକତାନୁଯାୟୀ ଲୋଧାମାନଙ୍କ ଶାନ୍ତିପୂର୍ଣ୍ଣ ଜୀବନଯାପନରେ ସହାୟକ ହେବ, ଏହା ନିଃସନ୍ଦେହରେ କୁହାଯାଇପାରେ ।

❐



ଶଁଶାଶୋଳ ଲୋଧାଙ୍କ ପୁରୁଣା ଘର



ଶଁଶାଶୋଳ ଲୋଧାଙ୍କ ଘରେ ପୋଲିସ୍‌ର ଜୁଲୁମ



ଲୋଧା ସର୍ଦାର୍ କାଲାଚାନ୍ଦ ନାଏକ

# ତୃତୀୟ ଅଧ୍ୟାୟ
# ଲୋଧାଙ୍କର କଥିତ ଭାଷା ଓ ସାହିତ୍ୟ

କଥିତଭାଷା :

ଲୋଧାଗୋଷ୍ଠୀର ଲୋକଙ୍କର ଭାଷାରେ କେତେକ ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ । ଧ୍ୱନି ପ୍ରକ୍ରିୟାରେ କଥିତ ଓଡ଼ିଆ, ବଂଗଳା, ଆଦିବାସୀ (ମୁଣ୍ଡାରୀ) ଓ କୁଡ଼ମୀ ଭାଷାର ମିଶ୍ରିତ ଧ୍ୱନି ରୂପ ପ୍ରକଟିତ ହୁଏ । ସେମାନଙ୍କ ସହିତ କଥାବାର୍ତ୍ତା ବେଳେ ହିଁ ପଡୋଶୀ, ପୁରାଣ, ମହାନ୍ତ, ମାଝୀ ଏବଂ ହିନ୍ଦୁଜାତିର ଅନ୍ୟ ଲୋକଙ୍କ ଠାରୁ ଲୋଧାଙ୍କୁ ସ୍ୱତନ୍ତ୍ର ଗୋଷ୍ଠୀ ରୂପେ ଜାଣି ହୁଏ ।

ଦିନେ ହୁଏତ ଲୋଧାମାନଙ୍କର ନିଜସ୍ୱ ଭାଷା ଥିଲା । ମାତ୍ର ସେ ଭାଷା ସଂପ୍ରତି ବିସ୍ମୃତ । ବର୍ତ୍ତମାନ କହୁଥିବା ଭାଷା ଓଡ଼ିଆ, ବଂଗଳା, ଆଦିବାସୀ (ମୁଣ୍ଡାରୀ) ଓ କୁଡ଼ମୀ ଭାଷାର ମିଶ୍ରିତ ରୂପ । ଏମାନଙ୍କର ଧ୍ୱନିତତ୍ତ୍ୱର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ପ୍ରତ୍ୟେକ ଉଚ୍ଚାରଣରେ ଶ୍ୱାସକ୍ରିୟାର ଅଧିକ ଚାପ ହେତୁ ଶବ୍ଦ ଶେଷରେ 'ବିସର୍ଗ' ଧ୍ୱନିର ଆଗମ ଘଟେ ।

ଯଥା : ଯିବିଃ । ନାହିଁଃ ଯିବିଃ ।

କରିବିଃ । ଗୀତ୍ ଗାହାଃ ।

ହିଁ ଠେଃ ବସବାଃ, ଇତ୍ୟାଦି । ତେବେ କେତେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ମଧ୍ୟ ଘଟିଥିବାର ଦେଖାଯାଏ । ଯଥା - ଆଇନେଁୟ, ଗନେଁୟ, କୁଚୁରା ଇତ୍ୟାଦି ।

ଲୋଧାଙ୍କ ଭାଷାର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ସୃଜନ କ୍ଷମତା । ଓଡ଼ିଆ, ବଂଗଳା, ଆଦିବାସୀ ଓ ଆଞ୍ଚଳିକ କୁଡମାଳୀ ଶବ୍ଦ ପ୍ରୟୋଗ ବ୍ୟତୀତ କେତେକ ସ୍ୱତନ୍ତ୍ର ଶବ୍ଦର ବ୍ୟବହାର ଘଟେ ।

ଉଦାହରଣ : ଚିମ୍ବୁ / ଚେମ୍ବୁଃ - ପୁଲିସ

ବାଙ୍କୁଡୁ - ସାନ୍ତାଳ

ଜଡ଼ରା - ମହାନ୍ତ

ଏପରି କେତେକ ଶବ୍ଦ ପରିଶିଷ୍ଟରେ ଯୋଗ କରାଯାଇଛି ।

ଧ୍ୱନି : ପ୍ରକ୍ରିୟାଗତ ବୈଶିଷ୍ଟ୍ୟ : ଉତ୍ତର- ପୂର୍ବ ଉପାନ୍ତ ଓଡ଼ିଆ ଭାଷା ସହିତ ଲୋଧାଭାଷାର ଅନେକ ସାମଞ୍ଜସ୍ୟ ଥିଲେ ହେଁ କେତେକ ସ୍ୱାତନ୍ତ୍ର୍ୟ ମଧ୍ୟ ପରିଲିକ୍ଷିତ ହୁଏ । ସେ ଗୁଡ଼ିକ ହେଲା-

(କ) ଶବ୍ଦର ଆରମ୍ଭରେ ବ୍ୟଞ୍ଜନ ସନ୍ନିହିତ ଅର୍ଦ୍ଧ ସଂବୃତ ସ୍ୱରଧ୍ୱନି ଲୋଧା ଓ ଆଞ୍ଚଳିକ କଥିତ ଓଡ଼ିଆ କ୍ଷେତ୍ରରେ ପ୍ରାୟ ସର୍ବତ୍ର ସଂବୃତ ସ୍ୱରରେ ପରିଣତ ହୁଏ । ଯଥା - ବୋତଲ - ବୁତୁଲ, ଗୋଟିଏ- ଗୁଟ୍‌ଟେୟ, ଗୋସ୍‌ବାପ - ଘୁସାପ, ତୋମାର- ତୁମାର ପ୍ରଭୃତି ।

(ଖ) ଶବ୍ଦର ଆଦ୍ୟସ୍ଥିତିରେ ବ୍ୟଞ୍ଜନ ସନ୍ନିହିତ ଅର୍ଦ୍ଧ ସଂବୃତ ସ୍ୱର ଧ୍ୱନି କେତେକ ସ୍ଥଳରେ ବିବୃତ ସ୍ୱର ଧ୍ୱନିରେ ପରିଣତ ହୁଏ । ଏହା ଉତ୍ତର-ପୂର୍ବାଞ୍ଚଳୀୟ କଥିତ ଓଡ଼ିଆ ଭାଷାରେ ମଧ୍ୟ ପ୍ରଚଳିତ । ଯଥା: ଗୋଟେ>ଗୁଟେ/ଗଟେ, ବୋହୁ>ବହୁ, ମୋର>ମର, ଗୋଡ଼>ଗୁଡ଼>ଗଡ଼, ଲୋକ > ଲୁକ/ନକ୍ ।

(ଗ) ଲୋଧାମାନଙ୍କ ଉଚ୍ଚାରଣରେ କେତେକ ସ୍ଥାନରେ 'ଖ' ଧ୍ୱନି ଲୋପ ହୋଇ 'କ' ଧ୍ୱନି ଉଚ୍ଚାରିତ ହୋଇଥାଏ । ଯଥା - ଖୁଚୁରା> କୁଚୁରା, ଖୁର- କୁର ପ୍ରଭୃତି ।

(ଘ) ଲୋଧାମାନଙ୍କ ଉଚ୍ଚାରଣରେ କେତେକ ସ୍ଥାନରେ 'ଡ଼' ସ୍ଥାନରେ 'ଳ' ହୁଏ ।

ଯଥା: ଘାଡ଼>ଘାଳ, ଖଡ଼>ଖଳ, ଖିଡ଼୍‌କି> ଖିଳ୍‌କି, ଦଉଡ଼ା>ଦଳା ପ୍ରଭୃତି ।

(ଙ) କେତେକ ଶବ୍ଦର ଆରମ୍ଭରେ ବ୍ୟଞ୍ଜନ ପରିବର୍ତ୍ତନ ହୋଇଥାଏ ।

ଯଥା : ମାପିବା>ନାପିବା, ମିମାଂସା> ନିମାଂସା, କାମୁଡ଼ିକି> ଟାମୁଡ଼ିକି, ଲୋକ>ନକ ପ୍ରଭୃତି ।

(ଚ) କେତେକ ଶବ୍ଦର ଶେଷ ସ୍ୱରବର୍ଣ୍ଣ ଲୋପ ପାଇଁ ବ୍ୟଞ୍ଜନ ବର୍ଣ୍ଣର ଉଚ୍ଚାରଣ ହୁଏ ।

ଯଥା : ଗାଆ>ଗାହାଃ

ରୂପ ରଚନା : ରୂପରଚନା କ୍ଷେତ୍ରରେ ଉତ୍ତରପୂର୍ବ ଉପାନ୍ତ କଥିତ ଓଡ଼ିଆ ଭାଷା ସହିତ ଲୋଧାମାନଙ୍କ ଉଚ୍ଚାରଣରେ ସାମଞ୍ଜସ୍ୟ ରହିଥିଲେ ହେଁ କିଛିଟା ସ୍ୱାତନ୍ତ୍ର୍ୟ ପରିଲିକ୍ଷିତ ହୁଏ । ଯଥା - ପ୍ରଥମ ପୁରୁଷ ବହୁବଚନ 'ଏମାନେ' ସ୍ଥାନରେ ଉର୍‌ହାଃ, ଦ୍ୱିତୀୟ ପୁରୁଷ ଏକ ବଚନ ତୁ/ ତୁମ୍ଭେ ସ୍ଥାନରେ 'ତୁରହାଃ', ଷଷ୍ଠୀ ସମ୍ବନ୍ଧ ପଦ 'ତୁମର' ସ୍ଥାନରେ ତୁରାହାକାର, ତୃତୀୟ ପୁରୁଷ 'ସେ'/'ସେହି' ସ୍ଥାନରେ 'ସଉ ' ଉଚ୍ଚାରିତ ହୁଏ ।

## ସର୍ବନାମିକ ବ୍ୟୁତ୍ପାଦିତ ପଦାବଳୀ :

(କ) ଉତ୍ତର- ପୂର୍ବାଞ୍ଚଳୀୟ ଓଁଡ଼ିଆ ପରି ହେଲେ ହେଁ ଲୋଧାଙ୍କ ଉଚ୍ଚାରିତ କେତେକ ପଦରେ ଭିନ୍ନତା ପରିଲିକ୍ଷିତ ହୁଏ । ଯଥା : କେଉଁଠି- କେଠେ, ସେଇଠି- ସେଠେ ଇତ୍ୟାଦି ।

(ଖ) ଲୋଧା ଭାଷାରେ କେତେକ ବିଶିଷ୍ଟ ପ୍ରକାର୍ଯ୍ୟାତ୍ମକ ଶବ୍ଦର ରୂପ ଉତ୍ତର-ପୂର୍ବ ଉପାନ୍ତ ଓଡ଼ିଆ କଥିତ ଭାଷାପରି । ଯଥା: କାର୍/ପରି ଶବ୍ଦର ପ୍ରୟୋଗ ପରିଲିକ୍ଷିତ ।

(ଗ) ସମାପିକା କ୍ରିୟାପଦ ଆସିଲେ, ବସିଲେ ପ୍ରଭୃତି ସ୍ଥାନରେ ଲୋଧା ଭାଷାରେ 'ଆସ୍‌ଲେକ' >'ବସ୍‌ଲେକ୍' ହୁଏ । ପୁନଶ୍ଚ କେତେକ ସ୍ଥାନରେ 'ଗଲେ'>ଗନେଁୟ, ଆସିଲେ ସ୍ଥାନରେ 'ଆଇନେଁୟ' ଉଚ୍ଚାରିତ ହୁଏ ।

କଥିତ ଓଡ଼ିଆ ପରି ସେମାନଙ୍କ ଭାଷାରେ ଓଡ଼ିଆ, ବଂଗଳା, ଆଦିବାସୀ ଭାଷା ବ୍ୟତୀତ କେତେକ ଇଂରାଜୀ, ପର୍ତ୍ତୁଗୀଜ୍ ଓ ପାର୍ଶୀ ଶବ୍ଦର ଓଡ଼ିଆ ରୂପେ ମଧ୍ୟ ପ୍ରଚଳନ ଥିବାର ଦେଖାଯାଏ । ଯଥା- କିନାଲ, ଗିଲାସ, କଜ୍ଜଲପାତି, ବେଟୀ ପ୍ରଭୃତି ।

ମାନକ ଓଡ଼ିଆ ଓ କଥିତ ଓଡ଼ିଆ ଭାଷାରେ ବୟସ/ସମ୍ମାନରେ ବଡ଼, ଗୁରୁଜନ, ଅତିଥି ଅଭ୍ୟାଗତଙ୍କ ପ୍ରତି ଆଜ୍ଞା, ଆପଣ, ତୁମେ ପ୍ରଭୃତି ଶବ୍ଦର ବ୍ୟବହାର ଥିଲାବେଳେ ଲୋଧାମାନେ ଗୋଟିଏ ପ୍ରକାରର ରୀତିରେ ବାକ୍ୟାଳାପ କରିଥାନ୍ତି ।

ଉଦାହରଣ : 'ଆୟଗଃ ! ହାତ୍ ଧୁଃ ଖାଇବେଃ ଆୟ ।'

'ଆୟ ଜୁଇଁ, ଭାତ୍ ଖାଇବେତଃ ।'

'ପାଣି ଦେହେଃ, ଜୁଆଇଁ, ହାତ୍ ଧଇବଃ ।' - ଏପରି ବାକ୍ୟ ବଡ଼ସାନ ଗୁରୁଜନ, ଲଘୁଜନ, ବଂଧୁ ବାଂଧବ, ବାହାର ଲୋକ ସମସ୍ତଙ୍କ କ୍ଷେତ୍ରରେ ସମାନ ଭାବରେ ପ୍ରଯୁଜ୍ୟ । ସାଂପ୍ରତିକ କାଳରେ ଆଧୁନିକ ଶିକ୍ଷାର ପ୍ରଭାବରେ କଥାବାର୍ତ୍ତା ବେଳେ କ୍ଷେତ୍ର ବିଶେଷରେ ଆପଣ, ତୁମେ ପ୍ରଭୃତି ସମ୍ବୋଧନ ବାଚକ ଶବ୍ଦ ବ୍ୟବହାର କରିବାର ପରିଲିକ୍ଷିତ ହୁଏ । (ପରିଶିଷ୍ଟରେ ଲୋଧା ଶବ୍ଦାବଳୀ ସଂଯୋଜିତ ହୋଇଛି)

**କଥିତ ସାହିତ୍ୟ :**

ଲୋକ ସମାଜର ବିଭିନ୍ନ ଜାତି/ ଗୋଷ୍ଠୀ ମଧ୍ୟରେ ପ୍ରଚଳିତ କଥିତ ସାହିତ୍ୟ ପରି ଲୋଧାମାନଙ୍କ ମଧ୍ୟରେ ବହୁ ଗୀତ, ଗପ, ନା ଦିଆ ପ୍ରଭୃତି ପ୍ରଚଳିତ ଅଛି । ଏ ସବୁରେ ସେମାନଙ୍କର ସାମାଜିକ- ଜୀବନ, ରୀତି, ନୀତି, କୃଷି, ବ୍ୟବସାୟବାଣିଜ୍ୟ, ଖାଦ୍ୟପେୟ, ବିଶ୍ୱାସ, ଧର୍ମଚେତନା, ଆମୋଦ, ପ୍ରମୋଦ ବିଷୟ ପ୍ରତିଫଳିତ ହୋଇଛି । ଜଞ୍ଜାଳଭରା ଦୈନନ୍ଦିନ ଜୀବନରେ କିଛିଟା ଆନନ୍ଦ ଭରିଦେବା ପାଇଁ ସନ୍ଧ୍ୟାବେଳେ ପରିବାର/ ପଡ଼ିଶା ପୁଅଝିଅ, ମାଆ, ବୁଢ଼ୀମାଆ ମିଳିତ ହୋଇ ମଦ ହାଣ୍ଡିଆ ପିଇବା, ଗୀତ ଗାଇବା, ଗପ କହିବା ଧନ୍ଦା ନାଁ ପ୍ରଭୃତିରେ ଅଂଶ ଗ୍ରହଣ କରି ନିଜ ନିଜର ବୁଦ୍ଧିମତ୍ତାର ପରଖ ଓ ଜ୍ଞାନ ପିପାସା ମେଣ୍ଟାଇବା ସହିତ କୌତୁକ ରସ ପରିବେଷଣ କରିଥାଆନ୍ତି । ସାଂପ୍ରତିକ କାଳରେ ଗ୍ରାମାଞ୍ଚଳରେ ଟେପ, ଟିଭି, ରେଡ଼ିଓ, ଭିଡ଼ିଓ ପ୍ରଭୃତିର ପ୍ରଚଳନ ଫଳରେ ପୂର୍ବର ସେହି

ପାଂରପରିକ ପ୍ରାଚୀନ ପ୍ରଥାର ଦ୍ରୁତ ବିଲୟ ଘଟୁଥିବାର ପରିଲକ୍ଷିତ ହେଉଛି । କେତେକ ସ୍ଥାନରେ ବୟସ ନିର୍ବିଶେଷରେ ପୁଅଝିଅମାନେ ରେକର୍ଡ଼ ସଂଗୀତ, ଯାତ୍ରାଗୀତ ପ୍ରଭୃତି ଗାନ କରନ୍ତି । ଏସବୁ ସତ୍ତ୍ୱେ ସମୟ ସମୟରେ ସାମୂହିକ ନାଚ, ବିବାହ, ଭୋଜିଭାତ ପ୍ରଭୃତି ଅନୁଷ୍ଠାନ ଉପଲକ୍ଷେ ସମାରୋହ ବେଳେ ଗୀତ ଗାଇବା, ଗପ କହିବା, ନାଚିବା, ଧନ୍ଦା ଓ ନାଁ ଦିଆ ପ୍ରଭୃତି କରି ସମୟର ଉପଯୋଗ କରିବା ସହ ଅବସର ବିନୋଦନ କରିଥାନ୍ତି । ଏଇ ସବୁ କଥିତ ସାହିତ୍ୟରେ ଲୋଧା ସମାଜ ଜୀବନର ସ୍ପଷ୍ଟଚିତ୍ର ପ୍ରତିଫଳିତ ହୋଇଅଛି ।

ଲୋଧାମାନେ ଆର୍ଥିକ ଦିଗରୁ ଅସ୍ୱଚ୍ଛଳ । ପ୍ରତିଦିନର ଖାଦ୍ୟ ଆହରଣ ନିମନ୍ତେ ସେମାନେ ପାରଂପରିକ ରୀତିରେ ମୁଖ୍ୟତଃ ଅରଣ୍ୟ ଉପରେ ନିର୍ଭରଶୀଳ । ଅରଣ୍ୟ ସଂପଦର ଅବକ୍ଷୟ କାଳରେ ସେମାନେ ସଂପ୍ରତି ଅନ୍ୟ ଧନ୍ଦା କରି ପେଟ ପୋଷିବାକୁ ବାଧ୍ୟ ହୋଇଛନ୍ତି । ଘରର ମାଆ ବାପା ବାହାରକୁ ଗଲାବେଳେ ଛୋଟ ଛୋଟ ପୁଅଝିଅଙ୍କର ଦାୟିତ୍ୱ ଅପେକ୍ଷାକୃତ ବଡ଼ ପୁଅଝିଅ, ବୁଢ଼ୀ ମାଆ, ବୁଢ଼ାବାପାଙ୍କ ଉପରେ ପଡ଼ିଥାଏ । ଏମାନେ ଗୀତଗାଇ, ଗପକହି ପିଲାମାନଙ୍କୁ ଖେଳାନ୍ତି ।

ପରିବାରର ଅସମର୍ଥ ପିତାମାତା, ଜେଜେବାପା, ମାଆ, ଆଈବୁଢ଼ୀମାନେ ଅବସର ସମୟରେ ବହୁ ପ୍ରକାର ଗପ, ଗୀତ, ନାଁ ଦିଆ ପ୍ରଭୃତି କହିଥାନ୍ତି । ସେମାନଙ୍କର କହିବା ଭଂଗୀ, କଣ୍ଠର ସ୍ୱର, ମୁଖରଠାଣି, ଆଖିର ଚାହାଣୀ ସମସ୍ତ ସମବେତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥାଏ । ଏହିପରି ଭାବରେ କଥିତ ସାହିତ୍ୟ ଧାରା ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ଗଡିଆସେ । ଲୋଧା ସମାଜରେ ଲିଖିତ ସାହିତ୍ୟ ଉପଲବ୍ଧ ନୁହେଁ । କେତେକ କ୍ଷେତ୍ରରେ ଦେଶ, କାଳ ଓ ପାତ୍ର ଭେଦରେ ଏମାନଙ୍କର କଥିତ ସାହିତ୍ୟର ପରିବର୍ତ୍ତିତ ରୂପ ଦୃଷ୍ଟିଗୋଚର ହେଉଥିଲେ ହେଁ ମୂଳଭାବ ଅକ୍ଷୁର୍ଣ୍ଣ ରହିଥାଏ ।

ଲୋଧା ସମାଜରେ ପ୍ରଚଳିତ ପାଂରପରିକ ନାଚଗୀତର ଧାରା କ୍ରମେ କମି ଯାଉଛି । ପୂର୍ବରୁ ପ୍ରଚଳିତ ଚାଙ୍ଗୁନାଟ ଓ ଗୀତ, ଚୁସୁନାଚ ଓ ଗୀତ, ବାନ୍ଦଣା ଗୀତ ପ୍ରଭୃତିର ଆଦର କମି ଯାଉଥିବାର ଲକ୍ଷ୍ୟ କରାଯାଉଛି । କେତେକ ସ୍ଥାନରେ ପାଂରପରିକ ଚାଙ୍ଗୁନାଟ ସ୍ଥାନରେ ଛଉନାଟ ପରି ବୀର ରସାତ୍ମକ ନୃତ୍ୟ ନାଟର ପ୍ରଚଳନ ଦେଖାଯାଉଛି । ଏଥିରେ ଲୋଧା ପିଲାମାନେ ଅଧିକ ଆଗ୍ରହୀ ହୋଇ ସଫଳତା ପାଇବା ସଂଗେ ସଂଗେ ସୁନାମ ଅର୍ଜନ କରୁଛନ୍ତି । ଶୁଳିଆପଦା ଥାନା ଅନ୍ତର୍ଗତ ଧବଣୀ ଓ ଗୋପୀବଲ୍ଲଭପୁର (ପଂ.ବ) ଥାନାର ସାନ ଝାଉଁରୀ ଗ୍ରାମର ଲୋଧା ପିଲାମାନେ ଛଉନାଟ ପ୍ରଦର୍ଶନ କରି ବିଶେଷ ଖ୍ୟାତି ଅର୍ଜନ କରିଛନ୍ତି । ଧବଣୀ ଗ୍ରାମର ଛଉଦଳର ସଂପାଦକ ଶ୍ରୀ ସଚ୍ଚିଦା ନାଏକ କହନ୍ତି - 'ଆମ ବାପା ଦାଦାମାନେ ଚାଙ୍ଗୁନାଟ ନାଚୁଥିଲେ । ବର୍ତ୍ତମାନ ସେ ସବୁ ଆମର ନାହିଁ । ଆମେ ଏବେ ଛଉନାଚ ନାଚୁଛେ ।'

ଲୋଧା ସମାଜରେ ପ୍ରଚଳିତ କେତେକ କଥିତ ସାହିତ୍ୟ ସଂଗୃହୀତ ଏବଂ ସଂକଳିତ ହୋଇ ପରିଶିଷ୍ଟରେ ସଂଯୋଜିତ ହୋଇଅଛି । ସେହି ସଂକଳନକୁ ଆଧାର କରି କଥିତ ସାହିତ୍ୟର ରୂପରେଖ ବିଷୟରେ ଆଲୋଚନା କରାଯାଉଛି । ଏଥିରେ ଛଉ ନାଚର ଗୀତ ଅନ୍ତର୍ଭୁକ୍ତ କରାଯାଇ ନାହିଁ । ଛଉରେ ବିଭିନ୍ନ ବିଷୟରେ ନାଚ ପ୍ରଚଳିତ । ନାଚର ବିଷୟ ବସ୍ତୁ ସମ୍ବଳିତ ଗୀତ ମଧ୍ୟ ପ୍ରଚଳିତ । ସେସବୁ ଗୀତ ଓଡ଼ିଆ, ବଂଗଳା, କୁଡ଼ୁମାଳୀ ଓ ଆଦିବାସୀ ଭାଷା ସହିତ କେତେକ ବୈଦେଶିକ ଭାଷା ଦ୍ୱାରା ମଧ୍ୟ ପ୍ରଭାବିତ ।

ଲୋଧା ସମାଜରେ ପ୍ରଚଳିତ ଗୀତ ଗୁଡ଼ିକ ନିମ୍ନମତେ କେତେଗୋଟି ପର୍ଯ୍ୟାୟରେ ବିଭକ୍ତ ।

**ଗୀତ ଗୁଡିକର ବିଭାଗୀକରଣ :**

(କ) ବନ୍ଦନାଗୀତ : - ଏପରି ଗୀତ ସବୁ କୌଣସି ଅନୁଷ୍ଠାନ ସହିତ ନାଚର ଆରମ୍ଭରେ ଗାନ କରିଥାନ୍ତି । ଏଗୁଡ଼ିକ ସାଧାରଣତଃ ବସୁମାତା, ଗ୍ରାମ୍ୟ, ଓ ଲୌକିକ, ଶାସ୍ତ୍ରୀୟ, ଦେବଦେବୀ, ପ୍ରକୃତିର ଆର୍ଶିବାଦ ତଥା ଭୂତ ପ୍ରେତାଦିଙ୍କ ସନ୍ତିଷ୍ଟି ନିମନ୍ତେ ଗାନ କରାଯାଏ ।

(ଖ) ଖେଳଗୀତ:- ଛୋଟ ଛୋଟ ପୁଅଝିଅ ଏହି ସବୁ ଗୀତ ଗାଇ ବିଭିନ୍ନ ଖେଳ ଖେଳିଥାନ୍ତି ।

(ଗ) ନାଚ/ନାଟ ଗୀତ:- ଚାଙ୍ଗୁନାଟ, ମାଦଲ ନାଚ, ବାନ୍ଦଣା ଓ ଟୁସୁନାଚ, କାଠିନାଚ, ସଖୀ, ପାଁତାଶାଳିଆ ଓ ଛଉ ନାଟରେ ବୋଲା ଯାଉଥିବା ଗୀତ ।

(ଘ) ବେହାଗୀତ :- ପୁଅ ଝିଅଙ୍କର ବାହାଘର ସମୟରେ ବୋଲାଯାଉଥିବା ଗୀତ ।

(ଡ) ବାରମାସୀ :- ବାରମାସୀ ଗୀତରେ ଲଳିତା ବାରମାସୀ, ରାମବାରମାସୀ, ସୀତାବାରମାସୀ, ନୂଆବୋହୂ ବାରମାସୀ ଗୀତ ଗୁଡ଼ିକ ଅନ୍ତର୍ଭୁକ୍ତ । ଏପରି ଗୀତ ଗୁଡ଼ିକ ଲୋଧା ସମାଜରେ ପ୍ରଚଳିତ ହୋଇଥିବାର ଗବେଷକମାନେ ମତ ପ୍ରଦାନ କରିଛନ୍ତି ।

(ଚ) ବିବିଧ :- ଛୋଟ ପିଲାମାନଙ୍କୁ ଗୀତଗାଇ ଶାନ୍ତ କରି ଶୁଆଇ ଦେବା, ଖେମ୍‌ଟି ଗୀତ, ମାତାଲ ଗୀତ, ରେକର୍ଡ ଓ ଯାତ୍ରାଗୀତ ଆଦି ଏହି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇଅଛି । ପିଲାମାନଙ୍କୁ ଶୁଆଇଦେବା ଗୀତ, ଖେମଟି ଗୀତ, ମାତାଲ ଗୀତ ପ୍ରଭୃତି ସଂଗୃହୀତ ହୋଇ ସଂକଳିତ ହୋଇଥିବା ବେଳେ ରେକର୍ଡ ଓ ଯାତ୍ରା ଗୀତ ସଂଗ୍ରହ କରାଯାଇ ନାହିଁ ।

ଉପର ଲିଖିତ ବିଭିନ୍ନ ପର୍ଯ୍ୟାୟଭୁକ୍ତ ଗୀତ ଗୁଡିକରେ ଲୋଧା ସମାଜର ଜୀବନଧାରାର ସ୍ପଷ୍ଟ ଚିତ୍ର ପତିଫଳିତ ହୋଇଅଛି । ଗୀତ ଗୁଡ଼ିକ ବହୁ ଦେଶୀ ରାଗରାଗିଣୀ ଯୁକ୍ତ । ସ୍ୱର ମଧୁର ଓ ଭାବ ସରସ । ଏହି ସବୁ ଗୀତରେ ଜୀବନର ପ୍ରେମ-ବିରହ, ଆନନ୍ଦ-ଉଲ୍ଲାସ, ଆମୋଦ-ପ୍ରମୋଦ, ଅଭାବ-ଅନଟନ, ଦୁଃଖ-ଦାରିଦ୍ର୍ୟର ଚିତ୍ର ପ୍ରସ୍ଫୁଟିତ ।

ଜୀବନରେ ଯୌବନ ଆସେ । ଶରୀରର ବିକାଶ ସାଂଗକୁ ମନରେ ସୃଷ୍ଟି ହୁଏ । ଅଫୁରନ୍ତ ଉନ୍ମାଦନା, ଅସରନ୍ତି କାମନା, ବାସନାର ଜୁଆର । ଯୌବନ ସୁରଭିରେ ଉବୁଟୁବୁ ଯୁବତୀଟି ଉନ୍ମନା ହୋଇ ଅବାଟରେ ପାଦ ଥାପିଦିଏ । ଶୀତର ଶିଶିର କିଂତୁ ରଖିଦିଏ ତା'ର ଚିହ୍ନ । ଶିଶିରରେ ଭିଜା ଭିଜା ଶରୀରକୁ ଧରି ଫେରନ୍ତା ନାୟିକାକୁ ଲକ୍ଷ୍ୟ କରି ଅନ୍ୟ ସଂଗିନୀ ଗଣ ଲହଲ୍ଲ ଧରି ଗାଇ ଉଠନ୍ତି-

''ଶିଶିରେତ ଲଟର ସଟର

କାହାର ବାଡ଼ି ଯାୟକିଲୋ ଯମୁନା

କସି କାକୁଡ଼ି ଖାଦେ ।''

ଜୀବନରେ ବିବାହ ଏକ ଅପରିହାର୍ଯ୍ୟ ପର୍ଯ୍ୟାୟ । ଯୁବତୀଟିର ମନର ଆଇନାରେ ଉଙ୍କି ମାରନ୍ତି କେତେ କଳ୍ପନାର ରୂପବନ୍ତ ରାଜକୁମାର । ବସ୍ତୁବାଦୀ ଜୀବନର ତେଲ ଲୁଣର ସଂସାର ଭିତରେ ଅନୁଭୂତି ସିଦ୍ଧ ବାପ ବାପ ମାଆ ହୁଏତ ଚାହାନ୍ତି ନାହିଁ କୃଷି ଭିତ୍ତିକ ସମାଜରେ ଜମିବାଡ଼ି ନଥିବା କିଂବା ଅଳ୍ପ ଜମି ଥିବା କୌଣସି ସୁଠାମ ସୁନ୍ଦର ଯୁବକ ହାତରେ ନିଜର ଝିଅଟିକୁ ଛନ୍ଦିଦେବାକୁ ସାରା ଜୀବନ ପାଇଁ । ମାଆ ମନ ବୁଝେ ନାହିଁ । ଝିଅଟି ଭଲରେ ଗଣ୍ଡେ ଖାଇ ଖଣ୍ଡେ ପିନ୍ଧି ସୁଖରେ ରହିବ-ଏଇ ଆଶା ଭରସାରେ ସେ ଟେକିଦିଏ ଅଧିକ ଜମିଥିବା ବରହାତରେ-ହେଉ ପଛେ ସେ ବୁଢ଼ା ! ବୟସର ଭାରରେ ସେ ନଇଁ ଯାଇ ଥାଉ ପଛେ !! ଯୁବତୀ ଝିଅଟିର ପ୍ରାଣ ଏଥିରେ କାନ୍ଦି ଉଠିଛି । କାନ୍ଦି କାନ୍ଦି ଗାଇଛି-

''ଜିବିନାୟଁ ଜିବିନାୟଁ ମାଗୋ

ଅଲପ ଜମିର ଘରେ

ମାୟଁଗୋ

ଜମିଦେଖି ଜିଲି ବୁଢ଼ା ବରେ ।''

ଗାଧୋଇ ସାରି ପାଣି ଆଣି ଯାଉଥିବା କେଉଁ ଯୁବତୀର କଳସୀ, ବନ୍ଧ ଜଳରେ ଭାସି ଯାଇଛି । କଳସୀ ଆଣିବାରେ ଅକ୍ଷମା ଯୁବତୀଟି ଭୟ, ବେଦନା, ଅଭିମାନରେ ଗାଇଛି-

''ପରେ ର ମାୟେ କି ଜାନେ ବେଦନ ଗୋ
ନିଜେର ଯଦି ପୁରୁଷ ହଇତ
କଲସୀ କାଖିଏ ଦିତ
ପରେର ପୁରୁଷ କିବା ବେଦନ ଜାନେ ଗୋ
କଲସୀ ଭାସିଛେ ଅଗମ ଜଲେ ।''

ପରବ ସମୟ ଆସିଲା, ମାଦଳ ବାଜିଲା, ବାଦ୍ୟ ବାଜଣା ଶୁଣି ଯୁବକର ମନ ରସିଲା । ସେ ସମୟ ଉପଯୋଗୀ ଗୀତଟି ହେଉଛି-

"ମାଦଲ ବାଜିଲାରେ ମାଦଲ ବାଜିଲା
ମାଦଲ ବାଜେ ରସିକ ଛଣ୍ଡା
ଛମକି ନାଚିଲାରେ
ମାଦଲ ବାଜିଲା" ।

ମାଦଲ ଶୁଣି କେବଳ ରସିକ ଟୋକା 'ଛମକି ନାଚି' ନାହିଁ, ରସିକା ରସବତୀ ମଧ୍ୟ 'ଠମକି' ନାଚି ଉଠୁଛି ।

ଲୋଧା ସମାଜରେ ସାଧାରଣତଃ ଏକ ପତ୍ନୀ ବିବାହ ପ୍ରଥା ପ୍ରଚଳିତ । ବହୁ ପତ୍ନୀ ବିବାହ ସ୍ୱୀକୃତ ହେଲେ ହେଁ ଏପରି ବହୁ ପତ୍ନୀକ ପୁରୁଷର ଜୀବନରେ ଶାନ୍ତି ମିଳିବା ତ ଦୂରର କଥା, ଜୀବନ ଅସହନୀୟ ହୋଇ ଶେଷରେ ସେହି ପୁରୁଷ ଆତ୍ମହତ୍ୟା କରିବାକୁ ବାଧ୍ୟ ହୁଏ । ସ୍ୱେଚ୍ଛାଚାରୀ କାମପିପାସୁ ବହୁ ପତ୍ନୀକ ସ୍ୱାମୀର ଏପରି ଦୁରବସ୍ଥାକୁ ଲକ୍ଷ୍ୟକରି ଲୋକ କବି ଗାଇଛନ୍ତି-

"ଏକ ମାୟା ଯାହାର
ସୁକ୍ ଜୀବନର ତାର
ଦୁଇ ମାୟା ଯାହାର
ନିଦ୍ ମରଣ ତାର ।
ତିନ୍ ମାୟା ଯାହାର
ପାରଡ଼ାଲେ ହାଣ୍ଡିଟା'ର
ଚାର ମାୟା ଯାହାର
ଗଲାୟ ଦଡ଼ି ତାର ।"

କୋଣସି ସୁଚତୁରୀ ସ୍ତ୍ରୀ ତାର ଲମ୍ପଟ ସ୍ୱାମୀର ପ୍ରକୃତି ବିଷୟରେ ଜାଣି ସତର୍କ ହେବା ସହିତ ଅନ୍ୟମାନଙ୍କୁ ସାବଧାନ କରାଇଛନ୍ତି । ଲୋଧା ବୋହୂ ଝିଅ ସାଧାରଣତଃ ମହୁଲ ଫଳ (କଚଡ଼ା)ଗୋଟାଇବା ପାଇଁ ଅରଣ୍ୟ ମଧ୍ୟକୁ ଯାଉଥାନ୍ତି । ଲମ୍ପଟ ପୁରୁଷ ଏପରି ସୁଯୋଗ ଅପେକ୍ଷାରେ ରହିଥାଏ । ଯୁବତୀ ବୋହୂ କିଂବା ଝିଅକୁ କଚଡ଼ା ପାରିଦେବାର ପ୍ରଲୋଭନ ଦେଖାଇ ଉପଭୋଗ କରିଥାଏ । ଏହି ପରିସ୍ଥିତିରେ ସ୍ତ୍ରୀ ଜଣକ ଅନ୍ୟକୁ ସାବଧାନ

କରାଇ ଦେବା ସହିତ ହେଟା ବାଘର ଭୟ ମଧ୍ୟ ଦେଖାଇ ଥାଏ । ନିମ୍ନରେ ଏହି ମର୍ମର ପାଁତାଶାଳିଆ ଗୀତଟିଏ ପ୍ରଦତ୍ତ ।

''ଆମ୍‌ରା ବନ୍ଧା ଖେଚଡ଼ା
ଡ଼ାଙ୍ଗେ ହିଲାୟ କଚଡ଼ା ।୨ଥର ।
କଚଡ଼ା କୁଡ଼ାୟତେ ତୁଇ ଯାସ୍‌ନା ଲୋ
ଛାଗଲ ବାଗାଲିର ସଂଗେ ଯାସନା ଲୋ
ସାଧେର ନାଚନା ଲୋ
ବାଟେ-ବସି ଆଛେ ବୁଢ଼ା ନାକଡ଼ା ।'' ୨ଥର ।

ସନ୍ତାନ ବତ୍ସଳା ନାରୀ ଆପଣା ପର ଜାଣେ ନାହିଁ । କାହାର ପିଲାଟି ରାସ୍ତା ଧୂଳିରେ ଲୋଟି ପଡ଼ି କାନ୍ଦୁଥିବାର ଦେଖି କାଖେଇ ନେବା ପାଇଁ ତା'ର ମନ ବ୍ୟାକୁଳ ହୋଇଛି । ନିମ୍ନଲିଖିତ ଗୀତଟି ସେଇ ସର୍ବଜନୀନ ସନ୍ତାନ ବାତ୍ସଲ୍ୟର ଏକ ଜୀବନ୍ତ ଉଦାହରଣ-

''କାହାର ଛାଇଲା କାନ୍ଦେ
ଧୂଲାୟ ଲୋଟେ ।୨ଥର।
କୁଡ଼ାୟ ଲିତେ ହାମାର ମନ କରେ ଗୋ
ହାମାର ମନ କରେଗୋ କାଖେଲିତେ ।''

ସମାଜରେ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ବିଶ୍ୱାସରେ ବିଷ ଦିଅନ୍ତି । ସରଳ ପ୍ରାଣ ମଣିଷ, ସେ ନାରୀ ହେଉ କିଂବା ପୁରୁଷ, କପଟୀର କପଟ ଚାତୁରୀରେ ପଡ଼ି ଆଶା ଭରସା ରଖି ଆଗେଇ ଯାଏ । ଶେଷରେ ସେ ଯେତେବେଳେ ଧୋକାଦିଏ ସେତେବେଳେ ମନ ଭାଙ୍ଗିଯାଏ । ଗଛକୁ ଉଠାଇ ଦେଇ ମୂଳ ଛେଦନ କଲାପରି କଥା ହୁଏ ।ଏପରି ତିକ୍ତ ଅନୁଭୂତି ପ୍ରାୟ ପ୍ରତ୍ୟେକ ମଣିଷର ହୋଇଥାଏ । କେଉଁ ଗୀତରେ କୌଣସି ଗୃହସ୍ଥ ତାର ବିବାହିତା ସ୍ତ୍ରୀକୁ ଚୂନା ମାଛ ପରି ହୀନିମାନ କରିଛି । ଏପରି ଅବସ୍ଥାରେ ସେହି ନାରୀ ମନ ଉଦ୍‌ବିଗ୍ନ ହୋଇ ଉଠିଛି । ଆଶା ହରାଇଛି ।

କେଉଁ ଗୀତରେ ଜଣେ ଲୋକ ଆମୋଦ କରିବାକୁ ଯାଇ ବୋତଲେ ମଦ ପିଇଛି । ହେଲେ ତହିଁରେ ତା'ର ମନ ତୃପ୍ତ ହୋଇନାହିଁ। ଦୁଇ ବୋତଲ ପିଇବା ପରେ ଦେହ ଝିମ୍ ଝିମ୍ ହୋଇ ଉଠିଛି । ତୃତୀୟ ବୋତଲରେ ମାତାଲ ହୋଇ ପଡ଼ିଛି । ଯାପରେ ସେ ଯେତେବେଳେ ଚତୁର୍ଥ ବୋତଲ ମଦଟି ପିଇ ଦେଇଛି ସେ ନିଶାଗ୍ରସ୍ତ ହୋଇ ତିରିଂ ଅଥବା ରେଙ୍ଗାଲିର ସ୍ୱପ୍ନ ଦେଖିଛି ।

ସଂଗୃହୀତ ଲୋକ ଗୀତରୁ ସମାଜରେ ସ୍ତ୍ରୀ ସ୍ୱାଧୀନତା ରହିଥିବାର ପ୍ରମାଣ ମିଳୁଛି । ଲୋଧା ସ୍ତ୍ରୀ ଲୋକମାନେ ବଜାରକୁ ଯାଇ ବ୍ୟବହାର୍ଯ୍ୟ ସାମଗ୍ରୀ କିଣିଛନ୍ତି । ବାରିପଦା କିଂବା ଖଡ୍ଗପୁର ବଜାରକୁ ଯାଇଛନ୍ତି । ସେ ସବୁ ବଜାର ମଧ୍ୟରେ ବାରିପଦାର ପରିବେଶ, ଶାନ୍ତି ଶୃଙ୍ଖଳା, ଦରଦାମ ଭଲ ଥିବାର ଜଣାପଡ଼େ ।

କେତେକ ଲୋକ ଗୀତରେ ରାମାୟଣ ଓ ଭାଗବତର ବିଷୟ ବସ୍ତୁ ବର୍ଣ୍ଣିତ । କେଉଁ ଗୀତରେ ରାବଣ ସୀତାଙ୍କୁ ଅପହରଣ ଘଟଣା ବର୍ଣ୍ଣିତ ହୋଇଛି ତ କେଉଁଥିରେ ନନ୍ଦବଳା କଳା କାହ୍ନୁର ରସିକ ପଣିଆ ପ୍ରକଟିତ । କେଉଁ ଗୀତରେ ଶ୍ରୀରାଧିକା ରାଗ ପ୍ରକାଶ କରି ଶ୍ରୀକୃଷ୍ଣଙ୍କୁ ଗାଳିଦେଇ ତାଙ୍କୁ ଆଉ ଦେଖିବେ ନାହିଁ ବୋଲି କହିଛନ୍ତି ତ କେଉଁଠି କୃଷ୍ଣଙ୍କ ଲାଞ୍ଛିଆ ପଣ ପ୍ରକାଶ ପାଇଛି ।

ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଦେଖିବା ସାଙ୍ଗକୁ ଅରୁଆ ଅଗଡ଼ା ଭାତ କାଣ୍ଡିରୁ ମୁଠିଏ ଖାଇ ପରିତୃପ୍ତ ହେବା ପ୍ରତ୍ୟେକ ଲୋକର ଇଚ୍ଛା । ଏପରି ଗୀତରେ ସେମାନଙ୍କର ଧର୍ମ ବିଶ୍ୱାସ ଓ ଭକ୍ତିଭାବ ପ୍ରକାଶିତ ହୋଇଥାଏ । ଖେଳ ଗୀତରେ ଶିଶୁ ମନରେ ଏଥିପ୍ରତି ଆଗ୍ରହ ସୃଷ୍ଟି ହୋଇଥିବାର ପ୍ରମାଣ ମିଳେ । କେହି ବ୍ୟକ୍ତି କୌଣସି ପଡ଼ୋଶୀ ଘରକୁ ବୁଲି ଯାଇଥିବାବେଳେ ଆଦର ନ ପାଇ ଅଭିମାନ କରିଛି । ପିଡା ତମାଖୁ ଟିକିଏ କିଂବା ପାନ ଖିଲି ଖଣ୍ଡିଏ ଦେବା ତ ଦୂରର କଥା ତାକୁ କେହି ବସିବାକୁ ସୁଦ୍ଧା କହିଲେ ନାହିଁ । ତା'ର ଘର ଯୁବତୀ ବୋହୂଟି ମଧ୍ୟ ମୁହଁରୁ 'ରା' କାଢ଼ି ପଦେ କଥା କହିଲା ନାହିଁ । ଲୋକ କବି ବନ୍ଧୁଟିର ଆନ୍ତରିକ ମର୍ମବେଦନା ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି 'ମକର ପରବ' ଗୀତଟିରେ । ମକର ପରବ ଗୀତ (ଟୁସୁ)-୩, ପରିଶିଷ୍ଟ ଦ୍ରଷ୍ଟବ୍ୟ ।

ଏହିପରି ଅନେକ ସୁନ୍ଦର ଓ ସରସ ବର୍ଣ୍ଣନା ସଂଗୃହୀତ ଲୋକଗୀତ ଗୁଡ଼ିକରେ ଦେଖିବାକୁ ମିଳେ । ଗୀତ ଗୁଡ଼ିକର ଭାଷା ସଙ୍ଗେ ସାବଲୀଳ, ଭାବ ସରସ, ଉପମା, ରୂପକଗୁ ପ୍ରାକୃତିକ ଓ ଜୀବନ୍ତ ।

**ନାଁ ଦିଆ:-** ଲୋଧାଙ୍କ ଭାଷାରେ ନାଁ ଦିଆ/ଧନ୍ଦାର ପ୍ରଚଳନ ଥିବାର ଜଣାଯାଏ । ସେସବୁରେ ସେମାନଙ୍କର ଚାତୁର୍ଯ୍ୟ, ବୁଦ୍ଧିମତ୍ତା, ଉପସ୍ଥିତ ବୁଦ୍ଧି, କଳ୍ପନା ବିଳାସ, ପ୍ରକୃତି ପର୍ଯ୍ୟବେକ୍ଷଣ ସହ ରସ ବିନୋଦନ ପ୍ରବୃତିର ସୁସ୍ପଷ୍ଟ ପରି ପ୍ରକାଶ ଘଟିଅଛି ।

ଗୋଟିଏ ଉଦାହରଣ ଦେଖନ୍ତୁ :- ଶୀତଦିନେ ଜଙ୍ଗଲ ଭୂଇଁରେ ଶୁଖିଲା ପତ୍ର କୁଢ଼ କୁଢ଼ ହୋଇ ପଡ଼ିଥାଏ । ସହଜରେ ଶିକାର କରିବା, ପରିଷ୍କାର ଭୂଇଁରେ ଆଗାମୀ ବସନ୍ତ ଋତୁରେ ଅରଣ୍ୟର ଫୁଲ, ଫଳ, ମୂଳ, ଜାଳକାଠ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଆରଣ୍ୟକ ସେଇ ଶୁଖିଲା ପତ୍ରରେ ନିଆଁ ଲଗାଇଦିଏ । ଲାଗିଥିବା ନିଆଁ ଚରିଚରି ବହୁତ ସ୍ଥାନ ପର୍ଯ୍ୟନ୍ତ

ପୋଡ଼ି ଯାଉଥିଲେ ହେଁ ବଣ ମଝିଦେଇ ପଡ଼ିଥିବା ପାଦଚଲା ଅଙ୍କା ବଙ୍କା ସରୁ ରାସ୍ତାଟି ପୂର୍ବପରି ଅତୁଟ ରହିଥାଏ ଓ ଅଧିକ ସ୍ୱଷ୍ଟ ଭାବେ ବାରିହୋଇ ପଡ଼େ । କେହି ଅଜଣା ସ୍ରଷ୍ଟାଙ୍କର ଏହା ଅମାପ ପ୍ରକୃତି ପର୍ଯ୍ୟବେକ୍ଷଣ ଶକ୍ତିର ପରିଚାୟକ । ସେହିପରି କୁମ୍ଭାର ନୂଆ ହାଣ୍ଡି ନେଇ ହାଟକୁ ଯାଏ । ହାଣ୍ଡି କିଣିବା ବେଳେ ଗ୍ରାହକ ପ୍ରଥମେ ହାଣ୍ଡିଟିକୁ ହାତକୁ ନେଇ ଆଙ୍ଗୁଠିରେ ବଜାଇ ପରୀକ୍ଷା କରେ । ଏହାକୁ ଲକ୍ଷ୍ୟ କରି ଲୋଧା ଲୋକ କବି କହିଛି, 'ନାଲବାବୁ ହାଟଯାଏ, କିବାଦୁଷେ ମାଡ଼ ଖାଏ' । ଏହିପରି କେତେଗୋଟି ନାଁ ଦିଆ ସଂଗୃହୀତ ହୋଇ ପରିଶିଷ୍ଟରେ ସଂଯୋଗ କରାଯାଇଛି ।

ଲୋକ ଗଳ୍ପ:- ଅବସର ସମୟରେ ଲୋଧାଲୋକେ ଅନେକ ପ୍ରକାର ଗପ କହିଥାନ୍ତି । ଏହି ଗଳ୍ପ ଗୁଡ଼ିକରେ ମୁଖ୍ୟତଃ ସୃଷ୍ଟିତତ୍ତ୍ୱ, କୃଷି, ଶିକାର, ବ୍ୟବସାୟ ପ୍ରଭୃତି ବିଷୟ ବର୍ଣ୍ଣିତ । ଗଳ୍ପ ଗୁଡ଼ିକରେ ସେମାନଙ୍କର ସମାଜିକ ରୀତି ନୀତି ପ୍ରତିଫଳିତ ହୋଇଅଛି । ବିଷୟ ବସ୍ତୁ ଅନୁସାରେ ଗପ ଗୁଡ଼ିକ ଛୋଟ କିଂବା ବଡ଼ ହୋଇଥାନ୍ତି । ଲୋକ କାହାଣୀର ସମସ୍ତ ବିଭାବ ନେଇ ଲୋଧା କାହାଣୀ ପରିପୂର୍ଣ୍ଣ ହୋଇଛି । 'ଅଳାଚାଷ' 'ସାତଭାୟ ଏକ ବୁଃହେଣ୍' 'ଦସ୍ୟୁ ରତ୍ନାକର' ଓ 'ବାମୁଣିଆ ବେଙ୍ଗ ଏପରି ଚାରିଗୋଟି ଗଳ୍ପ ପରିଶିଷ୍ଟରେ ସଂଯୋଗ କରାଯାଇଛି ।

ଅଳାଚାଷ (ଟସର ଚାଷ) ଗଳ୍ପରେ ଦେବଦେବ ମହାଦେବଙ୍କ ପତ୍ନୀ ପାର୍ବତୀ ଦେବୀ ସାଧାରଣ କୃଷକ ଘରର ସ୍ତ୍ରୀ ପରି ସ୍ୱାମୀଙ୍କ ନିକଟରେ ଅଳି କରିଛନ୍ତି ଟସର ଶାଢ଼ୀ ଖଣ୍ଡିଏ ପିନ୍ଧିବା ପାଇଁ । ସ୍ୱାମୀ ମଧ୍ୟ ଏ ଦିଗରେ ଚେଷ୍ଟିତ ହୋଇଛନ୍ତି । ହେଲେ ଟସର ଚାଷ ତ ଏ ଭାରତ ଭୂଖଣ୍ଡରେ ନାହିଁ । ଚାଷ କରିବାକୁ ହେଲେ ଟସର ପୋକ ଆଣିବାକୁ ହେବ ସୁଦୂର ଲଙ୍କା ଦ୍ୱୀପରୁ । ସେଠାରୁ ଟସର ଗୋଟି ଆଣିବା ପାଇଁ ବାନ୍ଦ୍ରା ପକ୍ଷୀକୁ ପଠାଯାଇଛି । ବାନ୍ଦ୍ରା ଯାଇ କୌଶଳ କ୍ରମେ ଟସର ଗୋଟି ଆଣିଛି । ଆଣି ଆସିବା ସମୟରେ ବାଟୁଲୀ ମାଡ଼ ଖାଇଛି । ତଥାପି ସାହସର ସହିତ ନିର୍ବିଘ୍ନରେ ଟସର ଗୋଟି ଆଣି ମହାଦେବଙ୍କୁ ଦେଇଛି । ମହାଦେବ ପାର୍ବତୀଙ୍କ ପରାମର୍ଶ କ୍ରମେ ବଣକୁ ଯାଇଛନ୍ତି । ତିନିମାସ ଧରି ବଣରେ ରହିଛନ୍ତି । ଘରେ ପାର୍ବତୀ ମହାଦେବଙ୍କ ବିରହରେ ଅସ୍ଥିର ହୋଇ ସେଇ ଟସର ଚାଷ ସ୍ଥାନକୁ ଯାଇଛନ୍ତି ଛଦ୍ମ ବେଶରେ, ସୁନ୍ଦରୀ ଯୁବତୀ ନାରୀ ରୂପରେ । ନିକଟବର୍ତ୍ତୀ ଝରଣାରେ ଗାଧୋଇ, ଗୋଡ଼ ଘସି ମାଜି ହୋଇଛନ୍ତି । ମହାଦେବ ତାଙ୍କୁ ଦେଖି ପ୍ରଲୋଭିତ ହୋଇ ତାଙ୍କ ସହିତ ଦୈହିକ ସମ୍ଭୋଗ କ୍ରିୟା ଶେଷ କରିଛନ୍ତି । ପାର୍ବତୀ କୌଶଳ କ୍ରମେ ଶିବଙ୍କର ହାତର ଆଙ୍ଗୁଠି କାଢ଼ି ନେଇଛନ୍ତି । ଏପଟେ ମହାଦେବଙ୍କର ଅବୈଧ ଯୌନ ସଂସର୍ଗ ଫଳରେ ଟସର ପୋକମାନେ ଅସୁସ୍ଥ ହୋଇ ଗଛରୁ ତଳେ ପଡ଼ି ଯାଇଛନ୍ତି । ଏହା ଦେଖି ମହାଦେବ ମଥାରେ ହାତଦେଇ ବସିଛନ୍ତି । ତା'ପର ଦିନ ପାର୍ବତୀ ନିଜ ରୂପରେ ଆସି ଏହାର କାରଣ ପଚାରିଛନ୍ତି । ତାପରେ

ମହାଦେବଙ୍କୁ ତାଙ୍କର ଅବୈଧ କାର୍ଯ୍ୟନିମନ୍ତେ ପାର୍ବତୀ ଗାଳିଦେଇ ଆରଣ୍ୟକ ଔଷଧୀୟ ପାଣି ଛିଞ୍ଚି ଟସର୍ ପୋକମାନଙ୍କୁ ସୁସ୍ଥ କରାଇ ପୁଣି ଯଥା ସ୍ଥାନରେ ସ୍ଥାପନ କରାଇଛନ୍ତି । ତା'ପରେ ଶିବ ଓ ପାର୍ବତୀ ଦୁହେଁ କୈଳାଶକୁ ଆସିଛନ୍ତି ସୁରୁଆ ଓ ବିଶୁଆ ହାଡ଼ିକୁ ଟସର ଚାଷର ଦାୟିତ୍ୱ ଅର୍ପଣ କରି । ଅନେକ ଦିନ ଧରି କିଛି ଖବର ନ ପାଇବା ହେତୁ ପୁଣି ଶିବ ଓ ପାର୍ବତୀ ଆସିଛନ୍ତି ଚାଷସ୍ଥାନକୁ । ଆସି ଦେଖନ୍ତି ତ ସେ ଦୁହିଁଙ୍କର ମାଂସ ସବୁ ଟସର ପୋକ ଖାଇଦେଇଛନ୍ତି । କେବଳ ହାଡ଼ ଦେଖାଯାଉଛି । ସେଠୁ ପାର୍ବତୀଙ୍କ ପରାମର୍ଶକ୍ରମେ ଟସର ପୋକମାନଙ୍କୁ ଛୋଟ କରିଦିଆଯାଇଛି ।

ଟସର ଅମଳ ଶେଷରେ ସୂତାକାଟି ମହାଦେବ ପାର୍ବତୀଙ୍କ ଲାଗି ଲୁଗା ବୁଣିଦେଲେ । ପାର୍ବତୀ ସେହି ଲୁଗା ପିନ୍ଧି ଖୁସି ହେଲେ । ଦିହେଁ ସୁଖରେ ରହିଲେ ।

ଉତ୍ତର-ପୂର୍ବ ଉପାନ୍ତ ଓଡ଼ିଆ ଲୋକ ଗଳ୍ପରେ ମହାଦେବଙ୍କର 'ଧାନଚାଷ' ସହିତ ଏହି 'ଅଳା'/ 'ଟସର ଚାଷ' ଗଳ୍ପଟିର ଅନେକ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ ।

ସେହିପରି 'ସାତଭାୟ ଏକ ବୁଃହେଣ' (ସାତଭାଇ ଏକ ଭଉଣୀ) ଗଳ୍ପଟି ଓଡ଼ିଆ 'ତଅପୋଇ' କାହାଣୀ ସହିତ ନିବିଡ଼ ସାମଞ୍ଜସ୍ୟ ରକ୍ଷାକରେ । 'ଦସ୍ୟୁ ରତ୍ନାକର' ଗଳ୍ପରେ ଲୋଧାମାନେ ନିଜକୁ ରାମାୟଣ ବର୍ଣ୍ଣିତ ରତ୍ନାକରର ବଂଶଧର ରୂପେ ପରିଚିତ କରାଇଛନ୍ତି । ଶ୍ରୀକୃଷ୍ଣଙ୍କୁ ହତ୍ୟା କରିଥିବା ଶବର ଜାତିର ଅନ୍ୟତମ ପ୍ରଖ୍ୟାତ ପୁରୁଷ ମହାଭାରତର ଜାରାଶବର ସହିତ ସମ୍ବନ୍ଧିତ କରାଇ, କଳି ଯୁଗରେ ପୁରାଣ ବର୍ଣ୍ଣିତ ଧର୍ମାତ୍ମା ବିଶ୍ୱାବସୁଙ୍କୁ ନିଜର ପୂର୍ବପୁରୁଷ ଭାବରେ ଲୋଧାମାନେ ଗ୍ରହଣ କରିଛନ୍ତି । ଲୋଧା ଲୋକେ ହିଁ କେବଳ ଭଗବାନଙ୍କ ପରି ବ୍ୟକ୍ତିଙ୍କୁ ତୀର ବିନ୍ଧିବା ପରି କାର୍ଯ୍ୟ କରି ପାରନ୍ତି ଏବଂ ଭକ୍ତି ପୂର୍ଣ୍ଣ ଚିତ୍ତରେ ଆରାଧନା କରିପାରନ୍ତି । ଏ ସବୁଥିରେ ସେମାନଙ୍କର ଦୁଃସାହସିକତା ଓ ଭକ୍ତି ପ୍ରାଣତାର ପରିଚୟ ପ୍ରତିଷ୍ଠା ହୋଇଅଛି । ଏପରି ଦୁଃସାହସିକତା ଓ ଶ୍ରଦ୍ଧାଭକ୍ତି ଭାବ ସେମାନଙ୍କର ପୌରୁଷର ପ୍ରତୀକ ଭାବେ ଅଦ୍ୟାବଧି ଉଜ୍ଜୀବିତ । ବ୍ରାହ୍ମଣ ବିଦ୍ୟାପତି ଶବରୀ ମାନଙ୍କୁ ଚୋରି ବିଷୟ ଶିକ୍ଷା ପ୍ରଦାନ କରିଥିବାରୁ ସେମାନେ ଆଜି 'ଚୋରି ଡକାୟତି' କରୁଛନ୍ତି । ନିଜ ଜାତିର କନ୍ୟା ଅପହରଣ କରିଥିବା ହେତୁ ବ୍ରାହ୍ମଣ ମାନଙ୍କୁ ଲୋଧା ଶବର ମାନେ ଅନାଦାର କରିଥାନ୍ତି । 'ବାମୁଣିଆ ବେଙ୍ଗ' ଗଳ୍ପଟିରେ ଲୋଭୀ ବ୍ରାହ୍ମଣ ମାନଙ୍କର ଅପକର୍ମ ଫଳରେ ସେମାନଙ୍କର ଘରସବୁ ନିଆଁରେ ପୋଡ଼ିଯିବା ସହିତ ସେମାନେ ବେଙ୍ଗ ରୂପରେ ରୂପାନ୍ତରିତ ହୋଇଥିବା ବିଷୟ ବର୍ଣ୍ଣିତ । ଗଳ୍ପଟିରେ ବ୍ରାହ୍ମଣ ମାନଙ୍କ ପ୍ରତି ଲୋଧାଙ୍କର ତାଚ୍ଛଲ୍ୟ ମନୋଭାବ ପ୍ରକଟିତ ହୋଇଛି ।

'ଚାନ୍ଦ ସୂର୍ଯ୍ୟ' ଗଳ୍ପଟି ଅନ୍ୟ କେତେକ ଆଦିବାସୀ ଗୋଷ୍ଠୀରେ ପ୍ରଚଳିତ ଥିବା ହେତୁ ଏହି ସଂକଳନରେ ସ୍ଥାନିତ କରାଯାଇ ନାହିଁ ।

ଗଳ୍ପଟିରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ପ୍ରାକୃତିକ ନିୟମରେ ଉଦୟାସ୍ତ ଘଟଣାକୁ ଲୋଧା ଲୋକ ଗାଳ୍ପିକ ମାନବୀୟ ଦୋଷ ଗୁଣରେ ଭୂଷିତ କରି ସେ ଦୁହିଁଙ୍କୁ ପରସ୍ପର ର ଶତ୍ରୁ ରୂପେ ପ୍ରତିଷ୍ଠିତ କରିଛନ୍ତି । ଦୁହେଁ ଦୁଇ ଭଉଣୀ । ଅସଂଖ୍ୟ ସନ୍ତାନର ଜନନୀ । ସୂର୍ଯ୍ୟ ବଡ଼ ଭଉଣୀ ହେଲେହେଁ ସାନ ଭଉଣୀ ଚନ୍ଦ୍ରର କୂଟ ବୁଦ୍ଧି ହେତୁ ସେ ସନ୍ତାନ ହୀନା ହୋଇଯାଇଛି । ଚନ୍ଦ୍ରର କୁଚକ୍ରାନ୍ତ ଜାଣିଲା ପରେ ସୂର୍ଯ୍ୟ କ୍ରୋଧରେ ଚନ୍ଦ୍ରର ମୁହଁ ଦେଖିବାକୁ ଇଛା କରିନାହିଁ । ତେଣୁ ସୂର୍ଯ୍ୟ ଉଦୟ ବେଳକୁ ଚନ୍ଦ୍ର ଓ ତାର ସନ୍ତାନ ଗଣ ସମସ୍ତେ ମହାକାଶରେ ଲୁଚି ଯାଆନ୍ତି । ସୂର୍ଯ୍ୟ ଅସ୍ତଗଲେ ବାହାରକୁ ବାହାରନ୍ତି ।

'ଆକାଶ ଉପରକୁ ଉଠିଗଲା' ଗଳ୍ପଟିରେ ଲୋଧାଙ୍କର ପ୍ରକୃତି ଉପରେ ବିଜୟର ସୂଚନା ପ୍ରଦାନ କରେ । ଗଳ୍ପଟି ଏହି ପରି-ଆଗ କାଳରେ ଆକାଶ ଏତେ ଉପରେ ନଥିଲା । ପ୍ରାୟ ଭୂଇଁ ସହିତ ଲାଗି ରହିଥିଲା । ଥରେ ଲୋଧା ସ୍ୱାମୀ ସ୍ତ୍ରୀ ଦୁଇଜଣ ଧାନ କୁଟିବା ସମୟରେ ଆକାଶ ଲାଗି ଯିବାରୁ ଧାନ କୁଟିବା ସମ୍ଭବ ହେଲାନାହିଁ । ଏଥିରେ ଦୁଇଜଣ ରାଗିଯାଇ ଖଣ୍ଡିଏ ଜଳନ୍ତା ଡ଼ାଙ୍ଗ ଧରି ଆକାଶକୁ ଖେଞ୍ଚିଦେଲେ । ସେହିଦିନଠାରୁ ଆକାଶ ପୋଡ଼ିଯିବା ଭୟରେ ଖୁବ୍ ଉପରକୁ ଉଠିଗଲା ।

ସମୟ ଗଡ଼ିଯାଉଛି । ତା ସହ ପରିବର୍ତ୍ତିତ ହୋଇଯାଉଛି ଲୋଧା ସମାଜ ଓ ତାଙ୍କ ଚିନ୍ତାଧାରା । ପାରମ୍ପରିକ ଲୋକ ପରମ୍ପରା ତାଙ୍କ ନିକଟରୁ ଉଭେଇ ଗଲାଣି ଉତ୍ତର ପୁରୁଷର ସଂଖ୍ୟା ନାହିଁ କହିଲେ ଚଳେ । ନୂତନ ସଂପୂର୍ଣ୍ଣ ରୂପେ ପଡ଼ୋଶୀ ସଂସ୍କୃତି ଦ୍ୱାରା ଆକ୍ରାନ୍ତ । ତେଣୁ ଲୋକ ସାହିତ୍ୟ ତାଙ୍କର ଖୁବ୍ ଦୁର୍ବଳ । ଏ ସଂକଳନରେ ସ୍ଥାନିତ ତାଙ୍କ ଲୋକ ପରମ୍ପରା ସଂକଳନ ଆକାର ଦୃଷ୍ଟିରୁ ସଂକ୍ଷିପ୍ତ ମାତ୍ର ମୌଳିକ ।

## ପରିଶିଷ୍ଟ:୧

ଲୋଧା କଥିତ ଭାଷାରେ କେତେକ ଶବ୍ଦ:-

| ଶବ୍ଦ | ଅର୍ଥ |
|---|---|
| ଅଭ | ଏଇ |
| ଅଡ଼ା/ଅଳାଃ | ଟସର |
| ଅନ୍ଧାର | ଅନ୍ଧାର |
| ଆଉଲବାଉଲ | ଏଆଡୁ ସେଆଡୁ |
| ଆଙ୍ଗା | ଜାମା |
| ଆମ୍ହିଃ | ମୁଁ |
| ଆମାଣିଃ | ପେଜ ତୋରାଣି |

| | |
|---|---|
| ଇଟ୍ ଠେଃ | ଏଠାରେ |
| ଇଷ୍ଟିପାଟ୍ | ଇଷ୍ଟଦେବତା |
| ଉର୍‌ହାକାର | ତାଙ୍କର |
| ଏକ୍ ଠେଁଃ | ଏକଠେଇଁ |
| ଏକାନିଶ୍ୱାସୀଃ | ଏକ ନିଶ୍ୱାସରେ |
| ଓଖୁଣ୍ | ବର୍ତ୍ତମାନ |
| କୟ | କୁଆଡ଼େ |
| କଁଠେଃ | କେଉଁଠି |
| କଁବାଟେଃ | କେଉଁଆଡ଼େ (କୁଆଡ଼େ) |
| କାଣ୍ଡବାଁଶ | ଧନୁଶର |
| କାଁକ୍ ଡ଼ି | କଙ୍କଡ଼ା |
| କୁଟ୍ମ | ଜ୍ଞାତି |
| କୁଚୁରା | ଖୁଚୁରା (ରେଜା) |
| କେନ୍‌ନେଃ | କେନେ/କାହିଁକି |
| ଖଡ଼୍/ଖଳ | କୁଟା |
| ଖାଟ୍ | ଖଟ |
| ଖିଲ୍‌କି | ଖିଡ଼୍‌କି |
| ଖେବ୍‌ଡ଼ା | ପାଗଳ, ଲମ୍ପଟ |
| ଗଡ଼ଃ | ଗୋଡ଼ |
| ଗାହାଃ | ଗାଥା (ଗୀତ ଗାଥା) |
| ଗାଈ ବକ୍ ଣାଃ | ମାଈ ବାଛୁରୀ |
| ଗୁଟ୍‌ଟେ୍ୟ | ଗୋଟିଏ |
| ଗେଲା | ଗଲା |
| ଘଟକାଳି | ମଧ୍ୟସ୍ଥ |
| ଘାଳ | ଘାଡ଼/ବେକ |
| ଘୁସାପଃ | ଢେଢେବାପା |
| ଚକ୍ | ଆଖି |
| ଚନ୍ଦନା | ଶୁଆ |
| ଚଳଇ | ଚଢ଼େଇ |
| ଚାଲ୍ | ଚାଉଳ |

| | |
|---|---|
| ଚୁଆ | କୂଅ |
| ଚୁମେଇବା | ବନ୍ଦାପନା କରିବା |
| ଚୁଙ୍ଗା | ଚୁଡ଼ା |
| ଚିମ୍ପୁରୁ/ଟେମ୍ପୁରୁ | ପୁଲିସ୍ |
| ଛଣ୍ଡା | ନାଗର |
| ଛମକି | ଥମକି |
| ଛାଇଲା/ଛାୟଲ | ଛୁଆ |
| ଜଡ଼୍ ରାଃ | ମହାନ୍ତ ଜାତିର ଲୋକ |
| ଜବ୍ ରା | ମରିଯିବା |
| ଜଲଘାଣ୍ଟେର | କୁଜିଗେଣ୍ଡା |
| ଜହ୍ନାରି | ଜହ୍ନି |
| ଜାକୟ | ଜାଙ୍କିବା |
| ଝାଟା/ଝାଟିଆ | ପହଁରା |
| ଝି | ପିଉସୀ |
| ଝିଙ୍ଗା | ଜହ୍ନି |
| ଝିଲ୍‌ପି | ଜିଲାପି |
| ଟାଡ଼ା | ତଡ଼ା/ଲାଠି |
| ଟୁକ୍‌ଣା | ଘଟି (ଲୋଟା) |
| ଡ଼ଡ୍ ର | ମହାନ୍ତ ଜାତୀୟ ଲୋକ |
| ଡାମୁଡ଼ିକି | କାମୁଡ଼ିକି |
| ତୁପି | ପୋଡି |
| ତୁହ୍ବା | ତୁମେ |
| ତୁହ୍ବା କାର | ତୁମର |
| ତେରୁଆଲ | ତରୁଆଲ |
| ଦଲା | ଦଉଡ଼ି |
| ଦାଦା | ଢେଢେ |
| ଦିଁ | ତାପରେ |
| ଦେବଟୁଟି | କାଠହଣା ଚଢ଼େଇ |
| ଦେହୁରୀ | ପୂଜକ |
| ଦେହେଁ | ଦିଅ |

| | |
|---|---|
| ନକ | ଲୋକ |
| ନଉତନ | ନୂତନ |
| ନଡ଼/ନକ | ଛେଳି |
| ନାପିବା | ମାପିବା |
| ନାଗାନାଗି କରିବା | ଭୂତ ପ୍ରେତ ଡ଼ାହାଣୀ ପ୍ରଭୃତି ଦୃଷ୍ଟି ଦେବା । |
| ନିତ୍ | ନିତି |
| ନିମାଂସା | ମୀମାଂସା |
| ନୁନୁ | ସ୍ତନ |
| ନେକ୍ଡ଼ା | ହେଟାବାଘ/ ବଡ଼ ଶିଆଳ |
| ନେକାହାତ | ବାମହାତ |
| ପାଳିବ୍ | ପାରିବା ପାଇଁ |
| ପାଇ | ଭୂଇଁ ଖଜୁର |
| ପୁତି | ଅଣନାତି |
| ପାନିଆ | ଫାନିଆ |
| ଫୁଇ | ବଡ଼ଶଳା |
| ବଙ୍ଝ | ବୋଝ |
| ବସ୍ତର | ବସ୍ତ୍ର |
| ବହିଁ | ବୋହି |
| ବାକୁଡୁ | ସାନ୍ତାଳ ଗୋଷ୍ଠୀର ଲୋକ |
| ବାଙ୍କସ୍ | ବାକ୍ସ |
| ବାଖାଣ୍ | ଗାଳିଦେବା |
| ବାବଇ | ବୋବେଇ/ସବାଇ ଘାସ |
| ବିଟା | ଠପା (ଏକ ପ୍ରକାର ଧନୁର ଶର) |
| ବୁଡ୍‌ଢ଼ୀଃ | ବୁଢ଼ୀ |
| ବୁଃହେଣ୍ | ଭଉଣୀ |
| ବେଟୀ | ଝିଅ |
| ବେଣୀବନ୍ଧା | ନିଆଁବଡ଼ । କୁଟାରେ ତିଆରି ନିଆଁ ଲଗାୟି ରଖାଯାଏ । |
| ବେଠ୍ଣା | କୁଟାରେ ତିଆରି ମୁଚଲା |

| | |
|---|---|
| ବେଦନ | କଷ୍ଟ, ଦୁଃଖ |
| ବେହା | ବାହାଘର |
| ଭୁଡ଼୍ଡ଼ିଃ | ଫୋଡ଼ି |
| ମଚ୍‌କା/ମୁଚକା | କାଠ ପାନିଆ (ଉକୁଣୀ ମାରିବା ପାଇଁ ବ୍ୟବହୃତ) |
| ମଳା | ମାଳ |
| ମଣ୍ଡେ | ମୁଣ୍ଡରେ |
| ମାଦାଲ | ଆତ |
| ମାଁଶ | ମାଂସ |
| ମାୟା | ସ୍ତ୍ରୀ ଲୋକ |
| ମୋଡ଼ | ମଉଡ଼ |
| ଯଡ଼୍ | ମଉଡ଼ |
| ଯଦ୍ | ଯୋଡ଼ି |
| ଯିତେ | ଯାଇତେ |
| ଲାତା | ଛଂଚ |
| ଲାଗାୟଁ | ଲଗାଇ |
| ଶିଗୁଣ୍ | ଶାଗୁଣା |
| ଶୁଦ୍‌ଘର | ଶୌଚ ହେବା ଦିନ |
| ସତିନ୍ | ସଉତୁଣୀ |
| ସାଦେଇନି | ଶୁଭୁନି |
| ସୁଧାଟାୟ | ଖାଲିଟାରେ |
| ସୁକ୍ | ସୁଖ |
| ସୁରୁ | ଛୋଟ/ସାନ |
| ସଉ | ସେଇ |
| ହଦ୍‌ରା | ସାଲୁବାଲୁ/ବିଶୃଙ୍ଖଳ |
| ହୁନ୍ଦୁର | ମୂଷା |
| ହୁଣ୍ଡାଳ | ବଡ଼ଶିଆଳ |
| ହେତା | ହୁଅନ୍ତା । |

# ପରିଶିଷ୍ଟ ୨(କ) ଗୀତ

**ବନ୍ଦନା ଗୀତ :**

ପ୍ରଥମେ ବନ୍ଦନା କରି ବାସ୍‌କି ବାସୁମାତାକେ
ତାର୍‌ପରେ ବନ୍ଦନା କରି ପୁରୁବ ପଶ୍ଚିମ ।
ତାର୍‌ପରେ ବନ୍ଦନା କରି ଉତର ଦକ୍ଷିଣ ।
ତାର୍‌ପରେ ବନ୍ଦନା କରି ଗାଏଁରି ଗରାମ
ତାର୍‌ପରେ ବନ୍ଦନା କରି ଡାହାଣୀ ଯୁଗିନୀ
ଦୟାଲୁ ଦୟାଲୁ ଭଗବାନ (୨ଥର)
ଇ ଆସରେ କରଦୟା ଯତଇ ମାଆ ସରେସ୍ୱତୀ
ଆମାର ଆସର, ଆମାର ଆସର ।
ଦୟାଲୁ ଦୟାକର । (ଘୋଷା) (ସାନଝାଉଁରୀ)

**ଛୁଆଜନ୍ମ ପରର ଗୀତ :**

ଆମ୍ ଗାଛଟି ପାତେର୍ ଭାରି
ତୁମାର ମତନ୍ କତଇ ନାରୀ
ତୁମାର ମତନ୍ ନାରୀକେ
ନା ରାଖିବ ଗ ନୟନେ
ଛାଡ଼ିଇ ଦିବ ଭରା ଯଉବନେ ।

**ଖେଳଗୀତ : ୧(କ)**

ଇକିଡ଼ି ମିକିଡ଼ି
ଦାନ୍ତ କିଡ଼ି କିଡ଼ି
ଲୁହା ଇତି ବେଲ ପାତ
ପାତେ ଆଛେ ନିମ୍ ଗାଛଟି
ନିମ୍ ଝଡ଼ଝଡ଼୍ ପଡ଼େ
ସଦା ସବିର ବେଟି
ନିଦ୍ ନିଏ ଲାଗେ । (ସାନ ଝାଉଁରୀ)

(ଖ) ଇକିଡ଼ି, ମିକିଡ଼ି ଦାନ୍ତ କିଡ଼୍‌କିଡ୍
ଲବି ଲାକୁର
ଆଷାଢ୍ ଗାଛ୍ ବଟ୍ ଗାଛ୍

ତା'ର ମଝା ଜଗନ୍ନାଥ
ଜଗନ୍ନାଥେର କାଣ୍ଡି
ସରୁ ଚାଉଳ ବାନ୍ଧି ।

୨. ତାଳ କଟି ତାଳକଟି ଖେଜୁର କାଟି
ଅଣ୍ଟି ବେନେହେ, ଶାକ୍ ଦିବେ, କଦମ୍ ଗାଛେର କାଲି ।
କାଲି ଲାଇ, ବାଲିଲାଇ କିସେରି ଛାଓ ।

୩. ରଥ କରେ ଖସର୍ ମସର୍ ପାଟ୍ କିନେ ଦାଓ
ପାଟେର୍ ଭାରେ ଚାଲ୍‌ତେ ନାରି କାନ୍ଧେ ତୁଲେ ଧର ।

୪. ତେଲି ଘରେ ତେଲ କଏଷା
ବାମୁନ୍ ଘରେ ମାଲାପିଠା
ଆରେ ତେଲ କାଇଁ
ଗରୁଗାମ ପାଇରା ।

୫. ଉବୁର ଡୁବୁର ପାନ ମହୁରୀ
କାଞ୍ଚ୍ କଲାଟିର ଘର ଚଉରୀ
ପାଶେର ତୋପ କଇ ଦେରେ
ସୁଆ ବେଲାର ପୋ ।

ରଜଦୋଳି :

୧. ଜଳିଶାଗ୍ ମଳିଶାଗ୍
ତୁମରି ଆମରି ବହୁତଭାବ
ଦେଖିନି କି ପାଇଁ ରାଗ ।

୨. ଚିଙ୍ଗିଡ଼ି ଛୁଟିକି ଦଲ
କେଡ଼େ ଯାଇଥିଲ ସପନ ଫୁଲ
ଆଜି କାଇଁ ଦେଖା ଦେଲ ।

୩. ଚାଟାବାଣି ଦୁରବାଣି
ଆମେ ଦୁର ଭଉଣୀ ଅନ୍ଧାରକାଣୀ
ସାଙ୍ଗରେ ଦେବା ପାଣି ଆଣି ।

୪. ନୁଟିଆ ଗଛଟି ଥାକଲ ଥାପୁଲ ତାର ତଲେ
ତେରି ଛେନ୍ ଖାମାଣ ଦାଗ ହାହାରେ
ଛେ ଶବର ଘରର ପୁଅ ।

୫. ଜୁନା ମାଛ ହିନିମାନ
ଗିରଘ କାଟିଲ କପାଳ
ହିନ୍ କେମିତି କାଟିବା ଦିନ । (ପଥରନେସା)

କାଠିନାଚଗୀତ :

କାଠିଧର ମୁଠିଧର
ଧରଭାଇ କାଠିରେ
ଚଖେ ନାକେ ବାଜିଗେନେ
ମର ନାହିଁ ଦୁଷରେ । (ସାନଝାଉଁରୀ)
(ଗୀତର ତାଳେ ତାଳେ ନାଚ ହେବ)

ସଖୀନାଚ :

ଅ.... ରାଧାର କାଇନା ବଡ଼ ଛିହଲ ଖାନା
କୁଂଜେର ଘରେ ଦାଁଡ଼ିଏ ଥେକନା
ଯାଅହେ ବଂଧୁ ଯାଅହେ ଚଲେ
ତୁମାର ପାଦେ ଆମି ଚାଇବନା
କୁଂଜେ ଧାରେ ଦାଁଡ଼ିଏ ଥେକନା । (ସାନଝାଉଁରୀ)

ଛୁଆ ଶୁଆଇବା ଗୀତ :

୧. କାଆର ଛାଇଲା କାଁଦେ ଗୋ
ଧୁଲାୟ ଲୋଟେ,
କୁଡ଼ାୟ ଲିତେ ହାମାର ମନ୍ କରେ ଗୋ
ହାମାର୍ ମନ କରେ ଗୋ କାଖେଲିତେ । (ପଥରନେସା)
୨. ଘୁମାଃ ଘୁମାଃ ବାବୁଃ ଟେବୁଲ ଉପରେ
ତୁମାର ବାବା ଆନ୍‌ଛେ ମାଥା ଟୋପିର ଖେଲା
ବାବୁ ଘୁମାନାରେ । (ସାନଝାଉଁରୀ)

ଡାଲ୍‌ଖୁ ଗୀତ :

୧. ଝାଟି କାଟାମ୍ ଛାତା କାଟାମ୍ ବେଳେହେ ବାମ୍
ଖିଳିକି ଦୁଆରେ ମିରିଗି ପାଲାଏ ।
ଉଠ ଶାମ୍ ଧର ତେରୁଆଲ
ମିରିଗ ପାଲାୟେ ।
ତେରୁଆଲ ଝିକିମିକି ରକତେ
ଖିଡ଼ିକି ଦୁଆର ବାଟେ ଖିଡ଼ିକି ଦୁଆର ବାଟେ
ମିରିଗି ପାଲାଏ ,
ରକ୍ତତେ କନ୍ ବହେ ରକ୍ତତେ କନ୍ ବହେ
ଉଠଶାମ୍ ଧର ତେରୁଆଲ ।

୨. କଦମ୍ ଡ଼ାଲେ ଡ଼ାଲେ
ଆମର ବସ୍ତର ଦହେ ଶ୍ୟାମ ଗେଲେ ।
ବଲେ ଆର୍ ଦିହନା ଦିକୁ ଜାଲା
ଘର୍‌କେ ଗେଲେ ଖାତେ ଦିବ
ବାଲିର୍ ଭାଙ୍ଗା ଚିଡ଼ାରେ ।
ନନ୍ଦେର ବେଟା ଚିକ୍କନ କାଲା
କଦମ୍ ଡ଼ାଲେ ଉଲିଗୋ ।

୩. କହିଲେତ ମାନେନା
ଚୁଲେଧରି ଧରି ଟାନେ ଯମୁନାର ଘାଟେ
ଦହି ଦୁଧ ହ
ଶଂଖା ଶାଢ଼ୀ ହ
ଶ୍ୟାମ ଲୁଟି ଲେଲା ହ ଯମୁନାର ଘାଟେ
ସବାୟ ଲୁଟି ଲେଲାହ ଯମୁନାର ଘାଟେ ।

୪. ନୁଇଁ ନାଇଁ ନଚିବି ଯଦି ପତର୍ ବେଞ୍ଚେ
ରଙ୍ଗ ରସ ସରାଲ ହେ ଖେଲ କରନା ।

୫. ହାୟଁ ହାୟଁ ଚଲିତେ ନା ପାରେ ସୀତା
ହୟେଛେ ବିକଲି ଗୋ
ରାମଧରେ ଲଇଖଣ ତାଲ ।

୬. ଡାଲ କୁଡ଼ିଆରେ କି ଭିକ୍ଷା ଦେମି ମା
ପତ୍ର କୁଡ଼ିଆରେ କି ଭିକ୍ଷା ଦେମି ମା
ମୁର୍‌ଛା ମୁଦି ନିଅ ଦାନ ଗୋ,
ଆହା ... ମୁର୍‌ଛା ମୁଦି ନେଇ ସୀତାଙ୍କୁ ବସାଇ ରଥେ,
ରଥ ଯାଉଛି ଉଡ଼ି, ଯାଉଛି ଉଡ଼ି ।
ରାମ ରାମ କରି ଡେଙ୍କିଲେ ଡାକି
ଥାକ୍ ଥାକ୍‌ତା ଥାକ୍...
ଗିନ୍ ... । (ଧବଣି)

୭. ଗୁଟେ ଛୁଆ ପୁଷିଥିବି ଦୁଧଭାତ ଦେଇରେ
ମରିବା ବେଳକୁ ଛୁଆ ଗୋବିନ୍ଦ ଦଶା ରାତିରେ ।...... (ପଥର ନେସା)

୮. ଏହିନା ଜୋହ୍ନା ରାତି
ବାଦୁଡ଼ି ଖାଉଲାରେ ଝାଡ଼ି

ରସ ଖାଇ ତଳେ ଚୋପା ଏଡ଼େ ମଧୁର ।
ଏହିନା ହୁସୁନା ରାତି (ଘୋଷା)

୯. ନଈ ଘାଟେ ବେଳ ଯେ ବୁଡ଼ିଲା
କାଇଁରେ ନାଉରିଆ ଭାଇ ।
ଅଛି ଅଛି ନାଉରିଆ ଭାଇ
ପାରି କରି ଦିବା ।
ଆଗୁର ମଙ୍ଗେ ବସଲ ଧୃତିକା
ପଛୁର ମଙ୍ଗେ ବସଲ ରାଧିକା
ପାରି କରିଦିବ ଆମି,
ପାରି କରା ପଇସା ମାଗୁଛି
ଲିବ କାନେ ସୁନା ।
ନଦୀ ଘାଟେ ବେଳ ଯେ ବୁଡ଼ିଲା । (ଘୋଷା) (ଚିକିଟା ମାଟିଆ)

ମକର ପରବଗୀତ : (ଟୁସୁ)

୧. ସାରା ସାରା ବନ ବୁଲି ବୁଲି
ଅରେ ନିମାୟ,
କୁସୁମ ବୁଲି ଯେ ଆସିବେନ୍
ବଲି ଆଜେର କଁଜେ
ବନ୍ଦର ବନମାଳି ।

୨. ବାଲି ବାଲି
ସକାଲେ କେନ୍ ଆଲି
ହାତରେ ବେଶନ୍ ଚୁଳି ଶମିରେ
ଭିଜାଲି ବିକାଲ କେନ୍ ଆଲି ।

୩. ତଦେର୍ ଘରକେ ବସ୍‌ତେ ଆଲେ
ବସ୍‌ବଲେ କେଉ ବଲେନା,
ପିଡା ତାମାକ୍ ପାନେର୍ ଖିଲିଗ
କଉ ବଲେନା ଲେ ବଲେ ।
ଉଚା ପିଡ଼ା ଦକ୍ଷିନା ବହୁଗ
ରା କାଢ଼େନାଏ ଗରବେ ।

୪. ବାଜାରେ ବାଜାରେ ଯାବ
କୋନ୍ ବାଜାରେ ପାନ ପାବ ।

ଯେ ବାଜାର ଗାଞ୍ଜା ଦକାନ
ହାତ ବାଡ଼ାଲେ ପାନ ପାବ
ବାଜାରେ ଯାତେ ଯାତେ । (ଘୋଷା)

୫. ଆଜାର ଭାଲ ବାଜାର ଭାଲ
ବାରିପଦା ବାଜାର ଭାଲ
ଅଗ ବାରିପଦାର ବାଜାର ଭାଲ
ଆଖିର ଲୁହ ଛଲର୍ ଛଲର୍
ବାପ୍ ଘରେ ମରଣ ଭାଲ ।

୬. ଶିଶିରେତ ଲଟର ସଟର
କାହାର ବାଡ଼ି ଯାଏକିଲ ଯମୁନା
କସି କାକୁଡ଼ି ଖାତେ ।

୭.ପୁଅ : ହାଟ୍ ଯାବିରେ ଶନିବାର ଦିନେ
ତକେ ସାଜାବ ମନେମନେ,
ଶାଢ଼ୀ କିନେ ଦବ ହାମି
ବିଜୟ ବାବୁର ଦୋକାନେ,
ହାଟ୍ ଯାବିରେ ଶନିବାର ଦିନେ ।

ଝିଅ : କିଇ ଗାନ୍‌ଟି ଗାଇଲି ଦାଦା
ଭାଲଇ ମଜାର ଶୁନାଛେ
ଚକ୍ଷୁର ଇସାରେ ବଇ ବିକ୍‌ଛେ
ବାଉନ୍ ଦାଦା ଭାଲଇ ବାଜାଛେ ।

୮. ଉଁଚା ଉଁଚା ଦାଲାନ୍ ଘରେ
ବିବି ମାଁୟା କି କରେ
ବିବି ମାୟାଁ ବାହିର ହଲେ
ଆମ୍‌ରା ବେଲୁନ୍ କାମାବ
ଉଁଚା ଦାଲାନ୍ ଘରେ । (ପଥରନେସା)

ଖେମ୍‌ଟି :

୧. କପାଲେ ସିନ୍ଦୁରେର ଠପା
ବନ୍ଧୁ ! ସୁରଙ୍ଗେର ମତନ

ବନ୍ଧୁର କିବା ମନ ମନେ ପଡ଼େ
ବନ୍ଧୁ ତକେଇ ସାରାଖନ୍ ।

୨. ଏମନ୍ କର୍‌ବି ବଲେ ଜାନି ନାଇଁ
ଦେଖନ୍ ଗାଛେତେ ଚଡ଼ାଇ ଦିଏ
ଓ ଭାଇ ମୂଲେ ଦେଇ ଛେଦନ ।

୩. କିଲାନେ କିଲାନେ ଯାବ
ମାଝୁ କେଲାନେ ଡାଣ୍ଡାବ
କିଲାନ କଟେ ଲିବ କାନ ପାଶା
ଆମି ବୃନ୍ଧର ଆଶା ନା
କିଲାନ୍ ବାଟେ ବା ଲିବ କାନ ପାଶା ।
କିଲାନେ - କେନାଲ । ମାଝୁ-ମଝି । ବୃନ୍ଧ- ବନ୍ଧୁ ।

୪. ଅ .... ଚଲନ୍ତୁକି ଆଙ୍କେ ବାଙ୍କେ
ପଡ଼େ ଯାବ ମାଥାର ପାନ କାଂଟା
ତବେ କେ ଦିଲ୍‌ଲ ପାନ୍ କାଣ୍ଟା
ତର୍ ପୁରୁଷେର ଘାମ ପୁଛା ଟାକା ।

୫. ଭଲ୍‌ଛେ ଶାଢ଼ୀ ଝୁଲଛେ ଦୋକାନେ
କିନେ ଦେ ଭାଇ ଗପନ୍ କରି
ତୁମେ ଯଦି ନା କିନିବେ ଆମି ଯାବରାଗ କରି
ସିଲ୍‌ପି ଶାଢ଼ୀ ଛାୟା ନହଲେ
ଗାଁ ବେଡ଼ାବ କେମନ କରି । (ପଥରନେସା)

ମାଦଳିଆ ଗୀତ : (କରମା)

୧. ମାଦଲ ବାଜିଲାରେ ମାଦଲ ବାଜିଲା
ମାଦଲ ବାଜେ ରସିକ ଛଣ୍ଡା ଛମକି ନାଚିଲା । (୩ଥର) (ପଥରନେସା)

୨. ମାଦଲ ବାଜିଲାହ ମାଦଲ ବାଜିଲା
ମାଦଲ ଶୁନି ରସିକ ଟୋକି ଠମକି ନାଚିଲା
ମାଦଲ ବାଜିଲା । (ସାନଝାଉଁରୀ)

୩. କୁଲି କୁଲି ଯାତେ ଛିଲି
ସାଙ୍ଗାତ୍ ସଂଗେ ଦେଖା ହଲି

ସାଙ୍ଗାଦ୍ ଆତର୍ ଆତର୍ ବାସେ
ସାଙ୍ଗାଦ୍ ସାବନ୍ ସାବନ୍ ବାସେ
ରାଇତି ସପନ ଦେଖି
ନିଦ୍ ନାଇଁ ଆସେ ।

୪. କୁଲି ମୁଣ୍ଡାୟ ରଗତ ପାଥର
କେମନ ସୁନ୍ଦର ବାଜ୍‌ବେ ମାଦଲ
କୁଲି କୁଲି ବାଜାବ ନାୟାଁ
କୁଲି କୁଲି ଯାବ ନାୟଁ
କୁଲିରେ ପିଣ୍ଡା ଛୁୟୋଁ ନାୟଁ
ନାଚିଲେ ଫୁଲେର ମାଲା ନିବନାୟଁ
ଟେଁକା ମଦେର ଦାମ ଦିହା ନାୟଁ
ଧାଁତିରେ ଧାଁତି ।

୫. ସୁଟ୍ ବୁଟ୍ ପର୍‌ହେ ଯାର ।
ପକେଟେ ନାଏଁ ଏକ ନୟା
ଚଷମା ଘଡ଼ି ଦେଖି ଭୁଲନା
ବନ୍ଧୁର ପକେଟ୍ ନାଏଁ ଏକ ନୟା
ଚଷମା ଘଡ଼ି ଦେଖି ଭୁଲନା ।

୬. ଖଡ଼ଗ୍‌ପୁର ବାଜାରେ ଲାଲ ଫିତାଟି ଉଡ଼୍‌ଛେ ଦକାନେ (୨ଥର)
ଆମାର୍ ଯାକ୍ ପଛେ ଦୁଟା ଟାକା
ଲେକ୍ ପାଛେ ଦୁଟା ଟାକା
ଫିତାଟି କିନ୍‌ବ ଦକାନେ ।
ମାଥା ଗେଥିବ ଯତନେ ।
ଡିଗ୍ ଝଲ୍‌ଝଲ୍ ଡିଗିଲ୍ ଝଲ୍
ଧାତିଙ୍ଗ ତିଙ୍ଗ ତିଝ୍‌ଲେ
ଡିଗ୍ ଝଲଝଲ । (୨ଥର)

୭. ଆଲତା ସିନ୍ଦୁର ପିନ୍ଧି
ଆମିଯାବ ଦୋକାନେ । (୨ଥର)
ଏକ୍‌ଠାନେ ଗ ଆମାର ଭାଗଶୁର ବସ୍‌ଛେ ଦକାନେ ।

୮. ପାଟା ଝିମିଣେ ଗାଁଥି ଗାଥି
ଆଡିଦେନେ ସାରା ରାତି

କି ପାନ ଖୁଆଲି
ଘୁମ ଧରେ ନାହିଁ ରାତି
ସକଲ ମାଛ ଝାଡି ନେବାୟଁ ରାତି । (ପଥରନେସା)

୯. ପର୍‌ବତ ଉପୁରେ ଶିଆଲେରି ନଉକା ଚାଲାୟ
ରୁନୁଝୁନ୍
ଦାଦା ହାଁକ ମାରେ ଲୌକା ଭିତରେ ଗୋ
ସମୁଦ୍ର ମାଝାରେ ।

୧୦. ରିମ୍‌ଝିମ୍ ରିମ୍‌ଝିମ୍
ପାନି ବରଷିଲା
ହାୟ ଦିଦି ! ଭାଙ୍ଗା ଛାଉନିଆ
ପାନି ବରଷି ସବୁ ଭିଜିଗଲା ।
ରିମଝିମ ରିମଝିମ ...... (ଘୋଷା) (ଚିକିଟା ମାଟିଆ)

ମାତାଲ ଗୀତ :

୧. ଏକ୍ ବୃତୁଲେ ଯେମନ ତେମନ
ଦୁଇ ବୃତୁଲେ ରିମିଝିମି
ତିନ୍ ବୃତୁଲେ ମାତାଲି
ଚାର ବୃତୁଲେ ତିରିଂ ଗିଙ୍ଗାଲି ।
ତୁଇ ମଦ୍ ଖାଇ ମାତାଲି
ରାତ୍ ବାରଟାୟ ଘର ଆଲି
ଅତ କେନ ମଦେର ମନ୍ଦିଲି । (ପଥରନେସା)

ପାଁଡା ଶାଳିଆ ଗୀତ :

୧. ଆମ୍‌ରା ବନ୍ଧା ଖେବ୍‌ଡ଼ା
ଡାଙ୍ଗେ ହିଲାୟ କଚଡ଼ା । ୨ଥର ।
କବ୍‌ଡ଼ା କୁଡ଼ାୟତେ ତୁଇ ଯାସ୍‌ନା ଲୋ
ଛାଗଲ ବାଗାଲିର ସଂଗେ ଯାସ୍‌ନା ଲୋ
ସାଧେର ନାଚନାଁ ଲୋ
ବାଟେ - ବସିଆଛେ ବୁଡ଼ା ନାକ୍‌ଡ଼ା । ୨ଥର ।
ବନ୍ଧା-ସ୍ୱାମୀ, ଖେବ୍‌ଡା- ଲମଟ, କବ୍‌ଡ଼ା- ମହୁଲଫଳ, ନାକଡ଼ା- ହେଟାବାଘ ।

୨. ଯେଖାନେ ଦାମାୟ କଲିକାତାୟ
ତଖନ ବିଟି ଟିକିଟ୍ କାଟାୟ । ୨ଥର ।
ଜାମାୟଁ ଏଲ ସାତେ ନାଚାୟ ଗାଡ଼ିଏଁ
ଜଲ ଦେମାଁ ବଡ଼୍ ଘଟିଏଁ । ୨ଥର ।

୩. ଘର କଲି ଚଉଦ କୋଠି ଦୁଆର କଲି ବାଙ୍କା
ବୋହୁ କଲି ବାଙ୍ଗରି ଘୁଁଟି
ବେଲାୟ ନୋଟା ନୋଟି ।
କେ ଜାନେ ଗୋ କେ ଶୁନେଗୋ
ଏ ନୟସି ଛାଡ଼ିବେକ୍ ବଲି । ୨ଥର ।

୪. ପୁଁଟି ମାଛ ଧର୍‌ତେ ଗେଲି
ଗାୟେ ଲାଗେ କାଦା
ଓ ସାଧେର ଝୁମୁକା ମାଲା
ପୁଁଟି ମାଛ୍ ଦଦ୍‌ଛେ ନାଲାୟ୍ ନାଲାୟ୍
ଓ ସାଧେର ଝୁମ୍‌କା ମାଲା । ୨ଥର । (ପଥରନେସା)

ବିବାହଗୀତ :

୧. ବାର୍ ବାର୍ ମଙ୍ଗଳ ବାର୍‌ଗ
କାର୍ ଘରେ ବସେ ନୂଆ ହାଣ୍ଡିଗ
ନୂଆ ହାଣ୍ଡିର ବାସେ ଲିଇଜ ଉମରାୟଲା ଗ ।

୨. ଟଙ୍କାତ ଝିକି ମିକି ବାପାତ ଦେଲେନ୍ ବିକି
ଟଙ୍କାକେ କର ଇଟ୍ ଝିଅକୁ କର ପିଠ୍
ଛାଡ଼ ଗ ଝିଅର ବାପା ଝିଅର ମହାଶ
କାଛେତେ ଲେଖେ ରଖହି ଯଡ଼ା କଲସୀ
ଆଇ୍ ଗେଲେ କାଲ୍ ଫିରେ ଆସ୍‌ବଗ ।

୩. ଆଗ କନିଆର ମାଆ, ସୁଧା ଘର୍ ନିଏ ତର୍ ବେଟୀ କେ
ନିଏ ଯାବ ଚଡ଼୍ ଚଡ଼ି ବାଜିଏଁ
ଥାଲି ଥାଲି ଟାକା ନିଲି ବେଟୀ ଦିଲି ପରେର୍ ଘରେ ।

୪. ଦିବିନାୟଁ ଦିବିନାୟଁ ମାଗୋ
ଅଲପ୍ ଜମିର ଘରେ
ମାୟଁଗୋ ଜମି ଦେଖି ଦିଲି ବୁଡ଼ା ବରେ । (ଘୋଷା)
ଆଁକା ବାଁକା ନଦୀ ମା ଗୋ
କେମନ୍ ପାର୍ ହବ
ମାୟଁଗ ଜମି ଦେଖି
ଦିଲି ବୁଡ଼ା ବରେ ।

୫. ପୂର୍ବ ପଛିମ ଉତର ଦକ୍ଷିଣରେ ନାପିତ
ଭାଲ ଆଲ୍ତା ଦିବି ନାପିତ ଫିକା ଆଲ୍ତା ଦିବି ନାୟଁ
ଆଙ୍ଗୁଲ କାଟେ ରକ୍ତ ଦିବରେ ନାପିତ
ତର କିବା ଯାଏ ।
ଆଙ୍ଗୁଲ କାଟ୍‌ବିରେ ବାରିକ୍
ରକଦ୍ ଲିବି ନାୟ
ରକଦ୍ ଲିବିରେ ବାରକ୍ ତର କିବା ଜାୟ ।
ଚାନ୍ଦେର୍ ପାରା ବହୁକ୍ ଲାପିଦ୍ ଛାଡ଼ି ଆସିଛେ
ଚାରାଣ ପଇସାର ଜନ୍ମେରେ ବାରିକ ଜାଗିଏଁ କୁହାଲ ।
ନଖ୍ କାଟ୍‌ବିରେ ବାରିକ୍ ଆଙ୍ଗୁଲ୍ କାଟ୍‌ବି ନାୟଁ
ଆଙ୍ଗୁଟ୍ କାଟି ରକଦ୍ ଲିବରେ ବାରିକ ତର୍‌କିବା ଜାୟ ।

୬. ମଲ୍ଲିଫୁଲ ଫୁଟେ ତୋପା ତୋପା
ଓ ଲଲିତାର ମାଆ
ପରେର ପୁରୁଷ କି ବୁଝିବେ ଦରଦଗ ।

୭. ବାଲେକ ବଲି
ଓ ଲଲିତାର ମାଆ
ପରେର ମାୟେ କି ଜାନେ ବେଦନା ଗୋ (ଘୋଷା)
ନିଜେର ଯଦି ପୁରୁଷ ହଇତ
କଲସୀ କାଖ୍‌ଏ ଦିତ
ପରେର୍ ମାନୁଷ କିବା ବେଦନା ଜାନେ ଗୋ
କଲସୀ ଭାସିଛେ ଅଗମ ଜଲେ । (୨/୩ଥର ଘୋଷା)

୮. ଏକ୍ ଦିନେରେ ହଲଦ୍ ପେଶା
ତିନ୍ ଦିନେରେ ଲାଶି (ରାଶି)
ଯମୁନାକେ ରାୟତେ,
ଯମୁନାକେ କେରାୟତେ ସଙ୍ଗେମନ ଦାଶ
କାଟା ଘାଏ ବନରଚିଟା ଦିୟନା ଆମାରେ
ତୁମି ଆମାର ବନ୍ଧୁ ସହେ ଅନ୍ତରେ ।

୯. ଆମ୍ ଆମଲା ଖାଏଁ ବାବୁ
ମାୟେର୍ ଦୟା ଛାଡ଼୍‌ଲି
ଏୟ ଏଖନ୍ ମନୁର ଦୟା ବଡ଼ରେ ସଭାୟ ।

୧୦. ମାଏ ବାପେ କିବା ଦିଲି ବଡ଼ ନଦୀ ସେ ପାରି
ତର୍କି ମାଇଗ ମନେ ନାଇଁ ପଡ଼େ
ଆମାର୍ ଦୁ ନୟନେ ଜଲ୍ ପଡ଼େ ।
ବିଦାୟ ଦେଗ ମାଆ ଯାଉ ଶଶୁର ଘରେ ।
ବାସ୍ ନାୟଗ ମାଆ ମାଟର୍ ନାଇ
ଆସିବ କେମନ କରି
ବିଦାୟ ଦେମା ଯାଇ ଶଶୁର ଘରେ ।
ତୁମାର ଜାମାଇ ଡାଡିଏ ଆଛେ ଆଙ୍କା ବାଙ୍କା ବଡ଼ତଲେ
ବିଦାୟ ଦେଗା ମାଆ ଯାଇ ଶଶୁର ଘରେ ।

୧୧. ଅତ ଦିନଯେ ମର୍ ମାଆଗ ବାଢାଦ୍ ଡ଼େଙ୍ଗିୟେଁ (ପିଟାମରା କରୁଥାଅ)
ଆଜ୍ କେନେ କାନ୍ଦ ମାଁ ଗୋ ଆଁଚଲ ଧରିୟେଁ ।

୧୨. ଏକ୍ ମାୟା ଯାହାର
ସୁକ୍ ଜୀବନର ତାର
ଦୁଇ ମାୟା ଯାହାର
ନିତ୍ ମରଣ ତାର ।
ତିନ୍ ମାୟା ଯାହାର
ପାର୍‌ତାଲେ ହାଣ୍ଡି ତାର
ଚାର୍ ମାୟା ଯାହାର
ଗଲାୟ ଜଡ଼ିତାର ।
ଖୁଲେଦେ ଶାମ ବେଲ ଫୁଲେର୍ ମାଲା
କତ ସହିବି ଚାର୍ ମାୟାର ଜାଲା ।
ସତିନ୍ ଜାଲା ବଡ଼ ଜାଲା
ଜୀବନେ ମରଣ୍ ଭାଲା
ଆନେ ଆନ୍ କ'ଖେନ ଗରିକେ
ପଛେ ଆନ୍ ସତିନ୍ କେ । (ପଥରନେସା)

(ଖ) ନାଁ ଦିଆ :

୧. ମାଏ ଝାଁ ପଡ଼ିଃ
ଝିଃଏ ସୁନ୍ଦରୀଃ । - (ଇଙ୍କା)

୨. ଡୁବିଃ ଡୁବ୍‌ବିଃ ଯାଏଁ
ପନ୍‌ଦେଃ ଆହାର ନିଃ ଯାଏ । - (ଛୁଞ୍ଚ ସୂତା)

୩.	ଖାୟ ଚେପ୍‌ଟା, ହାଗ୍‌ଗେଃ ଗାଟାଃ
ତାର୍ ପୟର ନାମ ଗାତୁଆଃ ପୋଟାଃ । - (ଟସର)

୪.	ଏକଟାଃ ବୁଡ୍‌ଢ଼ିଃର ଚାର୍‌ଟାଃ ପାଞ୍ଜରାଃ
ତା'ର୍ ପିଟଟାଃ ଝେଞ୍ଜରାଃ । - (ଦଉଡିଆ ଖଟ)

୫.	ଗୁଃଟ୍‌ଟେୟେ ବୁଃଡ୍‌ଢ଼ିର ତିଃନ୍‌ଟାଃ ଦୁଃଧ । - (ଚୁଲି)

୬.	ଗଟା ବଣ୍‌ଟାଃ ପୋଡ଼ିଃ ଗଲାଃ
ବାଙ୍କାଃ ନେଣ୍ଡଟାଃ ରହିଗଲାଃ । (ରାସ୍ତା)

୭.	ଆସ୍‌ସେ ହିଲ୍ଲି ଯାୟ ହିଲ୍‌ଲିଃ
ପାଣିକ୍ ଦେଖ୍ଖୁଁଃ ଡରାୟ ହିଲ୍ଲିଃ । - (ଜୋତା)

୮.	ଏକ୍‌ଟାଃ ବୁଡ୍‌ଢ଼ିଃ ପଡ୍‌ଡ଼ିଃ ଯେ ପଡ୍‌ଡ଼ିଃ । (ପଣସ)

୯.	ଉପରୁ ପଡ୍‌ଲା ତାରା, ତା'ର ଗାଣ୍ଡଟା ଫରା । (ମହୁଲ ଫୁଲ)

୧୦.	ନାଲ୍‌ବାବୁ ହାଟ ଯାଏ, କିବା ଦୋଷେ ମାଡ୍ ଖାଏ । (ନୂଆହାଣ୍ଡି)

୧୧.	ଦେନେ ଖାଇବନି, ନଦେନେ ଖାଇବ । (ଗୋରୁ ମୁହଁର ମୋହୁଡି)
(ପଥରନେସା, ଧବଣି ଓ ସାନଝାଉଁରୀ)

(ଗ) ଲୋକଗଳ୍ପ :

## ଦସ୍ୟୁ ରତ୍ନାକର

ଦସ୍ୟୁ ରତ୍ନାକର । ସେ ଖୁବ୍ ଗୁଟେ ଚୋର କରେ । ଲୋକେର ପାଖେ ଟଙ୍କା ପଇସା, ଜିନିଷପତ୍ର ଛାଡ଼େଇ ନିଏ । ରାସ୍ତାର ପାଖେ ଜାଗିଥାଏ । ଭଗବାନ ସାଧୁ ବେଶେ ଯାଏ ଟେ । ସେ କହିଲା, 'ଆମିତ ତକେ ଛାଡ଼ିବେନି ।' 'ବାବୁ ! ତୁମି ଯେ ମାଡ୍‌ପିଟ୍ କରି ନେଇ ଯାଅଟ, ପାପର ଭାଗକି କେ ନେବେ ? ତୁମି ଯାଅତ ତୁମାର ବାପା ମାନକ୍ ପଚାରି ଆସ ।' ଭଗବାନ କହିଲା । ରତ୍ନାକର କଇଲା, 'ତୁଇତ ଚାଲାକି କରି ପାଳେଇ ଯିବେ ।' ସେଠୁ ତାକୁ ଗାଛେ ବାନ୍ଧି ଦେଇ ଆସିଲା ଘରକ୍ । ବାବାକେ ପଚାରିଲା - 'ବାବାଗ, ବାବାଗ ! - ମର ପାପେର ଭାଗକି ତୁମି ନେବେ ? ବାବା କଇଲା- ଛୁଟ ସମୟରୁ ଲାଳନ ପାଳନ କରି ପୁଷିଛି, ଆମି ତୁମାକୁ କିକରି ଖାଞ୍ଜାଇଛି । ଆମି ପାପେର ଭାଗ ନେବି ନାଇଁ ।' ମାର ପାଖେ ଗଲା - 'ମାଆଗ, ମାଆଗ ! ଆମି ଯତ ଚୋର କରି, ଛିନ୍ତାଇ କରି ଆଣିଛି । ତୁମିକି ପାପେର ଭାଗ ନେବେ ?' ତା'ର ମାଆ କଇଲା - 'ତୁଇ କିକରି ଖୁଇବେ ସେଟାତ ତର କାମ୍, ମୁଁଇ

ପାପେର ଭାଗ ନିବନା ।' ତାର ବଉକେ ମାର୍‌ପିଟ୍ କରି କହିଲା, 'ତକେ ନିଏ ଆଇଛି, ତୁର ଭାଗ ନିବେନା କେନେ ?' 'ତୁମେତ ଆମର ହାତ ଧରିଛ, ଆମି ତର ପାପେର ଭାଗ ନିବନି ।' ତାର ପର ରତ୍ନାକର ଭଗବାନ ପାଖେ ଘୂରି ଗଲା । ଭଗବାନ ପଚାରିଲା, 'କିରେ ରତ୍ନାକର ! ତୁମାର ବାପା ମାଆ କି କଇଲେ ?' 'ନାଁ ପାପେର ଭାଗୀ କେଇ ନେବେନା,' ରତ୍ନାକର କଇଲା । 'ତୁମି ରାମ୍ ନାମ ଜପ୍ କର' ଭଗବାନ କଇଲା । ସେ 'ରାମ୍ ନାମ' କଇ ପାର୍‌ଛେନା ତଖଣ୍ । ସାଧୁ ଭଗବାନ 'ମରାମରା' କଇତେ କଇଲା । ଇମିତି ବାର ବଛର ଗେଲା । ଭଗବାନ କହିଲା - 'ଓଇ ରତ୍ନାକର ଲୁକଟା ଦେଖ୍ ଆସି ।' ସେଇ ଯାଗାରେ ଟିଲା (ଉଇହୁଙ୍କା) ହୟେଛେ । ସେଠୁ ତାକୁ ବାହାର କରି ସେ ବାଲ୍ମୀକି ମୁନି ହେଲା । ଆମ୍‌ରା ସେଇ ରତ୍ନାକାର ବଂଶର ଛାଆ । (ସାନଝାଉଁରୀ)

## ସାଦ୍ ଭାୟା ଏକ ବହଃଣ୍ (ସାତ ଭାଇ ଏକ ଭଉଣୀ)

ସାଦ୍ ଭାୟା ଏକ ବହଃଣ୍ । ସାଦ୍ ଭାୟେର୍ ବହଃଣୀର ନାମ ହେଲୋକ୍ ରୁଙ୍ଜନ୍ । ସାଦ୍ ଭାଇ ବେପାର ଗେଛନ୍ । ସାଦ୍ ବୁହେର୍ 'ଦୁଃଖ୍ ଦିଃଛନ୍ ବୁଃହେଣ୍‌କେ । ଦେଇଁ ସାଦ୍ ବୁହେଃ କାଠ୍‌କେ ପଟ୍‌ଠାଛନ୍ ଯେ, ଆର୍ ବୁହେର । କଛେନ୍ ଯେ, ତୁୟଁ ଦଳାୟ କାଠ୍ ବାନ୍ଧ୍ ବେଃନ୍‌ନ । ତୁୟଁ ଯଃଦି କାଠ୍ ବାନ୍ଧିଃ ତାହୋଲେ ତକ୍‌କେ ଖାଦ୍‌ତେ ଦେବ୍‌ବୋଃନାୟଁ । କାଠ୍ କରି ରୁଦ୍‌ଦନ କାନ୍‌ଦେଠେଃ ଯେ,

''ସାଦ୍ ଭାୟ ବେପାର ଯାଃୟ
ସାଦ୍ ବହୁ ଦୁଃଖ୍ ଦେଇଁ
ଭାଇରେ, ଦାଦାରେ, ରୁଦ୍‌ଦନ ବହିନ୍ କାନ୍‌ଦେ ଅରୁନ୍ ବନେ ।''

ଦେଇଁ ଗୋଟକ୍ ସାପ୍ ଆଲେକ୍ । ସେ ସାପ ଦଉଡ଼ି ଆସିକ୍ କାଠ ବଝାୟ ବେନ୍‌ଧାୟ ହୋଲେକ୍ । ଦେଇଁ କାଠ୍ ନେଇଁ ଘର ଆଲେକ୍ । କାଠ୍ ବଝଝା ପେକାୟଦେତେ । ଇହାଁ କାଣା ବାଢ଼ିଆ ଦେଇଁ ଆର୍ ପାଣିକେ ପଟ୍‌ଠାଇଲେକ୍ । ଦେଇଁ ପାଣିକେ ସେ କାଣା ବାଢ଼ିଆ ନେଇଁ ପାଣିକେ ଗେତେ, ପାଣି ଉଠାତେ ପାଣି ଗଡ଼ିନ୍ ଗାଁଛେ । ସେଟ୍‌ଠେଁ ଆରରହଃ କାନ୍ଦେଠେଃ । କାନ୍ଦ୍‌ଲେକ୍ ଯେ, -

''ସାଦ୍ ଭାୟାଁ ବେପାର ଯାୟଁ
ସାଦ୍ ବୋହୁ ଦୁଃଖ ଦେୟଁ
ଭାଇରେ ଆର ଦାଦାରେ ରୁଦ୍‌ଦନ ବହିନ କାନ୍‌ଦେ ଅରୁନ୍ ବନେ ।''

ଦିତେ ପାଣି ତୁବ୍‌ବାଇଁ, ବେଙ୍ଗ୍ ଆସି ସେୟ କଳସିର କାଣାଁୟଁ ବସ୍‌ଲେକ୍ । ଦିତେ ସେୟ ପାଣି ନେଇଁ ଆସ୍‌ଲେକ୍ । ଗିତେ ଆର୍ ସାଦ୍ ବୁହେଁ ଭାଦ୍ ଦିଲହିଁ, ଟଂଲେ ଦିନ୍ ହିନ୍ ପାଣ୍ । ଉପରେ ଦିଲ ହିନ୍ ଭାଦ୍ । ଦିଁ ଆର୍ ସାଦ୍ ବୁହେଁ ଗିଛେନ୍ ଗାଧିତେ । ଦିଁ ତୁମ୍ ମୋଁର

ଆସେଁଟେ ଭାର୍ସି ଭାର୍ସି । ଦିଁ ବୁହେରା ସେୟା ତୁମ୍ ମୋଁର ପାକ୍କାକେ ଛାଁକ୍ଛନ୍ ପାଣିନୁ । ଦିଁ ସାଦ୍ ବୁହେଁରା ବା଼ଖରା କରି ଖାଛନ୍ । ଦିଁ ମିଟ୍ଠା ଲାଗଛେ । ଦିଁ ସାଦ୍ ବୁହେରା ଘରକ୍ ଆଇଛନ୍ । ଆର ନଣନ୍ଦ କେ କହିଛନ୍ ଯେ, ଚ ଆର୍ ତୁମ୍ ମୋଁର ଗାଛ୍ । ତୁମ୍ ମୋଁର ଗାଛ । ତୁମ୍ ମୋଁର ପାଲିନ୍ ଜିବିକ୍ । ଦିଁ ସେୟ ତୁମ୍ ମୋଁର ଗାଛେକ୍ ନିଁ ଯାଇଁ ନଣନ୍ଦ୍‌କେ ଉଠାଇଁ ଦିଲ୍ଛନ୍ ତୁମ ମୋଁର ଗାଛେ । ଦିଁ ଆର ଇହା ଦିଁ ତୁମ୍ ମୋଁର ଖାଛନ୍ । ଖାୟ ଖୁଆଁ କାଟ୍‌ଟା ବାନ୍ଧି ଦିଲ୍ଛନ୍ । ଡାଳ ଗଟ୍‌ଟା, ଗାଛ ଗଟ୍‌ଟା । ଦିଁ ଓର୍‌ହାଃ ଘର ପାଳାଛେନ୍ । ଦି଼ଁ ଆର୍ ବୁଦ୍‌ଦନ ତୁମ୍‌ମୋଁର ଗାଛେ କାନ୍‌ଦିଃ କାନ୍‌ଦିଃ ଉଠି ରହିଛେଃ ।

ଦିଁତେ ଉଃହାର ଭାୟେ ଆସ୍‌ଛେଁନ୍ ସୋଉଟାୟ । ଦିଁ ଉହାର ଭାୟେଁରା ସେଠେଃ ଭାଦ୍ ରାନ୍ଧିତେଛନ୍ । ଦିଁ ଉହାର ଭାୟେରା ଭାଦ୍ ରାନ୍ଧିତେ ଥାଲେନ୍ । ସବୁଗାଛ୍ ତଳେ ଏକଠେଁ ବସ୍‌ଛେଁ । ଦିଁ ଆର୍ ସେଇ ଛୋଟ ଭାୟେର ଉପ୍‌ରେ ଗର୍‌ରଲ ପଡ଼୍‌ଛେ । ଦିତେ ଉହାର ଛୋଟ୍‌ଟଃ ଭାୟ କଇଛେ, ଦେଖ୍‌ନାଁ ଆଃମ୍ମାର ଉପର ଟାୟ କିଃଟା ମୁତିନ୍ ଦିଛେ । ଦିଁ ଆର୍ ଗାଛ୍ ଉପର୍ ବାଟେ ନଜ୍‌ରାଛନ୍ । ଦିତେ ଉଃହାର ବହଣେ ଆଛେ ଗାଛେ ଉଟ୍‌ଠିଁ । ଦିଁ ଉହାର ଭାୟେରାଃ ଆଣିଃ ଭାଦ୍ ଖୁଆଇଲେକ୍ । ଦି ଜିଃଗ୍‌ଁ ଗା ସାଃ କର୍‌ଲେକ୍ ତୁଇଁ କେନ୍‌ନେଃ ଇଟ୍‌ଠେଃ ଉଟ୍‌ଠିଃ ରହିନ୍ଲୁଁ । ବୁହେଣ୍ କହିଲେକ୍‌ଯେ ଭାୟେରାକେ, ଆମାକେ ଆଣଥାନି ବୁହେରା ତୁମ୍‌ମୋର ଖାତେ । ଦି ପାଡ଼ିନ୍ ଦିଲି । ଆର୍ ଖାଲ୍ଲିକ୍ । ଦିଁ କାଁଟା ବାନ୍ଧିଦିଁଛନ୍ । ଦିଁ ଓର୍‌ହାଃ ପାଳାୟଁ ଗେଲହିନ୍ । ଦିତେ ଉହାର ଭାୟେରା ବାଇଗଣ ବସ୍ତାୟ ଓହାର୍ ବୁହେଣ୍‌କେ ତୁକ୍‌କାଁୟ ତୁକାଁୟଁ ଦିଲ୍ଲିନ୍ । ଦିଁ ଆର ଛଁବ୍ ଦିଲିକ୍ । ଆର୍ ଟାଡ଼ା ଲାଗାୟଁ ବହିଁ ଆଣଛନ୍ । ଦିଁ ଘର୍‌ରେ ଆସି ସି ବସ୍ତାକ୍ ସବ୍‌ବୁ ରାଖିଛନ୍ ଦୁଆରେ । ଦିଁଆର୍ ବୁହେରାକ୍ କହିଛନ୍ ଯେ, ଆମାର୍ ବୁହଣେ କାୟ ଗେଲା । ଓଃ ତଃ ଦିନ୍‌ଯେ ଦଉଡ଼ି ଆସ୍‌ଥାୟ, ଆଇ୍ କେନ୍‌ହେଁ ଆସ୍‌ସେ ନାୟଁ । ଦିଁ ଉହାର ବୁହେରାଃ କଇଛେନ୍ ଯେ କେଜାଣ କୋ ବାଟେ ଗେଛେ । ଦିତେ ଆର୍ କଇଛନ୍ ଯେ, ଯବ୍‌ବା ହୋଉ ଆସେକ୍ ଘରକେ । ଭାୟେରା କହିଛନ୍ ଯେଃ ବସ୍ତାଗା ଘର୍ ଭିତର୍‌କେ ଦେ । ଦିତେ ବୁହେଣ୍ କେ ଛୁଁଅ୍ ଦିଛେନ୍ ଯେ ବୁହେରା ବସ୍ତା ନିତେ ଆଲେ ଭୁଦ୍‌ବେ୍ ଛୁଅ୍ । ଦିତେ ବୁଦ୍‌ଦନ ଯେ ବୁହେର୍ ଆସ୍‌ଛେ ବସ୍ତା ଉଠାତେ ତାକେ ଛୁଞ୍ଚ ଭୁର୍ତିଁ ମାରଠେଃ । ଦିଁ ଉହାର ଭାୟେରା କହିଛନ୍ ଯେ ସୋଉ ବସ୍ତାଟା ଖୁର୍ଲିଁ ଦେଖ । ଖୁଲିଁ ଆର୍ ଦେଖ୍‌ତେ ବୁଦ୍‌ଦନ ତୁକ୍‌କିଃ ରହିଛେ ବସ୍ତା ଭିତରେ । ଖୁଲି ଆର୍ ଦେଖିଛନ୍ ବୁଦ୍‌ଦନ୍‌କେ । ବୁଦ୍‌ଦନକେ ଆମରା ତୁମ୍ ମୋଁର ଗାଛେ ଉଟ୍‌ଠାୟଁ ଦି ଆସ୍‌ଥାଲେ । ଦିଁ ଉହାର ଭାୟେ ନିଃଆସ୍‌ଛନ୍ ।

ବୁହେରା କହିଛନ୍ ଯେ, ଆମ୍‌ରାକାର ଏଦ୍‌ବାଃ ଶାସ୍ତିଟା କି ରକକମ୍ ଯାକ୍ । ଦିଁଆର୍ ଭାୟେରା କହିଛନ୍ ଯେ ଜଲ୍‌ଦି କରି ଭାଦ୍ ରାନ୍ ଧକ । ଭାଦ୍ ରାନ୍ଧିସାରିଁ ଏ ଭାଦ୍ ସବ୍‌କୁ ଖାୟ ନିହେଃ । ଦିଃ ଓତବାଃ ସବୁକେ (ସାତ ବୋହୁକେ) ଚୁଆୟ ଠେଲବୋଃ । ଆମାର୍ ବୁହେଣ୍‌କେ ଏଦ୍‌ତୋଃ ଦୁଃଖ ଦିବ୍‌ବୋଃ । ସାଦ୍ ନକ୍‌କେ ଚୁଆୟ ଠେଲି ଆର୍ ପାଦ୍‌ଥର ଛାକାୟଁ ଦିଃଛନ୍ । ସରିନ୍‌ଗିଲେନ୍ ।

(ପଥରନେସା)

# ଅଳାଚାଷ (ଟସର ଚାଷ)

ଈଶର ପାର୍‌ବତୀ । ଅରା ଦୁଇଜଣ୍ । ପାର୍‌ବତୀ କହିଲେକି ଈଶରକେ, 'ସାମୀ ! ଟସର୍ କାପଡ୍ ଗୁଟେୟ ନିବ ।' ଈଶର ପାର୍‌ବତୀକୁ କହିଲେ, 'ଆମର୍ ରାଇଜେତ ଟସର୍ ଚାଷ ନାଇଁ, କିକରି କାପଡ୍ କରିଇ ଦେମି ।' ପାର୍‌ବତୀ କହିଲେ 'ଯେ ପର୍‌ଶର ହେଉ ତକେ କାପଡ୍ ଦିଇତେ ହବ ।' ସେଠୁ ବୁଦ୍ଧି ଫାନ୍ଦିଂ ଈଶର । ପାଖୀ ବୁଲି ଗଟେ ନାମ ବନ୍ଦ୍‌ରା । ମହାଦେବ ବରାଦ୍ କର୍‌ଲେ ଯେ ଯାଆ ତୁ ଲଙ୍କା, ସାତ୍‌ଶ ନଙ୍କା ପାର୍ । ସାତ୍‌ଶ ନଙ୍କା ସେପାର୍ ଟସର୍ ଚାଷ୍ । ଟସର୍ ଗୁଟେ ନିହାତି ଆଣିଂଇ ଆସ । ଈଶରେଇ କଥା ଶୁଣି ବନ୍ଦ୍‌ରା ପାଖୀ ବାଧ୍ୟ ପଡିଂଗିଲା । ଲଙ୍କା । ସାତ୍‌ଶ ଲଙ୍କା ସେ ପାର୍ । ଯେତେବେଳେ ଗଲା । ଚାଷ କରିଛନ୍ ଯେତେବେଳେ ସେଟିତ ଜାଗୁଆଳୀ ଆଛନ୍ । ଏଠୁ ଆଣ୍‌ବେ, ସେଠୁ ଆଣ୍‌ବେ । ମାନେ ଫାଙ୍କ ପାଇତେଛେ ନାଇଁ । ଯେତେବେଳେ ଫାଙ୍କ ପାଇଲେ, ଫାଙ୍କ ପାଇ ଟସର କାଟ୍‌ଲେ । ତାମୁଡ଼ିଲେ (କାମୁଡ଼ିଲେ) । ତାମୁଡ଼ିକି ଆସ୍‌ବାର ଅବସ୍ଥାୟ ସେଇ ଜାଗୁଆଳୀ ବାଟୁଳ୍ ମାର୍‌ଲେ । କମର୍‌ରେ ବାଟୁଳୀ ବାଜ୍‌ଲେୟ । ବାଟୁଳ ଯେତେବେଳେ କମର୍ ବାଜିଲେୟ ତବୁ ଟସର ତାମୁଡ଼ିକି ସାତ୍‌ଶ ନଙ୍କା ପାର୍ ନିଇକି ଆସ୍‌ବା ଅବସ୍ଥାୟ ଈଶର ହାତେ ଦିଲେଂୟ । ଈଶର ଆର୍ ପାରବତୀ, ଅରା ଦୁଇଜଣ ସାମୀ ଇସ୍ତ୍ରୀ । ଈଶର ହାତେ ଯେତେବେଳେ ଟସର ଦିଲେଂ, ତାର ସାମୀ ଇସ୍ତ୍ରୀ ଦୁଇଜଣ କଥା ହଉଚନ୍ ଯେ ଏଇ ଟସର୍ । ଏଇ ଟସର୍ ନେଇ ଆମାରା ଚାଷ କର୍‌ବା । ଚାଷ ଅନୁପାତରେ ଏଇ ଚାଷ କାଟ୍‌ବା । ଟସର୍ ବାର କରି କାପଡା ଦେମି । ପାରବତୀ ଖୁସି ହେଇଗଲା । ହଁ ,ଠିକ୍‌ଅଛି । ଈଶର କହିଲେ, 'ତାହାଲେତ ବନକୁ ଆମି ଯଖନ ଯବ ଚାଷ୍ କର୍‌ତେ, ଖୁଲି ହାଣ୍ଡି, ଖଡକୁଟା, ଖାଇଖର୍ଚ୍ଚ, ଡେ଼କ୍‌ଚି , କଡ଼ା,ଚାଟୁ, ତିନ୍ ମାସେର୍ ପାଇଁ ନାଇଁ ନିଲେ କିନ୍ତି କରି ବଣେ କାଟ୍‌ମି ।ପାର୍‌ବତୀ ସେଟୁ ସବୁ ଦେଲେ । ହାଣ୍ଡି କୁମାର ଗଡ଼ିଦେଲା । ଖୁଲିଦେଲେ । ଖୁଲି ହାଣ୍ଡି ଆଣି ଉଆଚାଉଳ ବାଂଟି ଦେଲେ । ବାଂଟି ଦେଇ ଲେଖା କର୍‌ଲେ । ପାର୍‌ବତୀ କହିଲେ, ସାମୀ, 'ବଣେ ଯାଅ ।' ବଣ୍‌ରେ ଯାବାର ଅନୁପାତେ ଟସର୍‌ଟା ନେଲେ । ଈଶର ଟସର ନେଇଗଲେ । କିଛୁ ଦିନ ପରେ ସେଇ ଟସର୍‌ଟା ପାକ୍‌ଲେ ଡୁଲି କାଟ୍‌ବା ଅନୁପାତରେ ସାତଶ ନଙ୍କା ସେ ପାର୍‌ନୁ ରାତି ଭିତରେ ଆସି ଯତ୍ ବାନ୍ଧିଲେ । ତିରାଗୁଟେ ଆଉ ପତନା ଗୁଟେ । ତିରାଟା ହଉଚି ଅଣ୍ଡିଆ, ଆଉ ପଦ୍‌ନା ହେଉଛି ମାଈ । ସାତ୍‌ଶ ନଙ୍କା ସେ ପାରୁନୁ ଆସି ଯତ୍ ବାନ୍ଦ୍‌ଲେ । ତିନ୍‌ରାତି ଯତ୍ ବାନ୍ଧିଲେ । ସକାଲ୍ ହେଲା । ଘରେ ରାଁଖିଲେ । ପଦାରେ ରାଖିନେ ଚଢ଼େଇ ଛୁଟା ଖାଇଯିବେ । ରାତସାରା, ଦିନଗଟା ଯାଇଚି । ପାଁଚଟାରେ ସେ ଯତ୍ ଫୁଙ୍କି କରି ଛାଡ଼ାଇଲେ ତବୁ ଛାଡ଼ବାର ନାଇଁ । ତାପରେ ଖୁଲି ହାଣ୍ଡିରେ ସେ ପଦ୍‌ରନାକୁ ରାଖିଲେ । ସକାଳ ହେଲା । ଘର ଦୁଆର ସଫା କର୍‌ଲେ । ଗାଧୁଇଁ ପାଧୁଇଂ, ମାଲ୍ ଘରେ ଧୂପ ଝୁଣା ଦେଇ ପଦିସ୍ତା କରିଂ, ସେଇ ଖୁଲି ହାଣ୍ଡି

ଆଣି, ସେଇ ଆଣ୍ଡା ଗଟା ଗଟା କରି ବାଛାଇଲେ । ବାଂଛି ସାରି ସିଆଡ଼୍ ପତର୍ ରେ ତାକୁ ବାଂଧି ବେଶ୍ ଯତନ କରି ବାଂଛି ବାଂଛି କରି ବେଶ୍ ଯତନ୍ କରି ରଖିଲେ । ଆଠ୍ ଦିନେର ଭିତରେ ପୋକ୍ ବାହାରିଂ ଗଲା । ପକ୍ ବାହାରିଂବା ଅବସ୍ଥାୟ ସିଆଡ଼ି ପତର୍‌ରେ ବନ୍ଧାଇଁ ଆଛେ । ଆସ୍‌ନା ଗାଛାର ଗଡ଼ାରେ ରାଖ୍‌ଲାୟ । ଗଡ଼ାଇ ସାଫା କର୍‌ଲେ । ସାଫା କରିଇ ଟିପ୍‌ଲେୟ । ଟିପ୍‌ବା ଅବସ୍ଥାୟ ପୋକ୍ ମାନେ ବାହାରିଂଗନେ । ଥାୟ, ଥାୟ । ଆଠ୍ ଦଶଦିନ ପରେ ସେଇ ଗାଛ୍‌ଟାରେ ଭାଙ୍ଗିଲେ । ପାଞ୍ଚଟା ହେଲେ । ପାଞ୍ଚ୍ ଟାକେ ଆବାର୍ ଯେତେବେଳେ ଭାଙ୍ଗ୍‌ଲେ ଆବାର ଦଶ୍‌ଟା ହେଲେ । ବାଡ଼୍‌ଇଂ ବାଡ଼ଇଂ ଚାଲଲୋ । ଥାୟ ଥାୟ । ତିନ୍ ମାସ ହେଲା । ଈଶର ପାର୍‌ବତୀ କି ଯାୟନି । ଆଚ୍ଛା ଠିକ୍ ଆଛେ । ଈଶର ବଣେ ଯେଁଠି ଆଛେନ୍ ଆମି ସେଠ୍‌କେ ଛଦ୍ମ ବେଶ୍‌ରେ ଯାବ । ଯାଇଂ ଆମି ମହାଦେବେର୍ କଥାଟାକେ ସବ୍‌ଜାଣି ଯିବ । ତା'ପରେ ସେଠେଁ ଝର୍ ଆଛେ । ଉଲଙ୍ଗ ଅବସ୍ଥାୟ ପାର୍‌ବତୀ ଗାଧିତ । ଗଡ଼ଘସି ମାଂଜି । ଈଶର ପହଞ୍ଚି ଗଂଲେ । ଈଶର ଦେଖିଲେକି ଆଚ୍ଛା ସମସ୍ୟାତ । ଆଚ୍ଛା ସୁନ୍ଦର ସ୍ତ୍ରୀଟାତ ଗାଧିଂଛେ । ଦେଖି ଦେଖି ପାର୍‌ବତୀ ସାଂଗରେ ପ୍ରେମ ହେଇଲା । ଏରକମ୍ ୨/୩ ଥର ହେତେ ହେତେ ଈଶର ହାତରୁ ପାର୍‌ବତୀ ମୁଦିଟା ଖୁଲିନେଲେ । ଈଶର ଜାଣି ପାରିଲେନି । ତାପରେ ଗାଧିପାଧେଇକି ଯେତେବେଳେ ଈଶରର୍ ମନ୍ ମାନିଗଲା । ମନେଗଟେ ଧାରଣା ଆସିଗଲା । ଈଶରତ ବଣେ ରହିଲା । ପାର୍‌ବତୀ ତାର୍ ଘରେ ଗଲା । ତାପରେ ସେଠୁ କହୁଚି, ସକାଳ ହେଲେ ଯାକ, ଦେଖି ଚାଷ ହେଇଛି । ଆଜ୍ ରାତ୍‌ତେ କିମ୍‌ତି କରଛି ।

ପାରବତୀ ଦେଖିଲେ ଈଶର ମଣ୍ଡେ ହାଁତ୍ ଦେଇ ବସ୍‌ଛେ । କହ୍‌ଲେ, 'ସାମୀଂ' ତୁଇ ଯେ ମଣ୍ଡେ ହାତ ଦେଇ ବସୁଛୁ । କିବେପାର୍, କି କାରଣେ ତୁଇଂ ମଣ୍ଡେ ହାଂତ୍ ଦେଇ ବସ୍‌ଲୁ ।' ତବୁ ଈଶର ପଦେ କଥା କହନ୍‌ନିଇ । ପାର୍‌ବତୀ ଦେଖିନେ ଗାଛେର ତଳେ ପଲ୍ ପଲିକ୍ ଆଛେ । ଧୁଆ ହେଇ ଯାଇଛି । ପକ୍ ଗୁଡ଼ା ଖସି ପଡ଼ିଛି । ଟସର୍ ତ ସତିଆ ଜିନିଷ । ଟସର୍ ପକ୍ ତଳେ ପଡ଼ିଇ ହଦ୍‌ରା ହେଇଗେନେୟ । ପାର୍‌ବତୀ କହିଲେ, 'ଈଶର ତୁଇ ମୁଣ୍ଡେ ହାତ୍ ଦେଇ ବସିଲୁ, କି ତର୍ ଅପରାଧ ହେଲା, ଚିନ୍ତାକରି ବସିନୁୟ ।' ତବୁ କିଛି ଈଶର କୋନ କଥା କହିନାୟ ପାର୍‌ବତୀକେ । 'ତୁଇ କାର ନାଇଂ କାର୍ ସାଂଗେ ଆଛୁ ।' ତାର ସାମୀକେ ପାର୍‌ବତୀ କହେଟେ । ଈଶର ହଇଛେ ପାର୍‌ବତୀ ର ସାମୀ । 'ନାଁ' କଲେ 'ଆମି' କାର୍ ସଂଗେ ରହିନିଇ । କାର୍‌ସଂଗେ ଆମି ଏଇ କାମ ସଂଗେ ଥାଇନି, ଭାବ ଦୁଷ୍ଟି କରିନିଇ । କି ଦୁଷେ ଏମତ୍ ହଲଯେ ସେଇ କାରଣ ମୁଇ ମାଥେର ହାତ ଦେଇ ବସିଛୁ ।' 'ନାଁ' ତୁଇ କାରସଂଗେ ଆଛୁ ?''ଈଶର ବଲ୍‌ଛେ, 'ନାଁ ଆମି କାର୍ ସଂଗେ ନାଇଁ । କାର ସଂଗେ ରହିନାଇଁ ।' 'ନାଁ ତୁଇ ମାନ୍‌ତେଛି ନା, ଏଇ ମୁଦିଟା କାର୍ । ଈଶର୍ ସେଇଠୁ ମାନ୍‌ଲେ । ପାର୍‌ବତୀ କହିଲେ 'କାର ସଂଗେ ଅଛୁ କହ । ସେଇ ଗାଧୁଆ ଘାଟେ କରିଛିଲିନା ।' 'ହାଁ' । 'ତବୁ ଯେ ମାନ୍‌ଛିସ୍ ନାଇଁ । ସେଇଠୁ ପାରବତୀ ଗେଲା । ଇକଡ଼ ଶିକଡ଼ ଉଷୁଦ୍ ପତର୍ ଆଣି

ଏକ୍ଟା ଘଟିଏ ପାଣି ସଂଗେ ଫେଣ୍ଡିଂଇ, ଆର ସବ୍ ଗଛେ ଛିଂଟା ମାର୍‌ଲେ । ତକେ ବି ଉପରେବି । ସେଇଯେ ପକ୍ ପରିଥିଲେ ତଳେ , ସବୁ ପକ୍ ଗାଛ୍‌ରେ ଉଡ଼ିଗଲେ । ଯଉ ପୋକ୍ କି ସଉ ପୋକ୍ । ଯଉ ଅଡ଼ାକି ସଇ ଅଡ଼ା । କଡ଼୍‌କଡ଼୍‌ତାକଲେ । ସେଇ ଦିନୁଂ ଈଶରକେ ସାମୀକେ ଘର୍ ନେଇଂଗଲେ । 'ଚଅ, ଆମରା ଘରେ ରହିବ' । ସୁରୁଆ ହାଡ଼ିକେ ବିଶୁଆ ହାଡ଼ିକେ , ଦୁଭାଇକେ ଆମ୍‌ରା ପାଠାବ ବନବାସ । ଅରା ଆସି ଚାଷ ଦେଖିବେ । ସେଇଠି ସୁରୁଆ ହାଡ଼ି ବିଶୁଆ ହାଡ଼ି ଦନକ୍ ଆସିନେ ଚାଷଖାନେ । ଈଶର ପାର୍‌ବତୀ ଅରା ଦନକ୍ ଘରେ ରହିଲେ । ଥାଉଁ ଥାଉଁ ଈଶର ପାରବତୀକେ ଅରା ଦୁନ୍‌କେ ଭୁଲେଂଗେଛେ । ପାର୍‌ବତୀ କହିଲେ, 'ଈଶର! ସୁରୁଆ ସୁରୁଆ ହାଡ଼ିକେ ଆର ବିଶୁଆ ହାଡ଼ିକେ ଆମରା ଦୁନକ୍ ଚାଷ ଥାନେ ପାଠବଲା । ଆମ୍ ରାତ ଦେଖ୍ ତେ ବି ଯାଇନିଂ ଚ' ନା ଯାନ, ଅରା ଦୁନକ୍ କି ରକମ୍ ଆଛନ୍, କି ଖାଇଛନ୍ । କି ନାଇଁକି କି ହାଛନ୍, ତବୁଉ ଦେଖିଂକି ଆସ୍‌ବା ।' ସେଇଠୁ, ପାରବତୀ ଈଶର, ସାମୀ ସ୍ତ୍ରୀ, ଅରା ଦୁନକ ସବୁଆ ହାଡ଼ି ଠେକ୍ ବିଶୁଆ ହାଡ଼ିଠେକ୍ । ଯାୟଂ ଯେତେବେଳେ ଦେଖନ୍ତ, ଗାଛ୍ ପତର୍ ଗାଛ ସବୁ ଖାଇଂ ଦିଲା । ସବୁଆ ହାଡ଼ିର ମାଁଶ ସବୁ ଝୁଡ଼ିର ଖାଇ ଦିଛେ । ପହ୍‌ଣା ସବ୍ ଖାଇ ଦିଛେ । ହାଡ଼୍‌ତ ଧବଲା ହଇଗେଂଛେ । ସେଇଠୁ ପାରବତୀ କହିଲେ, 'ଈଶର, ଏତେ ବଡ଼୍ ବଡ଼୍ ଟସର ତ ରଖି ହବ ନାଇଁ, ଏତ ମାନବିକ ତ ସବ୍ ଖାଇଂ ଯିବେ ।' ସେଇଠୁ ସୁରୁ ସୁରୁ ଟସର୍ ହେଲା । ସେଇଠୁ ସୁରୁଆ ହାଡ଼ିବି ବିସୁଆ ହାଡ଼ି ଈଶ୍ୱରବି ପାରବତୀ ବି ସବୁ ଟସର୍‌କୁ ଉଠାଇଂ ସବ୍ ଘର ନେଇ ଗେନେୟ । ଘର ନେଇ ଯାବା ଅବସ୍ଥାୟ ଗୁଟିରୁ ସୂତା କାଟନ୍ । ଟସର ସୂତା କାଟିଂ ଆର୍ କାପଡ଼୍ ବୁଣିଂ, ପାରବତୀକି ଦେଲେଂୟ କାପଡ଼୍ । ପାରବତୀ ବ୍ୟବହାର କରନେୟ ।

(ଧବଣି)

## ବେଲବତୀ କନ୍ୟା

ଶାହାଡ଼ା ବତୀ କନ୍ୟାର୍ ସ୍ୱାମୀ ସ୍ତ୍ରୀର ହଲେକ୍ ଏକଟା ଛା । ଭରାକେରେ ଏକଟା ଛାକେ ବୁହୁତ ଭାଲା ପାନ୍ । ହେଲେ ଛାଟି କୌଁ ଦିନ ସ୍କୁଲକେ ଯାଏ ବା କୌଁ ଦିନ ଯାଇନାଇ । ଏକ ଦିନ ଉହାର ବାପେ ସ୍କୁଲକେ ଗେଲା ଯେ ଉହାର ବେଟାଏ ସ୍କୁଲେ ନାଇନୀ । ନା ଥାବାର ପରେ ଘରକେ ଆସିଗଁ ଶାହାଡ଼ା ବତୀ କନ୍ୟାକେ କଇଲେକ୍ ଯେ ବାବୁ ସ୍କୁଲ ଗେଥାଲ୍ଲେକ୍ କି ? ତାର ପରେ ଶାହାଡ଼ା ବତୀ କନ୍ୟା କଇଲେକ୍ ଯେ ଆମ୍ମୀ ସ୍କୁଲକେ ଗେଥାଲାଇ ବାବୁ ସ୍କୁଲଲେ ନାଇନି । ''ତୁଇଁ ବାବୁକେ ସ୍କୁଲ ପାଠାସ୍ ନାଇଁ'' ତାର ପୁରୁଷ କଇଲେକ୍ ଶାହାଡ଼ା ବତୀକେ । ସେଉଠେନୁ ଭରାକେର୍ କଲୀ କଜ୍ୟା ନାଗ୍‌ଲିନ । ତାର ପରେ ଉହାର ପୁରୁଷ ଶାହାଡ଼ା ବତୀକେ ମାରା ମାରି କରଲେକ୍ । ବେଟାଏର୍ ପାଇଁ ତା'ର ମାଁ ମାଡ଼୍ ଖାଲେକ । ଶାହାଡ଼ା ବତୀର୍ ବେଟାଏ କହିଲେକ୍ ଯେ ଆମ୍ମାର ପାଇଁ ମାଁ ମାଡ଼ ଖାଲେକ୍ । ଆମ୍ମୀ କିନ୍ତୁକ

ଢୀବନ୍ ଆର ରାଖ୍ ବନାଇ । ଆମ୍ଭୀ ମରିଇ ଯାବ ବୋଲଇ କଇଲେକ୍ ଦୁଦିନ ପରେ ଉହାର ରେକ୍ବରେ ବେଟାଏ ସ୍କୁଲବି ଗେଲାନ୍ୟଇ ବା ଘରେ ବି କିଛୁ ଖାଲେକ୍ ନାଇଁ । କଇଲେକ୍ ଯେ ମୋ ପାଇଁ ମାଁ ମାଡ଼ ଖାଲେକ ଆମ୍ଭୀ ଢୀବନ ହାରାଇଁ ଦିବ । ଏ ଦେଶେ ଆମ୍ଭୀ ରଇବନାଇ ବୋଲିଇ ଶାହାଡ଼ା ବତୀର ପୁଅ କହିଲା । ତାର ପରେ ଉହାର ମାଇଁ କହିଲେକ୍ "ଏରେ ବେଟା ! ତୁଇଁ ଢୀବନ କେହ୍ନେ ହାରାବେ, ବାପେ ତୋ ଭାଲା ନାଇ ତୁଇଁ ସ୍କୁଲ ଗେଲେ ସୁଧା ତୋର ବାପେ ଭାଲା ପାଇଁନାଇଁ ଏରେ ବେଟା ଶୁଣ ତୁଇ ସ୍କୁଲଗେଲେ ସୁଧା ତୋର ବାପା ଭାଲ ପାଇ ନାଇଁ, ବା ତୋର ପାଇଁ ଆମ୍ଭାକେ ବହୁତ କଳିଭି କରେ ମାଡ଼୍ ବି ଦେଏଇଁ । ମାଏରେ କଥା ଯଦି ଠିକ୍ ବୁଝିଇଁ ପାରିବେ ତା'ହେଲେ ଏକଦିନ ମାଣୁଷ ହଇଁ ପାର୍ବେ ବୋଲି ଶାହାଡ଼ାବତୀ ଉହାର ବେଟା ଏଇକେ କଇଲେକ୍ । ସେଉଠେନୁ ମାଇଁ କଇଲେକ୍ ଯେ ଏରେ ବେଟା ତୁଇ ସାତ୍ ପରବତ ଡେ଼ଇଯିବୁ । ଗଲେ ଦୁଇଟି ବେଲ୍ ଆଣିବୁ । ଏକ୍ଟା ବେଲ୍ ଫାଟାଲେ ଚିଡ଼ା ମିଷ୍ଟି ପାବେ ଆର୍ ଏକ୍ ଟା ବେଲ୍ ଫାଟାବେ ନାଇଁ । ସେଇଁ ବେଲ୍ ଭିତରେ ତୋର ସ୍ତ୍ରୀ ଜନମ ହକ୍ । କଇଲେକ ତା'ର ମାଁ, ଶାହାଡ଼ା ବତୀ କନ୍ୟା ପୁଅକୁ ଅଭିଶାଁପ ଦିଲେକ୍ । ସେଉଁ ଠେନୁ ମାର ଅଭିଶାପ ପାତେ ପୁଅ ଖୁସି ହୋଇଗଲା । ପିଲାକୁ ଯିବା ପାଇଁ ତିନ୍ ମାସ ପନ୍ଦର ଦିନରେ ସାତଟା ପାହାଡ଼ ଡେ଼ଇଁ ଗଲେ ଦୁଇଟି ବେଲ୍ ଆଣକ୍ କେମିତିରେ ଯିବ ଯାତେ ତିନିମାସ ପନ୍ଦର ଦିନ ପୁରୁତେ ତିନି ମାସ ପନ୍ଦର ଦିନ୍ ନାଗେକ୍ ସେଉଁଠେନୁ ଚିନ୍ତା କରି ଚଲେକ୍ । ଚଲିଇଁ ଚଲିଇଁ ଯାତେ ଯାତେ ରାତ ହୋଇ ଗେଲା ଏକ୍ଟି କଦମ ଗାଛେର ତଳେ ବାସ କରଲେକ୍ କିନ୍ତୁ ସେଇ କଦୁମ୍ ଗାଛେ ଅଣ୍ଡିରା ପକ୍ଷୀ ଗୋଟିଏ ଏବଂ ମାଇଁ ପକ୍ଷୀ ଗୋଟିଏ ବାସ କରିଥିଲେ । ଦୁଟାଚଡ଼ଏର୍ ତିନ୍ଟା ଛାଆ ଥାଲିନ୍ କିନ୍ତୁ ଗୋଟିଏ ବହୁତ ବଡ଼ ସାପ୍ ଆସିଇଁ କଦୁମ୍ ଗାଛେ ଉଠିଇଁ ଚଢ଼ଇ ଛା ଗାକେ ଖାଇ ଦେଇଠେ । ସେଉଁଠେନୁ ଶାହାଡ଼ା ବତୀର ବେଟା ଦେଖି ସାପଟା କେ କାଟିଇଁ ପେକାଲେକ୍ । ସନ୍ଧ୍ୟା ସମୟରେ ଦୁଇଟି ପକ୍ଷୀ ଆସି ଦେଖିଲିନ୍ ଯେ ଉଦାରରକେର୍ ଦୁଟା ଛାଆ ନାଇନି, ଏବଂ ସେଇ ପକ୍ଷୀ ମନୁଷୟର ବାସ ପାଇ ତଳକୁ ଖସି ଆସିଲେ । କହିଲେ ଯେ ଆମାର-କେରଛାକେ ତୁଇଁ ମାରି ଦିଛଁ । ଶାହାଡ଼ା ବତୀର ବେଟା କଇଲେକ୍ ଯେ ଆମି ମାରିନା, ଏଇଦେକ୍, କତ ବଡ଼ ସାପ ଆସିଇ ତୁରା କେର୍ ଛାକେ ଖାଇ ଦିଥାଲେକ୍ । ଆମ୍ଭୀ ମାଝୁ କରି ସାପଟା କଟିଇଦିତେ ତୁରା କେର୍ ଛାକେ ଉଗୁରି ଦିଲେକ୍ । ଦିବାପରେ ଆମ୍ଭୀ ରାଖିଛି କହିବା ପରେ ଦୁଇଟି ପକ୍ଷୀ ଖୁସି ହୋଇ ଗେଲିନ । ସେଉଠେନୁ ପକ୍ଷୀ ଦୁଇଟି ଶାହାଡ଼ା ବତୀର ପୁଅକୁ ପଚାର କରଲିନ୍ ଯେ ତୁଇଁ କି ସେର ପାଇଁ ଘରନୁ ବାହାର ହୋଇଁ ଆସ୍ଛୁ । ସେଇଠେନୁ ପିଲାଟି କହିଲା ଯେ ଆମ୍ଭୀ ବହୁତ କଷ୍ଟଇ ବାହାର ହୋଇଁ ଆସଛୁ । ସେଇଠେନୁ ପିଲାଟି କହିଲା ଯେ ଆମ୍ଭୀ ବହୁତ କଷ୍ଟଇ ବାହାର ହୋଇ ଆସିଛି । ଆମ୍ଭାକେ ସାତ ପର୍ବତ ଡେ଼ଇଁ ଯାବ ଯାଇ ଦୁଟା ବେଲ୍ ଆଣବ । ଏକ୍ ଟା ବେଲେ ଚିଡା ମିଷ୍ଟି ମେଳେକ୍ ଆର୍ ଏକ୍ ଟା

ବେଳେ ଆମ୍ଭ ସ୍ତ୍ରୀ ଜନମ ହବ ବୋଲିଇ ଆମ୍ଭ ମାଁ ଅଭିଶାପ ଦିଛେ । ଆମ୍ଭୀ କିଂକରିଇ ଯାବ ଚିନ୍ତା କରିଠି । ସେଉଠେନ୍ତୁ ପକ୍ଷୀ ଦୁଇଟି କହିଲେ ଯେ ଆମ୍ଭେ ତୋତେ ନେଇଁ କିନା ସାତ ପର୍ବତରେ ଛାଡ଼ି ଦେବୁ ଏବଂ ଫେରେଇ ଆଣିବୁ ତୁ ମନରେ ଚିନ୍ତା କରୁଷ ନାଇଁ ପକ୍ଷୀ ଦୁଇଟି କହିଲେ । ପକ୍ଷୀ ମାନେ ପିଲାଟିକୁ ଡ଼େଣାରେ ବସେଇ ଉଡ଼ି ଉଡ଼ି ଯାଇଁ ସାତ ପବତରେ ପହଞ୍ଚି ଗଲେ । ଗଲା ପରେ ପିଲାଟି ଦୁଟି ବେଲ ନେଇ ପୁଣି ଫେରି ଆସିଲା ସେହି କଦମ ତଳକୁ । କଦମ ତଳେ ଦୁଇଟି ପକ୍ଷୀ କହିଲେ ଆମର ପିଲାକୁ ରକ୍ଷା କରିଥିବା ହେତୁ ଆଜି ତୋତେ ରକ୍ଷା କରାଗଲା । ସେହି ଠୁରୁ ପିଲା ଘରକୁ ଫେରିଲା ସମୟରେ ଗୋଟିଏ ବେଲ ଭାଙ୍ଗିଲା, ତା ଚିଡ଼ା ମିଷ୍ଟି ମିଳିଲା ଆଉ ଗୋଟିଏ ବେଲରେ ତାର ସ୍ତ୍ରୀ ଜନମ ହେଲା । ସେହିଠାରୁ ମା ଅଭିଶାପରେ ପୁଅ ଆଜି ବେଲରେ ତାର ସ୍ତ୍ରୀ ଜନମ ପାଇଲା ଏବଂ ବାପା, ମାଁ, ପୁଅ,ବହୂ ରହିଲେ ସୁଖରେ ।

(ପଥରନେସା)

(ଗଳ୍ପଟିରେ ପିଲାର ସାହସ, ଧୈର୍ଯ୍ୟ, ଏକଗ୍ରତା, ସ୍ୱାଭିମାନ, ମାତୃଭକ୍ତି, ପରୋପକାର ଓ କର୍ତ୍ତବ୍ୟ ନିଷ୍ଠା ପ୍ରକାଶ ପାଇଛି । କଥା କୁହା ପକ୍ଷୀମାନେ ଉପକାରୀ, ସମ୍ବେଦନଶୀଳ ଓ ସହାନୁଭୂତି ଶୀଳ ହୋଇ ପ୍ରତ୍ୟୁପକାର ସ୍ୱରୂପ ପିଲାଟିକୁ ତା'ର ଲକ୍ଷ୍ୟ ହାସଲ ଦିଗରେ ସହାୟତା ପ୍ରଦାନ କରିଛନ୍ତି ।)

## ଦାମା ଗୁଡ୍ ଗୁଡ଼ିଆ

ମନ୍ତ୍ରୀର ବେଟାଏ ଆର୍ ରାଜାର ଝିଏ ଏକଟା ସ୍କୁଲ୍‌ଲେ ପାଟ ପଢ଼ନ୍ । ସବୁଦିନ ସ୍କୁଲ ଯାଆ ଆସା କରନ୍ । କରଲା ସମୟ ରାଜାର ଝିଏ ବାଟେ ବଇ ପତ୍ର ପେକାଇଁ ଦେଇଁ । ପେକାଇଁ ଦିଲେ ମନ୍ତ୍ରୀର ବେଟାଏ ବଇପତ୍ର କୁଡ଼ାଇଁ ଦେଇଂ । ସ୍କୁଲ ଗେଲା ସମୟଁ ବି ବଇପତ୍ର ପେକାଇଁ ଦେଇ ଘର ଘୁରଲା ସମୟଏଁ ବି ବଇପତ୍ର ଭି ପେକାଇଁ ଦେଇଁ । ଦିଲେ ମନ୍ତ୍ରୀ ବେଟାଏ ବଇ ପତ୍ର କୁଡ଼ାଇ ଦେଇ । ଏମିତି ହୋଇକିନା ଏକ୍‌ବର୍ଷ ବିତିଗଲା । ଏକ ଦିନ ମନ୍ତ୍ରୀ ବେଟାଏ କଇଲେକ୍‌ଯେ ଆଜ୍ ଆମ୍ଭୀ ତୋର ବଇପତ୍ର କୁଡ଼ାଇଁ ଦିବନାଇଁ । ଏକ୍‌ବର୍ଷ ବିତିଗଲା ତୋର ବଇପତ୍ର କୁଡ଼ାଇ ଦିଲାଇଁ କିନ୍ତୁ ଆଜ କୁଡ଼ାବନାଇଁ ବୋଲି ମନ୍ତ୍ରୀର ପୁଅ ରାଜାର ଝିଅକୁ କହିଲା କହିଲା । ପରେ ରଜା ଝିଅର ମନ ଦୁଃଖ ହେଲା ସେଉଠେନ୍ତୁ ମନ୍ତ୍ରୀର ବେଟାଇ କଇଲେକ୍ ଯେ ଆମ୍ଭାର ତୁଇଁ ସ୍ତ୍ରୀ ହବେ ହେଲେ ବଇପତ୍ର କୁଡ଼ାଇ ଦିବ ନାଇଁ ହଲେ କୁଡ଼ାଇ ଦିବ ନାଇଁ । ସେଉଠେନ୍ତୁ ରାଜାର ଝିଏ କଇଲେକ୍‌ଯେ ହଁ ଆମ୍ଭୀ ତୋର ସ୍ତ୍ରୀ ହବ । ଆମ୍ଭାର ବଇପତ୍ର କୁଡ଼ାଇ ଦେ କହିବା ପରେ ମନ୍ତ୍ରୀର ପୁଅ ରାଜା ଝିଅର ବହିପତ୍ର କୁଡ଼େଇ ଦେଲା । ଦେଲାପରେ ସେମାନଙ୍କର ଠିକଣା ଜାଗା ହେଲା ତୋରୁ ଗଛରେ ଉହାରା ବାହାରିଛଇଁ ଯାବିନ୍ ରାତ୍ ଦସଟା ସମୟଁରେ ଉହାରା ଦେଶ ଛାଡିଇଁ ଅନ୍ୟ ଦେଶ୍ ବେ ପାଳାଇଁ ଯାଭିନ୍ କିନ୍ତୁ

ଠିକଣା ସେଇ ତୋରୁ ଗାଚ ତଳେ । କିନ୍ତୁ ମନ୍ତ୍ରୀର ବେଟାଏ ଏକା ପୁଅ ସେ ରାତି ଦସଟା ନ ହେବା ପୂର୍ବରୁ ସେ ଯାଇ ତୋରୁ ଗଛ ମୂଳରେ ପହଞ୍ଚିଗଲା । କିନ୍ତୁ ରଜାର ସାତ୍‌ଟା ସ୍ତ୍ରୀର ଗୋଟିଏ ଝିଅ କିନ୍ତୁ ସାତ ମାଁ ପାଖରେ ଝିଅ ଗେଲ୍ଲୁ ହୋଇ ବାହିର୍‌ବାର ପରେ ଉହାର ସମୟଁ ଲେଟ୍ ହୋଇଁ ଗେଲା । କିନ୍ତୁ ମନ୍ତ୍ରୀ ପୁଅ ତୋରୁ ଗଛରେ ଚଢ଼ି ଡ଼ାଳ ହଲଉଥାଏ, ସେଉଠେନୁ ରାଜାର୍ ଝିଏ କଉଲେକ୍ ଯେ-

(ରଜାଝିଅ) ବାତାସ ନାଇଁ ପବନନାଇଁ ତୋରୁ ଡ଼ାଲ୍ କେନ ହଲେ

(ମନ୍ତ୍ରୀପୁଅ) ତୁଇଁ ମାୟା ବଡ଼ରେ ଚାଲାକି ବଡ଼ରେ ଉଦାରି

ଅତର ଯଦି ମନେ ଛିଲ୍ଲ କେନ ଭାଇରାଇଁ ଆଲେ କେ ।

ସେଉଠେନୁ ରାଜାର ଝିଏର୍ ଘୋଡ଼ାଥାଏ । ମନ୍ତ୍ରୀର ବେଟାଏର୍ ଘୋଡ଼ା ନାଇଁନି । ଏକ୍‌ଟା ଘୋଡ଼ାଇଁ ଦୁନକ୍ ବସିଇଁ ଯାଇ ପହଞ୍ଚିଲିନ୍ ଦାମା ଗୁଡ଼ ଗୁଡ଼ିଆର ଘରେ । କିନ୍ତୁ ଦାମା ଗୁଡ଼ଗୁଡ଼ିଆ ବଉ ପାଇଁ  ପାତାଳ ମଞ୍ଚ ଖୁଜିଇଁ ମଧ୍ୟ ବଉ ପାଇଁ ପାରେ ନାଇଁ । ସେଉଠେନୁ ଦାମା ଗୁଡ଼ ଗୁଡ଼ିଆ ସର୍ଗକେ ବଉ ଖୁଜତେ ଗେଥାଲେକ୍, କିନ୍ତୁ ଦାମା ଗୁଡ଼୍ ଗୁଡ଼ିଆର ମାଇ ଘରେ ଥାଲେକ୍ । ତାର ପରେତ ମନ୍ତ୍ରୀରର ବେଟାଏ ଆର ରାଜାର ଝିଏ ସେଇ ଘରେ ଏକ୍‌ଟିଦିନ୍ ପରେ ଆଶ୍ରୟ କର୍‌ଲ୍ଲିନ୍ । କିନ୍ତୁ ଦାମା ଗୁଡ଼ ଗୁଡ଼ିଆ ଘରେ ଥିଲା ନାହିଁ, ତା'ର ମା ଥିଲା ଘରରେ କିନ୍ତୁ ମନ୍ତ୍ରୀର ପୁଅ ଏବଂ ରଜାର ଝିଅ ସେମାନେ ରାନ୍ଧି ଖାବାର ପାଇଁ କିଛି ନି ଥାଲିନାହିଁ । ଦାମା ଗୁଡଗୁଡିଆର ମାଆ ପାଖରେ ରାନ୍ଧି ଖାଇବା ଜିନିଷ ମାଗିଲେ । ମାଗିଲା ପରେ ଦାମା ଗୁଡ଼ ଗୁଡ଼ିଆର ମାଆ ଦେଲା ଭାଙ୍ଗା ହାଣ୍ଡି । ସେହି ଭାଙ୍ଗା ହାଣ୍ଡିରେ ରୋଷେଇ କରି ଖାଇବାକୁ କହିଲା । ଭାଙ୍ଗା ହାଣ୍ଡିର ରୋଷେଇ କରି ପାରିବେ ନାହିଁ, ସେତେବେଳେ ମୋର ପୁଅ ଦାମା ଗୁଡ଼ ଗୁଡ଼ିଆ ଆସିଯିବ । ଆସିଗଲା ପରେ ଏ ପୁରୁଷକୁ ମାରିଦେଇ ତାର ସ୍ତ୍ରୀ ମୋର ଦାମା ଗୁଡ଼ଗୁଡ଼ିଆର ବଉହେବ । ସେଉଠେନୁ ରାଜା ଝିଏ ନାଇ ରାନ୍ଧିଇ ପାରିଇଁ କାନ୍ଦେ ନାଗ୍‌ଲେନ୍ । କାନ୍ଦ୍‌ବାର ପରେ ମନ୍ତ୍ରୀର ପୁଅ କହିଲା-

''ତୁଇ ମାୟା ବଡ଼ରେ ଚାଲାକି ବଡ଼ ଉଦାରି

ଅତର ଯଦି ମନେଛିଲ ଲୋ କେନ୍ ଭାୟିରାଇଁ ଆଲି

ଏକ ମୁଠା ଜଲ ମାରିଲେ ଉଠେ ବସି ।''

ମନ୍ତ୍ରୀର ପୁଅ ଏ କଥା କହିଲାପରେ ସେମାନେ ରୋଷେଇ କରି ଖାଇଲେ ଏବଂ ଅନ୍ୟ ଦେଶକୁ ଯିବା ପାଇଁ ବାହାରିଲେ । ଦାମା ଗୁଡ଼୍ ଗୁଡ଼ିଆ ମଧ୍ୟ ସ୍ୱରଗରୁ ପହଞ୍ଚିଲେ ନାହିଁ । ମନ୍ତ୍ରୀପୁଅ ଏବଂ ରାଜା ଝିଏ ବାହା ହୋଇ ମାଲ୍ଲୀମ ମାଉସୀ ପାଖରେ ପହଞ୍ଚିଲେ । ସେ ଫୁଲ ବିକ୍ରିକରି ଚଳେ । ଭଲପିଲା ପାଇଲେ ଫୁଲ ଶୁଙ୍ଘେଇ ମେଣ୍ଢା କରି ରଖିଦିଏ ।

ମନ୍ତ୍ରୀର ପୁଅ ଫୁଲ କିଣି ଆଣି ସେ ଦେଶର ରାଜାର ଝିଅଙ୍କୁ ଦେଇଥାନ୍ତେ । କିନ୍ତୁ ମାଲ୍ଲିମ ମାଉସୀ ତାକୁ ମେଣ୍ଢାକରି ରଖିଲା । ରଜାଝିଅ ମନ୍ତ୍ରୀ ପୁଅକୁ ନା ପାଇ ସେ ଦେଶରେ ଯେ ରାଜା ଥିଲେ, ସେଇ ରାଜା ପାଖରେ ଆଶ୍ରୟ ନେଲେ । ସେ ରାଜାର ପୁଅ ନଥିଲେ । ଗୋଟିଏ ବୋଲି ଝିଅ ଥିଲା । ସେ ଦୁଇଜଣ ଏକାଠି ରହିଲେ । କିଛି ଦିନ ପରେ ମନ୍ତ୍ରୀର ପୁଅ ସାଙ୍ଗରେ ଦେଖା ହେଲା ପରେ ଦୁଇଜଣ ରାଜାର ଝିଅ ସହିତ ମନ୍ତ୍ରୀର ପୁଅର ବାହାଘର ହେଲା । ସେମାନେ ସେଇଠି ସୁଖରେ ରହିଲେ । (ପଥରନେସା)

(ଗଳ୍ପଟିର ପ୍ରବାହ ଧାରା ବିଚ୍ଛିନ୍ନ ତେଣୁ ସଂକ୍ଷିପ୍ତ ହୋଇଛି । ଏଥିରେ ଉତ୍ତର-ପୂର୍ବ ଉପାନ୍ତ ଓଡ଼ିଶାରେ ପ୍ରଚଳିତ ଲୋକ କାହାଣୀର ପ୍ରଭାବ ପରିଲକ୍ଷିତ ।)

□

ISBN 81-88010-07-3